# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁଲାଇ ୨୧/୨୦୨୧ (୧୬ ପୃଷ୍ଠା) | Bhubaneswar, Wednesday, July 21/2021 | ★★★★

୪୭ଶ ଭାଗ ୨୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ବିବାଦରେ ପ୍ରେଗ୍ନାନ୍ସି ବାଇବେଲ

ଅଭିନେତ୍ରୀ କରିନା କପୁର ଗର୍ଭବତୀ ଥିବା ସମୟର ଅନୁଭୂତିକୁ ବଖାଣି ଲେଖିଥିବା ପୁସ୍ତକ 'ପ୍ରେଗ୍ନାନ୍ସି ବାଇବେଲ'କୁ ନେଇ ବିବାଦ ଦେଖାଦେଇଛି।

୧୪

୧୨

## ଓଡ଼ିଶା ଏଫ୍‌ସିର ନୂଆ କୋଚ୍

ସ୍ପେନର ଫ୍ରାନ୍ସିସ୍କୋ ରାମିରେଜ ଗୋଞ୍ଜାଲେଜ (କିକୋ) ଇଣ୍ଡିଆନ ସୁପରଲିଗ୍‌ର ୮ମ ସଂସ୍କରଣ ପୂର୍ବରୁ ଓଡ଼ିଶା ଏଫ୍‌ସିର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି।





ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ମଙ୍ଗଳବାର ପହଞ୍ଚିଥିବା ତିନି ରଥ।

# ବାହୁଡ଼ିଲେ ମହାପ୍ରଭୁ

## ଶ୍ରୀମନ୍ଦିର ସମ୍ମୁଖରେ ତିନି ରଥ

**ପୁରୀ ଅଫିସ,୨୦।୭**

ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଶେଷ ହୋଇଛି। ସଅଳ ପ୍ରସ୍ତୁତ ହେତୁ ନିର୍ଦ୍ଧାରିତ ସମୟର ଢେର ପୂର୍ବରୁ ନୀତିକାନ୍ତି ଶେଷ କରାଯାଇ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରାକୁ ସୁରୁଖୁରୁରେ ଶେଷ କରାଯାଇଛି। ରଥାରୂଢ଼ ତିନି ବିଗ୍ରହ ଏବେ ଶ୍ରୀମନ୍ଦିର ସମ୍ମୁଖରେ ରହିଛନ୍ତି। ବୁଧବାର ମହାପ୍ରଭୁ ସୁନାବେଶରେ ଦର୍ଶନ ଦେବେ। ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିନା ଭକ୍ତରେ ମହାପ୍ରଭୁଙ୍କ ସୁନାବେଶ ନୀତିକାନ୍ତି ସମ୍ପାଦିତ ହେବ। ମଙ୍ଗଳବାର ମା' ଲକ୍ଷ୍ମୀଙ୍କ ମାନଭଞ୍ଜନ ପାଇଁ ମହାପ୍ରଭୁଙ୍କ ନିକଟରେ ବ୍ୟସ୍ତତା ଦେଖିବାକୁ ମିଳିଥିଲା। ତରତର ହୋଇ ମହାପ୍ରଭୁ ଶ୍ରୀମନ୍ଦିର ଫେରିବା ପାଇଁ ଚାହିଁଥିଲେ। ଭୋର ୪ଟା ୧୦ରେ ମଙ୍ଗଳଆଳତି ନୀତି ସମ୍ପାଦିତ ହେବା ପରେ ତଡ଼ପ ଲାଗି ୪ଟା ୩୦, ଅବକାଶ ପୂଜା ୪ଟା ୫୦, ରୋଷହୋମ ସମ୍ପୂର୍ଣ୍ଣ ୫ଟା ୧୦, ବେଶ ଶେଷ ୫ଟା ୨୦ ଓ ସୂର୍ଯ୍ୟପୂଜା ୫ଟା ୩୦ରେ ହୋଇଥିଲା। ଏହାପରେ ଦ୍ୱାରପାଳ ପୂଜା ୫ଟା ୪୦, ଗୋପାଳବଲ୍ଲଭ ଓ ସକାଳଧୂପ ୫ଟା ୪୫ରେ ଡକାଯାଇଥିଲା। ସକାଳ ୭ଟା ସୁଦ୍ଧା ମହାପ୍ରଭୁଙ୍କ ସକାଳ ଧୂପ ପୂଜା ସମ୍ପୂର୍ଣ୍ଣ କରାଯାଇଥିଲା। ଖେଚୁଡ଼ି, ଡାଲି ଓ ପିଠା ଖାଇ ମହାପ୍ରଭୁ ବାହୁଡ଼ାଯାତ୍ରା ପାଇଁ ସଜବାଜ ହୋଇଥିଲେ। ☞ପୃଷ୍ଠା–୪

# ଜାତିଭିତ୍ତିକ ଜନଗଣନା ହେବନି

**ନୂଆଦିଲ୍ଲୀ, ୨୦।୭**

ଦେଶରେ କେଉଁ ଜାତିର କେତେ ସଂଖ୍ୟାରେ ଲୋକ ଅଛନ୍ତି, ସେ ଭିତ୍ତିରେ ଜନଗଣନା ହେବ ନାହିଁ। କେବଳ ଅନୁସୂଚିତ ଜାତି ଓ ଜନଜାତି (ଏସ୍‌ସି, ଏସ୍‌ଟି)ଙ୍କ ସଂଖ୍ୟା ଗଣନା କରାଯିବ ବୋଲି କେନ୍ଦ୍ର ସରକାର ମଙ୍ଗଳବାର ଲୋକ ସଭାରେ କହିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଏ କହିଥିଲେ, ମହାରାଷ୍ଟ୍ର ଏବଂ ଓଡ଼ିଶା ସରକାର ଆସନ୍ତା ଜନଗଣନାରେ ବିଭିନ୍ନ ଜାତିର ଲୋକସଂଖ୍ୟା ବାବଦରେ ଜାଣିବା ପାଇଁ ଅନୁରୋଧ କରିଥିଲେ। ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ଲୋକ ସଭା ଏବଂ ବିଧାନସଭାରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ସଂଖ୍ୟା ଅନୁପାତରେ ଆସନ ସଂରକ୍ଷଣ କରାଯାଇଛି। ତେଣୁ ଏସ୍‌ସି, ଏସ୍‌ଟିଙ୍କୁ ବାଦ୍ ଦେଇ ଜାତିଭିତ୍ତିକ ଗଣନା କରା ନ ଯିବାକୁ ଭାରତ ସରକାର ସ୍ଥିର କରିଥିବା ସେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ପ୍ରକାଶ କରିଛନ୍ତି। ୨୦୧୯ ମାର୍ଚ୍ଚ ୨୮ରେ ଦେଶରେ ଜନଗଣନା ହେବା ପାଇଁ ଗେଜେଟ୍ ଅଫ୍ ଇଣ୍ଡିଆରେ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ହେଁ କରୋନା ମହାମାରୀ ଯୋଗୁ ତାହା ହୋଇପାରି ନ ଥିବା ସେ କହିଛନ୍ତି।

# 'ପେଗାସସ୍ ଭାଙ୍ଗିଥିଲା କୁମାରସ୍ୱାମୀ ସରକାର'



ଏଚ୍.ଡି. କୁମାରସ୍ୱାମୀ

## ଖୋଲୁଛି ସ୍ପାଏୱେର ପେଡ଼ି

### ଗୁପ୍ତଚରଗିରିରୁ ଫାଇଦା ଉଠାଇଥିଲା ଭାଜପା

**ନୂଆଦିଲ୍ଲୀ,୨୦।୭**

୨୦୧୯ ଜୁଲାଇରେ କର୍ଣ୍ଣାଟକର କୁମାରସ୍ୱାମୀ ସରକାରଙ୍କ ପତନ ଘଟାଇବା ପାଇଁ ଇସ୍ରାଏଲ କମ୍ପାନୀ ଏନ୍‌ଏସ୍‌ଓ ଗ୍ରୁପ୍‌ର ସ୍ପାଏୱେର ପେଗାସସ୍‌କୁ ବ୍ୟବହାର କରାଯାଇଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ବ୍ୟକ୍ତିଗତ ସଚିବ ସତୀଶ, ଉପମୁଖ୍ୟମନ୍ତ୍ରୀ ଜି. ପରମେଶ୍ୱର ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ସଚିବ ଭେଙ୍କଟେଶଙ୍କ ଫୋନ୍‌ରେ ଏହି ଗୁପ୍ତଚର ସଫ୍ଟୱେରକୁ ଇନ୍‌ଷ୍ଟଲ କରାଯାଇଥିଲା। ସେମାନଙ୍କ କଥାବାର୍ତ୍ତା ଓ କାର୍ଯ୍ୟକଳାପ ଉପରେ ଏହା ଜରିଆରେ ନଜର ରଖାଯାଇଥିଲା। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ** | ନିୟମ ବଦଳାଅ










DADLS-12

ପବିତ୍ର ଇଦ୍-ଉଲ୍-ଜୁହା ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

'କରୋନା' ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇରେ ସାମିଲ ହୋଇ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରୁଛି ।

(ଗଣେଶୀ ଲାଲ)

OIPR-15001/13/0019/2122




DADLS-12

ପବିତ୍ର ଇଦ୍-ଉଲ୍-ଜୁହା ପର୍ବ ଉପଲକ୍ଷେ ମୁଁ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

କୋଭିଡର ବିପଦ ଏ ପର୍ଯ୍ୟନ୍ତ ଦୂର ହୋଇନାହିଁ । ତେଣୁ ମୋର ନିବେଦନ, ଆସନ୍ତୁ ସମସ୍ତେ କୋଭିଡ ନିୟମ ପାଳନ କରିବା । ମାସ୍କ ପିନ୍ଧିବା, ହାତ ଧୋଇବା ଓ ସାମାଜିକ ଦୂରତା ରକ୍ଷା କରି ନିଜେ ସୁସ୍ଥ ରହିବା ଓ ନିଜ ପରିବାରକୁ ମଧ୍ୟ ନିରାପଦ ରଖିବା ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0019/2122




DADLS-12

ତ୍ୟାଗ, ସମର୍ପଣ ଓ ଉତ୍ସର୍ଗର ପର୍ବ ପବିତ୍ର ଇଦ୍-ଉଲ୍-ଜୁହା ଅବସରରେ ମୁଁ ରାଜ୍ୟବାସୀ ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

କରୋନା ମହାମାରୀର କଠିନ ସମୟରେ ଆପଣମାନେ କୋଭିଡ ନିୟମାବଳୀ ଅନୁପାଳନ ପୂର୍ବକ ଏହି ପର୍ବ ପାଳନ କରିବାକୁ ମୁଁ ସମସ୍ତଙ୍କୁ ନିବେଦନ କରୁଛି ।

(ରଘୁନନ୍ଦନ ଦାସ)
ସୂଚନା ଓ ଲୋକସମ୍ପର୍କ, ଜଳସମ୍ପଦ ମନ୍ତ୍ରୀ, ଓଡ଼ିଶା

OIPR-15001/13/0019/2122

**ମଣିପୁର କଂଗ୍ରେସରରେ ସଙ୍କଟ**

ଆସନ୍ତା ବର୍ଷ ମଣିପୁରରେ ନିର୍ବାଚନ ହେବାକୁ ଥିବାବେଳେ କଂଗ୍ରେସରେ ସଙ୍କଟ ଦେଖାଦେଇଛି। ପିସିସି ସଭାପତି ଗୋବିନ୍ଦସ୍ କୋଣ୍ଠଉଜାମ୍ ମଙ୍ଗଳବାର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଦଳର ୮ ବିଧାୟକ ଭାଜପାରେ ମିଶିପାରନ୍ତି। ୨୦୧୭ରେ ଭାଜପା ରାଜ୍ୟରେ ପ୍ରଥମ ଥର ପାଇଁ ଶାସନକୁ ଆସିଥିବାବେଳେ ଆଗାମୀ ନିର୍ବାଚନରେ ମଧ ଗାଦି ନିଜ ଦଖଲରେ ରଖିବାକୁ ଉଦ୍ୟମ ଜାରି ରଖିଛି।

# ମହାକାଶରେ ବେଜୋସ୍‌ଙ୍କ ୧୧ ମିନିଟ୍



## ➩ ପ୍ରଥମ ସ୍ୱୟଂଚାଳିତ ଯାନରେ ସ୍ପେସ୍ ଯାତ୍ରା
## ➩ ରିଚାର୍ଡ ବ୍ରାନ୍‌ସନ୍‌ଙ୍କୁ ଟପିଲେ

**ୱାଶିଂଟନ୍, ୨୦।୭:** ମହାକାଶ ଯାତ୍ରା ଇତିହାସରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛନ୍ତି ବିଶ୍ୱର ସବୁଠୁ ଧନୀ ତଥା ଆମାଜନ୍ ପ୍ରତିଷ୍ଠାତା ଜେଫ୍ ବେଜୋସ୍। ମଙ୍ଗଳବାର ତାଙ୍କ କମ୍ପାନୀ ବ୍ଲୁ ଅରିଜିନ୍‌ର ପ୍ରଥମ ସ୍ପେସ୍ ଫ୍ଲାଇଟ୍ ତଥା ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ନ୍ୟୁ ଶେପାର୍ଡ କ୍ୟାପ୍‌ସୁଲରେ ୫୭ ବର୍ଷୀୟ ବେଜୋସ୍ ୧୦ ମିନିଟ୍ ୨୦ ସେକେଣ୍ଡର ମହାକାଶ ଯାତ୍ରା କରି ଫେରିଛନ୍ତି। ଆମେରିକାର ୱେଷ୍ଟ ଟେକ୍ସାସରୁ ଏହା ଉଡ଼ାଣ କରିଥିଲା। ସାଙ୍ଗରେ ଭାଇ ମାର୍କ ବେଜୋସ୍, ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସାର ପୂର୍ବତନ ପାଇଲଟ୍ ୮୨ ବର୍ଷୀୟା ୱାଲି ଫଙ୍କ୍ ଏବଂ ବେଜୋସ୍‌ଙ୍କ ପାଖ ସିଟ୍ ୨୮ ମିଲିୟନ ଡଲାରରେ ନିଲାମ ନେଇଥିବା ୧୮ ବର୍ଷୀୟ ଓଲିବର ଡେମେନ୍ ଯାତ୍ରା କରିଥିଲେ।

ଭାରତୀୟ ସମୟ ସନ୍ଧ୍ୟା ସାଢ଼େ ୬ଟାରେ ମହାକାଶ ଯାନ ନ୍ୟୁ ଶେପାର୍ଡ କ୍ୟାପ୍‌ସୁଲ ସ୍ପେସ୍ ଅଭିମୁଖେ ବାହାରିଥିଲା। ଲଞ୍ଚ୍ ପରେ କ୍ୟାପ୍‌ସୁଲରୁ ରକେଟ ବାହାରି ଲଞ୍ଚ୍‌ପ୍ୟାଡ୍‌କୁ ଫେରିଆସିଥିଲା। ବେଜୋସ୍‌ଙ୍କ ଫ୍ଲାଇଟ୍ କାରାମାନ୍ ଲାଇନ (କାଳ୍ପନିକ ମହାକାଶ ସୀମାରେଖା) ବାହାରେ ତଥା ପୃଥିବୀ ପୃଷ୍ଠରୁ ୧୦୬ କିଲୋମିଟର ଉପରକୁ ଯାଇଥିଲା। ସେଠାରେ ସେମାନେ ଓଜନ ବିହୀନ ଶରୀରର ଅନୁଭୂତି ନେଇଥିଲେ। ନ୍ୟୁ ଶେପାର୍ଡ କ୍ୟାପ୍‌ସୁଲ କିଛି ସମୟ ମହାକାଶରେ ରହିବା ପରେ ପାରାସୁଟ୍ ସହାୟତାରେ ୱେଷ୍ଟ ଟେକ୍ସାସ୍‌କୁ ଫେରିଥିଲା। ଏହା ପୂର୍ବରୁ ଗତ ୧୧ ତାରିଖରେ ବ୍ରିଟିଶ ବିଲିୟନେୟାର ରିଚାର୍ଡ ବ୍ରାନ୍‌ସନ୍ ତାଙ୍କ ଭର୍ଜିନ ଗାଲାକ୍ଟିକ୍ ସ୍ପେସ୍‌କ୍ରାଫ୍ଟ ଯୋଗେ ମହାକାଶକୁ ଯାତ୍ରା କରି ଫେରିଥିଲେ। ତେବେ ବ୍ରାନ୍‌ସନ୍ ମାତ୍ର ୮୬ କିମି ପର୍ଯ୍ୟନ୍ତ ଯାଇଥିବାବେଳେ ବେଜୋସ୍ ତାଙ୍କୁ ପଛରେ ପକାଇଦେଇଛନ୍ତି। ଘରୋଇ ସ୍ପେସ୍ ମିଶନ ଜରିଆରେ ମହାକାଶ ପର୍ଯ୍ୟଟନକୁ ନୂତନ ଦିଗ ଦେବା ଲକ୍ଷ୍ୟରେ ବୋଜୋସ୍ ଓ ବ୍ରାନସନ୍ ଏହି ଯାତ୍ରା ଆରମ୍ଭ କରିଥିଲେ। ଅନ୍ୟପକ୍ଷରେ ସିଭିଲିଆନ୍ କ୍ରୁ ସଦସ୍ୟଙ୍କୁ ଆସନ୍ତା ସେପ୍ଟେମ୍ବରରେ ପୃଥିବୀ କକ୍ଷପଥକୁ ପଠାଇବା ପାଇଁ ଯୋଜନା କରିଛନ୍ତି ସ୍ପେସ୍‌ଏକ୍ସ ମାଲିକ ଏଲନ ମସ୍କ। ପୂର୍ବରୁ ସେ ନାସା ପକ୍ଷରୁ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନକୁ ଅନେକ କାର୍‌ଗୋ ପେଲୋଡ୍ ଏବଂ ମହାକାଶଚାରୀଙ୍କୁ ପଠାଇ ସାରିଛନ୍ତି।

୧୯୬୯ ଜୁଲାଇ ୨୦ରେ ଚନ୍ଦ୍ରପୃଷ୍ଠରେ ଆପୋଲୋ-୧୧ ସ୍ପେସ୍‌ଫ୍ଲାଇଟ୍ ଲ୍ୟାଣ୍ଡ କରିଥିଲା। ପ୍ରଥମ ମହାକାଶ ଯାତ୍ରୀ ଭାବେ ନୀଲ ଆର୍ମଷ୍ଟ୍ରଙ୍ଗ ଏହି ଯାନରେ ଯାଇ ଚନ୍ଦ୍ରରେ ପାଦ ରଖିଥିଲେ। ଏହି ଦିନର ଗୁରୁତ୍ୱ ଯୋଗୁ ଜୁଲାଇ ୨୦ରେ ମହାକାଶ ଯାତ୍ରା କରିବାକୁ ବେଜୋସ୍ ସ୍ଥିର କରିଥିଲେ। ବ୍ଲୁ ଅରିଜିନ୍‌ର ୧୮.୩ ମିଟର ଲମ୍ବ ବିଶିଷ୍ଟ ନ୍ୟୁ ଶେପାର୍ଡ କ୍ୟାପ୍‌ସୁଲ ସମ୍ପୂର୍ଣ୍ଣ ଭାବେ ସ୍ୱୟଂଚାଳିତ। ଏଥିରେ କୌଣସି ପାଇଲଟ୍‌ଙ୍କ ଆବଶ୍ୟକତା ନାହିଁ। ପୃଥିବୀ ପୃଷ୍ଠରୁ ମାଷ୍ଟର କଣ୍ଟ୍ରୋଲ ରୁମ୍‌ରୁ ଏହା ଉପରେ ନିୟନ୍ତ୍ରଣ ରଖାଯାଇଥାଏ। ଲଞ୍ଚ୍ ହେବା ପରେ ଏହାକୁ କୌଣସି କମାଣ୍ଡ ଦେବାକୁ ପଡ଼ି ନ ଥାଏ। ଏହା ୬ ଯାତ୍ରୀଙ୍କୁ ନେଇ ମହାକାଶ ଯାଇପାରିବ। ୧୯୬୧ ମସିହାର ମହାକାଶଚାରୀ ଆଲନ ଶେପାର୍ଡଙ୍କ ନାଁ ଅନୁସାରେ ଏହି କ୍ୟାପ୍‌ସୁଲର ନାମ ନ୍ୟୁ ଶେପାର୍ଡ ରଖାଯାଇଛି। ମହାକାଶକୁ ଯିବାରେ ଆଲନ ଶେପାର୍ଡ ହେଉଛନ୍ତି ପ୍ରଥମ ଆମେରିକୀୟ।



ବାମରୁ ଭାଇ ମାର୍କଙ୍କ ସହ ଜେଫ୍ ବେଜୋସ୍, ଓଲିବର ଡେମେନ ଏବଂ ୱାଲି ଫଙ୍କ୍।

## ସଂକ୍ଷେପରେ

### ୧୧୧ ଦିନରେ ସର୍ବନିମ୍ନ ମୃତ୍ୟୁ
**୩୦,୦୯୩ ଆକ୍ରାନ୍ତ, ୩୭୪ ମୃତ**

**ନୂଆଦିଲ୍ଲୀ, ୨୦।୭:** ଦେଶରେ କରୋନାଜନିତ ଦୈନିକ ମୃତ୍ୟୁସଂଖ୍ୟା ୧୧୧ ଦିନରେ ସର୍ବନିମ୍ନ ରହିଛି। ଦିନକରେ ୩୭୪ ଆକ୍ରାନ୍ତଙ୍କ ଜୀବନ ଯାଇଥିବାବେଳେ ୩୦,୦୯୩ ଜଣ ସଂକ୍ରମିତ ହୋଇଛନ୍ତି। ଦୈନିକ ସଂକ୍ରମଣ ମଧ ୧୨୫ ଦିନରେ ସବୁଠୁ କମ୍ ରହିଛି। ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩,୧୧,୭୪,୩୨୨ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ସେହିପରି ମୃତ୍ୟୁସଂଖ୍ୟା ୪,୧୪,୪୮୨କୁ ବୃଦ୍ଧି ପାଇଛି। ସକ୍ରିୟ ମାମଲା ୪,୦୬,୧୩୦କୁ ଖସିଛି, ଯାହା କି ୧୧୭ ଦିନରେ ସବୁଠୁ କମ୍। ଜାତୀୟ ସୁସ୍ଥ ହାର ୯୭.୩୭ ପ୍ରତିଶତ ରହିଛି। ସୋମବାର ୧୭,୯୨,୩୩୬ ନମୁନା ପରୀକ୍ଷା କରାଯାଇଥିଲା।

### ବିପଦରେ ୪୦ କୋଟି ଲୋକ

**ନୂଆଦିଲ୍ଲୀ, ୨୦।୭:** ଦେଶରେ ୬ ବର୍ଷ ଉର୍ଦ୍ଧ୍ୱ ବୟସ ବର୍ଗରେ ଥିବା ଲୋକସଂଖ୍ୟାର ଦୁଇ-ତୃତୀୟାଂଶ କୋଭିଡ୍-୧୯ରେ ସଂକ୍ରମିତ ହୋଇଛନ୍ତି। ଏହାର ଅର୍ଥ ପ୍ରାୟ ୪୦ କୋଟି ଲୋକଙ୍କ ଉପରେ ଏବେ ମଧ କରୋନାରେ ସଂକ୍ରମଣ ବିପଦ ରହିଥିବା ଚତୁର୍ଥ ଜାତୀୟ ସେରୋ ସର୍ଭେରୁ ଜଣାପଡ଼ିଛି ବୋଲି କେନ୍ଦ୍ର ସରକାର ମଙ୍ଗଳବାର ସୂଚନା ଦେଇଛନ୍ତି। ତେଣୁ ସଭିଏଁ କୋଭିଡ୍ ଟିକା ନେବା ସହ କଟକଣା ମାନି ରହିବା ଜରୁରୀ ବୋଲି ଇଣ୍ଡିଆନ କାଉନ୍‌ସିଲ ଫର୍ ମେଡିକାଲ ରିସର୍ଚ୍ଚ(ଆଇସିଏମ୍‌ଆର୍) ମୁଖ୍ୟ ଡା. ବଳରାମ ଭାର୍ଗଭ କହିଛନ୍ତି। ଜୁନ୍-ଜୁଲାଇରେ ୨୧ ରାଜ୍ୟର ୭୦ ଜିଲାରେ ୩୬,୨୨୭ ଜଣଙ୍କୁ ନେଇ ସର୍ଭେ କରାଯାଇଥିଲା। ଏଥିରେ ୭,୨୫୨ ଜଣ ସ୍ୱାସ୍ଥ୍ୟକର୍ମୀ ସାମିଲ ହୋଇଥିଲେ। ୬ ବର୍ଷରୁ ଉର୍ଦ୍ଧ୍ୱ ବୟସ ବର୍ଗର ଜନସଂଖ୍ୟା ମଧ୍ୟରୁ ୬୭.୬%ଙ୍କ ଠାରେ ଆଣ୍ଟିବଡି ସୃଷ୍ଟି ହୋଇଥିବା ସର୍ଭେରୁ ଜଣାପଡ଼ିଛି। ୬ରୁ ୧୭ ବର୍ଷ ବୟସ ବର୍ଗରେ ପ୍ରାୟ ୫୦ ପ୍ରତିଶତଙ୍କଠାରେ ଆଣ୍ଟିବଡି ରହିଛି। ୮୫% ସ୍ୱାସ୍ଥ୍ୟକର୍ମୀଙ୍କ ଶରୀରରେ ମଧ ଆଣ୍ଟିବଡି ସୃଷ୍ଟି ହୋଇଛି। ପ୍ରାୟ ୧୦% ସ୍ୱାସ୍ଥ୍ୟକର୍ମୀ ଟିକା ନେଇ ନ ଥିବା ଜଣାପଡ଼ିଛି।

### ୨୭ରେ ଭାରତ ଆସିବେ ଆଫଗାନ ସେନା ମୁଖ୍ୟ

**ନୂଆଦିଲ୍ଲୀ, ୨୦।୭:** ଆଫଗାନିସ୍ତାନରେ ତାଲିବାନ ଆତଙ୍କ ଦିନକୁ ଦିନ ବଢ଼ିଚାଲିଥିବାବେଳେ ଦେଶର ସେନା ମୁଖ୍ୟ ମହମ୍ମଦ ଅହମଦ୍‌ଜାଇ ଆସନ୍ତା ୨୭ ତାରିଖରେ ଭାରତକୁ ୩ ଦିନିଆ ଗସ୍ତ କରିବେ। ଏହି ଅବସରରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସାମରିକ ସମ୍ପର୍କ ବୃଦ୍ଧି ଉପରେ ଆଲୋଚନା ହେବ ବୋଲି ଜଣାପଡ଼ିଛି। ଅହମଦ୍‌ଜାଇ ତାଙ୍କ ଭାରତ ପ୍ରତିପକ୍ଷ ଜେନେରାଲ ଏମ୍.ଏମ୍. ନରୱାଣେ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

### ୩୦ କେଜି ଆଇଇଡି ନିଷ୍କ୍ରିୟ କଲା ସେନା

**ଶ୍ରୀନଗର, ୨୦।୭:** ଜମ୍ମୁ-କଶ୍ମୀରର ଶ୍ରୀନଗର ଜିଲାରେ ସୁରକ୍ଷାବଳ ପ୍ରାୟ ୩୦ କେଜି ଆଇଇଡି ବିସ୍ଫୋରକକୁ ନିଷ୍କ୍ରିୟ କରିଛି। ଫଳରେ ଆତଙ୍କବାଦୀଙ୍କ ଏକ ବଡ଼ ଧରଣର ଆକ୍ରମଣ ଯୋଜନା ପଣ୍ଡ ହୋଇଥିବା ମଙ୍ଗଳବାର ପୋଲିସ ସୂଚନା ଦେଇଛି। ସୋମବାର ରାତିରେ ତାଙ୍ଗପୁରାଠାରେ ରାଜପଥଠାରୁ ପ୍ରାୟ ୭ଶହ ମିଟର ଦୂରରେ ଆଇଇଡି ରଖାଯାଇଥିବା ସୂଚନା ମିଳିବା ପରେ ତୁରନ୍ତ ସୁରକ୍ଷାବଳ ତାହାକୁ ନଷ୍ଟ କରିଥିଲା।

# ବିତର୍କ ନ ହେଲେ ସଂସଦ ଅଚଳ

## ପେଗାସସ୍ ଝଡ଼: ସରକାରଙ୍କୁ ବିରୋଧୀଙ୍କ ଚେତାବନୀ




**ନୂଆଦିଲ୍ଲୀ,୨୦।୭**

ଇସ୍ରାଏଲ କମ୍ପାନୀ ଏନ୍‌ଏସ୍‌ଓ ଗ୍ରୁପ୍‌ର ସ୍ପାଏୱେର ପେଗାସସ୍‌କୁ ନେଇ ଦ୍ୱିତୀୟ ଦିନ ଧରି ପାର୍ଲାମେଣ୍ଟ ଅଚଳ ରହିଛି। ମଙ୍ଗଳବାର ବିରୋଧୀ ସଦସ୍ୟଙ୍କ ସରକାର ବିରୋଧୀ ସ୍ଲୋଗାନ ଓ ହଟ୍ଟଗୋଳ ମଧ୍ୟରେ ଉଭୟ ଗୃହର କାର୍ଯ୍ୟ ବାଧାପ୍ରାପ୍ତ ହେବାରୁ ସଂସଦକୁ ବାରମ୍ବାର ସ୍ଥଗିତ କରିବାକୁ ପଡ଼ିଛି। କେନ୍ଦ୍ର ସରକାର ପେଗାସସ୍ ଉପରେ ଆଲୋଚନା ନ କରିବା ଯାଏ ପାର୍ଲାମେଣ୍ଟ ଚଳାଇ ଦିଆଯିବ ନାହିଁ ବୋଲି ମଙ୍ଗଳବାର ବିରୋଧୀ ଦଳଗୁଡ଼ିକ ଚେତାବନୀ ଦେଇଛନ୍ତି।

ଲୋକ ସଭାରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଉଚ୍ଚ ସଦନ ଓ ନିମ୍ନ ସଦନର ବିରୋଧୀ ଦଳ ନେତାମାନେ ବୈଠକ କରିଥିଲେ। କେନ୍ଦ୍ର ପେଗାସସ୍ ପ୍ରସଙ୍ଗରେ ଆଲୋଚନା କରିବା ଆବଶ୍ୟକ ବୋଲି ଏଥିରେ ସହମତି ପ୍ରକାଶ ପାଇଥିଲା। ରାଜନେତା, ଖବରଦାତା ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ବିରୋଧରେ କେନ୍ଦ୍ର ପେଗାସସ୍ ସ୍ପାଏୱେରକୁ ବ୍ୟବହାର କରିଥିବା ବିରୋଧୀ ଅଭିଯୋଗ ଆଣିଥିଲେ। ଏହାସହ ସଂସଦର ଉଭୟ ଗୃହରେ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେଇଥିଲେ। ଲୋକ ସଭାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ଓ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକର ସଦସ୍ୟମାନେ ପ୍ଲାକାର୍ଡ ଧରି ସରକାର ବିରୋଧୀ ସ୍ଲୋଗାନ ଦେଇ ହଟ୍ଟଗୋଳ କରିଥିଲେ। ଫଳରେ ଗୃହକାର୍ଯ୍ୟ ମାତ୍ର ୫ ମିନିଟ ଚାଲିପାରିଥିଲା। କେତେଜଣ କଂଗ୍ରେସ ସଦସ୍ୟ ଦଳର ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ସରକାର ଗୁପ୍ତଚରଗିରି କରିଥିବା ଅଭିଯୋଗ ଆଣିଥିଲେ। ଟିଏମ୍‌ସି ପକ୍ଷରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ତଥା ଦଳୀୟ ଏମ୍‌ପି ଅଭିଷେକ ବାନାର୍ଜୀଙ୍କ ଫୋନ୍ ନମ୍ବରକୁ ସର୍ଭିଲାନ୍ସରେ ରଖାଯାଇଥିବା ଅଭିଯୋଗ


ଲୋକ ସଭାରେ ବାଚସ୍ପତି ଓମ୍ ବିର୍ଲା ସଦସ୍ୟମାନଙ୍କୁ ଶାନ୍ତ ହେବା ପାଇଁ ଅନୁରୋଧ କରୁଛନ୍ତି।

ଅଣାଯାଇଥିଲା। ୱାଇଏସ୍‌ଆର୍‌ସିପି ସଦସ୍ୟମାନେ ଆନ୍ଧ୍ର ପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରଦାନ ଦାବିରେ ହଟ୍ଟଗୋଳ କରିଥିଲେ। ଲୋକ ସଭାରେ କଂଗ୍ରେସ ମୁଖ୍ୟ ସଚେତକ କେ. ସୁରେଶ କହିଛନ୍ତି, ପେଗାସସ୍ ପ୍ରସଙ୍ଗରେ ଆଲୋଚନା ହେଉ। ନଚେତ୍ ଗୁରୁବାରଠାରୁ ସବୁ ବିରୋଧୀ ଦଳ ମିଳିତ ଭାବେ ବିକ୍ଷୋଭ କରିବେ। ଅପରାହ୍ନ ୩ଟାରେ ପୁନଃ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ବିରୋଧୀ ଦଳଗୁଡ଼ିକର ସଦସ୍ୟମାନେ ପୁଣି ଗୃହ ମଧ୍ୟଭାଗକୁ ଯାଇ ସ୍ଲୋଗାନ ଦେଇଥିଲେ। ଫଳରେ ବାଚସ୍ପତି ଓମ୍ ବିର୍ଲା ଗୃହକୁ ଗୁରୁବାର ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ। ବୁଧବାର ବକ୍‌ର-ଇଦ୍ ଥିବାରୁ ପାର୍ଲାମେଣ୍ଟ ବନ୍ଦ ରହିବ।

ରାଜ୍ୟ ସଭାରେ ମଧ ଅନୁରୂପ ସ୍ଥିତି ଦେଖିବାକୁ ମିଳିଥିଲା। ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳଗୁଡ଼ିକର ସଦସ୍ୟମାନେ ପେଗାସସ୍ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଥିଲେ। ହଟ୍ଟଗୋଳ ମଧ୍ୟରେ ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ଗୃହକାର୍ଯ୍ୟ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ। ଗୃହକାର୍ଯ୍ୟ ପୁନଃ ଆରମ୍ଭ ହେବା ପରେ କଂଗ୍ରେସ, ଟିଏମ୍‌ସି ଏବଂ ବାମଦଳ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଯାଇ ସ୍ଲୋଗାନ ଦେଇଥିଲେ। ସେମାନଙ୍କ ହାତରେ ସରକାର ବିରୋଧୀ ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡ ରହିଥିଲା। ଉପାଧ୍ୟକ୍ଷ ପ୍ରଶ୍ନକାଳ ଚଳାଇଦେବାକୁ ବାରମ୍ବାର ଅନୁରୋଧ କରିଥିଲେ। କିନ୍ତୁ ସେମାନେ ତାଙ୍କ ଅନୁରୋଧକୁ ଶୁଣି ନ ଥିଲେ। ଫଳରେ ଉପାଧ୍ୟକ୍ଷ ହରିବଂଶ ଗୃହକୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ। ଦ୍ୱିତୀୟ ଥର ପାଇଁ ଗୃହକାର୍ଯ୍ୟରେ ବାଧା ସୃଷ୍ଟି ହେବାରୁ ଅଧ୍ୟକ୍ଷ ଗୃହରେ ଭାଜପା ସଂସଦୀୟ ଦଳ ନେତା ପୀୟୂଷ ଗୋୟଲ, ବିରୋଧୀ ଦଳ ନେତା ଆନନ୍ଦ ଶର୍ମା, କଂଗ୍ରେସର ଜୟରାମ ରମେଶ, ଟିଏମ୍‌ସିର ଡେରେକ୍ ଓ'ବାଏନ୍‌ଙ୍କ ସହ ଆଲୋଚନା କରିଥିଲେ। କୋଭିଡ୍ ପରିଚାଳନା ସମ୍ପର୍କରେ ଆଲୋଚନା କରିବାକୁ ଏଥିରେ ସହମତି ପ୍ରକାଶ ପାଇଥିଲା। ଗୋୟଲ ସବୁ ଦଳର ସଦସ୍ୟମାନଙ୍କୁ ଗୃହକୁ ଚଳାଇଦେବା ପାଇଁ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ୪ ଘଣ୍ଟା ଧରି ମହାମାରୀ ସମ୍ପର୍କରେ ଆଲୋଚନା ହେବ ଏବଂ ଅପରାହ୍ନ ୫ଟାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ ବିବୃତି ରଖିବେ ବୋଲି ସହମତି ପ୍ରକାଶ ପାଇଥିଲା। ମାଣ୍ଡବ୍ୟ କହିଥିଲେ, ଅନେକ ଭାରତୀୟ କମ୍ପାନୀ କୋଭିଡ୍ ଭାକ୍ସିନ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବାରେ ଲାଗିଛନ୍ତି। ବିଶ୍ୱରେ ପ୍ରଥମ ଥର ପାଇଁ ଭାରତ ଏକ ଡିଏନ୍‌ଏ-ଭିତ୍ତିକ ଟିକା ଆଣିବାକୁ ଯାଉଛି। ଜାଇଡସ୍ କାଡିଲା ପକ୍ଷରୁ ଏହାର ତୃତୀୟ ପର୍ଯ୍ୟାୟ ଟ୍ରାଏଲ୍ ଶେଷ ହୋଇଛି। ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ)ଙ୍କ ନିକଟରେ ଏହାର ଜରୁରୀ ବ୍ୟବହାର ପାଇଁ କାଡିଲା ଆବେଦନ କରିଛି। ଆମ ବିଶେଷଜ୍ଞମାନେ ଏହା ଉପରେ ଅନୁଧ୍ୟାନ କରୁଛନ୍ତି। ସେହିପରି କାଡିଲା ଏବଂ ଭାରତ ବାୟୋଟେକ୍ ପିଲାଙ୍କଠାରେ ମଧ ଭାକ୍ସିନ ଟ୍ରାଏଲ୍ ଆରମ୍ଭ କରିଥିବା ସ୍ୱାସ୍ଥ୍ୟମନ୍ତ୍ରୀ ଗୃହକୁ ଅବଗତ କରାଇଥିଲେ। ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଥିଲେ, ଦେଶରେ ୪-୫ ଲକ୍ଷ ଲୋକ କୋଭିଡ୍‌ରେ ପ୍ରାଣ ହରାଇଥିବା ସରକାର କହୁଛନ୍ତି, ଯାହାକି ମିଥ୍ୟା। ପ୍ରକୃତ କରୋନା ମୃତ୍ୟୁସଂଖ୍ୟା ୫୨.୪ ଲକ୍ଷରୁ କମ୍ ହେବ ନାହିଁ ବୋଲି ସେ କହିଥିଲେ। ଏହାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଖଣ୍ଡନ କରିଥିଲେ।

## ଧର୍ମଠାରୁ ଜୀବନ ବଡ଼
### କେରଳ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ, ୨୦।୭**

ବକ୍‌ର-ଇଦ୍ ଉତ୍ସବ ପାଇଁ କରୋନା ଲକ୍‌ଡାଉନ୍ ଓ ଅନ୍ୟ କଟକଣା କୋହଳ କରିବାକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର କେରଳ ସରକାରଙ୍କ ଉପରେ ବର୍ଷିଛନ୍ତି। ଏକ ମାମଲାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ କହିଛନ୍ତି, ଲକଡାଉନ୍ କୋହଳ କରିବା ପାଇଁ ବ୍ୟବସାୟୀଙ୍କ ଦାବି ଆଗରେ କେରଳ ସରକାର ଆତ୍ମସମର୍ପଣ କରିବା ଆଶ୍ଚର୍ଯ୍ୟଜନକ। ଧର୍ମଠାରୁ ଜୀବନ



ଆଗ। ଏଥିସହ ସମ୍ବିଧାନର ଧାରା ୨୧ ଏବଂ ୧୪୪ କୁ ଧ୍ୟାନରେ ରଖି କାଉଡ଼ିଆ ଯାତ୍ରା ପାଳନ ଉପଲକ୍ଷେ ଜାରି ହୋଇଥିବା ନିର୍ଦ୍ଦେଶ ପାଳନ କରିବାକୁ ଅଦାଲତ ଆଦେଶ ଦେଇଛନ୍ତି। କୌଣସି ପ୍ରକାରର ଚାପ ନାଗରିକଙ୍କ ଜୀବନ ଅଧିକାରକୁ ଉଲ୍ଲଂଘନ କରିପାରିବ ନାହିଁ। ଏହାବାଦ୍ ଯଦି ଏପରି କୌଣସି ଘଟଣା ଘଟେ ତେବେ ଜନସାଧାରଣ ସେ ବାବଦରେ ସର୍ବୋଚ୍ଚ ଅଦାଲତକୁ ଜଣାଇ ପାରିବେ ଏବଂ ସେହି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବକ୍‌ର-ଇଦ୍ ପାଇଁ ରାଜ୍ୟରେ ଲାଗୁ କରାଯାଇଥିବା କରୋନା କଟକଣା କୋହଳ କରାଯିବ ବୋଲି କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ଶନିବାର ଘୋଷଣା କରିଥିଲେ।


ସ୍ପାଏୱେର ଗୁପ୍ତଚରଗିରି ପ୍ରତିବାଦରେ ଯୁବ କଂଗ୍ରେସ ପକ୍ଷରୁ ମଙ୍ଗଳବାର କୋଲକାତା ରାଜଭବନ ଘେରାଉ ବେଳେ ଜଣେ କର୍ମୀଙ୍କୁ ପୋଲିସ ଉଠାଇ ନେଉଛି।

# ମଡେଲଙ୍କୁ ଫସାଉଥିଲେ ଶିଳ୍ପାଙ୍କ ସ୍ୱାମୀ

**ମୁମ୍ବାଇ, ୨୦।୭**

ଅଶ୍ଳୀଳ ଫିଲ୍ମ ପ୍ରସ୍ତୁତ କରିବା ଏବଂ ତାହାକୁ ବିଭିନ୍ନ ଓଟିଟି ପ୍ଲାଟଫର୍ମ ଓ ଆପ୍ଲିକେଶନ ଜରିଆରେ ରିଲିଜ କରିବା ଅଭିଯୋଗରେ ମୁମ୍ବାଇ ପୋଲିସ ସୋମବାର ରାତିରେ ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ବିଶିଷ୍ଟ ବ୍ୟବସାୟୀ ରାଜ କୁନ୍ଦ୍ରାଙ୍କୁ ଗିରଫ କରିଛି। ମଙ୍ଗଳବାର କୋର୍ଟରେ ହାଜର କରାଇବା ପରେ କ୍ରାଇମବ୍ରାଞ୍ଚ ପୋଲିସ ତାଙ୍କୁ ଅଧିକ ପଚରାଉଚରା କରିବାକୁ ୨୩ ତାରିଖ ଯାଏ ହେପାଜତକୁ ନେଇଛି। ଏହାସହ ଘଟଣାରେ ସମ୍ପୃକ୍ତ ରିଆନ ଜନ୍ ନାମକ ଜଣେ ଯୁବକଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ଏଥିରେ ମୋଟ ୬ ଜଣଙ୍କୁ ଗିରଫ ହୋଇସାରିଛନ୍ତି। ସୂଚନା ମୁତାବକ, ଗତ ଫେବୃୟାରୀ ୪ରେ ଜଣେ ମହିଳା ମୁମ୍ବାଇର ମାଲୱାନି ଥାନାରେ ରାଜ କୁନ୍ଦ୍ରାଙ୍କ ବିରୋଧରେ ଅଭିଯୋଗ ଆଣିବା ପରେ ଏକ ମାମଲା ରୁଜୁ ହୋଇଥିଲା। ପରେ ମୁମ୍ବାଇ କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ ଦାୟିତ୍ୱ ହାତକୁ ନେଇଥିଲା। କୁନ୍ଦ୍ର ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ପର୍ନ ର୍ୟାକେଟରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ସହ କୁନ୍ଦ୍ରା ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଚାଟ୍ କରିଥିବା ଘଟଣା ସାମ୍ନାକୁ ଆସିଛି। ଅଭିନୟ କରିବାକୁ ମୁମ୍ବାଇ ଆସୁଥିବା ଯୁବତୀ ତଥା ମଡେଲ୍‌ମାନଙ୍କୁ ବଲିଉଡ୍ ଇଣ୍ଡଷ୍ଟ୍ରିରେ ସୁଯୋଗ ଦେବାକୁ କହି କୁନ୍ଦ୍ରା ସେମାନଙ୍କୁ ଅଶ୍ଳୀଳ ଫିଲ୍ମ କରିବାକୁ ବାଧ୍ୟ କରୁଥିଲେ ବୋଲି ଜଣାପଡ଼ିଛି। ଏଥିପାଇଁ ମୁମ୍ବାଇରେ ଏକ ଘର ଭଡ଼ା ନିଆଯାଇ ସେଠାରେ ଶୁଟିଂ କରାଯାଉଥିଲା। ପରେ ତାହାର ଲିଙ୍କ୍‌କୁ ବିଭିନ୍ନ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରାଯାଉଥିଲା। ଏଥିରୁ ସେ ଲକ୍ଷ ଲକ୍ଷ ଟଙ୍କା କମାଉଥିଲେ। ଅନ୍ୟପକ୍ଷରେ କୁନ୍ଦ୍ରାଙ୍କ ବିରୋଧରେ ଅଭିନେତ୍ରୀ ସାଗରିକା ସୋନା ସୁମନ ମଧ ସଙ୍ଗିନ ଅଭିଯୋଗ ଆଣିଛନ୍ତି। କୁନ୍ଦ୍ରା ତାଙ୍କୁ ନଗ୍ନ ଅଡିସନ୍ ଦେବାକୁ ବାଧ୍ୟ କରୁଥିଲେ ବୋଲି ସେ କହିଛନ୍ତି।


ସ୍ତ୍ରୀ ଶିଳ୍ପା ସେଟ୍ଟୀଙ୍କ ସହ ରାଜ୍ କୁନ୍ଦ୍ରା।

**ଅଶ୍ଳୀଳ ଫିଲ୍ମ ପ୍ରସ୍ତୁତି**

### ୩ ଦିନିଆ ରିମାଣ୍ଡରେ କୁନ୍ଦ୍ରା
### ଆଉ ଜଣେ ଅଭିଯୁକ୍ତ ଗିରଫ

## ଫ୍ରାନ୍ସରେ ଚତୁର୍ଥ ଲହର

**ପ୍ୟାରିସ୍, ୨୦।୭**

ଫ୍ରାନ୍ସରେ କରୋନା ମହାମାରୀର ଚତୁର୍ଥ ଲହର ଦେଖାଦେଇଛି। ଫଳରେ ସେଠାରେ କୋଭିଡ୍ ନିୟମ ପାଳନ କଠୋର କରାଯାଇଥିବା ସରକାରଙ୍କ ମୁଖପାତ୍ର ଗାବ୍ରିଏଲ ଅଟ୍ଟଲ ସୂଚନା ଦେଇଛନ୍ତି। ପୂର୍ବ ଲହର ତୁଳନାରେ ଚତୁର୍ଥ ଲହର ତୀବ୍ର ବେଗରେ ମାଡ଼ିଚାଲିଛି। ସପ୍ତାହକ ମଧ୍ୟରେ ସଂକ୍ରମଣ ହାର ୧୨୫ ପ୍ରତିଶତ ବୃଦ୍ଧି ପାଇଛି। ମାତ୍ର କିଛି ଦିନରେ ସେଠାରେ ଦୈନିକ ସଂକ୍ରମଣ ୧୦ ହଜାର ଟପିଛି। ପ୍ରାୟ ୮୦ ପ୍ରତିଶତ ଘାତକ ଡେଲ୍‌ଟା ଭାରିଆଣ୍ଟରେ ସଂକ୍ରମିତ ହୋଇଛନ୍ତି। ଫ୍ରାନ୍ସରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୯,୩୧,୯୨୩ରେ ପହଞ୍ଚିଥିବାବେଳେ ୧,୧୧,୬୭୮ ଜଣଙ୍କ ମୃତ୍ୟୁ ଘଟିସାରିଲାଣି। ସମସ୍ତଙ୍କ ଟିକାକରଣ ବାଧ୍ୟତାମୂଳକ କରାଯିବା ସହ ହେଲ୍‌ଥ ପାସ୍ କରାଯାଇଛି।


Hero
ଜସନ-ଏ-ଇଦ୍ ର
ଚାକଚକ୍ୟ ବଢ଼ାନ୍ତୁ
10 କୋଟି ହିରୋଙ୍କର ଭରସା
ସହିତ ଯୋଡ଼ି ହୋଇ ଯାଆନ୍ତୁ
ଇଦ୍ ମୁବାରକ ସୁଯୋଗ ଉପରେ,
ଘରକୁ ଆଣନ୍ତୁ ନିଜର ମନପସନ୍ଦ
ହିରୋ ଟୁ-ହ୍ୱିଲର ଆଉ ବଢ଼ି ଚାଲନ୍ତୁ
ଖୁସିର ଯାତ୍ରା ପଥରେ।
କ୍ୟାଶ ବେନିଫିଟ ₹ 1500/-*
HF Deluxe
Hero
THE TRUST OF HERO
Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road,Vasant Kunj - Phase -II, New Delhi - 110070, India. I CIN: L35911DL1984PLC017354 I For further information, contact your nearest Hero MotoCorp authorised outlet or call our toll-free no.: 1800 266 0018 or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. *Offer amount & combination of offers may vary model/variant & states. Finance scheme is at the sole discretion of Financier & subject to its respective terms & conditions. Offer valid for limited period or till stock lasts. Offer is available in select states/cities only. For more details, please visit your nearest authorized Hero outlet. *Hero Motocorp reserves the right to change / modify / withdraw offer without any prior intimation. Terms & Conditions apply.
HeroMotoCorpIndia @HeroMotoCorp HeroMotoCorpLimited TheHeroMotoCorp heromotocorp.com
CALL TOLL-FREE 1800 266 0018
BUY ONLINE AT eshop.heromotocorp.com
Authorized Dealers: Bhubaneswar: Rohan Hero - 7799766422; Bharat Hero - 7799766378; Arundhati Hero - 9311733967, DD Hero - 7799766329; Cuttack: JMG Hero - 7799766366, Sunny Hero - 7799766401, Essen Hero - 7799766425; Angul: Parbati Hero - 7799766342; Balasore: Neelam Hero - 7799766393; Baripada: Aditya Hero - 7799766370; Bhadrak: Sanjib Hero - 7799766380; Chandikhol: S. K. Hero - 7799766362; Jagatsinghpur: Trishul Hero - 7799766383; Jajpur Road: Soumik Hero - 7799766410; Jaleswar: Sai Hero - 7799766407; Jatni: Vishal Hero - 7799766398; Keonjhar: Supreme Hero - 7799766360; Nayagarh: Bhagabati Hero - 7799766417; Puri: Sanjib Hero- 8448389695; Behrampur: Lakshmi Motors, Dharma Nagar – 7799766350, Lakshmi Automotives, Gajapati Nagar – 9311853279; Jeypore: Supreme Hero - 7799766340; Phulbani: Narayani Hero - 7799766373; Raygada: Ajit Hero - 7799766358; Bargarh: Aakash Hero - 7799766396; Bhawanipatna: Arundhati Hero - 7799766385; Bolangir: Arundhati Hero - 7799766327; Jharsuguda: Vijaylaxmi Hero - 7799766368; Rourkela: Dua Hero -7799766391; Sambalpur: Sri Shyam Hero - 7799766356; Sonepur: Jai Jawan Hero - 7799766419; Sundergarh: Robotech Hero: 8448183659; Dhenkanal: Som Hero - 7799766347; Talcher: Tarini Hero - 7799766374
WT.5027.2021ODI


MARUTI SUZUKI ARENA
ଆଜି ଘରକୁ ନେଇ ଆସନ୍ତୁ,
EMI ର ଚିନ୍ତା ପରେ କରିବେ
ଏବେ ମାରୁତି ସୁଜୁକୀ EECO ଘରକୁ ନେଇ ଆସନ୍ତୁ
ତା ପରେ EMI ଦେବେ ।
ଆକର୍ଷଣୀୟ ମୂଲ୍ୟ
କମ ଖର୍ଚ୍ଚ
ମେଣ୍ଟେନାନ୍ସ କମ
ମଲ୍ଟୀ-ପର୍ପଜ ୟୁସେଜ
5 ଟି ଆକର୍ଷକ ଫାଇନାନ୍ସ-ଅଫର୍ସ
• ଏବେ କିଣନ୍ତୁ, ପରେ ଟଙ୍କା ଦେବେ^ • 100% ଅନ-ରୋଡ଼ ଲୋନ ଉପଲବ୍ଧ^
• 7.25% କମ୍ ସୁଧର ହାର^ • ଅତିକମର ଅଗ୍ରିମ ଚୁକତ^ • ₹899 ର କମ ମାସିକ କିସ୍ତି^
EECO SAVE UP TO ₹29 000*
EECO
E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in
SKY AUTOMOBILES
BHUBANESWAR: 9776645711. CUTTACK: 9776677771, 7381873818. DHENKANAL: 9776900005. JAJPUR: 9776900777.
JYOTE MOTORS
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. BARIPADA: 9798190190. BHADRAK: 9798190190. NAYAGARH: 9798190190. BALASORE: 9798190190.
NARAYANI MOTORS
BHUBANESHWAR: 9583022019, 9583022012, 9583022013. NIMAPARA: 7381093626 JAGATSINGHPUR: 9583022090 PARADEEP: 9583022034/48 PURI: 9583022035.
ODYSSEY MOTORS
ANGUL: 7752076136, 9776901481. PALLAHARA: 7873565435, 9437831123.
TUSHI MOTORS
CUTTACK: 9078076450.
*Offer includes consumer offer, exchange bonus and institutional/rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. The terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st July, 2021.

**ଆଜିର ମନ୍ତବ୍ୟ**

"ପେଗାସସ୍ ସ୍ପାଏୱେର ଜରିଆରେ ଗୁପ୍ତଚରଗିରି ଏକ ବେଆଇନ କାର୍ଯ୍ୟ। ଏହା ଭାରତର ଜାତୀୟ ନିରାପତ୍ତାକୁ ବିପନ୍ନ କରିଛି।
– କପିଳ ସିବଲ, ବରିଷ୍ଠ କଂଗ୍ରେସ ନେତା




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରିକୁ
ପରିବାରବର୍ଗ


ଜୀତ୍
ପରିବାରବର୍ଗ


ଆଲିଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଣ୍ଟା ଫିରିକି, ଏତେ ଗୁଣ ବୋଲି ଜାଣିଥିଲି କି,
ବେଳସୁ ନ କହିଲୁ କାହିଁକି;
ଫୁଲ ପରା ପରି ଟେକି ଧରିଥିଲି,
କଚାଡ଼ି ପକାଇଲୁ କାହିଁକି।**

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ଯାହାକୁ ଅତି ଆପଣାର ମନେ କରାଯାଇଥାଏ ତା' ପ୍ରତି ସ୍ୱାର୍ଥପ୍ରବୃତ୍ତ ମନରେ ଦରଦ ଭାବ ରହିଥାଏ। ଏପରିସ୍ଥଳେ ଉକ୍ତ ବ୍ୟକ୍ତି ପ୍ରତି କୃତଘ୍ନତା ବା ବେଇମାନୀ ପ୍ରଦର୍ଶନ କଲେ ମନରେ ଯେଉଁ କଷ୍ଟଜାତ ହୁଏ ତାହା କେବଳ ଅନୁଭବୀ ହିଁ ଜାଣିପାରିଥାଏ। ଆପଣାର କରି ଚିଆଁ ପାଇଲା ପରେ ମନସ୍ତାପ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।


# classifieds Everyday
0674-2580101, 2549302




## BRIDE WANTED

Wanted Karan Bride for 30 years/5'11" working as Asst. Engineer (Electrical) in West Bengal Govt. Father Retd. SBI Officer, well settled in Bhubaneswar. Contact: 9437475154. D-21099

## GROOM WANTED

ସୁନ୍ଦର କରଣ ସରକାରୀ ଚାକିରିଆ 5'1" 46 ବୟସ୍କା Divorced ନିଃସନ୍ତାନ ଝିଅଙ୍କୁ Any Caste ପୁଅ ଦରକାର। 7681044808. D-71308




## SALE

Genuine Odisha Housing Board 2400sqft. plot at Laltikira, VIP Road, Bolangir, Cost-18Lakhs. Direct owner-08847875325. D-70931

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70869

ଭୁବନେଶ୍ୱରରେ ଫ୍ଲାଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-71119

DAV ପୋଖରିପୁଟରୁ 3k.m distance ଘରବାରି ପ୍ଲଟ୍ ବର୍ଗଫୁଟକୁ 1500/-, 1000/- କାଟେଣୀ ଡେରାସରେ 650/- ଦିଆଯାଉଛି। Swati-6371010864. D-70861

**Gated Colony gharabari advance boundarywall plot sale Gudiapokhari near KEC College with 30' road, electricity plantation. 8763887357, 9238902929.** D-70858

ଖୋର୍ଦ୍ଧାରୋଡ୍ ରେଲ୍‌ୱେ ଷ୍ଟେସନ୍‌ରୁ 1km ଦୂରତାରେ ଜଟଣୀ ହାଟ ବଜାରରେ ନିଜସ୍ୱ ମାଲିକାନାରେ ଥିବା ଘରବାରି ସ୍ଥିତିବାନ୍ 5 ଡିସିମିଲ୍ ଜାଗା ସହିତ ଦୁଇ ବଖରା ଆଜବେଷ୍ଟ ଘର ତୁରନ୍ତ ବିକ୍ରିହେବ। @ 45Lakhs Owner-9439270333. D-70866

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## PURCHASE

**RESIDENTIAL PLOT REQUIRED Freehold Residential Plot measuring 4000 - 6000 Sq.Ft. required in any of the area Kharvel Nagar, BJB Nagar, Tankapani Road, Rath Road, Surya Nagar, Ganga Nagar, Airport Area or Bhim Tangi. Please contact: Cell: 9337725630 Email ID: datalingrpa@gmail.com.** D-21128

## GENERAL

## SALE

Sarees 800 pieces cotton, silk, Fancy, Synthetic variety For immediate sale. Interested Persons / shop owners contact - 9090057547. D-21130




Rent 1BHK, Hall, Dining, Kitchen, fully furnished with interior, A/C, Invertor & Bed at Patia, near Big Bazaar. Contact: 7008671282, 9437636236. D-21103

3BHK apartment with two Balconies, Two toilets with Garage at Baishnav Vihar, Bomikhal, Bhubaneswar. 9238574993. D-21110

2BHK for rent in Ratnakarbagh, Tankapani Road, Plot No. 118 only Family. Please contact: 9953671101. D-21104

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

## LEGAL NOTICE

ମାନ୍ୟବର ବରିଷ୍ଠ ଦେୱାନୀ ବିଚାରପତି ମହୋଦୟଙ୍କ ଅଦାଲତ, ଢେଙ୍କାନାଳ
Intestate Case No.- 06 of 2019 Notice Under Order-5, Rule-20 of C.P.C., Read with Section 372 of Indian Succession Act, 1955

ବିଳାସିନୀ ରାଉତ, ବୟସ-୫୧ ବର୍ଷ, ପିତା- ୰ ପ୍ରେମାକାନ୍ତ ରାଉତ, ୱାର୍ଡ ନଂ.- ୧୫, କାଞ୍ଚନ ବଜାର, ପୋ/ଥାନା/ଜି- ଢେଙ୍କାନାଳ
....... ଦରଖାସ୍ତକାରୀ
(ବନାମ)
୧. ଦୁଷ୍ମନ୍ତ କୁମାର ରାଉତ, ବୟସ-୪୯ ବର୍ଷ, ପିତା- ୰ ପ୍ରେମାକାନ୍ତ ରାଉତ, ସା- ୱାର୍ଡ ନଂ.- ୧୫, କାଞ୍ଚନ ବଜାର, ପୋ/ଥାନା/ଜି- ଢେଙ୍କାନାଳ
୨. ସଂଯୁକ୍ତା ଲେଙ୍କା, ବୟସ-୫୬ ବର୍ଷ, ପିତା- ୰ ପ୍ରେମାକାନ୍ତ ରାଉତ, ସ୍ୱାମୀ- କୋଦଣ୍ଡଧର ଲେଙ୍କା, ସା- ବେଢ଼ପାଲ, ଥାନା- କାମାକ୍ଷାନଗର, ଜି- ଢେଙ୍କାନାଳ
୩. ମାନସୀ ଖୁଣ୍ଟିଆ, ବୟସ-୫୪ ବର୍ଷ, ପିତା- ୰ ପ୍ରେମାକାନ୍ତ ରାଉତ, ସ୍ୱାମୀ- ଶିଶିର କୁମାର ଖୁଣ୍ଟିଆ, ସା- ନୂଆସାହି, ପୋ- ମଠକରଗୋଳା, ଥାନା- କାମାକ୍ଷାନଗର, ଜି- ଢେଙ୍କାନାଳ
....... ଅପରପକ୍ଷ

ଯେହେତୁ ଅତ୍ର ବିଜ୍ଞାପନ ଦ୍ୱାରା ଘୋଷଣା କରାଯାଇଅଛି କି ଯେ, ୰ପ୍ରେମାକାନ୍ତ ରାଉତ ଓଡ଼ିଶା ସରକାରଙ୍କ ଦ୍ୱାରା ନିଯୁକ୍ତ କର୍ମଚାରୀ ଭାବରେ ଢେଙ୍କାନାଳ ଜିଲ୍ଲା ଟ୍ରେଜେରୀ ବିଭାଗରେ କାର୍ଯ୍ୟ କରି, ତା୩୧।୦୧।୯୧ରିଖରେ ସେ ଚାକିରିରୁ ଅବସର ନେଇ ଅବସରକାଳୀନ ପେନ୍‌ସନ୍ ପାଇ ଆସୁଥିଲେ।
ତାଙ୍କର ମୃତ୍ୟୁ ପରେ ତାଙ୍କର ସ୍ତ୍ରୀ ଉକ୍ତ ପେନ୍‌ସନ୍ ପାଉଥିଲେ ଏବଂ ତାଙ୍କର ସ୍ତ୍ରୀଙ୍କର ମୃତ୍ୟୁପରେ ତାଙ୍କର ବିଧବା ସାନ ଝିଅ ବିଳାସିନୀ ରାଉତ (ଆବେଦନକାରୀ) ଉତ୍ତରାଧିକାରୀ ସୂତ୍ରେ ଉକ୍ତ ପେନ୍‌ସନ୍ ସେବା ସରକାରଙ୍କଠାରୁ ପାଇବା ନିମନ୍ତେ A.G. Office, ଭୁବନେଶ୍ୱରଠାରେ ପ୍ରାର୍ଥନା କରିଥିଲେ ଏବଂ ଏଥି ନିମନ୍ତେ ତାଙ୍କଠାରୁ ଉତ୍ତରାଧିକାରୀ ସାର୍ଟିଫିକେଟ୍ ଓ ଅନ୍ୟାନ୍ୟ କାଗଜ ଦାଖଲ କରିବା ପାଇଁ ଏଥି ସରକାରୀ ଅଫିସ୍ ନିର୍ଦ୍ଦେଶ କଲେ। ଏହି ନିମନ୍ତେ ଆବେଦନକାରୀ ଉକ୍ତ ଉତ୍ତରାଧିକାରୀ ସାର୍ଟିଫିକେଟ୍ ପାଇବା ନିମନ୍ତେ ମାନ୍ୟବର ଅଦାଲତଙ୍କ ନିକଟରେ ଦରଖାସ୍ତ କରିଛନ୍ତି।
ଏଣୁ ଏଥିରେ ପକ୍ଷଭୁକ୍ତ ଥିବା ବ୍ୟକ୍ତି କିମ୍ବା ପକ୍ଷହୋଇ ନ ଥିବା ବ୍ୟକ୍ତିମାନଙ୍କର ଯଦି କିଛି ଦାବି ଆପତ୍ତି ଥାଏ, ତେବେ ସେମାନେ ତା୦୯।୦୮।୨୧ରିଖ ସମୟ ୧୦.୩୦ରେ ଉକ୍ତ ଅଦାଲତରେ ସ୍ୱୟଂ କିମ୍ବା ତାଙ୍କର ଓକିଲ ଜରିଆରେ ହାଜର ହୋଇ ତାଙ୍କର ଦାବି ଆପତ୍ତି ଦାଖଲ କରିବେ, ନଚେତ୍ ସେମାନଙ୍କ ଅନୁପସ୍ଥିତିରେ ଉକ୍ତ ମୋକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ।
ଅଦ୍ୟ ତା୦୬।୦୭।୨୧ରିଖରେ ଆମ୍ଭର ହସ୍ତାକ୍ଷର ସହ ଅଦାଲତର ମୋହର ଯୁକ୍ତ କରାଗଲା।
ସ୍ୱା- ସୁବାସ ଚନ୍ଦ୍ର ଧଳ
ସିଭିଲ୍ ଜଜ୍ (ସିନିୟର ଡିଭିଜନ)
ଢେଙ୍କାନାଳ
ଧ-୭୦୩୩୬


**ପାରିବାରିକ ବିବାଦ ମାମଲା**

# ହାଇକୋର୍ଟରେ ଅନୁଭବଙ୍କ ରିଟ୍ ପିଟିଶନ ଦାଖଲ

**କଟକ ଅଫିସ, ୨୦।୭:** ପାରିବାରିକ ବିବାଦ ମାମଲାରେ କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତିଙ୍କ ପକ୍ଷରୁ ମଙ୍ଗଳବାର ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ କରାଯାଇଛି। କଟକ ପରିବାର ଅଦାଲତରେ ଚାଲିଥିବା ଉକ୍ତ ମାମଲାର ଶୁଣାଣି ୬ମାସ ମଧ୍ୟରେ କରିବାକୁ ସେ ନିବେଦନ କରିଥିବା ତାଙ୍କ ଓକିଲ ଆଲୋକ ମହାପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ କଟକ ପରିବାର ଅଦାଲତଙ୍କ ମଧ୍ୟସ୍ଥତା କେନ୍ଦ୍ରରେ ଅନୁଭବ ଓ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ କାଉନସେଲିଂ କରାଯାଇଥିଲା। କିନ୍ତୁ ବୁଝାମଣା ପ୍ରକ୍ରିୟା ବିଫଳ ହୋଇଥିଲା। ଜିଲା ପରିବାର ଅଦାଲତରେ ମାମଲା ଚାଲୁରହିଛି।

# କୋଟିପତି କଲେଜ ଅଧ୍ୟକ୍ଷଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ଝାରସୁଗୁଡ଼ା ଅଫିସ,୨୦।୭**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗ ମଙ୍ଗଳବାର କଳାହାଣ୍ଡି ଜିଲା ଭବାନୀପାଟଣା ସରକାରୀ ପଲିଟେକ୍‌ନିକ କଲେଜ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ସୂର୍ଯ୍ୟ ନାରାୟଣ ରାୟଙ୍କ ଘରେ ଚଢ଼ାଉ କରିଛି। ଭିଜିଲାନ୍ସ ଟିମ୍ ଏକ ସମୟରେ ଝାରସୁଗୁଡ଼ାର ୨ଟି ସ୍ଥାନ, ଭବାନୀପାଟଣା କଲେଜ କାର୍ଯ୍ୟାଳୟ, ପୈତୃକ ଘର କେନ୍ଦ୍ରାପଡ଼ା ଜିଲା ନିଆଳି ଥାନାର ଉଜଙ୍ଗ, ସୁନ୍ଦରଗଡ଼ରେ ସ୍ତ୍ରୀଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱରରେ ଥିବା ତାଙ୍କର ଫ୍ଲାଟ ଆଦି ୬ ସ୍ଥାନରେ ଚଢ଼ାଉ ଜାରି ରଖିଛି।

ପୂର୍ବରୁ ଅଧ୍ୟକ୍ଷ ରାୟ ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ୍‌ରେ ମେକାନିକାଲ୍ ଅଧ୍ୟାପକ ଭାବେ କାମ କରୁଥିଲେ। ଗତ ଏପ୍ରିଲରେ ସେ ଏଠାରୁ ବଦଳି ହୋଇ ଭବାନୀପାଟଣା ସରକାରୀ ପଲିଟେକ୍‌ନିକ କଲେଜରେ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ତାଙ୍କ ସ୍ତ୍ରୀ ସୁଚିସ୍ମିତା ପାଠୀ ପୂର୍ବରୁ ଝାରସୁଗୁଡ଼ାରେ କ୍ଷୁଦ୍ର ଜଳସେଚନ (ଏମ୍‌ଆଇ) ବିଭାଗରେ ଆସିଷ୍ଟାଣ୍ଟ ଇଞ୍ଜିନିୟର ରହିଥିଲେ। ଏବେ ସେ ସୁନ୍ଦରଗଡ଼ରେ ଏମ୍‌ଆଇ ଆସିଷ୍ଟାଣ୍ଟ ଇଞ୍ଜିନିୟର ଭାବେ କାର୍ଯ୍ୟରତ। ଉଭୟ ଝାରସୁଗୁଡ଼ାରେ ଥିବାବେଳେ ୨କୋଠା ନିର୍ମାଣ କରି ବସବାସ କରୁଛନ୍ତି। ଭିଜିଲାନ୍ସ ବିଭାଗର ତଦନ୍ତ ପରେ ଜଣାପଡିଛି, ଝାରସୁଗୁଡ଼ା ୟୁନିଟ୍‌ରେ ୩ଟି ଦୁଇମହଲା ବିଶିଷ୍ଟ ଘର, ୭ ପ୍ଲଟ୍, ବ୍ୟାଙ୍କ ଓ ପୋଷ୍ଟ ଅଫିସରେ ୭୦ଲକ୍ଷ ଟଙ୍କାର ଜମା, ନଗଦ ୩୦ହଜାର ଟଙ୍କା, ୧ଲକ୍ଷ ୨୦ହଜାର ଟଙ୍କାର ଅଳଙ୍କାର, ଗୋଟିଏ ମାରୁତି କାର୍ ରହିଛି। ସମୁଦାୟ ସମ୍ପତ୍ତିର ମୂଲ୍ୟ ୨କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଭିଜିଲାନ୍ସ ବିଭାଗ ତରଫରୁ କୁହାଯାଇଛି। ରାଉରକେଲା ଭିଜିଲାନ୍ସ ଏସ୍‌ପି ସାରା ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଝାରସୁଗୁଡ଼ା, ରାଉରକେଲା, ଦେବଗଡ଼ ଓ ସୁନ୍ଦରଗଡ଼ ଭିଜିଲାନ୍ସ ବିଭାଗର ଅଧିକାରୀଙ୍କୁ ନେଇ ୬ଟି ଟିମ୍ କରାଯାଇଛି। ଡିଏସ୍‌ପି ବୀରେନ୍ଦ୍ର କୁମାର ନାୟକ ଏହାର ନେତୃତ୍ୱ ନେଇଛନ୍ତି। ଏଥିରେ ସୁନ୍ଦରଗଡ଼ ଡିଏସ୍‌ପି ସୁଧାଂଶୁ ଶେଖର ପୂଜାରୀ, ଝାରସୁଗୁଡ଼ା ଡିଏସ୍‌ପି ପ୍ରଦୀପ କୁମାର ଆଇନ୍ଦ, ଦେବଗଡ଼ ଡିଏସ୍‌ପି ଜଗଦୀଶ ପ୍ରସାଦ ପଟେଲ, ରାଉରକେଲା ଡିଏସ୍‌ପି କାଦମ୍ବିନୀ ସାମଲ, ଇନ୍ସପେକ୍ଟର ରଶ୍ମିତା ଲାକ୍ରା, ଅଭୟ ପ୍ରଧାନ, ସୁଧୀର ସାହୁ ପ୍ରମୁଖ ସାମିଲ ହୋଇଛନ୍ତି।


ଅଧ୍ୟକ୍ଷ ରାୟଙ୍କ ଝାରସୁଗୁଡ଼ାସ୍ଥିତ ବାସଭବନରେ ଭିଜିଲାନ୍ସ ବିଭାଗ ଅଧିକାରୀ କାଗଜପତ୍ର ଯାଞ୍ଚ କରୁଛନ୍ତି।

# ୨ ଲକ୍ଷ ଟଙ୍କାର ନକଲି ଜର୍ଦ୍ଦା ଜବତ: ୩ ଗିରଫ

**ଚଣ୍ଡିଖୋଲ,୨୦।୭(ଡି.ଏନ.ଏ.)**

ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିଖୋଲ ଛକରୁ ମଙ୍ଗଳବାର ଚଣ୍ଡିଖୋଲ ଫାଣ୍ଡି ପୋଲିସ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ଜର୍ଦ୍ଦା ଓ ୩ଟି ବାଇକ୍ ଜବତ କରିଛି। ଏହି ଜର୍ଦ୍ଦା ଭଦ୍ରକ ଅଞ୍ଚଳରୁ ଆସି ଏଠାରେ ବିକ୍ରି ହେଉଥିଲା। ଭଦ୍ରକ ଅଞ୍ଚଳର ୩ଜଣ ଯୁବକ ୩ଟି ବାଇକ୍‌ରେ ନକଲି ଜର୍ଦ୍ଦା ବୋଝେଇ କରି ଆସୁଥିବା ସମୟରେ ଚଣ୍ଡିଖୋଲ ଛକରେ ପୋଲିସ ସେମାନଙ୍କୁ ଅଟକାଇ ତନଖି କରିଥିଲା। ତନଖିବେଳେ ଜର୍ଦ୍ଦାଗୁଡ଼ିକ ନକଲି ବୋଲି ଜଣା ପଡ଼ିଥିଲା। ଫାଣ୍ଡିଅଧିକାରୀ ଚିତ୍ତରଞ୍ଜନ ଜେନା ସେମାନଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ସେମାନେ ନକଲି ଜର୍ଦ୍ଦା ବେପାର କରୁଥିବା ସ୍ୱୀକାର କରିଥିଲେ। ଏନେଇ ପୋଲିସ ଏକ ମାମଲା ନଂ.୧୯୬/୨୧ ରୁଜୁ କରିବା ସହ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଭଦ୍ରକ ଜିଲା ପୁରୁଣା ବଜାର ଅନ୍ତର୍ଗତ ହେଲାସାହି ବାସିନ୍ଦା ସେକ୍ ରବାନି (୩୦), ଜାଫର ଖାଁ(୨୩) ଓ ମରଦ ଖାଁ(୨୫)। ଜବତ ଜର୍ଦ୍ଦାର ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ କହିଛି। ଏହି ଜର୍ଦ୍ଦାଗୁଡିକ ବିଭିନ୍ନ କମ୍ପାନୀର ହଲୋଗ୍ରାମ ଥିବା ପ୍ୟାକେଟ ଭିତରେ ଯାଉଥିଲା।


ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

**ପ୍ରଥମ ପୃଷ୍ଠାରୁ...**

## ବାହୁଡ଼ିଲେ ମହାପ୍ରଭୁ...

ପରେ ମଙ୍ଗଳାର୍ପଣ ନୀତିସମ୍ପାଦନ କରାଯାଇ ସକାଳ ୭ଟା ୪୦ରେ ପହଣ୍ଡି ଆରମ୍ଭ କରାଯାଇଥିଲା। ଧାଡ଼ି ପହଣ୍ଡି ବଡ଼ଠାକୁର, ମା ସୁଭଦ୍ରା ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥ ରଥକୁ ବିଜେ କରିଥିଲେ। ସକାଳ ୧୦ଟା ୨୦ରେ ବାହୁଡ଼ା ପହଣ୍ଡି ନୀତି ସମ୍ପୂର୍ଣ୍ଣ ହୋଇଥିଲା। ତାଳଧ୍ୱଜ ରଥ ୧୨ଟା ୨୦ରେ ଟଣା ଆରମ୍ଭ ହୋଇଥିଲା। ସେହିପରି ଦେବଦଳନ ରଥ ଟଣା ୧୨ଟା ୫୫ ଓ ନନ୍ଦିଘୋଷ ରଥଟଣା ୧ଟା ୨୦ରେ ଆରମ୍ଭ ହୋଇଥିଲା। ସିଂହଦ୍ୱାରରେ ତାଳଧ୍ୱଜ ରଥ ୩ଟା ୫୦ରେ, ଦେବଦଳନ ରଥ ୪ଟା ୨୦ରେ ଓ ନନ୍ଦିଘୋଷ ରଥ ୬ଟା ୧୦ରେ ପହଞ୍ଚିଥିଲା। ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ମହାପ୍ରଭୁ ଜଗନ୍ନାଥ ଶ୍ରୀମନ୍ଦିରକୁ ବାହୁଡ଼ିବାବେଳେ ରଥାରୂଢ଼ ହୋଇ ମାଉସୀ ମା'ଙ୍କ ଘର ପାଖରେ ଅଟକି ପୋଡ଼ ପିଠା ଖାଇଥିଲେ। ନନ୍ଦିଘୋଷ ରଥ ସିଂହଦ୍ୱାରରେ ପହଞ୍ଚିବା ଠିକ୍ ପୂର୍ବରୁ ମହାପ୍ରଭୁଙ୍କୁ ଦେଖି ମା ଲକ୍ଷ୍ମୀ ସିଂହଦ୍ୱାର ସମ୍ମୁଖକୁ ବାହାରି ଆସିଥିଲେ। ଦଉମହାପାତ୍ର ମହାପ୍ରଭୁ ଜଗନ୍ନାଥଙ୍କ ରଥ ନନ୍ଦିଘୋଷରୁ ଆଜ୍ଞାମାଳ ଆଣିବା ପରେ ମହାଲକ୍ଷ୍ମୀଙ୍କ ପାଖରେ ଏହାକୁ ଲାଗି କରାଯାଇଥିଲା। ଗଜପତି ମହାରାଜା ଦିବ୍ୟସିଂହ ଦେବ ଏହି ଲକ୍ଷ୍ମୀ-ନାରାୟଣ ଭେଟ ନୀତିକାନ୍ତି ସମ୍ପାଦନ କରିଥିଲେ। ସମସ୍ତ ରୋଷରାଗ ଭୁଲି ମହାପ୍ରଭୁଙ୍କୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ମହାଲକ୍ଷ୍ମୀ ନନ୍ଦିଘୋଷ ରଥ ଚାରିପାଖରେ ପରିକ୍ରମା କରି ମହାପ୍ରଭୁଙ୍କ ନିକଟରେ ସମର୍ପଣ ଜଣାଇଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷ୍ଣନ୍ କୁମାର କହିଛନ୍ତି, ବାହୁଡ଼ାଯାତ୍ରା ନୀତିକାନ୍ତି ସୁରୁଖୁରୁରେ ଶେଷ ହୋଇଛି। ପ୍ରାୟ ତନି ଘଣ୍ଟା ଆଗାରୁ ପହଣ୍ଡି ଆରମ୍ଭ ହୋଇଥିବା ହେତୁ ନିର୍ଦ୍ଧାରିତ ସମୟ ପୂର୍ବରୁ ନୀତିକାନ୍ତି ସମ୍ପାଦିତ ହୋଇପାରିଲା। ଏହାର ସବୁଠାରୁ ବଡ଼ ଶ୍ରେୟ ସେବାୟତଙ୍କୁ ଦିଆଯିବା ଉଚିତ୍। ସୋମବାର ପାଣିପାଗ ବିଭାଗର କହିବା ଅନୁଯାୟୀ ବାହୁଡ଼ାରେ ଟାଣଖରା ହେବାର ଥିଲା, ମାତ୍ର ମହାପ୍ରଭୁଙ୍କ ଲୀଳା ଅପାର। ପାଗ ମେଘୁଆ ହେବା ସହ ବର୍ଷା ହେଲା। ଅନ୍ୟପକ୍ଷରେ ମହାପ୍ରଭୁଙ୍କ ସୁନାବେଶ ନୀତିକାନ୍ତିକୁ ମଧ୍ୟ ଶୃଙ୍ଖଳିତ ଭାବେ ପରିଚାଳିତ ହେବା ନେଇ ଆଶାପ୍ରକଟ କରିଛନ୍ତି। ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ବ୍ୟାପକ ପ୍ରସ୍ତୁତି ହୋଇଥିଲା। ଏନେଇ ପୋଲିସ ମହାନିର୍ଦ୍ଦେଶକ ଅଭୟ କହିଛନ୍ତି, ପବିତ୍ର ବାହୁଡ଼ା ଯାତ୍ରା ନୀତି ସୁଚାରୁରୂପେ ପରିଚାଳିତ ହୋଇଛି। ପୁରୀ ସହରବାସୀଙ୍କ ସହଯୋଗ ଯୋଗୁଁ ନୀତିକାନ୍ତି ସମୟରେ ଶେଷ ହୋଇପାରିଛି। ସୁନାବେଶ ପାଇଁ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ସାଧାରଣ ଲୋକେ ସିଧାପ୍ରସାରଣ ମାଧ୍ୟମରେ ଦର୍ଶନ କରନ୍ତୁ ବୋଲି ସେ ନିବେଦନ କରିଛନ୍ତି।

## 'ପେଗାସସ୍ ଭାଙ୍ଗିଥିଲା...

ଏଥିରୁ ମିଳିଥିବା ସୂଚନା ଆଧାରରେ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)-କଂଗ୍ରେସ ମେଣ୍ଟ ସରକାରର ପତନ ଘଟାଇବାରେ ଭାଜପା ସକ୍ଷମ ହୋଇଥିଲା। ଏହା ପରେ ଭାଜପା ନେତା ବି.ଏସ୍. ୟେଦୁରପ୍ପା ପୁନର୍ବାର ସରକାର ଗଢ଼ି ମୁଖ୍ୟମନ୍ତ୍ରୀ ହୋଇପାରିଥିଲେ। ନ୍ୟୁଜ୍ ୱେବ୍‌ସାଇଟ୍ 'ଦି ୱେର୍' ପକ୍ଷରୁ ମଙ୍ଗଳବାର ଏନେଇ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ଜାତୀୟ ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି। ୨ ବର୍ଷ ତଳେ କର୍ଣ୍ଣାଟକରେ କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ ମିଳିତ ସରକାରର ପତନ ଘଟିବାବେଳେ ତାଙ୍କ ସହ ଜଡ଼ିତ ବ୍ୟକ୍ତିମାନଙ୍କ ଫୋନ୍‌ଗୁଡ଼ିକୁ ପେଗାସସ୍ ଜରିଆରେ ହ୍ୟାକ୍ କରାଯାଇଥାଇପାରେ ବୋଲି 'ଦି ୱେର' ଦାବି କରିଛି। ରିପୋର୍ଟରେ ଦାବି କରାଯାଇଛି ଯେ, ଯେତେବେଳେ କୁମାରସ୍ୱାମୀ ସଙ୍କଟରେ ଥିବା ନିଜ ସରକାର ବଞ୍ଚାଇବାକୁ ପ୍ରାଣପଣେ ଉଦ୍ୟମ କରୁଥିଲେ ସେତେବେଳେ କର୍ଣ୍ଣାଟକର କେତେଜଣ ରାଜନୈତିକ ପକ୍ଷଙ୍କ ଫୋନ୍ ନମ୍ବରକୁ ହ୍ୟାକିଂ ପାଇଁ ଚୟନ କରାଯାଇଥିଲା। ଶାସକ ଜେଡିଏସ୍-କଂଗ୍ରେସ ମେଣ୍ଟର ୧୭ ବିଦ୍ରୋହୀ ବିଧାୟକ ଇସ୍ତଫା ଦେବା ଫଳରେ କୁମାରସ୍ୱାମୀ ଆସ୍ଥାଭୋଟର ସମ୍ମୁଖୀନ ହେବାକୁ ବାଧ୍ୟ ହୋଇଥିଲେ। ସଂଖ୍ୟାଗରିଷ୍ଠତା ନ ଥିବାରୁ କୁମାରସ୍ୱାମୀଙ୍କ ସରକାର ଭୁଶୁଡ଼ିପଡ଼ିଥିଲା। ବିଧାୟକମାନଙ୍କୁ ମୁମ୍ବାଇର ଏକ ହୋଟେଲରେ ଅନେକ ଦିନ ଧରି ରଖାଯାଇଥିଲା। କଂଗ୍ରେସ ନେତା ଡି.କେ. ଶିବକୁମାର ସେମାନଙ୍କୁ ଭେଟିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଏଥିରେ ସେ ବିଫଳ ହୋଇଥିଲେ। ଶେଷରେ ବିଧାୟକମାନେ ଇସ୍ତଫା ଦେବା ପରେ ବାଚସ୍ପତି ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ୟେଦୁରପ୍ପା କ୍ଷମତାକୁ ଆସିବା ପରେ ସେହି ବିଧାୟକମାନେ ଭାଜପାରେ ଯୋଗଦେଇଥିଲେ। ସେମାନେ ଭାଜପା ଟିକେଟରେ ଉପନିର୍ବାଚନ ଲଢ଼ି ଜିତିଥିଲେ। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଭାଜପା ସରକାରରେ ମନ୍ତ୍ରୀ ପଦ ମିଳିଛି। ଫ୍ରାନ୍ସର 'ଫରବିଡେନ୍ ଷ୍ଟୋରିଜ୍' ନାମକ ଏକ ଗଣମାଧ୍ୟମ ସଂସ୍ଥା ହାତରେ ଲାଗିଥିବା ଡାଟାବେସ୍‌ରୁ ଏହି ନମ୍ବରଗୁଡ଼ିକ ପ୍ରଘଟ ହୋଇଛି। ଏହାକୁ ୱାଶିଂଟନ ପୋଷ୍ଟ ଏବଂ ଗାର୍ଡିଆନ୍ ଭଳି କେତେକ ଗଣମାଧ୍ୟମ ସଂସ୍ଥା ସାମିଲ ଥିବା 'ପେଗାସସ୍ ପ୍ରୋଜେକ୍ଟ' ସହ ଶେୟାର କରାଯାଇଛି। ତେବେ ସେମାନଙ୍କ ଫୋନ୍ ହ୍ୟାକ୍ କରାଯାଇଥିବା ନେଇ ଉକ୍ତ ରିପୋର୍ଟରେ କିଛି ପ୍ରମାଣ ଦିଆଯାଇନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ନୀଚସ୍ଥ ଓ ଅଷ୍ଟମସ୍ଥ ଚନ୍ଦ୍ର ହେତୁ ପାରିବାରିକ ବିଶୃଙ୍ଖଳାକୁ କେନ୍ଦ୍ରକରି ମନ ଭଲ ରହିବ ନାହିଁ। ଅନ୍ୟମନସ୍କ ଓ ଭୁଲ୍ ବୁଝାମଣା ଯୋଗୁ ପରିବାର ସଦସ୍ୟଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ କିନ୍ତୁ କିଛିଟା ପ୍ରତିରୋଧର ସାମ୍ନା କରିବାକୁ ପଡ଼ିବ। ବ୍ୟବସାୟିକ ଦିଗଟି ବେଶ୍ ଭଲ ରହିବ।

**ବୃଷ**
ନୀଚାରୋହୀ ଶୁକ୍ରଙ୍କ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ କୌଣସି ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି। ମୂଲ୍ୟବାନ ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ନିଜର ପ୍ରାଧାନ୍ୟତା ହରାଇ ପାରନ୍ତି।

**ମିଥୁନ**
ରାଶିରେ ସ୍ୱଗୃହୀ ବୁଧ ହେତୁ ନିଜକୁ ନିୟନ୍ତ୍ରଣରେ ନ ରଖିଲେ ପ୍ରତ୍ୟେକ କାମରେ କିଛିନା କିଛି ବ୍ୟତିକ୍ରମ ଦେଖାଦେବ। ବିବାଦୀୟ ପରିସ୍ଥିତି ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଫାଇଦା ହାସଲ ପାଇଁ ସମ୍ପର୍କୀୟମାନେ ଫନ୍ଦିଫିକର କରିପାରନ୍ତି। ବନ୍ଧୁଙ୍କ ପ୍ରାୟୋଜିତ କୌଣସି ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବେ।

**କର୍କଟ**
ଏକାଦଶରେ ରାହୁ ଓ କୋଣଭାବସ୍ଥ ଚନ୍ଦ୍ର ହେତୁ ଆଜି ପାଇବେ ଯେତିକି ତାହାଠାରୁ ଅଧିକ କିଛି ହରାଇବାକୁ ପଡ଼ିପାରେ। କଠୋର ପରିଶ୍ରମଜନିତ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯିବ। ଆଜିର ସକାଳୁଆ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ ଓ ଆଇନ କ୍ଷେତ୍ର ପୂର୍ବବତ୍ ରହିବ।

**ସିଂହ**
କଣାକୁଜା ଯୋଗ ପ୍ରଭାବରେ ଉନ୍ନତ ଚିନ୍ତା ସଙ୍ଗକୁ ସୁଚିନ୍ତିତ ଯୋଜନା କାର୍ଯ୍ୟକାରୀ ଲାଗି ତତ୍ପର ହେବେ। ଉଦ୍ଦେଶ୍ୟ ପ୍ରଣୋଦିତ ବନ୍ଧୁମାନଙ୍କର ଛଳନାପୂର୍ଣ୍ଣ କଥାକୁ ବୁଝି ପାରିବେନି। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇଲେ ମଧ୍ୟ ଆବଶ୍ୟକତା ଅପୂରଣ ରହିବ ନାହିଁ। ଉପରିସ୍ଥଙ୍କ ଆଦେଶାନୁସାରେ ଦୂରଯାତ୍ରା କରିବାକୁ ପଡ଼ିପାରେ।

**କନ୍ୟା**
ଷଷ୍ଠସ୍ଥାନରେ ବୃହସ୍ପତି ରହିଥିବାରୁ ଆଜିର ପ୍ରତ୍ୟୁଷ ଯାତ୍ରାରେ ପ୍ରତିବନ୍ଧକ ଦେଖାଦେଇପାରେ। ଭାଇଙ୍କ ସମସ୍ୟାର ସମାଧାନ ପାଇଁ ଚିନ୍ତାଜନକ ସ୍ଥିତି ଉପୁଜିବ। ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ପ୍ରଶାସନିକ ସ୍ତରରେ ସମସ୍ୟାର ଅନ୍ତ ଘଟାଇବାରେ ସଫଳ ହେବେ। ବନ୍ଧୁଙ୍କ ସହାୟତାରେ ଅର୍ଥସଂକଟ ଦୂର କରି ପାରିବେ।

**ତୁଳା**
ଆଜି ଚନ୍ଦ୍ର ସହ କେତୁ ଯୁକ୍ତ ହେତୁ ଆପଣଙ୍କ ସକାଶେ କୌଣସି କାମ ଅସାଧ୍ୟ ରହିବ ନାହିଁ। କର୍ମକ୍ଷେତ୍ରରେ କାର୍ଯ୍ୟଦକ୍ଷତା ଓ ସଚ୍ଚୋଟତା କାରଣରୁ ନିଜ ପରିସରରେ ପ୍ରତିଷ୍ଠିତ ହେବେ। ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବେ। ନିକଟରେ ରହୁଥିବା ବ୍ୟକ୍ତିମାନେ ଶତ୍ରୁତା ଆଚରଣ କରିପାରନ୍ତି।

**ବିଛା**
ଭାଗ୍ୟାଧିପତିଙ୍କ ଦୁର୍ବଳତା କାରଣରୁ ମନକୁ ପାଇଲା ଭଳି କାମ ନ ହେଉଥିବାରୁ ଅସନ୍ତୋଷ ବ୍ୟକ୍ତ କରିପାରନ୍ତି। ଆକସ୍ମିକ ସମସ୍ୟା କାରଣରୁ ଚେଷ୍ଟା କରୁଥିବା କାର୍ଯ୍ୟରେ ଗତି ମନ୍ଥର ହେବ। ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ସଭାସମିତି, ପ୍ରଶାସନ, ପ୍ରକାଶନ, ଆଇନ ଓ ଅଦାଲତ କ୍ଷେତ୍ରରେ ଆଶ୍ୱସ୍ତି ଲାଭ କରିବେ।

**ଧନୁ**
ଶନିଙ୍କ ବଳବାନତ୍ୱ ହେତୁ ଆପଣ ଅଧୈର୍ଯ୍ୟ ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ଉପକୃତ ହେବେ। ପୂର୍ବରାଗ ଶୁଝିବାକୁ ଯାଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଆଲୋଚନା କାଳରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମକର**
କର୍ମାଧୀପ ନୀଚସ୍ଥ ଯୋଗୁ ଯେତେ ଉପାୟ ଅବଲମ୍ବନ କଲେ ସୁଦ୍ଧା କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କମିବ ନାହିଁ। ପାରିବାରିକ ସମସ୍ୟାର ସମାଧାନ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ବନ୍ଧୁଙ୍କ ଆଚରଣ ସନ୍ଦେହ ସୃଷ୍ଟି କରିପାରେ। ଗୃହସୀମା, ନିର୍ମାଣ, ଜମିଜମା କାରବାରରେ ସମସ୍ୟାମୁକ୍ତ ରହିବେ।

**କୁମ୍ଭ**
ଶୁକ୍ରଙ୍କ ଦୁର୍ବଳତା କାରଣରୁ ପାରିବାରିକ କ୍ଷେତ୍ର ବିବାଦ ବହୁଳ ହେବାର ସୂଚନା ରହିଛି। ବିଭିନ୍ନ ପୁରାତନ ସମସ୍ୟାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ଯୋଗାଯୋଗ କଲେ ଉପକୃତ ହେବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ତର୍କର ସମ୍ଭାବନା ରହିଛି।

**ମୀନ**
କର୍ମକ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେଲେ ମଧ୍ୟ ଚେଷ୍ଟା ଅବ୍ୟାହତ ରଖିବା ଭଲ। ଅଂଶୀଦାର ବ୍ୟବସାୟୀଙ୍କ ସହ ତର୍କ, ବିତର୍କ ଦେଖା ଦେଇପାରେ। ପରିବାରର ଆବଶ୍ୟକତା ଉପଲବ୍ଧି କରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଆଜି ବନ୍ଧୁ ପରିଜନ ସହ ଭ୍ରମଣ ସଙ୍ଗକୁ କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ଆଷାଢ଼ ଶୁକ୍ଳ ଦ୍ୱାଦଶୀ ବୁଧବାର, ରଥ ଉପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସୁନାବେଶ (ବଡତଡାଉ ବେଶ), ଗରୁଡ଼ଶୟନ ଦ୍ୱାଦଶୀ, ଜୁଲାଇ ୨୧ ତାରିଖ, ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, କର୍କଟ ରାଶିର ଘାତବାର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ. ୦୫.୨୨ମି. ଗତେ ଘ.୦୭.୦୬ମି. ମଧ୍ୟେ, ଘ.୦୯.୪୨ମି. ଗତେ ଘ.୧୧.୨୬ମି. ମଧ୍ୟେ, ଘ.୦୩.୪୭ମି. ଗତେ ଘ.୦୫.୩୧ମି. ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୨.୦୩ମି. ଗତେ ଘ.୦୩.୪୭ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୧.୫୩ମି. ଗତେ ଘ. ୦୧.୩୦ମି. ମଧ୍ୟେ ରାହୁକାଳ।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୯,୧୯,୯୪,୪୩୫ | ୪୧,୧୬,୪୪୪ | ୧୭,୪୭,୪୬,୮୪୭ |
| ଭାରତ | ୩,୧୨,୦୯,୯୧୪ | ୪,୧୪,୬୫୭ | ୩,୦୩,୭୪,୫୦୮ |
| ଓଡ଼ିଶା | ୯,୫୮,୦୫୯ | ୫୧୭୨(+୫୩) | ୯,୩୫,୦୦୭ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




# ଖୁବ୍‌ଶୀଘ୍ର ଖୋଲିବ ଉଚ୍ଚ ଶିକ୍ଷାନୁଷ୍ଠାନ

**ଦୁଇଦିନ ଭିତରେ ବସିବ ବୈଠକ**

ଭୁବନେଶ୍ୱର, ୨୦।୭(ବ୍ୟୁରୋ)

କରୋନା କଟକଣା ମଧ୍ୟରେ ରାଜ୍ୟରେ ଆସନ୍ତା ୨୬ ତାରିଖରୁ ସ୍କୁଲ ଖୋଲିବ। ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ବିଦ୍ୟାଳୟ ଖୋଲିବାକୁ ସରକାର ନିଷ୍ପତ୍ତି ନେଇସାରିଥିବାବେଳେ ଏବେ ଉଚ୍ଚଶିକ୍ଷା ବିଭାଗ ଏବଂ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ପ୍ରସ୍ତୁତ ହେଉଛି। ଖୁବ୍‌ଶୀଘ୍ର ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି, ରାଜ୍ୟରେ ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକୁ ପୁନଃ ଖୋଲିବା ପାଇଁ ଦୁଇଦିନ ମଧ୍ୟରେ ଏକ ବୈଠକ ହେବ। ଷ୍ଟେକ୍‌ହୋଲ୍ଡରଙ୍କ ସହିତ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ଦ୍ୱାରା ମଧ୍ୟ ଏକ ବୈଠକ ଡକାଯିବ ବୋଲି ମନ୍ତ୍ରୀ ସାହୁ କହିଛନ୍ତି। ସୂଚନାଯୋଗ୍ୟ, କରୋନା ପାଇଁ ଗତବର୍ଷ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିଥିଲା। ଗତ ଜାନୁୟାରୀ ୧୧ରେ ଖୋଲିଥିଲେ ମଧ୍ୟ ଦ୍ୱିତୀୟ ଲହରର ପ୍ରକୋପ ଯୋଗୁ ପୁଣି ବନ୍ଦ ହୋଇଥିଲା। ଏବେ ସ୍କୁଲ ଖୋଲିବାକୁ ଯାଉଥିବାବେଳେ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବା ନେଇ ସରକାର ତୁରନ୍ତ ନିଷ୍ପତ୍ତି ନିଅନ୍ତୁ ବୋଲି ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ଦାବି କରାଯାଇଥିଲା।

## ଓଡ଼ିଆ ପୁଅ ବିନୟ ତାଞ୍ଜାନିଆରେ ଭାରତର ଉଚ୍ଚାୟୁକ୍ତ

ନୂଆଦିଲ୍ଲୀ,୨୦।୭

ଓଡ଼ିଆ ପୁଅ ବିନୟ ଶ୍ରୀକାନ୍ତ ପ୍ରଧାନ ତାଞ୍ଜାନିଆରେ ଭାରତର ଉଚ୍ଚାୟୁକ୍ତ ନିଯୁକ୍ତ ହୋଇଛନ୍ତି। ଏ ନେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ବିନୟ ଏବେ ମସ୍କୋରେ ଭାରତ ଦୂତାବାସରେ ଡେପୁଟି ଚିଫ୍ ଅଫ୍ ମିଶନ ରହିଛନ୍ତି।


ବିନୟ ଶ୍ରୀକାନ୍ତ ପ୍ରଧାନ

ସେ ୨୦୦୨ରେ ଭାରତୀୟ ବୈଦେଶିକ ସେବାରେ ଯୋଗ ଦେଇଥିଲେ। କୂଟନୀତିଜ୍ଞ ଭାବେ ବିନୟ ମସ୍କୋ ସମେତ ତୁର୍କମେନିସ୍ତାନ ଏବଂ ପାକିସ୍ତାନରେ ଭାରତ ଦୂତାବାସରେ ରହି ନିଜ ଦାୟିତ୍ୱ ତୁଲାଇଛନ୍ତି। ୨୦୦୪-୨୦୧୨ ମଧ୍ୟରେ ସେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟରେ ରହି ନୂଆଦିଲ୍ଲୀରୁ ଆଫଗାନିସ୍ତାନ ଓ ଇରାନ ମଧ୍ୟରେ ଭାରତର ସମ୍ପର୍କକୁ ମଜଭୁତ କରିବା ପାଇଁ କାମ କରିଥିଲେ। ୨୦୧୯ ଜୁନ୍ ୩ରେ ବିନୟ ମସ୍କୋରେ ଭାରତ ଦୂତାବାସରେ ଡେପୁଟି ଚିଫ୍ ଅଫ୍ ମିଶନ ଭାବେ ଯୋଗ ଦେଇଥିଲେ।

# ଏସ୍‌ସିବିକୁ ଆସିଲା ଏକ୍‌ମୋ ମେଶିନ

**ଅଗଷ୍ଟ ୧୫ରୁ ଏକ୍‌ମୋ ସେବା**

ଭୁବନେଶ୍ୱର, ୨୦।୭(ବ୍ୟୁରୋ)

କଟକ ଏସ୍‌ସିବି ମେଡିକାଲରେ ସ୍ଥାପନ ହେବ ୯ଟି ଏକ୍‌ମୋ ମେଶିନ। ସୋମବାର ଗୋଟିଏ ଏକ୍‌ମୋ ମେଶିନ ପହଞ୍ଚିଥିବାବେଳେ ବାକିସବୁ ଜୁଲାଇ ଶେଷ ସୁଦ୍ଧା ଆସିବ ବୋଲି ମଙ୍ଗଳବାର ଡିଏମ୍‌ଇଟି ସିବିକେ ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଅଗଷ୍ଟ ୧୫ରେ ଏକ୍‌ମୋ ମେଶିନଗୁଡ଼ିକ ପୂରା କାର୍ଯ୍ୟକ୍ଷମ ହେବ। ଏହି ମେଶିନ ପରିଚାଳନା ପାଇଁ ଟ୍ରେନିଂ ଚାଲିଛି। ବିଶେଷଜ୍ଞଙ୍କୁ ନିଯୁକ୍ତି ମଧ୍ୟ ଦିଆଯିବ ବୋଲି ମହାନ୍ତି କହିଛନ୍ତି। ସୂଚନାଯୋଗ୍ୟ, କରୋନା ମହାମାରୀ ସମୟରେ ରାଜ୍ୟରେ ଏକ୍‌ମୋ ମେଶିନର ଅଭାବ ଦେଖିବାକୁ ମିଳିଥିଲା। ଏହି ସମୟରେ ଏକ୍‌ମୋ ଚିକିତ୍ସା ପାଇଁ ଅନେକ ଗୁରୁତର ରୋଗୀଙ୍କୁ ରାଜ୍ୟ ବାହାରକୁ ସ୍ଥାନାନ୍ତର କରାଯାଇଥିଲା। ଆଉ ଏହି ଘଟଣା ପରେ ରାଜ୍ୟରେ ଏକ୍‌ମୋ ମେଶିନ ବ୍ୟବସ୍ଥା କରୁଛନ୍ତି ରାଜ୍ୟ ସରକାର।

# ମୁହଁ ଖୋଲିଲେ ବିଦ୍ୟାଭାରତୀ

**ପାରଳାଖେମୁଣ୍ଡି ଏସିଏଫ୍ ମୃତ୍ୟୁ ଘଟଣା**

- ସୌମ୍ୟଙ୍କ ମୃତ୍ୟୁର ୮ ଦିନ ବିତିଲା
- ଅନ୍ୟ ଝିଅଙ୍କ ସହ ସୌମ୍ୟଙ୍କ ସମ୍ପର୍କ ଥିଲା: ବିଦ୍ୟା

କପ୍ତିପଦା/ଖଇରା,୨୦।୭(ଡି.ଏନ.ଏ.)

ଗଜପତି ଜିଲା ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣା ଏବେବି ରହସ୍ୟାବୃତ ହୋଇରହିଛି। ତଦନ୍ତ ଯେତିକି ଆଗୋଉଛି, ଦିନକୁ ଦିନ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ପାରଳାଖେମୁଣ୍ଡିରୁ ଆସିଥିବା ତଦନ୍ତକାରୀ ପୋଲିସ ଟିମ୍ ଦୁଇ ଦିନ ଧରି ମାରାଥନ ଜେରା ଚଳାଇଛନ୍ତି।

ସୋମବାର ସୌମ୍ୟଙ୍କ ମା', ବାପା ଓ ମାମୁ ଗଣମାଧ୍ୟମକୁ ଚାଞ୍ଚଲ୍ୟକର ବୟାନ ଦେଇଥିବା ବେଳେ ମଙ୍ଗଳବାର ସନ୍ଦେହଘେରରେ ଥିବା ସ୍ତ୍ରୀ ବିଦ୍ୟାଭାରତୀ ମୁହଁ ଖୋଲିଛନ୍ତି। ବିଦ୍ୟା କହିଛନ୍ତି, ସୌମ୍ୟ ଅନ୍ୟ ଝିଅଙ୍କ ସହ ସମ୍ପର୍କ ରଖିଥିଲେ। ବାରମ୍ବାର ଜଣେ ଝିଅ ତାଙ୍କ ଫୋନ୍‌କୁ କଲ୍ କରୁଥିଲେ। ମୁଁ ସେ ବିଷୟରେ ଜାଣିବାକୁ ଚାହିଁବାରୁ ସୌମ୍ୟ ମୋତେ କିଛି କହୁ ନ ଥିଲେ। ସବୁବେଳେ ଫୋନରେ ପାସ୍‌ୱାର୍ଡ ପକାଇ ରଖୁଥିଲେ। ତାଙ୍କ ଫୋନ୍‌ରୁ ସେ ଜଣେ ଝିଅକୁ ଆଇ ଲଭ୍ ୟୁ ମେସେଜ୍ ଦେଇଥିବା ମୁଁ ଦେଖିଛି। ବାହାଘରର ପ୍ରଥମ ୩ମାସ ସବୁ ଠିକ୍‌ଠାକ୍ ଚାଲିଥିଲା। କିନ୍ତୁ ଯେବେଠାରୁ ସେ ଝିଅର ଫୋନ କଲ୍ ଆସିଲା ସେହିଦିନଠାରୁ ଆମ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି ହେଲା ବୋଲି ବିଦ୍ୟା କହିଛନ୍ତି। ବଲାଙ୍ଗୀର ବ୍ୟାଚଲର ପାର୍ଟି ସମ୍ପର୍କରେ ଶାଶୁଘର ଲୋକେ ଯେଉଁ ଅଭିଯୋଗ କରିଛନ୍ତି ତାହାକୁ ବିଦ୍ୟା ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ତାହା ବ୍ୟାଚଲର ପାର୍ଟି ନ ଥିଲା। ବାହାଘର ଭୋଜି ଥିଲା। କରୋନା ସମୟରେ ଭୋଜି ହୋଇ ନ ଥିବାରୁ ସାଙ୍ଗମାନଙ୍କୁ ସେଠାରେ ଭୋଜି ଦିଆଯାଇଥିଲା। ଶାଶୁ ଘର ଲୋକେ ତାଙ୍କୁ ବହୁତ ଭଲ ପାଉଥିଲେ। ଯେମିତିକା ବୋହୂ ଚାହୁଁଥିଲେ ସେ ଭଳିଆ ବୋହୂ ପାଇଛନ୍ତି ବୋଲି ପୂର୍ବରୁ କହୁଥିବା ବିଦ୍ୟା କହିଛନ୍ତି। ତେବେ ତାଙ୍କ ଚରିତ୍ରକୁ ନେଇ ଶାଶୁ ଘର ଲୋକେ ଯେଉଁ ଅଭିଯୋଗ କରୁଛନ୍ତି ତାହା ଭିତ୍ତିହୀନ ବୋଲି ବିଦ୍ୟା କହିଛନ୍ତି। ଅପରପକ୍ଷରେ ସୌମ୍ୟଙ୍କ ଅନ୍ୟ ଝିଅଙ୍କ ସହ ସମ୍ପର୍କ ଥିବା ନେଇ ବିଦ୍ୟାଙ୍କ ଅଭିଯୋଗକୁ ତାଙ୍କ ଶାଶୁ ତୁଳସୀ ମହାପାତ୍ର ଖଣ୍ଡନ କରିଛନ୍ତି। ହତ୍ୟା ମାମଲାରୁ ଖସିଯିବା ପାଇଁ ବିଦ୍ୟା ଚାଲ୍ ଚଳାଇଥିବା ସେ କହିଛନ୍ତି। ଯଦି ଏକଥା ସତ ହୋଇଥାଏ ତେବେ ପୋଲିସ ପାଖରେ ଥିବା ମୋବାଇଲ ଯାଞ୍ଚ କଲେ ସବୁକିଛି ଜଣାପଡ଼ିବ। ବିବାହ ପୂର୍ବରୁ ଯଦି ଅନ୍ୟ ଝିଅଙ୍କ ସହ ସୌମ୍ୟର ସମ୍ପର୍କ ଥାଆନ୍ତା ତେବେ ସେ ଏ କଥା ଘରେ ଜଣାଇ ପାରିଥାନ୍ତା ବୋଲି ତୁଳସୀ କହିଛନ୍ତି। ମୃତ୍ୟୁ ପୂର୍ବ ରାତିରେ ଡିଏଫଓଙ୍କ କ୍ୱାର୍ଟର୍ସରେ


ବିଦ୍ୟାଭାରତୀ

ହତ୍ୟା ଷଡ଼ଯନ୍ତ୍ର କରାଯାଇଥିଲା ବୋଲି ତୁଳସୀ ଗଣମାଧ୍ୟମ ଆଗରେ କହିଛନ୍ତି।

ସୋମବାର ଆଇଆଇସି ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଏକ ୬ ଜଣିଆ ଟିମ୍ ସୌମ୍ୟଙ୍କ ନିଜ ଘର ବାଲେଶ୍ୱର ଜିଲା ଖଇରା ଓ ଶ୍ୱଶୁର ଘର ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅନ୍ତର୍ଗତ ଗୌଡ଼ଗାଁରେ ପହଞ୍ଚି ଉଭୟ ପରିବାରକୁ ଘଣ୍ଟା ଘଣ୍ଟା ଧରି ଜେରା କରିବା ସହ ସେମାନଙ୍କ ବୟାନ ରେକର୍ଡ କରିଥିଲେ। ମଙ୍ଗଳବାର ପୁଣି ଗୌଡ଼ଗାଁରେ ବିଦ୍ୟା ଓ ତାଙ୍କ ପରିବାର ଲୋକଙ୍କୁ ୪ ଘଣ୍ଟା କାଳ ଜେରା କରାଯାଇଥିଲା। ଏ ସମ୍ପର୍କରେ ତଦନ୍ତକାରୀ ଟିମ୍ ଗଣମାଧ୍ୟମକୁ କିଛି ସୂଚନା ଦେଇ ନ ଥିବା ବେଳେ ଆଗକୁ ଘଟଣା କି ମୋଡ଼ ନେଉଛି ତାହା ଦେଖିବାକୁ ବାକି ରହିଲା।

## ପାରଳାଖେମୁଣ୍ଡିରେ କ୍ରାଇମବ୍ରାଞ୍ଚ ଟିମ୍

କଟକ ଅଫିସ/ପାରଳାଖେମୁଣ୍ଡି (ଡି.ଏନ୍.ଏ.), ୨୦।୭

ପାରଳାଖେମୁଣ୍ଡି ସହକାରୀ ବନ ସଂରକ୍ଷକ(ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ଗଜପତି ଜିଲା ପୋଲିସକୁ ତଦନ୍ତରେ କ୍ରାଇମବ୍ରାଞ୍ଚ ସହଯୋଗ କରିବ। କ୍ରାଇମବ୍ରାଞ୍ଚର ଡିଏସ୍‌ପି ବିଜୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ୩ ଜଣିଆ ଟିମ୍ ମଙ୍ଗଳବାର ପାରଳାଖେମୁଣ୍ଡି ଯାଇଥିବା କ୍ରାଇମ୍‌ବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ଉକ୍ତ ଟିମ୍ ଏସ୍‌ପି ତପନ ପଟ୍ଟନାୟକଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ବର୍ତ୍ତମାନ ସୁଦ୍ଧା ପୋଲିସ ନିକଟରେ ରହିଥିବା ଦସ୍ତାବିଜ ଓ ପ୍ରମାଣକୁ ଆଧାର କରି ତଦନ୍ତ ଅଗ୍ରସର ହେବ, କିନ୍ତୁ ଅଧିକାରୀଙ୍କ ସହ ଆଲୋଚନା ପରେ ତଦନ୍ତର ଦିଗ ଜଣାପଡ଼ିବ ବୋଲି ଡିଏସ୍‌ପି କହିଛନ୍ତି। ସୋମବାର ସୌମ୍ୟରଞ୍ଜନଙ୍କ ବାପା ଅଭିରାମ ମହାପାତ୍ର ପୋଲିସ ଡିଜିଙ୍କୁ ଭେଟି ମାମଲାର ଠିକ୍‌ଭାବେ ତଦନ୍ତ କରିବାକୁ ଦାବି ଜଣାଇଥିଲେ। ପରେ ମାମଲାର ଗୁରୁତ୍ୱକୁ ବିଚାରକରି ଡିଜିଙ୍କ ନିର୍ଦ୍ଦେଶକ୍ରମେ ଏହି ଟିମ୍ ପାରଳାଖେମୁଣ୍ଡି ଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

# ରହିତାଦେଶ ଜାରି କଲେ ହାଇକୋର୍ଟ

**୨୦ରୁ କମ୍ ପିଲା ଥିବା ସ୍କୁଲ ମିଶ୍ରଣ ନିଷ୍ପତ୍ତି ରଦ୍ଦ ମାମଲା**

କଟକ ଅଫିସ, ୨୦।୭

୨୦ରୁ କମ୍ ପିଲା ଥିବା ସ୍କୁଲ ବନ୍ଦ କରି ପାଖ ବିଦ୍ୟାଳୟରେ ମିଶ୍ରଣ ଲାଗି ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଗତ ମେ' ୪ରେ ହାଇକୋର୍ଟଙ୍କ ଜଣିକିଆ ବିଚାରପତି ରଦ୍ଦ କରିଥିଲେ। ଏହାକୁ ଚ୍ୟାଲେଞ୍ଜକରି ହାଇକୋର୍ଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ରିଟ୍ ଅପିଲ କରାଯାଇଥିଲା। ଏହି ଅପିଲ ଉପରେ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କ ମିଳିତ ଖଣ୍ଡପୀଠ ମଙ୍ଗଳବାର ଶୁଣାଣିକରି ରହିତାଦେଶ ଜାରି କରିଛନ୍ତି। ରାଜ୍ୟ ସରକାର ୨୦୧୮ ମେ' ୧୪ରେ ସ୍କୁଲ ମିଶ୍ରଣ ପାଇଁ ଗାଇଡ୍‌ଲାଇନ ପ୍ରସ୍ତୁତ କରିଥିଲେ। ଏହି ଗାଇଡ୍‌ଲାଇନ ଆଧାରରେ ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୨୦ ମାର୍ଚ୍ଚ ୧୧ରେ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ୨୦ରୁ କମ୍ ପିଲା ଥିବା ସ୍କୁଲକୁ ବନ୍ଦ କରି ପାଖ ବିଦ୍ୟାଳୟରେ ମିଶ୍ରଣ କରାଯିବା ପାଇଁ ଏଥିରେ କୁହାଯାଇଥିଲା। ଯେଉଁ ପିଲାଙ୍କୁ ପଢିବା ପାଇଁ ଅଧିକ ବାଟ ଯିବାକୁ ପଡିବ, ସେମାନଙ୍କ ପାଇଁ ଷ୍ଟାଇପେଣ୍ଡ ବ୍ୟବସ୍ଥା କରାଯାଇଥିଲା। ଗଣଶିକ୍ଷା ବିଭାଗର ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜକରି ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଥିଲା। ଆବେଦନକାରୀ ଦର୍ଶାଇଥିଲେ, ଏହି ନିଷ୍ପତ୍ତି ଦ୍ୱାରା ଶିକ୍ଷା ଅଧିକାର କ୍ଷୁଣ୍ଣ ହେଉଛି। ବିଦ୍ୟାଳୟ ମିଶ୍ରଣ ପୂର୍ବରୁ ସ୍ଥାନୀୟ ଲୋକ ପ୍ରତିନିଧି ଓ ଅଭିଭାବକଙ୍କ ମତାମତ ନିଆଯାଇନାହିଁ। ତେଣୁ ଗଣଶିକ୍ଷା ବିଭାଗର ଏହି ନିଷ୍ପତ୍ତି ରଦ୍ଦ କରିବା ପାଇଁ ଆବେଦନକାରୀ ନିବେଦନ କରିଥିଲେ। ଗତ ମେ' ୪ରେ ଆବେଦନକାରୀଙ୍କ ଆବେଦନର ଶୁଣାଣି କରି ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ହାଇକୋର୍ଟ ରଦ୍ଦ କରିଥିଲେ।

**AIRPORT ODISHA**
Required male / female (8th to graduate) for Air hostess Ground Staff, I.T.I Diploma Eng, Ex-man, Computer Operator, Data Entry, Air Ticketing & Driver.
Salary-28K to 85K. Send C.V: interglobe62@gmail.com, Ph-9711809424, 7052138505

**WANTED**
LADY OFFICE ASSISTANT, CUTTACK
Free Accommodation.
10,000/-
8249851363
7809525452

**NATIONAL BANK FOR AGRICULTURE AND RURAL DEVELOPMENT**
NABARD
Direct Recruitment of Officers in Grade 'A' / 'B' – 2021
NABARD, an all India Apex Organization, wholly owned by Government of India, invites ONLY online applications from Indian citizens having necessary qualification for appointment in NABARD for the following posts:

| Sr. No. | Post | Vacancies | Online Application Registration |
|---|---|---|---|
| 1 | Assistant Manager in Grade 'A' (Rural Development Banking Service) | 148 | 17-07-2021 to 07-08-2021 |
| 2 | Assistant Manager in Grade 'A' (Rajbhasha Service) | 05 | |
| 3 | Assistant Manager in Grade 'A' (Protocol & Security Service) | 02 | |
| 4 | Manager in Grade 'B' (Rural Development Banking Service) | 07 | |

For all details related to vacancies, educational qualification, age, application fee, selection procedure, etc., please visit https://www.nabard.org
Chief General Manager
HRMD
15-07-2021
गाँव बढ़े >> तो देश बढ़े | www.nabard.org | /nabardonline | Taking Rural India >> Forward

# ୩ ଲକ୍ଷ ଡୋଜ୍ କୋଭିଶିଲ୍ଡ, ୩୮,୧୩୦ ଡୋଜ୍ କୋଭାକ୍ସିନ ଟିକା ଆସିଲା

ଭୁବନେଶ୍ୱର, ୨୦।୭(ବ୍ୟୁରୋ)

ରାଜ୍ୟ ସରକାରଙ୍କ ବାରମ୍ବାର ଚିଠି ପରେ କେନ୍ଦ୍ର ପୁଣି କରୋନା ଟିକା ପଠାଇଛି। ମଙ୍ଗଳବାର ୩ ଲକ୍ଷ ଡୋଜ୍ କୋଭିଶିଲ୍ଡ ଓ ୩୮,୧୩୦ ଡୋଜ୍ କୋଭାକ୍ସିନ ଟିକା ଭୁବନେଶ୍ୱରରେ ପହଞ୍ଚିଛି। ଫଳରେ ରାଜ୍ୟରେ ଏବେ ୭,୬୮,୭୨୦ ଡୋଜ୍ କୋଭିଶିଲ୍ଡ ଓ ୧,୧୮,୫୨୦ ଡୋଜ୍ କୋଭାକ୍ସିନ ରହିଛି। ବୁଧବାର ୭୫୮ଟି କେନ୍ଦ୍ରରେ ଟିକାକରଣ ହେବ। କିନ୍ତୁ ବାଲେଶ୍ୱର, କୋରାପୁଟ, ପୁରୀ ଓ ସୁବର୍ଣ୍ଣପୁର ଆଦି ୪ ଜିଲାରେ ଟିକାକରଣ ହେବ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ମଙ୍ଗଳବାର ୧,୨୫୦ କେନ୍ଦ୍ରରେ ଟିକାଦାନ କରାଯାଇଥିଲା। କେବଳ ୬୭ କେନ୍ଦ୍ରରେ କୋଭାକ୍ସିନ ଟିକା ଦିଆଯାଇଥିଲା। ମୋଟ୍ ୨,୧୮,୫୩୮ ଡୋଜ୍ ଟିକାକରଣ ହୋଇଥିବାବେଳେ ଏଥିମଧ୍ୟରୁ ୨,୫୬୬ଜଣ ଗର୍ଭବତୀ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ୧,୪୬,୪୨,୯୪୪ ଡୋଜ୍ ଟିକାକରଣ ହୋଇଛି। ଏଥିରେ ୭,୩୮୨ଜଣ ଗର୍ଭବତୀ ଟିକା ନେଇଥିବା ଜଣାପଡ଼ିଛି।

## ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା: ୩ ମୃତ

ଡେରାଡୁନ୍, ୨୦।୭

ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା ଯୋଗୁ ଉତ୍ତରକାଶୀ ଜିଲାରେ ଏକ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ନିଖୋଜ ଥିବା ଜିଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ଦେବେନ୍ଦ୍ର ପଟେଲ ସୂଚନା ଦେଇଛନ୍ତି। ଆଉ ୩ ଜଣ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ରବିବରା ରାତିରେ ସେଠାରେ ବାଦଲଫଟା ବର୍ଷା ଯୋଗୁ ଜିଲାର ମାଣ୍ଡୋ, କାକରାଇ ଓ ନିରାକୋଟ ଗ୍ରାମ ପ୍ରଭାବିତ ହୋଇଛି।

**RITA AUTOTECH PVT. LTD.** TVS
(Authorised Main Dealer TVS Motor Company
SITUATION VACANT

| SL. NO. | DESIGNATION | GENDER | QUALIFICATION | EXPERIENCE | POST |
|---|---|---|---|---|---|
| | SALES | | | | |
| 01 | SHOWROOM MANAGER | M | Graduation | 5 - 6 years | 01 |
| 02 | NETWORK MANAGER | M | Graduation | 4 - 5 years | 01 |
| 03 | SALES EXECUTIVE | F / M | Graduation | 1 year | 04 |
| 04 | DMS EXECUTIVE | F / M | Graduation | 2 - 3 years | 01 |
| 05 | FRONT OFFICE | F | Graduation | 1 year | 01 |
| 06 | ACCOUNTS EXECUTIVE | M | B.Com/M.Com | 1 Year | 01 |
| 07 | RTO/INSURANCE | M | Graduation | 2 - 3 years | 01 |
| 08 | PEON | M | 10th Pass | 1 year | 01 |
| | SERVICE | | | | |
| 01 | WORKS MANAGER | M | ITI/Diploma/B.Tech | 3 - 4 years | 01 |
| 02 | FLOOR SUPERVISOR | M | Graduation | 2 - 3 years | 01 |
| 03 | TECHNICIAN | M | Graduation | 3 - 4 years | 06 |
| 04 | CUSTOMER CARE EXECUTIVE | F | Graduation | 2 - 3 years | 01 |
| 05 | BILLING EXECUTIVE | M | Graduation | 2 - 3 years | 01 |
| 06 | WASHING BOY | M | | 1 year | 02 |
| 07 | HELPER | M | | 1 year | 01 |
| | SPARE | | | | |
| 01 | SPARE PARTS MANAGER | M | B.Com/M.Com | 2 - 3 years | 01 |
| 02 | SPARE ASST. EXECUTIVE | M | Graduation | 1 year | 01 |

Candidates having experience in Automobile Dealership with Own Two Wheeler & Driving Licence will be preferred.
Walk-in-Interview
Interview Date: 26.07.2021 to 27.07.2021, Time: 10.00 A.M.
Plot No. 491, NH - 16, Khandagiri, Bhubaneswar - 30 (Near Cosmopolic Square)
Contact: 9776036999 | 7008505283
Interested Candidates please send Resume at ritaautotech99@gmail.com

## ସୟଦ ଅଲ୍‌ତାଫ ଅଲ୍ଲୀ କ୍ୟାପିଟାଲ ମସ୍‌ଜିଦ୍‌ର ନୂଆ ସଭାପତି



ଭୁବନେଶ୍ୱର, ୨୦।୭ (ବ୍ୟୁରୋ)

କ୍ୟାପିଟାଲ ମସ୍‌ଜିଦ୍ କମିଟିର ନୂଆ ସଭାପତି ହେଲେ ସୟଦ ଅଲ୍‌ତାଫ ଅଲ୍ଲୀ। ଏନେଇ ସୋମବାର ଏକ ଜରୁରିକାଳୀନ ବୈଠକ ସମ୍ପାଦକ ସେକ୍ ତଇମୁଲ୍ ହୋସେନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବୈଠକରେ କମିଟିର ସଭ୍ୟମାନେ ଉପସ୍ଥିତ ରହି ମସ୍‌ଜିଦ୍‌ର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସର୍ବସମ୍ମତିକ୍ରମେ ମସ୍‌ଜିଦର ସୁପରିଚାଳନା ଓ ବୃହତ୍ତର ସ୍ୱାର୍ଥକୁ ଅନୁଧ୍ୟାନ କରି ସୟଦ ଅଲ୍‌ତାଫ୍‌ଙ୍କୁ ମସ୍‌ଜିଦ୍‌ର ନୂତନ ସଭାପତି ବାଛିଥିଲେ। ପୂର୍ବରୁ ସେକ୍ ସକିଲୁର ରହେମାନ ମସ୍‌ଜିଦ୍ ସଭାପତି ଥିଲେ।

## ସୀମାନ୍ତରେ ଗୁଳି ବିନିମୟ, ଯବାନ ଶହୀଦ

ମାଲକାନଗିରି,୨୦।୭(ଡି.ଏନ.ଏ.)

ମାଲକାନଗିରି ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲାର ଡୋଙ୍ଗର ପାହାଡ଼ରେ ଯବାନ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ଜଣେ ଯବାନ ଶହୀଦ ହୋଇଛନ୍ତି। ଜଣେ ଆହତ ହୋଇଛନ୍ତି। ଶହୀଦ ଯବାନଙ୍କ ନାମ ଶିବ କୁମାର ମୀନା। ସେ ରାଜସ୍ଥାନର ବାସିନ୍ଦା ବୋଲି ଜଣାପଡିଛି। ମଙ୍ଗଳବାର ସକାଳେ ଛୋଟ ଡୋଙ୍ଗର ଥାନା ଅଞ୍ଚଳର ଅମଦାଇ ଘାଟି କ୍ୟାମ୍ପରୁ ଆଇଟିବିପି ୪୫ ବାଟାଲିୟନର ଯବାନମାନେ ସର୍ଚ୍ଚ ଅପରେଶନ କରିବାକୁ ଡୋଙ୍ଗର ପାହାଡ଼କୁ ଯାଇଥିଲେ। ଏହି ସମୟରେ ମାଓବାଦୀମାନେ ଯବାନମାନଙ୍କୁ ଦେଖି ଗୁଳିଚାଳନା କରିଥିଲେ। ଯବାନମାନେ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲେ। ଦୀର୍ଘ ସମୟ ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଯବାନଙ୍କ ଗୁଳିର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ମାଓବାଦୀଙ୍କ ଗୁଳିରେ ଜଣେ ଯବାନ ଶହୀଦ ହୋଇଥିବା ଏବଂ ଅନ୍ୟ ଜଣେ ଆହତ ହୋଇଥିବା ଜଣାପଡିଥିଲା।



“କୌଣସି ସମାଜରେ ଇତର ଭାବେ ବଞ୍ଚିରହିବା ପାଇଁ ସାଧାରଣ ଉପାଦାନ ଆଉ ପରିବେଶ ସବୁ ଥାଏ। କିନ୍ତୁ ଜୀବନ ଯଦି ବିରାଟ ଆଶା, ଅଭୀପ୍ସା ଓ ଆଦର୍ଶରେ ଊର୍ଦ୍ଧ୍ୱଗାମୀ ନ ହୁଏ, ତା'ହେଲେ ଆମେ କହିବା–ସେ ସମାଜ ପ୍ରକୃତରେ ବଞ୍ଚିନାହିଁ। ମାନବାତ୍ମାର ଯେଉଁ ମହାନ୍ ବୈଶିଷ୍ଟ୍ୟ, ତାହା ସେଠାରେ ଅସଂପୂର୍ଣ୍ଣ। –ଶ୍ରୀଅରବିନ୍ଦ



# ନିୟମ ବଦଳାଅ

ଅସହାୟ ଲୋକଙ୍କ ଉପରେ କ୍ଷମତା ପ୍ରୟୋଗ କରି ଅଧିକାଂଶ ସରକାରୀ ଅଧିକାରୀ ଓ କର୍ମଚାରୀ ଆନନ୍ଦ ପାଇଥାଆନ୍ତି। ୧୯ ଜୁଲାଇରେ ଢେଙ୍କାନାଳ ଜିଲା ଭୁବନ ଏନ୍ଏସି ୧୩ ନମ୍ବର ୱାର୍ଡର ଭିନ୍ନକ୍ଷମ ମହିଳା ପ୍ରତିମା ପୋଥାଲଙ୍କୁ ସରକାରୀ ସୁବିଧାରୁ ବଞ୍ଚିତ କରାଯିବା ସହ ତାଙ୍କୁ ଚଳିତ ମାସ ପାଇଁ ଦିଆଯାଇଥିବା ୫ କିଲୋଗ୍ରାମ ଚାଉଳ ଫେରାଇ ନିଆଯାଇଥିବା ଜଣାପଡ଼ିଛି। ପ୍ରତିମା ଓ ତାଙ୍କ ଭାଇ ଜନ୍ମରୁ ଭିନ୍ନକ୍ଷମ। ତେବେ ପ୍ରତିମାଙ୍କ ଆଖି ଓ ଟିପ ନମୁନା ଠିକ୍ ନ ଥିବାରୁ ତାଙ୍କର ଆଧାର କାର୍ଡ ହୋଇପାରି ନାହିଁ। ଜିଲାପାଳ ଓ ଯୋଗାଣ ବିଭାଗ ଅଧିକାରଙ୍କୁ ଗୁହାରି କରିବା ପରେ ଖାଦ୍ୟ ନିରାପତ୍ତା ଯୋଜନାରେ ତାଙ୍କୁ ଚାଉଳ ମିଳୁଥିଲା। ହେଲେ ଆଧାର କାର୍ଡଜନିତ ଅସଙ୍ଗତି ଦେଖାଦେବାରୁ ଯୋଗାଣ ବିଭାଗ ଅଧିକାରୀ ପ୍ରତିମାଙ୍କଠାରୁ ଚାଉଳ ଫେରାଇ ଆଣିବା ସକାଶେ ଡିଲରଙ୍କୁ ପରାମର୍ଶ ଦେଇଥିଲେ। ଅଧିକାରୀଙ୍କ ନିର୍ଦ୍ଦେଶ ପାଇବା ପରେ ଡିଲର ପ୍ରତିମାଙ୍କଠାରୁ ଚାଉଳ ନେଇଯାଇଛନ୍ତି। ଯୋଗାଣ ଅଧିକାରୀ କହିଛନ୍ତି, ବାଟମାରଣାକୁ ରୋକିବା ପାଇଁ ନିୟମକୁ କଡ଼ାକଡ଼ି କରାଯାଇଛି। ଯେଉଁମାନଙ୍କ ଆଖି ଓ ଟିପ ନମୁନା ମିଶୁ ନାହିଁ ସେମାନେ ଦରଖାସ୍ତ ଦେଲେ ସେମାନଙ୍କୁ ସାମଗ୍ରୀ ଯୋଗାଇ ଦିଆଯିବ।

ତେବେ ପ୍ରତିମାଙ୍କ ପ୍ରତି ଏପରି ହେଲା କାହିଁକି। ଯେଭଳି ଭାବେ କେନ୍ଦ୍ର ସରକାର ଆଧାରକୁ ଗୁରୁତ୍ୱ ଦେଉଛନ୍ତି ଏବଂ ଏବେ 'ଏକ ଦେଶ ଏକ ରାଶନ କାର୍ଡ' (ଓଏନ୍ଓଆର୍ସି) ନୀତିକୁ କଡ଼ାକଡ଼ି ପ୍ରଣୟନ କରିଛନ୍ତି, ସେଥିରୁ ମନେହେଉଛି ଯେ ଭାରତବ୍ୟାପୀ ଅନେକ ଲକ୍ଷ ପ୍ରତିମା ଏହିଭଳି ସର୍ବନିମ୍ନ ସୁବିଧାରୁ ବଞ୍ଚିତ ହେବେ। ଏହାର ମୁଖ୍ୟ କାରଣ ହେଉଛି ଦିଲ୍ଲୀ ଓ ରାଜ୍ୟ ରାଜଧାନୀରେ ବସି ନୀତି ପ୍ରଣୟନ କରୁଥିବା ସରକାରୀ ବାବୁମାନେ ବାସ୍ତବ ଭାରତକୁ ଚିହ୍ନିବାରେ ଅସଫଳ। ସଚିବାଳୟରେ ଦସ୍ତଖତ କରି ନିୟମ ସୃଷ୍ଟି କରିଦେବା ସହଜ। ସେହି ନିୟମ ସର୍ବନିମ୍ନ ସାମାଜିକ ସ୍ତରରେ ଥିବା ଅସହାୟ ଗରିବ ନାଗରିକ ଉପରେ କେଉଁଭଳି ନକାରାତ୍ମକ ପ୍ରଭାବ ପକାଉଛି ତାହା ବୁଝିବାକୁ ମଧ୍ୟ ଚେଷ୍ଟା କରାଯାଉ ନାହିଁ। ଆଶ୍ଚର୍ଯ୍ୟର ବିଷୟ ଯେ ଓଡ଼ିଶାରେ ସରକାରୀ ବାବୁମାନେ ଅତ୍ୟନ୍ତ ଆଧାରପ୍ରେମୀ ପାଲଟି ଯାଇଛନ୍ତି। ପ୍ରତିମାଙ୍କ କଥା ଗଣମାଧ୍ୟମରେ ପ୍ରକାଶ ପାଇଥିବାରୁ ସାଧାରଣରେ ଜଣାପଡ଼ିଲା। ଆହୁରି ଅନେକ ଏହିଭଳି ଘଟଣା ଲୁଚିଯାଇଥିବ ବୋଲି କୌଣସି ସନ୍ଦେହ ନାହିଁ। ଗୋଟିଏ ଜନମଙ୍ଗଳ ରାଷ୍ଟ୍ରରେ ଜଣେ ନାଗରିକଙ୍କ କୌଣସି କ୍ଷତି ପାଇଁ ସର୍ବୋଚ୍ଚ ଅଧିକାରୀ ଦାୟୀ ହେବା କଥା।

# ଯିବେ ମହାକାଶ

ମହାକାଶରେ କୋଟିପତିଙ୍କର ରେସ୍ ବା ଦୌଡ଼ ଜୋର୍ସୋରରେ ଚାଲିଛି। 'ଭର୍ଜିନ ଗାଲାକ୍ଟିକ'ର ସ୍ପେସ୍ ଫ୍ଲାଇଟ୍‌ରେ ରିଚାର୍ଡ ବ୍ରାନ୍ସନ ମହାକାଶକୁ ଯିବାର ଗୋଟିଏ ସପ୍ତାହ ନ ପୂରୁଣୁ 'ବ୍ଲୁ ଓରିଜନ' ତଥା ଆମାଜନ୍‌ର ପ୍ରତିଷ୍ଠାତା ଜେଫ୍ ବେଜୋସ୍ ଜୁଲାଇ ୨୦ରେ ମହାକାଶରେ ପହଞ୍ଚି ଫେରି ଆସିଛନ୍ତି। ବ୍ରାନ୍ସନଙ୍କ ରକେଟ୍ ୫୩.୫ ମାଇଲ୍ ବା ୮୬ କି.ମି. ଉଚ୍ଚତାରେ ପହଞ୍ଚିଥିବାବେଳେ ବେଜୋସ୍‌ଙ୍କ ରକେଟ୍ ୬୨ ମାଇଲ୍(୧୦୬ କି.ମି.)ରେ ପହଞ୍ଚିଥିଲା। ଏହା ପରେ ପୃଥିବୀର ଅନ୍ୟ କୋଟିପତିମାନେ ମହାକାଶ କ୍ଷେତ୍ରରେ ସଫଳତା ପାଇବା ଲାଗି ବ୍ୟଗ୍ର ହେବା ସ୍ୱାଭାବିକ। ଚଳିତ ବର୍ଷ ଶେଷସୁଦ୍ଧା ସ୍ପେସ୍–ଏକ୍ସର ପ୍ରତିଷ୍ଠାତା ଏଲନ୍ ମସ୍କ ମଧ୍ୟ ଲୋକଙ୍କୁ ମହାକାଶ ନେବାର ଯୋଜନା କରିସାରିଲେଣି। ଏହା ସ୍ପେସରେସ୍‌ରେ ସ୍ପେସ୍ ଟୁରିଜମ୍ ବା ମହାକାଶ ପର୍ଯ୍ୟଟନକୁ ନୂଆ ମୋଡ଼ ଦେଇପାରେ। ଏହି ତିନି ପ୍ରମୁଖ ଧନୀ ବ୍ୟକ୍ତିଙ୍କ ବ୍ୟତୀତ ଫେସ୍‌ବୁକ ପ୍ରତିଷ୍ଠାତା ମାର୍କ ଜୁକର୍‌ବର୍ଗ, ମୁନ୍ ଏକ୍ସପ୍ରେସ୍‌ର ପ୍ରତିଷ୍ଠାତା ଭାରତୀୟ ବଂଶୋଦ୍ଭବ ନବୀନ ଜୈନ, ଏରୋସ୍ପେସ୍‌ର ମାଲିକ ରବର୍ଟ ବିଗେଲୋଙ୍କ ସମେତ ପଲ୍ ଏଲିନ୍, ଜେମ୍ସ କାମେରୁନ ଏବଂ ୟୁରି ମିଲ୍‌ନର ରେସ୍‌ରେ ସାମିଲ ହୋଇଗଲେଣି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ସୁପରିଚିତ ବ୍ୟକ୍ତିମାନେ ଅତ୍ୟନ୍ତ ଧନୀ ହେବା ପଛରେ ତାଙ୍କର ଭିନ୍ନ ସ୍ୱାଦର ବ୍ୟବସାୟିକ ଚିନ୍ତାଧାରା ମୁଖ୍ୟତଃ ଦାୟୀ। ଏହି ଗୋଷ୍ଠୀ ସାଧାରଣ ଧନୀ ନୁହନ୍ତି। ସେଥିପାଇଁ ଏମାନେ ମହାକାଶ ପର୍ଯ୍ୟଟନରେ ଏକ ନୂତନ ବ୍ୟବସାୟିକ ସୁଯୋଗ ନିଶ୍ଚିତ ଭାବେ ଦେଖୁଛନ୍ତି। ବ୍ରାନ୍ସନ ଓ ବେଜୋସ ନିଜେ ଆରମ୍ଭରୁ ଏହି ଯାତ୍ରା କରିବା ପଛରେ ତାହାର ସୁରକ୍ଷା ଦିଗକୁ ପ୍ରଚାର କରାଇବା ହେଉଛି ସେମାନଙ୍କର ମୂଳ ଉଦ୍ଦେଶ୍ୟ।

ଆମ ସମସ୍ତଙ୍କୁ ମନେ ରଖିବାକୁ ହେବ ଯେ, ଏଭଳି ଯାତ୍ରା ଆମ ସମସ୍ତଙ୍କ ପାଇଁ ନୁହେଁ, କେବଳ କୋଟିପତିମାନେ ଯିବେ। ଅନେକ କୋଟି ଖର୍ଚ୍ଚ କରି ମାତ୍ର କେତେକ ମିନିଟ୍ ପାଇଁ ମହାକାଶକୁ ଯିବାର ସୁଯୋଗ ସାଧାରଣ ମଣିଷକୁ ମିଳିବ ନାହିଁ। ଏହାବାଦ୍ ଭାରତୀୟ ଧନୀମାନେ ସକ୍ଷମ ଥିବା ସତ୍ତ୍ୱେ ବେଜୋସ କିମ୍ବା ବ୍ରାନ୍ସନଙ୍କ ଭଳି ଦମ୍ଭୋକ୍ତି ପ୍ରକାଶ କରିବାକୁ ଆଗେଇବେ ବୋଲି ବିଶ୍ୱାସ ହେଉନାହିଁ।

## ଚିରନ୍ତନୀ

ଅଗଣନ ଜୀବ ତହିଁ
ରେଣୁ ସମ ହୁଏ ଉଦେ ଲୀନ,
ଅସଂଖ୍ୟ ବନ୍ଧନ ଲଭେ
ଦୁଃଖ ସମ ଶତଧା ବିଦୀର୍ଣ୍ଣ।

–(ଶୂନ୍ୟ ଚିନ୍ତା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 8 | | | |
| | 3 | | 9 | 2 | | 7 | | |
| | 4 | | | 1 | | | | 6 |
| | | | | | | 4 | | |
| 2 | 1 | | | 5 | | | | |
| | 8 | 5 | 4 | 9 | | | | 7 |
| | 5 | | 7 | 8 | | | | 4 |
| | | | | | 6 | 1 | | 8 |
| | | | | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 6 | 5 | 8 | 2 | 7 | 9 | 4 |
| 2 | 9 | 8 | 4 | 6 | 7 | 5 | 1 | 3 |
| 7 | 5 | 4 | 1 | 3 | 9 | 2 | 6 | 8 |
| 6 | 8 | 9 | 7 | 1 | 4 | 3 | 2 | 5 |
| 5 | 1 | 7 | 2 | 9 | 3 | 4 | 8 | 6 |
| 4 | 2 | 3 | 6 | 5 | 8 | 1 | 7 | 9 |
| 8 | 6 | 5 | 3 | 7 | 1 | 9 | 4 | 2 |
| 9 | 4 | 1 | 8 | 2 | 5 | 6 | 3 | 7 |
| 3 | 7 | 2 | 9 | 4 | 6 | 8 | 5 | 1 |

ଗତକାଲିର ଉତ୍ତର

# ସମସ୍ତଙ୍କ ପାଇଁ ସମାନ ନିୟମ କେବେ



ଅନିଲ କୁମାର ବିଶ୍ୱାଳ

କିଛି ଦିନ ତଳେ ସମାନ ନାଗରିକ ସଂହିତାକୁ ନେଇ ଦିଲ୍ଲୀ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି; ଯାହା ଦେଶରେ ସମାନ ନାଗରିକ ସଂହିତାକୁ ଲାଗୁ କରିବା ନେଇ ଚାଲିଥିବା ବିତର୍କକୁ ପୁଣି ଥରେ ଆଗକୁ ନେଇଛି। ହାଇକୋର୍ଟଙ୍କ କହିବା ଅନୁସାରେ ଦେଶରେ ସମାନ ନାଗରିକ ସଂହିତାର ଆବଶ୍ୟକତା ରହିଛି ଓ ଏହାକୁ ଲାଗୁ କରିବା ନେଇ ଆଉ ବିଳମ୍ବ ନ କରିବା ଉଚିତ। ହାଇକୋର୍ଟ କହିଛନ୍ତି, ଭାରତୀୟ ସମାଜରେ ଜାତି, ଧର୍ମ ଓ ସମୁଦାୟ ସହିତ ଜଡ଼ିତ ଥିବା ବିଭିନ୍ନ ଫରକ ଶେଷ ହେବାକୁ ଯାଉଛି। କିନ୍ତୁ କିଛି ଆଇନ ଏପରି ବିଭେଦକୁ ଶେଷ କରିବା ପାଇଁ ଦେଉନାହିଁ। ସମାନ ନାଗରିକ ସଂହିତା ଲାଗୁ ହୋଇ ନ ଥିବା କାରଣରୁ ଅନ୍ୟ ଧର୍ମ ବା ଜାତିରେ ବିବାହ, ଛାଡ଼ପତ୍ର, ସମ୍ପତ୍ତିରେ ପିଲାମାନଙ୍କର ଅଧିକାର ନେଇ ସମସ୍ୟା ହେଉଛି। ଆଗରୁ ଅନେକ ଥର ସୁପ୍ରିମକୋର୍ଟ, ବିଭିନ୍ନ ରାଜ୍ୟର ହାଇକୋର୍ଟମାନେ ସମାନ ନାଗରିକ ସଂହିତା ଲାଗୁ କରିବା ସପକ୍ଷରେ ମତ ଦେଇଛନ୍ତି। ଏହାର ଲାଗୁ ସପକ୍ଷରେ ଯେଉଁମାନେ ଅଛନ୍ତି ସେମାନେ କୁହନ୍ତି, ଦେଶର ଏକତା, ଧର୍ମନିରପେକ୍ଷତା, ଲିଙ୍ଗଗତ ସମାନତା ଦୃଷ୍ଟିରୁ ସମାନ ନାଗରିକ ସଂହିତା ଲାଗୁ ହେବାର ଆବଶ୍ୟକତା ରହିଛି। ଯେଉଁମାନେ ଏହାର ବିରୋଧ କରୁଛନ୍ତି ସେମାନଙ୍କର କହିବା କଥା ହେଉଛି ଏହା ଲାଗୁ ହେଲେ ସେମାନଙ୍କର ଧାର୍ମିକ ସ୍ୱାଧୀନତା କ୍ଷୁଣ୍ଣ ହେବ। ଦେଶରେ ନାଗରିକମାନଙ୍କ ପାଇଁ ଯେଉଁ ଆଇନ ବ୍ୟବସ୍ଥା ଅଛି ତାହା ଦୁଇ ଭାଗରେ ବିଭକ୍ତ। ଗୋଟିଏ ହେଲା ଆପରାଧିକ ଆଇନ, ଯାହା ସମସ୍ତଙ୍କ ପାଇଁ ସମାନ। ଅନ୍ୟଟି ହେଲା ବିବାହ, ଛାଡ଼ପତ୍ର, ରକ୍ଷଣାବେକ୍ଷଣ, ପୋଷ୍ୟ ସନ୍ତାନ, ସମ୍ପତ୍ତିରେ ଅଧିକାର ଭଳି ସିଭିଲ ମାମଲା; ଯେଉଁଥିରେ ଦେଶରେ ବିଭିନ୍ନ ଧାର୍ମିକ ସମ୍ପ୍ରଦାୟମାନଙ୍କ ପାଇଁ ଅଲଗା ଅଲଗା ନିୟମ ରହିଛି। ସମାନ ନାଗରିକ ସଂହିତାର ଅର୍ଥ ହେଉଛି ଦେଶର ବିଭିନ୍ନ ସମ୍ପ୍ରଦାୟ ଭିତରେ ଥିବା ଅଲଗା ଅଲଗା ଆଇନ ପରିବର୍ତ୍ତେ ସମସ୍ତ ନାଗରିକଙ୍କ ପାଇଁ ଗୋଟିଏ ଆଇନ। ଭାରତ ହେଉଛି ବିଶ୍ୱରେ ସବୁଠାରୁ ବଡ଼ ଗଣତନ୍ତ୍ର। କିନ୍ତୁ ନିଜର ସ୍ୱତନ୍ତ୍ର ସମ୍ବିଧାନ ହେବାର ୭୧ ବର୍ଷ ପରେ ବି ଆମେ 'ସମସ୍ତ ନାଗରିକଙ୍କ ପାଇଁ ସମାନ ନିୟମ' ଏପରି କଥା ସୁନିଶ୍ଚିତ କରିପାରିନେ। ଆମେ ଗର୍ବ କରୁଛେ ଯେ ଆମ ଦେଶ ହେଉଛି ଧର୍ମ ନିରପେକ୍ଷ ଦେଶ କିନ୍ତୁ ଧର୍ମ ଆଧାରରେ ଦେଶରେ ହୋଇଥିବା ଅଲଗା ଅଲଗା ଆଇନକୁ ପାଳନ କରୁଛେ। ସମ୍ବିଧାନର ଧାରା ୧୪ରେ କହୁଛେ ଯେ ଆଇନ ଆଗରେ ସମସ୍ତେ ସମାନ ଓ ଦେଶର ଆଇନ ଉପରେ ସମସ୍ତଙ୍କର ସମାନ ଅଧିକାର ଅଛି କିନ୍ତୁ ସମସ୍ତଙ୍କ ପାଇଁ ସମାନ ଆଇନ ଆମେ କରିପାରିନେ। ଲିଙ୍ଗଗତ ସମାନତା, ମହିଳାଙ୍କ ସଶକ୍ତୀକରଣ କଥା କହୁଛେ କିନ୍ତୁ ପରିବାରରେ ମହିଳାଙ୍କୁ ସେମାନଙ୍କର ଅଧିକାରରୁ ବଞ୍ଚିତ କରୁଛେ। ସମ୍ପତ୍ତିରେ ଅଧିକାର, ବିବାହ, ଛାଡ଼ପତ୍ର ଆଦି ଅନେକ କ୍ଷେତ୍ରରେ ମହିଳାମାନଙ୍କୁ ବିଭିନ୍ନ ପର୍ସନାଲ ଲ' ନାଁରେ ବଞ୍ଚିତ କରୁଛେ।

୧୯୮୫ରେ ଶାହାବାନୋ ମାମଲାରେ ସୁପ୍ରିମକୋର୍ଟ ଯେଉଁ ବହୁ ଚର୍ଚ୍ଚିତ ରାୟ ଦେଇଥିଲେ ତାହା ସେତେବେଳେ ଦେଶରେ ସମାନ ନାଗରିକ ସଂହିତା ଲାଗୁ କରିବା ନେଇ ବାଟ ଫିଟିଥିଲା। ଯଦି ସେତେବେଳର ସରକାର ସୁପ୍ରିମକୋର୍ଟଙ୍କ ରାୟକୁ ଅକାମି କରିବା ପାଇଁ ସଂସଦରେ ଆଇନ ଆଣି ନ ଥାନ୍ତେ ହୁଏତ ଏତେବେଳକୁ ଭାରତରେ ସମାନ ନାଗରିକ ଆଇନ ଲାଗୁ ହୋଇସାରନ୍ତାଣି। ୬୯ବର୍ଷର ବୟସ୍କ ମହିଳା ଶାହାବାନୋ ୪୩ ବର୍ଷ ନିଜ ସ୍ୱାମୀଙ୍କ ସହିତ ରହିବା ପରେ ହଠାତ୍ ତାଙ୍କ ସ୍ୱାମୀ ଅହମ୍ମଦ ଖାଁ ତାଙ୍କୁ ମୁସଲମାନ ଆଇନ ସରିଆ ଅନୁସାରେ ତିନି ତଲାକ ଦେଇଥିଲେ। ମୁସଲମାନ ଆଇନ ଅନୁସାରେ ତାଙ୍କୁ ଚଳିବା ପାଇଁ ତାଙ୍କ ସ୍ୱାମୀ ତାଙ୍କୁ କୌଣସି କ୍ଷତିପୂରଣ ଦେଲେ ନାହିଁ; ଯାହାଫଳରେ ସେ ସୁପ୍ରିମକୋର୍ଟ ଯାଇଥିଲେ ଓ ପରେ ଯାହା ହେଲା ଦେଶର ରାଜନୀତି ଓ ସାମାଜିକ କ୍ଷେତ୍ର ପାଇଁ ଏକ ଆହ୍ୱାନ ଛାଡ଼ି ଦେଇଗଲା।

ସମସ୍ୟାର ଆରମ୍ଭ ସ୍ୱାଧୀନତାର ପୂର୍ବରୁ। ବ୍ରିଟିଶ ସରକାରଙ୍କର ଆଇନରେ ହିନ୍ଦୁ, ମୁସଲିମ, ଶିଖ, ଜୈନ, ଖ୍ରୀଷ୍ଟିଆନ, ବୌଦ୍ଧ ଆଦି ସମସ୍ତଙ୍କ ପାଇଁ ମଧ୍ୟ ସିଭିଲ ମାମଲା କ୍ଷେତ୍ରରେ ଅଲଗା ଅଲଗା ନିୟମ ଥିଲା। ଏହା ବ୍ରିଟିଶରମାନଙ୍କର ଏକ ସୁଚିନ୍ତିତ ଚାଲ୍ ଥିଲା କହିଲେ ଭୁଲ୍ ହେବ ନାହିଁ। ଏହାଦ୍ୱାରା ସେମାନେ ଭାରତୀୟ ଲୋକଙ୍କୁ ଧାର୍ମିକ ଆଧାରରେ ବିଭାଜିତ କରିକି ରଖିବା ପାଇଁ ପ୍ରୟାସ କରୁଥିଲେ। ଆଉ ଗୋଟିଏ କଥା ଲକ୍ଷ୍ୟ କରିବା କଥା ଯେ ବ୍ରିଟିଶର ମାନେ କିନ୍ତୁ ଗୋଟିଏ ପ୍ରକାର ଆପରାଧିକ ଆଇନ (Criminal Law) କରିଥିଲେ ଯଥା ପେନାଲ କୋଡ୍, ଏଭିଡେନ୍ସ ଆକ୍ଟ ଇତ୍ୟାଦି। ଏସବୁ ସମସ୍ତଙ୍କ ପାଇଁ ସମାନ ଥିଲା। ଏହା ପଛରେ ଥିବା କାରଣ ହେଉଛି ବ୍ରିଟିଶର ମାନେ ଆଇନ କାନୁନ ନାଁରେ ଲୋକମାନଙ୍କୁ ଦଣ୍ଡର ଭୟ ଦେଖାଇ ଶାସନ କରିବା ପାଇଁ ଚାହୁଁଥିଲେ। ସେମାନେ ନାଗରିକର ଅଧିକାର ବିଷୟରେ ଚିନ୍ତା କରୁ ନ ଥିଲେ ସେଥିପାଇଁ ସିଭିଲ ଆଇନକୁ ବିଭିନ୍ନ ଧାର୍ମିକ ସମ୍ପ୍ରଦାୟ ଉପରେ ଛାଡିଦେଇଥିଲେ। ଏହା ଦ୍ୱାରା ଆଉ ଗୋଟିଏ ଲାଭ ବ୍ରିଟିଶରଙ୍କ ଥିଲା ଯେ ବିଭିନ୍ନ ଧାର୍ମିକ ମୁଖ୍ୟମାନେ ଭାବିବେ କି ବ୍ରିଟିଶ ସରକାର ସେମାନଙ୍କର ପ୍ରଥାରେ ହସ୍ତକ୍ଷେପ କରୁନାହାନ୍ତି। ଯେତେବେଳେ ଦେଶର ସମ୍ବିଧାନ ପ୍ରସ୍ତୁତ ହେଲା ସମ୍ବିଧାନର ବ୍ୟବସ୍ଥାପିକା ମଣ୍ଡଳୀରେ ସମାନ ନାଗରିକ ସଂହିତାକୁ ଲାଗୁ କରିବା ନେଇ ସହମତି ହୋଇପାରିଲା ନାହିଁ। ଶେଷରେ ନିଷ୍ପତ୍ତି ହୋଇଥିଲା କି ବର୍ତ୍ତମାନ ଅଲଗା ଅଲଗା ନିୟମ ଥାଉ, କିନ୍ତୁ ଭବିଷ୍ୟତରେ ଯେତେବେଳେ ଦେଶରେ ଲୋକମାନେ ସମାନ ନାଗରିକ ସଂହିତା ଲାଗୁ ହେଉ ବୋଲି ଆବଶ୍ୟକ ଭାବିବେ ସେତେବେଳେ ଏହାକୁ ଲାଗୁ କରାଯିବ। ସମ୍ବିଧାନର ଅନୁଚ୍ଛେଦ ୪୪ରେ ଉଲ୍ଲେଖ ଅଛି, the State shall endeavour to secure for the citizens a uniform civil code throughout the territory of India, ଅର୍ଥାତ୍ ସମାନ ନାଗରିକ ସଂହିତା ଲାଗୁ କରିବା ପାଇଁ ଦେଶ ନିଶ୍ଚିତ ପ୍ରୟାସ କରିବ। ଆମ୍ବେଦକରଙ୍କ ଆଇନ ମନ୍ତ୍ରିତ୍ୱ ସମୟରେ ସେ ସମାନ ନାଗରିକ ସଂହିତା ଲାଗୁ କରିବା ପାଇଁ ପ୍ରୟାସ କରିଥିଲେ। ହେଲେ ସଫଳ ହୋଇପାରି ନ ଥିଲେ। ସମ୍ବିଧାନର ଅନୁଚ୍ଛେଦ ୪୪ ଓ ବାବା ସାହେବ ଯେଉଁ ଅପେକ୍ଷା ଦେଶର ପରବର୍ତ୍ତୀ ପିଢ଼ି ଉପରେ ରଖିଥିଲେ ତାହା ଆଜି ଯାଏଁ ଅଧୁରା ହୋଇ ରହିଗଲା। ସେତେବେଳର ମହିଳା ସାଂସଦ ତଥା ଭାରତର ପ୍ରଥମ ସ୍ୱାସ୍ଥ୍ୟ ମନ୍ତ୍ରୀ ଅମ୍ରିତା କାଉର କହିଥିଲେ ଯେ ସମାନ ନାଗରିକ ସଂହିତା ଲାଗୁ ନ ହୋଇଥିବାର ଅର୍ଥ ହେଉଛି ପୁରୁଷ ପ୍ରାଧାନ୍ୟ ସମାଜରେ ମହିଳାଙ୍କ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ଭାରତ ବିଫଳ।

ସମସ୍ୟା କେଉଁଠି ଅଛି? କାହିଁକି ଦେଶରେ ସମାନ ନାଗରିକ ସଂହିତା ଲାଗୁ ହୋଇପାରିନାହିଁ? ଯେତେବେଳେ ବି ଦେଶରେ ନାଗରିକ ସଂହିତା ଲାଗୁକରିବା କଥା ଆସିଛି ଏହାକୁ ଧାର୍ମିକ ଅଧିକାର ଓ ସ୍ୱତନ୍ତ୍ରତା ଉପରେ ହସ୍ତକ୍ଷେପ ଭାବି ଯେଉଁମାନେ ବିରୋଧ କରୁଛନ୍ତି ସେମାନେ ଜାଣିବା ଉଚିତ ଯେ ସମାନ ନାଗରିକ ସଂହିତାରେ ଦେଶରେ ଥିବା ସମସ୍ତ ପ୍ରକାରର ପର୍ସନାଲ ଲ'କୁ ଧ୍ୟାନରେ ରଖି, ସେଥିରେ ସୁଧାର ଆଣି, ସମସ୍ତଙ୍କର ଗ୍ରହଣଯୋଗ୍ୟ ହେଲା ଭଳି ନିୟମ ପ୍ରଣୟନ ହେବ। ୧୯୮୫ ଓ ୨୦୧୭ରେ ସୁପ୍ରିମକୋର୍ଟ ତ୍ରିପଲ ତଲାକ୍‌କୁ ବେଆଇନ ଘୋଷଣା କରିଥିଲେ; ଯାହା 'ମୁସଲିମ ପର୍ସନାଲ ଲ' ଅନୁସାରେ ବୈଧ ଥିଲା। ୨୦୦୩ରେ ଫାଦର ଜନ ଭାଲାମୋଟମଙ୍କ ମାମଲାରେ ଯେତେବେଳେ ସୁପ୍ରିମକୋର୍ଟ ସମାନ ନାଗରିକ ସଂହିତା କଥା ଉଲ୍ଲେଖ୍ୟ କରିଥିଲେ ସେତେବେଳେ ଖ୍ରୀଷ୍ଟିଆନମାନଙ୍କର ଉତ୍ତରାଧିକାରର ଏକ ନିୟମକୁ ଅସାମ୍ବିଧାନିକ କହିଥିଲେ। ନିକଟରେ ଜୁଲାଇ ୭, ୨୦୨୧ରେ ଦିଲ୍ଲୀ ହାଇକୋର୍ଟ ଯେଉଁ ମାମଲାରେ ସମାନ ନାଗରିକ ସଂହିତାର ଆବଶ୍ୟକତା କଥା କହିଛନ୍ତି ତାହା ଏକ ହିନ୍ଦୁ ବିବାହକୁ ନେଇ। ତେଣୁ କଥା ଧାର୍ମିକ ଅଧିକାରର ନୁହେଁ, ବରଂ ଏହା ହେଉଛି ଲିଙ୍ଗଗତ ସମାନତାର, ମହିଳା ସଶକ୍ତୀକରଣର, ମହିଳାମାନଙ୍କର ସମ୍ମାନ ଓ ଅଧିକାରର। ସମାନ ନାଗରିକ ସଂହିତା ହେଉଛି ନାଗରିକ ଓ ମାନବିକ ଅଧିକାରର କଥା, ବିଭିନ୍ନ ସମ୍ପ୍ରଦାୟ ଭିତରେ ସଂହତି ଓ ସମନ୍ୱୟ ସୃଷ୍ଟିର କଥା।

'ସମାନ ନାଗରିକ ସଂହିତା' ଏପରି ଏକ ପ୍ରସଙ୍ଗ ନୁହେଁ ଯେ, ଯାହାକୁ ସଂସଦରେ ସଂଖ୍ୟା ଅଛି ବୋଲି ପାରିତ କରାଇ ଲାଗୁ କରିହେବ। ଏହାକୁ ଲୋକମାନଙ୍କ ସହମତିରେ ହିଁ ଲାଗୁ କରାଯିବାର ପ୍ରାସଙ୍ଗିକତା ରହିଛି। ବିତର୍କ ହେଉ, ଆଲୋଚନା ହେଉ। ବିଭିନ୍ନ ସମୟରେ ଅଦାଲତମାନେ ଏହାକୁ ଲାଗୁ କରିବା ନେଇ ସପକ୍ଷରେ କହିଛନ୍ତି। ଏବେ ବାକି ରହିଲା ସରକାର ଏହାକୁ କେବେ ଲାଗୁକରିବେ। ଏକ ଡ୍ରାଫ୍ଟ ବିଲ୍ ଆସିବା ଦରକାର। ସମାଜର ସବୁ ବର୍ଗର ମତାମତ ନିଆଯାଇ ସରକାର ଏହା ଉପରେ ଆବଶ୍ୟକୀୟ ସଂଶୋଧନ କରି ଏହାକୁ ଲାଗୁ କରିପାରନ୍ତେ। ସମସ୍ତ ନାଗରିକଙ୍କ ପାଇଁ ସମାନ ନିୟମ ଏକ ଆଦର୍ଶ ବ୍ୟବସ୍ଥା, ଏହାକୁ ଲାଗୁ କରିବାରେ ବିରୋଧ ଏବଂ ବିଳମ୍ବ ନ ହେଉ।

ହରିରାଜପୁର, ପୁରୀ
ମୋ.–୮୨୪୯୮୬୮୯୬୧

# ସକଳ ତୀର୍ଥ ତୋ ଚରଣେ



ଇଂ. ରୌଶନ୍ ଖାନ୍

ଇସ୍ଲାମ ଧର୍ମର ପାଞ୍ଚୋଟି ମୌଳିକ ନୀତି ମଧ୍ୟରେ ହଜ୍ ହେଉଛି ଶେଷ କର୍ମଭିତ୍ତିକ ଉପାସନା। ଏହା ମୁସଲିମ କ୍ୟାଲେଣ୍ଡରର ଶେଷମାସ 'ଜିଲ୍ ହଜ୍'ର ୮, ୯ ଓ ୧୦ ତାରିଖ ତିନିଦିନ ଧରି ଆରବର ମକ୍କା ସହରରେ ଔପଚାରିକ କାର୍ଯ୍ୟବିଧି ଅନୁସାରେ ସଂପାଦନ କରାଯାଏ। ହଜ୍ ପାଳନର ତୃତୀୟ ଦିବସକୁ 'ଇଦ୍–ଉଲ୍–ଜୁହା' ବା ବଳିଦାନର ପର୍ବ ରୂପେ ଚଳିତ ଜୁଲାଇ ୨୧ ଦିନ ସର୍ବତ୍ର ପାଳିତ ହେଉଛି। ତେବେ ହଜ୍ ଶବ୍ଦର ତାତ୍ପର୍ଯ୍ୟ ହେଉଛି 'କୌଣସି ପବିତ୍ର ପୀଠ ଅଭିମୁଖେ ଯାତ୍ରା କରିବା'। ଏହା ମୁସଲମାନମାନଙ୍କ ନିଷ୍ପାପର ସାଧନାର ପ୍ରତୀକ ହୋଇଥିବାରୁ ଯାତ୍ରା ନିରାପଦ ଓ ସମ୍ବଳ ଥିଲେ ଜୀବଦ୍ଦଶାରେ ଅନ୍ତତଃ ଥରେ ହେଲେ ହଜ୍ କରିବା ପାଇଁ ପବିତ୍ର କୋରାନ ନିର୍ଦ୍ଦେଶ ଦେଇଛି (ଆଲେ–ଇମ୍ରାନ୍ ୯୮)। ପ୍ରତି ବର୍ଷ ପ୍ରାୟ ୪୦ ଲକ୍ଷ ହାଜି ମକ୍କା ଯାଇଥାଆନ୍ତି, ତନ୍ମଧ୍ୟରୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଭାରତୀୟ ରହି ଥାଆନ୍ତି। ତେବେ ଦୁର୍ଭାଗ୍ୟବଶତଃ ଗତ ଦୁଇବର୍ଷ ହେଲା କରୋନା ମହାମାରୀ ଯୋଗୁ ମୁସଲମାନମାନେ ହଜ୍‌ଯାତ୍ରାରୁ ବଞ୍ଚିତ ହୋଇ ରହିଛନ୍ତି।

ତେବେ ହଜ୍ ଏକ ସ୍ୱଚ୍ଛ ଓ ଶୁଦ୍ଧପୂତ ଉପାସନା ଏବଂ ମକ୍କା ଏକ ଆନ୍ତର୍ଜାତିକ ତୀର୍ଥଭୂମି – ଏଥିରେ ସନ୍ଦେହ ନାହିଁ। ପବିତ୍ର ଖାନା କା'ବା ଅଲ୍ଲାଃଙ୍କ ପାଇଁ ସର୍ବ ପ୍ରଥମ ଗୃହ, ଯାହାର ନିର୍ମାଣ ହଜରତ ଆଦମ୍ ଭାରତର ପଶ୍ଚିମରେ ସ୍ଥିତ ଶରଣ ଦ୍ୱୀପରୁ ଯାଇ ପ୍ରଥମେ କରିଥିଲେ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। କାଳକ୍ରମେ ତାହାର ଭଗ୍ନାବଶେଷ ଉପରେ ଏକାଧିକ ବାର ପୁନଃନିର୍ମାଣ କରାଯାଇଛି। ତାହା ୧୫.୨୫ ମିଟର ଉଚ୍ଚତା ବିଶିଷ୍ଟ ଏକ ବର୍ଗାକାର କ୍ଷେତ୍ର ସ୍ୱରୂପ ପୁରାତନ କାଳରୁ ରହିଆସିଛି। ତେବେ ମୁସଲ୍‌ମାନମାନଙ୍କ ମଧ୍ୟରେ ଆନ୍ତର୍ଜାତିକ ଭ୍ରାତୃଭାବ ସୃଷ୍ଟି କରିବା ଏବଂ ତୀର୍ଥଯାତ୍ରୀମାନଙ୍କ ମନରେ ଏକ ପରମବ୍ରହ୍ମ ଅଲ୍ଲାଃଙ୍କୁ ଜୀବନର କେନ୍ଦ୍ରବିନ୍ଦୁ ରୂପେ ଅଙ୍କିତ କରିବା ହେଉଛି ଏହି ହଜ୍ ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ।

ମୃତ ଶବାଧାର ଉପରେ କଫିନ୍ ଗୁଡ଼ାଇ ହେବା ପରି ଦୁଇଟି ବିନା ସିଲାଇର ଧଳା କପଡ଼ାରେ ଫୁଙ୍ଗୁଳା ଶରୀରକୁ ସେମାନେ ଏପରି ଆଚ୍ଛାଦିତ କରିଥାନ୍ତି, ଲାଗୁଥାଏ ସତେ ଯେମିତି ହାଜିମାନେ ମୃତ୍ୟୁଲୋକରୁ ଉଠି ଆସିଛନ୍ତି। ସଂସାରର ମୋହମାୟା ଛାଡ଼ି ମସ୍ତକ ମୁଣ୍ଡନ କରି ଏପରି ବେଶ ଧାରଣ କରିବାରୁ ଅନ୍ୟ ଅର୍ଥରେ 'ଏହରାମ୍' କୁହାଯାଏ।

ପବିତ୍ର କୋରାନ ଅନୁଯାୟୀ ଆଜିକୁ ପ୍ରାୟ ୪୦୦୦ବର୍ଷ ପୂର୍ବେ ଅବତାରମାନଙ୍କ ପିତୃପିତାମହ ହଜରତ ଇବ୍ରାହିମ, ପତ୍ନୀ ହାଜରା ଓ ବାଳୁତ ପୁଅ ଇସ୍ମାଇଲ ଈଶ୍ୱରଙ୍କ ଇଚ୍ଛାକୁ କାର୍ଯ୍ୟକାରୀ କରିବା ପାଇଁ ତ୍ୟାଗ ଓ ବଳିଦାନର ଯେଉଁ ଅପୂର୍ବ ନିଦର୍ଶନ ଦେଖାଇ ଯାଇଛନ୍ତି, ତାହା ମାନବ ଇତିହାସରେ ଏକ ବିରଳ ଘଟଣା। ସାତ ତପସ୍ୟା କରି ବୃଦ୍ଧାବସ୍ଥାରେ ପାଇଥିବା ସେହି ଅଲିଅଳ ପୁଅକୁ ନିଜ ଚକ୍ଷୁ ସମ୍ମୁଖରେ ସ୍ୱହସ୍ତରେ ବଳି ପକାଉଥିବାର ଏକ ରୋମାଞ୍ଚକର ସ୍ୱପ୍ନାନୁଭୂତିକୁ ସାର୍ଥକ କରିବା ପାଇଁ ପିତା ଇବ୍ରାହିମ ଈଶ୍ୱରଙ୍କ ଆଜ୍ଞା ପାଇ ସୁଦୂର ସିରିଆ(ଶାମ)ଦେଶରୁ ନିଜ ପତ୍ନୀ ଓ କୋଳାଗ୍ରତ ଶିଶୁପୁତ୍ରକୁ ସାଙ୍ଗରେ ଧରି ଏକ ଅନାବାଦି ଶୁଷ୍କ ମରୁଅଞ୍ଚଳ –ମକ୍କାରେ ଆଣି ଅତି ଅସହାୟ ଅବସ୍ଥାରେ ଛାଡ଼ି ଚାଲି ଯାଇଥିଲେ, ଯାହା ମୃତ୍ୟୁମୁଖକୁ ଠେଲି ଦେବା ସହିତ ସମାନ ଥିଲା(ଇବ୍ରାହିମ୍:୩୮)। 'ତୁମେ ନିଶ୍ଚିତ ରୂପେ ନିଜ ସ୍ୱପ୍ନକୁ ସାବ୍ୟସ୍ତ କରିଛ' (ଅଲ–ସାଫ୍‌ଫାତ ୧୦୩–୧୦୬) ସେହି ମହାନ୍ ଅଗ୍ନି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଭକ୍ତର ଆତ୍ମ ନିବେଦନକୁ ମନେ ପକାଇ ପ୍ରଭୁଙ୍କ କୃପା ଅନ୍ୱେଷଣ କରିବା ହେଉଛି ହଜ୍ ଯାତ୍ରାର ମୁଖ୍ୟ ଆକର୍ଷଣ।

## ଇଦ୍–ଉଲ୍–ଜୁହା ଉପଲକ୍ଷେ

ଯେପରି କାବା ଉପାସନା ଗୃହ ତୀର୍ଥ ଯାତ୍ରାର କେନ୍ଦ୍ରବିନ୍ଦୁ, ସେହିପରି ମକ୍କା ସହର ଠାରୁ ୧୧ କି.ମି. ଦୂରରେ ଅବସ୍ଥିତ ମୀନାଠାରେ ହଜ୍‌ର ଅୟମାରମ୍ଭ ହୋଇଥାଏ। ମୀନାଠାରୁ ଆସି ଖାନା କା'ବା ଏବଂ ସଫା ମରୁଆ ନାମକ ଦୁଇଟି ପାହାଡ଼ ମଧ୍ୟରେ ସାତ ଥର ପରିକ୍ରମା କରାଯାଏ। କିମ୍ବଦନ୍ତୀ ଅନୁଯାୟୀ ସେହି ନିର୍ଜନ ବାଲୁକାମୟ ସ୍ଥାନରେ ମାତାପୁତ୍ରଙ୍କ ଦୁଇଟି ତୃଷାର୍ତ୍ତ ପ୍ରାଣ ପାଣି ଟୋପାଏ ପିଇବା ପାଇଁ ଛଟପଟ ହେଉଥିଲା ଓ ବାତ୍ସଲ୍ୟମୟୀ ମାତା ପାଣି ସନ୍ଧାନରେ ଉହ୍ଲକ ବିକଳ ହୋଇ ସେହି ପାହାଡ଼ ଦ୍ୱୟ ଉପରେ ଦୌଡୁଥିଲେ। କିନ୍ତୁ ପ୍ରଭୁଙ୍କର ଏ କି ଅଦ୍ଭୁତ ଲୀଳା ! ସେ ନିରାଶ ହୋଇ ଶିଶୁ ପୁତ୍ର ପାଖକୁ ଫେରି ଆସନ୍ତେ 'ଆବ୍ ଜମ୍ ଜମ୍' (ଏ ପାଣି ତୁ ରହିଯା)ର ଶାନ୍ତ ଶୀତଳ ମଧୁର ଜଳର କ୍ଷୁଦ୍ର ଝରଣାଟିଏ ପୁଅର ନରମ ପାଦ ତଳୁ ସୃଷ୍ଟି ହୋଇ ଈଶ୍ୱରଙ୍କ ଅଲୌକିକ ମହିମାକୁ ଉଦ୍‌ଭାସିତ କରୁଥିଲା। ଯେଉଁଠାରେ ଦିନେ ଦୁବଟିଏ କଅଁଳୁ ନ ଥିଲା ସେଠାରେ ଆଜି ମକ୍କା ସହର ଗଢ଼ି ଉଠିଛି। ଏହାକୁ 'ଉମ୍ମୁଲ କୀରା' କୁହାଯାଉଛି। ହାଜିମାନେ ସେହି ରୋମାଞ୍ଚକର ଘଟଣାର ସ୍ମୃତିଚାରଣ କରି ଏହା ଚାରିପଟେ ସାତଥର 'ତୌଆଫ' କରନ୍ତି। ଏକ କୋଣରେ ଖଞ୍ଜା ହୋଇଥିବା କୃଷ୍ଣକାୟ ପଥର 'ହଜରେ ଅଶୱଦ'କୁ ଚୁମ୍ବନ ବା ସ୍ପର୍ଶ କରିଥାନ୍ତି। ଏହା ଯୁଗ ଯୁଗ ଧରି ସେହି ନିର୍ଦ୍ଦିଷ୍ଟ ସ୍ଥାନରେ ବିଦ୍ୟମାନ ଥାଇ ଏକ ବ୍ରହ୍ମଙ୍କ ଅସ୍ତିତ୍ୱର ଜ୍ୱଳନ୍ତ ସ୍ୱାକ୍ଷର ବହନ କରିଥାଏ। ସେହିପରି 'ବୈତୁଲ୍ଲାଃ' ର ଦର୍ଶନ ଲାଭ କଲେ ଶାନ୍ତି ଓ ନିରାପତ୍ତା ବଳୟ ମଧ୍ୟରେ ରହିବାର ପ୍ରତିଶ୍ରୁତି ଦେଇ ପବିତ୍ର କୋରାନ ମକ୍କା ସହରର ସୁରକ୍ଷା ଘୋଷଣା କରୁଅଛି (ଆଲେ ଇମ୍ରାନ ୯୭) ଏହା ପୃଥିବୀର ଏକମାତ୍ର ସ୍ଥାନ; ଯେଉଁଠାରେ ଦିନରାତି ୨୪ଘଣ୍ଟା ଅଲ୍ଲାଃଙ୍କ ଉପାସନା କରାଯାଉଛି। ପୁଣି ହାଜିମାନେ ମକ୍କାରୁ ୧୫ କି.ମି. ଦୂରବର୍ତ୍ତୀ 'ଅରଫାତ୍' ନାମକ ବିଶାଳ ମଇଦାନରେ ରୁଣ୍ଡ ହୋଇ ଏକାଗ୍ର ଚିତ୍ତରେ ପ୍ରାର୍ଥନା କରିଥାନ୍ତି ଓ ସେଠାରୁ 'ମୁଜ୍ୟଲଫା'କୁ ପ୍ରତ୍ୟାବର୍ତ୍ତନ କରନ୍ତି ଏବଂ ଶେଷରେ ମୀନାଠାରେ କୁର୍ବାନି ଦେଇ ହଜ ବିଧି ସମ୍ପନ୍ନ ହୋଇଥାଏ।

ଉତ୍ସର୍ଗୀକୃତ ତ୍ୟାଗର ଭାବନା ଆଗରେ ଜୀବନର ମୂଲ୍ୟ କିଛି ନୁହେଁ, ଏହା ପ୍ରତ୍ୟେକ ହାଜି ନିଜ ଜୀବନରେ ପ୍ରତିଫଳିତ କରିଥାନ୍ତି। ଅର୍ଥାତ୍ ମଣିଷ ପ୍ରାଣ ଭରି ଭଲ ପାଉଥିବା ନିଜର ଧନ, ଜୀବନ, ସମ୍ମାନ ଏପରି କି ସମୟ ଆସିଲେ ନିଜ ସନ୍ତାନଙ୍କୁ ମଧ୍ୟ ଈଶ୍ୱରଙ୍କ ମାର୍ଗରେ ଉତ୍ସର୍ଗ କରିବା ପାଇଁ ଦୃଢ଼ ମାନସିକତା ସୃଷ୍ଟି କରିପାରିବେ। ବାହ୍ୟ ଉପଚାର ସ୍ୱରୂପ କେବଳ କୁର୍ବାନୀ (ଜୀବ ବଳି) ଦେଇ ଦେଲେ ହଜ୍‌ର ଅସଲ ଉଦ୍ଦେଶ୍ୟ ସାଧିତ ହୁଏ ନାହିଁ। ଯେପର୍ଯ୍ୟନ୍ତ ମଣିଷ ମଣିଷକୁ ଭଲ ପାଇବା, ଭାଇଚାରା, ମୈତ୍ରୀ ଓ ଅହିଂସାର ପଥ ଅବଲମ୍ବନ କରା ନ ଯାଇଛି ଏବଂ ଆତ୍ମ ବଳିଦାନର ସମର୍ପିତ ଭାବନା ହୃଦୟରେ ସୃଷ୍ଟି ନ ହୋଇଛ। ଯେତେବେଳେ ମନୁଷ୍ୟ ଜାତି ବର୍ଣ୍ଣ ସ୍ଥାନ ନିର୍ବିଶେଷରେ ହଜ୍ ପରି ଏହି ତ୍ୟାଗପୂତ ଉପାସନାକୁ କର୍ମଭିତ୍ତିକ ନ କରିଛି, ହଜ୍ ଯାତ୍ରାର ଲକ୍ଷ୍ୟ ସାଧନ ହେବ ନାହିଁ। ପତି, ପତ୍ନୀଙ୍କ ମହାନ୍ କର୍ତ୍ତବ୍ୟ ଆଗରେ ପୁଅର ମୋହ ତୁଚ୍ଛ ହୋଇ ରହିଗଲା। ସେମାନେ ଆତ୍ମୋତ୍ସର୍ଗର ଯେଉଁ ଆଧ୍ୟାତ୍ମିକ ଦିଗ୍‌ଦର୍ଶନ ପୃଥିବୀକୁ ଦେଖାଇ ଗଲେ, ଏହାର ଫଳ ସ୍ୱରୂପ ତାଙ୍କ ବଂଶରେ ଷଷ୍ଠ ଶତାବ୍ଦୀ ବେଳକୁ ଇସ୍‌ଲାମ ଧର୍ମର ପ୍ରାଣ ପ୍ରତିଷ୍ଠାତା ହଜରତ ମହମ୍ମଦ ଧରାପୃଷ୍ଠକୁ ଓହ୍ଲାଇ ଆସିଥିଲେ। ସେ ଅବତାରବାଦର ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ମାନବ ଜଗତକୁ ପ୍ରେମ, ଶାନ୍ତି ଓ ତ୍ୟାଗର ଏକ ସମ୍ପୂର୍ଣ୍ଣ ମାନବାଦର୍ଶର ଗୌରବମୟ ଶିକ୍ଷା ଦେଇ ଯାଇଛନ୍ତି। ହଜ୍ ପାଳନ ଶେଷରେ ତାଙ୍କର ସମାଧି ପୀଠ ମଦିନାସ୍ଥିତ 'ମସ୍‌ଜିଦ ନବୱି' ଦର୍ଶନ କଲା ପରେ ହଜ୍ କାର୍ଯ୍ୟ ସମାପ୍ତ ହୁଏ। ଆସନ୍ତୁ ଆମେ ସର୍ବେ କରୋନାର ମହାବ୍ୟାଧି କବଳରୁ ମାନବ ସମାଜ ଉଦ୍ଧାର ପାଇବା ପାଇଁ ଏହି ପବିତ୍ର ଅବସରରେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନ କରିବା।

ସହକାରୀ ନିର୍ବାହୀ ଯନ୍ତ୍ରୀ, କେରଙ୍ଗ, ଖୋର୍ଦ୍ଧା,
ମୋ–୯୪୩୭୬୮୪୮୫୯

## ଏଇ ଭାରତରେ

ନିଜର ଡ୍ୟୁଟି ସମ୍ପାଦନ କରିବା ସହ ବଳକା ସମୟରେ ସାଲାଡ ବିକ୍ରି କରି ମାସକୁ ୧.୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି ପୁଣେର ମେଘା ବଫନ୍ନା। କେବଳ ଏତିକି ନୁହେଁ, ସେ ଏହି ବ୍ୟବସାୟରେ ୩୦ ଜଣ ମହିଳାଙ୍କୁ ମଧ୍ୟ ନିଯୁକ୍ତି ଦେଇଛନ୍ତି। ସାଲାଡ ପ୍ରସ୍ତୁତି ଠାରୁ ଆରମ୍ଭ କରି ଲୋକଙ୍କ ପାଖରେ ପହଞ୍ଚାଇବା କାର୍ଯ୍ୟ ଏମାନେ କରୁଛନ୍ତି। ମେଘା 'କିପ୍ ଗୁଡ୍ ଶେଫ'ଷ୍ଟାର୍ଟଅପ୍ ମାଧ୍ୟମରେ ସାଲାଡ ପ୍ରସ୍ତୁତ କରି ଲୋକଙ୍କୁ ଯୋଗାଇ ଦେଉଛନ୍ତି। ଏହି କାର୍ଯ୍ୟ ଆରମ୍ଭ କରିବା ସମୟରେ ସେ ୩,୫୦୦ ଟଙ୍କା ବିନିଯୋଗ କରିଥିଲେ। ମେଘା ୧୫ ବର୍ଷ ହେବ ଏକ ରିୟଲ ଇଷ୍ଟେଟ କମ୍ପାନୀରେ କାମ କରୁଛନ୍ତି। ସେ ସକାଳ ୪ଟାରେ ଉଠି ସାଲାଡ ପାଇଁ କାମ ଆରମ୍ଭ କରିଦିଅନ୍ତି। କିଛି ଶସ୍ୟ ଭିଜାଇବା ପରେ ମାର୍କେଟରୁ ତଟକା ପରିବା ଆଣନ୍ତି ଓ ତାହାକୁ କାଟି ସାଲାଡ ପ୍ରସ୍ତୁତ କରନ୍ତି। ୬ ପ୍ରକାର ସାଲାଡରୁ ପ୍ରଥମେ ସେ ତାଙ୍କ ବ୍ୟବସାୟ ଆରମ୍ଭ କରିଥିଲେ ଓ ଏବେ ୨୭ ପ୍ରକାର ସାଲାଡ ତିଆରି କରୁଛନ୍ତି। ପ୍ରତି ସପ୍ତାହରେ ମେନ୍ୟୁ ପରିବର୍ତ୍ତନ କରାଯାଉଛି। ଅର୍ଡର ମୁତାବକ ଲୋକଙ୍କ ଘରେ ସାଲାଡ ପହଞ୍ଚାଇବାର ବ୍ୟବସ୍ଥା କରି ତାଙ୍କ ଡ୍ୟୁଟିକୁ ବାହାରି ଯାଆନ୍ତି। ୪ ବର୍ଷ ଧରି ସେ ଏହି କାର୍ଯ୍ୟ କରି ଆସୁଛନ୍ତି। ସାଲାଡ ପ୍ୟାକେଜିଂ ପାଇଁ ସେ ପୁନଃ ଉପଯୋଗ ଯୋଗ୍ୟ ପ୍ଲାଷ୍ଟିକ ପ୍ୟାକେଟ ବ୍ୟବହାର କରୁଛନ୍ତି। ଏହି ସେବାକୁ ସେ ମୁମ୍ବାଇରେ ଆରମ୍ଭ କରିବାକୁ ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଜୁଲାଇ ୧୯୯୬

- ଆଜାରବୈଜାନର ରାଷ୍ଟ୍ରପତି ହାଇଦାଦ ଆଲିୟେଭ ପ୍ରଧାନମନ୍ତ୍ରୀ ଫଦ ଗର୍ଲିୟେଭଙ୍କ ସମେତ ଦୁଇ ମନ୍ତ୍ରୀଙ୍କୁ ବହିଷ୍କାର କରିଛନ୍ତି।
- ତାମିଲନାଡୁର ପୂର୍ବତନ ମନ୍ତ୍ରୀ ତଥା ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜୟଲଳିଥାଙ୍କର ଅନୁଗତ ଏମ୍.ଡି. ସୋମା ସୁନ୍ଦରମଙ୍କ ଏଆଇଏଡିଏମ୍‌କେର ଡେପୁଟି ଜେନେରାଲ ସେକ୍ରେଟେରୀ ପଦରୁ ଇସ୍ତଫା।
- ଭିଜିଲାନ୍ସ ମାମଲା ଖାରଜ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ହାଇକୋର୍ଟରେ ପିଟିସନ ଦାଖଲ କରିଛନ୍ତି।

# ପାଠକ ଶ୍ରେଷ୍ଠ ବିଚାରକ

## ବନ ମହୋତ୍ସବ ପ୍ରହସନ

ମହାଶୟ,

ପ୍ରତିବର୍ଷ ବନ ମହୋତ୍ସବ ସପ୍ତାହ ପାଳନ କରାଯାଉଛି। ଜିଲା, ସବ୍‌ଡିଭିଜନ, ବ୍ଲକ ଓ ପଞ୍ଚାୟତରେ ସରକାରୀ ଅଫିସରମାନେ ଚାରା ରୋପଣ କରନ୍ତି। ଟିଭି ନ୍ୟୁଜ୍ ଚ୍ୟାନେଲରେ ଖବର ପ୍ରସାରିତ ହୁଏ। କିଛି ଦିନ ପରେ ଲଗାଯାଇଥିବା ଚାରାକୁ ଛେଳି କିମ୍ବା ଗାଈ ଖାଇ ଯାଇଥିବାର ଦୃଶ୍ୟ ପତ୍ରପତ୍ରିକାରେ ପ୍ରକାଶ ପାଏ। ଯଦି କେହି ଖାଇ ନଥାଏ, ତେବେ ଖରାଦିନେ ପାଣି ବିନା ଶୁଖି ଚାରାଟି ମରି ଯାଇଥିବାର ଦୃଷ୍ଟିଗୋଚର ହୁଏ।

– କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

## ପୋଲ ଉପରୁ ବାଲି ସଫା ହେଉ

କଟକ ନେତାଜୀ ସେତୁ ଏବଂ ମଧୁ ସେତୁ ଉପରେ ବାଲି ଜମି ଅସ୍ୱାଭାବିକ ସମସ୍ୟା ହେଉଅଛି। ମହାନଗର ନିଗମ ପକ୍ଷରୁ ଆଦୌ ପଦକ୍ଷେପ ନିଆଯାଉ ନାହିଁ। ଯାତାୟାତରେ ଅସୁବିଧା ଦେଖାଯାଉଅଛି। ସାମାନ୍ୟତମ ଅସାବଧାନତାରୁ ଦୁର୍ଘଟଣା ଘଟୁଛି। ନଦୀରୁ ବାଲି ଟ୍ରକ୍ ଓ ଟ୍ରାକ୍ଟର ନେଇ ଯାଇଥାନ୍ତି। ନିୟମିତ ବାଲି ସଫା କରିବା ପ୍ରତି ଧ୍ୟାନ ଦିଆଯାଉ।

ରମେଶ ଚନ୍ଦ୍ର ବେହେରା,
ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୧୧୨.୫୪% ରାଜସ୍ୱ ଆଦାୟ ବୃଦ୍ଧି

**ସଚିବ ସ୍ତରୀୟ ସମୀକ୍ଷା ବୈଠକ**

- ନିଜସ୍ୱ ଟିକସ ୮୦୩୬ କୋଟି, ଅଣଟିକସ ୯୬୨୧.୧୬ କୋଟି ବଜେଟ ଖର୍ଚ୍ଚ ୨୧% ବୃଦ୍ଧି
- ଡିଜିଟାଲ ଆସେଟ୍ ରେଜିଷ୍ଟର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୭(ବ୍ୟୁରୋ)

କୋଭିଡ୍ ମହାମାରୀ ସତ୍ତ୍ୱେ ରାଜ୍ୟର ରାଜସ୍ୱ ଆଦାୟ ବୃଦ୍ଧି ପାଇଛି। ୨୦୨୧ ଜୁନ୍ ଶେଷ ସୁଦ୍ଧା ରାଜସ୍ୱ ଆଦାୟ ବୃଦ୍ଧି ୧୧୨.୫୪ ପ୍ରତିଶତ ହୋଇଛି। ୨୦୨୦ ଜୁନ୍ ୩୦ ସୁଦ୍ଧା ରାଜସ୍ୱ ଆଦାୟ ୮,୩୦୭.୫୪ କୋଟି ହୋଇଥିବା ବେଳେ ଚଳିତ ବର୍ଷ ୧୭,୬୫୬.୭୦ କୋଟି ହୋଇଛି। ମଙ୍ଗଳବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ଏହି ସୂଚନା ଦିଆଯାଇଛି।

ବୈଠକରୁ ମିଳିଥିବା ସୂଚନା ମୁତାବକ ନିଜସ୍ୱ ଟିକସରୁ ରାଜସ୍ୱ ଆଦାୟ ୭୪.୬୬ ପ୍ରତିଶତ ବୃଦ୍ଧିପାଇଛି। ୨୦୨୦ ଏହି ସମୟ ମଧ୍ୟରେ ନିଜସ୍ୱ ଟିକସ ୪୬୦୧ କୋଟି ଆଦାୟ ହୋଇଥିବା ବେଳେ ଚଳିତ ବର୍ଷ ୮୦୩୬ କୋଟିକୁ ବୃଦ୍ଧି ପାଇଛି। ସେହିପରି ଅଣଟିକସରୁ ୨୦୨୦ ଜୁନ୍ ଶେଷ ସୁଦ୍ଧା ୮୩୦୭.୫୪ କୋଟି ରାଜସ୍ୱ ଆଦାୟ ହୋଇଥିବା ବେଳେ ଚଳିତ ବର୍ଷ ୯୬୨୧.୧୬ କୋଟି ଟଙ୍କା ଆଦାୟ ହୋଇଛି। ଯାହାକି ଗତବର୍ଷଠାରୁ ୧୫୯.୫୫ ପ୍ରତିଶତ ବୃଦ୍ଧି ଘଟିଛି। ଟିକସ ଆଦାୟ ସହିତ ବଜେଟ ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଇଛି। ଅର୍ଥ ବିଭାଗ ସଚିବ ଅଶୋକ ମୀନା ବୈଠକରେ ସୂଚନା ଦେଇ କହିଛନ୍ତି, ୨୦୨୧ ଜୁନ୍ ଶେଷ ସୁଦ୍ଧା ବଜେଟ ଖର୍ଚ୍ଚ ୨୧ ପ୍ରତିଶତ ବୃଦ୍ଧିପାଇଛି। ଗତ ବର୍ଷ ଏହା ୧୭ ପ୍ରତିଶତ ଥିଲା। ୨୦୨୦ରେ ବଜେଟ ଖର୍ଚ୍ଚ ୯,୮୭୩ କୋଟି ଟଙ୍କା ଥିବା ବେଳେ ଚଳିତ ବର୍ଷ ୧୨,୮୬୪ କୋଟି ଟଙ୍କା ହୋଇଛି। ବିଭିନ୍ନ କାର୍ଯ୍ୟକ୍ରମ କ୍ଷେତ୍ରରେ ଖର୍ଚ୍ଚ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ସମସ୍ତ ବିଭାଗକୁ ପରାମର୍ଶ ଦେଇଛନ୍ତି। ମଧ୍ୟମକାଳୀନ ନୂଆ ପ୍ରକଳ୍ପଗୁଡ଼ିକ ଉପରେ ବିଶେଷ ଗୁରୁତ୍ୱ ଦେବା ସହିତ ଜିଲା ଖଣିଜ ଫାଉଣ୍ଡେଶନ(ଡିଏମ୍ଏଫ୍) ଏବଂ ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ନିଗମ(ଓଏମ୍‌ବିଏଡିସି) ଅର୍ଥରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଉପରେ ଅଧିକ ଧ୍ୟାନ ଦେବାକୁ ବିଭାଗୀୟ ସଚିବମାନଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବିଭିନ୍ନ ବିଭାଗଗୁଡ଼ିକ ସରକାରୀ ସମ୍ପତ୍ତିଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଡିଜିଟାଲ ଆସେଟ୍ ରେଜିଷ୍ଟର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତାହା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ୱେବ୍‌ସାଇଟରେ ଉପଲବ୍ଧ ହେବା ଆବଶ୍ୟକ। ଏହି ରେଜିଷ୍ଟର ପ୍ରସ୍ତୁତ କରିବା ପାଇଁ ସମସ୍ତ ବିଭାଗର ଅଧିକାରୀମାନେ ପରସ୍ପର ସହ ସମନ୍ୱୟ ରଖି ଓଡ଼ିଶା ସ୍ପେସ୍ ଆପ୍ଲିକେଶନ ସେଣ୍ଟର(ଓର୍‌ସାକ) ସହ ଯୋଗାଯୋଗରେ ରହିବାକୁ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରୁ ମିଳିଥିବା ସୂଚନା ମୁତାବକ ଓଏମ୍‌ବିଏଡିସି ଦ୍ୱାରା କରାଯାଇଥିବା ସମୀକ୍ଷା ଅନୁଯାୟୀ ୨୦୨୧ ମେ' ପର୍ଯ୍ୟନ୍ତ ଡିଏମ୍ଏଫ୍‌ରୁ ୧୩,୧୭୩ କୋଟି ଟଙ୍କା ଆଦାୟ କରାଯାଇଛି। ଏଥିରେ ୨୦,୩୭୨ ପ୍ରକଳ୍ପ ଅନୁମୋଦନ କରାଯାଇଛି। ଏଥିପାଇଁ ବିଭିନ୍ନ ଜିଲାକୁ ୧୪,୪୯୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ମେ' ଶେଷ ସୁଦ୍ଧା ୧୩,୧୩୨ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ସେହିପରି ଓଏମ୍‌ବିଏଡିସିର ଦ୍ୱିତୀୟ ପର୍ଯ୍ୟାୟରେ ୭ଟି କ୍ଷେତ୍ରରେ ୩୮ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ଏଥିପାଇଁ ୧୩,୭୮୨ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ନିର୍ଦ୍ଧାରିତ ସମୟରେ ପ୍ରକଳ୍ପଗୁଡ଼ିକୁ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବିଭିନ୍ନ ବିଭାଗର ସଚିବମାନଙ୍କ ସମେତ କୃଷି ଉତ୍ପାଦନ କମିଶନର ଆର.କେ. ଶର୍ମା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।




ଚାଷୀଙ୍କ ବକେୟା ଅର୍ଥ ଓ ଏଫ୍‌ସିଆଇର ଚାଉଳ ଉଠାଣରେ ଅବହେଳା ପ୍ରତିବାଦରେ ବିଜେଡି ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ସତ୍‌ସଙ୍ଗ ବିହାର ନିକଟ ଏଫ୍‌ସିଆଇ କାର୍ଯ୍ୟାଳୟ ଆଗରେ ଦିଆଯାଇଥିବା ଧାରଣା।

## ପୋଲିସ ଇନ୍‌ଫର୍ମର ସନ୍ଦେହରେ ୭ ଗ୍ରାମବାସୀଙ୍କୁ ଅପହରଣ

**ମାଲକାନଗିରି,୨୦।୭ (ଡି.ଏନ.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲାର ଜଗରକୁଣ୍ଡା ଗ୍ରାମରୁ ୭ ଜଣ ଗ୍ରାମବାସୀଙ୍କୁ ସୋମବାର ରାତିରେ ମାଓବାଦୀମାନେ ଅପହରଣ କରି ନେଇଛନ୍ତି। ଏମାନଙ୍କୁ ଉଦ୍ଧାର କରିବାକୁ ଯାଇଥିବା ୪ଜଣ ଗ୍ରାମବାସୀ ମଧ୍ୟ ଖବର ଲେଖାହେବା ଯାଏ ଗ୍ରାମକୁ ଫେରିନାହାନ୍ତି। ଅପହୃତ ହୋଇଥିବା ଗ୍ରାମବାସୀ ପୋଲିସର ସୂଚନାଦାତା ଭାବେ କାର୍ଯ୍ୟ କରୁଥିବା ସନ୍ଦେହରେ ସେମାନଙ୍କୁ ଅପହରଣ କରାଯାଇଥିବା ଜଣାପଡ଼ିଛି।

## ଆତ୍ମସମର୍ପଣ କରିବାରୁ ମାରିଦେଲେ ମାଓବାଦୀ

ମାଲକାନଗିରି,୨୦।୭ (ଡି.ଏନ.ଏ.)

ଲାଲବାହିନୀ ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଥିବା ଜଣେ ସାଥୀଙ୍କୁ ମୃତ୍ୟୁଦଣ୍ଡ ଦେଇଛନ୍ତି ମାଓବାଦୀ। ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ଜଣେ ବ୍ୟକ୍ତିଙ୍କୁ ଘରୁ ଅପହରଣ କରି ନେଇ ହତ୍ୟା କରିଛନ୍ତି। ଛତିଶଗଡ଼ ବିଜାପୁର ଜିଲାରେ ଘଟିଛି ଏପରି ଘଟଣା। ମୃତକ ହେଲେ ଗାଙ୍ଗୁଲୁର ଗ୍ରାମର ରାଜୁ ବୋମ। ସେ ୯ ବର୍ଷଧରି ମାଓବାଦୀ ସଙ୍ଗଠନରେ ଥିଲେ। ଛତିଶଗଡ଼ ଓ ତେଲଙ୍ଗାନାରେ ଅନେକ ହିଂସାକାଣ୍ଡରେ ଜଡିତ ଥିଲେ ରାଜୁ। ଶେଷରେ ନିଜ ପରିବାର କଥା ଚିନ୍ତା କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ରାଜୁ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ଗ୍ରାମରେ ପରିବାର ସହ ଚାଷବାସ କରି ରହୁଥିଲେ। ସୋମବାର ରାତିରେ ୧୦/୧୫ ଜଣ ସଶସ୍ତ୍ର ମାଓବାଦୀ ରାଜୁଙ୍କୁ ଘରୁ ଅପହରଣ କରି ନେଇଥିଲେ। ମଙ୍ଗଳବାର ସକାଳେ ବିଜାପୁର ଗାଙ୍ଗଲୁର ରାସ୍ତାରେ ତାଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଥିଲା।

# ୧୫ ଦିନରେ ୫ ଶିଶୁଙ୍କ ମୃତ୍ୟୁ

**ଅଜଣା ରୋଗ ନେଉଛି ଜୀବନ**

ମାଲକାନଗିର/କାଲିମେଳା, ୨୦।୭ (ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ସୁଧାଖୁଣ୍ଟା ଗ୍ରାମରେ ଅଜଣା ରୋଗ ଭୟ ଗ୍ରାମବାସୀଙ୍କୁ ଭୟଭୀତ କରିଛି। ଗତ ୧୫ ଦିନ ମଧ୍ୟରେ ଅଜଣା ରୋଗରେ ଗ୍ରାମର ୫ ଜଣ ଶିଶୁ ମୃତ୍ୟୁ ଘଟିଲାଣି। ସେମାନେ ହେଲେ ଗ୍ରାମର ଦେବା ମାଡକାମିଙ୍କ ୪ ବର୍ଷର ପୁଅ, ରାମ ମାଡ଼ିଙ୍କ ୫ ବର୍ଷର ପୁଅ ଓ ୨ ମାସର ଶିଶୁକନ୍ୟା, ବୀର ମାଡକାମିଙ୍କ ୩ ବର୍ଷର ଝିଅ ଏବଂ ଜୟ ସୋଡିଙ୍କ ୫ ବର୍ଷର ପୁଅ। ଶିଶୁମାନେ ପ୍ରଥମେ ଜ୍ୱର ଓ ଥଣ୍ଡାରେ ପୀଡ଼ିତ ହୋଇଥିଲେ। ପରିବାର ଲୋକେ ସେମାନଙ୍କୁ କାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଔଷଧ ଦେଇଥିଲେ। ମାତ୍ର ପରେ ଶିଶୁମାନେ ଝାଡ଼ାରେ ଆକ୍ରାନ୍ତ ହୋଇଥିଲେ। ପରେ ପରିବାର ଲୋକେ ପିଲାଙ୍କୁ ଗ୍ରାମର ପୂଜାରୀ, ଦିଶାରୀ ଓ ଗୁଣିଆଙ୍କ ପାଖକୁ ନେଇ ଝଡାଫୁଙ୍କା କରିଥିଲେ। ମାତ୍ର କିଛି ସୁଫଳ ମିଳି ନ ଥିଲା। ଏହାର ଦିନେ ଦୁଇ ଦିନ ମଧ୍ୟରେ ଶିଶୁମାନଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ଏ ସମ୍ପର୍କରେ ଖବର ପାଇ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏକ ଟିମ୍ ସୁଧାଖୁଣ୍ଟା ଗ୍ରାମକୁ ଯାଇ ଏପରି ମୃତ୍ୟୁର କାରଣ ଅନୁସନ୍ଧାନ କରିଛନ୍ତି। ଜଣେ ଶିଶୁ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୪ ଜଣ ୧୫ ଦିନ ପୂର୍ବରୁ ମୃତ୍ୟୁବରଣ କରିଥିବା ଏହି ଟିମ୍ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।



ଦୁଃଖରେ ଭାଙ୍ଗିପଡ଼ିଥିବା ଗ୍ରାମବାସୀ।

# ବଢୁଛି ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା

- ମାଲକାନଗିରିରେ ସର୍ବାଧିକ
- ୨ୟ ସ୍ଥାନରେ ଜଗତସିଂହପୁର, ୩ୟରେ ଯାଜପୁର

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ,୨୦।୭

ସୁପ୍ରିମକୋର୍ଟ ପକ୍ଷରୁ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ସଡ଼କ ସୁରକ୍ଷା ଉପରେ ଏକ କମିଟି ଗଠନ ହୋଇଥିଲା। ଏହି କମିଟି ଓଡ଼ିଶାରେ ୨୦୨୦ ସୁଦ୍ଧା ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟାକୁ ୫୦ପ୍ରତିଶତ ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ରାଜ୍ୟରେ ୨୦୧୪ରେ ୩୯୩୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୧୯ରେ ସେହି ସଂଖ୍ୟା ୪୭୩୮ରେ ପହଞ୍ଚିଥିଲା। ଯାହାକି ୫ବର୍ଷ ମଧ୍ୟରେ ୨୧ ପ୍ରତିଶତ ବୃଦ୍ଧି ପାଇଛି। ଏହାବାଦ୍ ୨୦୨୦ ପ୍ରଥମ ୪ ମାସ(ଜାନୁୟାରୀରୁ ଏପ୍ରିଲ) ଅପେକ୍ଷା ୨୦୨୧ ଜାନୁୟାରୀରୁ ଏପ୍ରିଲରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ୨୭.୬୦ ପ୍ରତିଶତ ବୃଦ୍ଧି ଘଟିଛି। ମାଲକାନଗିରିରେ ସର୍ବାଧିକ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଥିବା ବେଳେ ଜଗତସିଂହପୁର ଜିଲା ୨ୟ ଓ ଯାଜପୁର ଜିଲା ତୃତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷେ କେବଳ ୪ଟି ଜିଲା ଦେଓଗଡ଼, ଗଞ୍ଜାମ, ପୁରୀ ଏବଂ ସୁବର୍ଣ୍ଣପୁରରେ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଛି। ଏହାକୁ ନେଇ ରାଜ୍ୟ ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ ଚିନ୍ତାବ୍ୟକ୍ତ କରିଛି। ଏହାସହ ସମସ୍ତ ଜିଲାପାଳ, ଏସ୍‌ପି, ଭୁବନେଶ୍ୱର ଓ କଟକ ଡିସିପି ଏବଂ ଟ୍ରାଫିକ ଡିସିପି ଓ କମିଶନରେଟ ପୋଲିସକୁ ଏ ସଂକ୍ରାନ୍ତରେ ଯତ୍ନବାନ ହେବାକୁ କୁହାଯାଇଛି। ଡିଷ୍ଟ୍ରିକ୍ଟ ରୋଡ ସେଫ୍‌ଟି କମିଟି(ଡିଆର୍‌ଏସ୍‌ସି) ନିୟମିତ ବୈଠକ କରି ଆବଶ୍ୟକ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ରାଜ୍ୟ ପରିବହନ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀ ମଧୁସୂଦନ ପାଢୀ ଗତ ୧୬।୭।୨୦୨୧ରେ ନିର୍ଦ୍ଦେଶ ଜାରି କରିଛନ୍ତି।

ଶିଳ୍ପ ଓ ଖଣି ସମୃଦ୍ଧ ଯାଜପୁର ଜିଲାରେ ଓଭରଲୋଡିଂ ଗାଡ଼ି ଚଳାଚଳ ବୃଦ୍ଧି ପାଇବାରେ ଲାଗିଛି। ଏହାସହ କେନ୍ଦୁଝର ଜିଲାରୁ ଖଣିଜ ସମ୍ପଦ ବୋଝେଇ ଓଭରଲୋଡିଂ ଗାଡ଼ି ଯାଜପୁର ଜିଲାର ୧୬ ଓ ୫୩ ନମ୍ବର ଜାତୀୟ ରାଜପଥ ଦେଇ ଜଗତସିଂହପୁର ଜିଲା ପାରାଦୀପ ବନ୍ଦରକୁ ଚଳାଚଳ କରୁଛି। ଏହିକ୍ରମରେ ୨୦୨୦ଜାନୁୟାରୀ–ଏପ୍ରିଲରେ ଯାଜପୁର ଜିଲାରେ ଘଟିଥିବା ୧୩୮ ଦୁର୍ଘଟଣାରେ ୫୫ ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ୨୦୨୧ ଜାନୁୟାରୀ–ଏପ୍ରିଲରେ ୨୧୫ ଦୁର୍ଘଟଣା ଘଟି ୧୦୨(୮୫.୪୫ ପ୍ରତିଶତ ବୃଦ୍ଧି) ଜଣଙ୍କ ମୃତ୍ୟୁ ହୋଇଛି। ଯାଜପୁର ଜିଲା ଉପରକୁ ଜଗତସିଂହପୁର ଜିଲାରେ ୨୦୨୦ର ଜାନୁୟାରୀ–ଏପ୍ରିଲରେ ୫୮ ଦୁର୍ଘଟଣା ଘଟି ୨୦ ଜଣ ଏବଂ ୨୦୨୧ର ଜାନୁୟାରୀ–ଏପ୍ରିଲରେ ୯୦ ଦୁର୍ଘଟଣାରେ ୩୮ (୯୦ ପ୍ରତିଶତ ବୃଦ୍ଧି)ଜଣଙ୍କ ମୃତ୍ୟୁ ହୋଇଛି। ମାଲକାନଗିରି ଜିଲାରେ ୨୦୨୦ ଜାନୁୟାରୀ–ଏପ୍ରିଲରେ ୩୨ ଦୁର୍ଘଟଣା ଘଟି ୧୩ ଓ ୨୦୨୧ ଜାନୁୟାରୀ–ଏପ୍ରିଲରେ ୪୪ ଦୁର୍ଘଟଣାରେ ୨୮ (୧୧୫.୩୮ ପ୍ରତିଶତ ବୃଦ୍ଧି)ଜଣଙ୍କ ମୃତ୍ୟୁ ହୋଇଛି। ତେବେ ସଂଖ୍ୟା ଅନୁସାରେ ରାଜ୍ୟର ସୁନ୍ଦରଗଡ଼ ଜିଲାରେ ୨୦୨୧ ଜାନୁୟାରୀ–ଏପ୍ରିଲରେ ସର୍ବାଧିକ ୧୩୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ସାରା ରାଜ୍ୟରେ ୧୮୭୭ ଜଣଙ୍କ ମୃତ୍ୟୁ ହୋଇଛି। ୨୦୨୦ ଜାନୁୟାରୀ–ଏପ୍ରିଲରେ ୧୪୭୧ ଜଣଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଓଭରଲୋଡିଂ ଗାଡ଼ି ଚଳାଚଳ ବ୍ୟତୀତ ରାସ୍ତାରେ ଗାଡି ପାର୍କିଂ ସହ ଦ୍ରୁତ ଚାଳନା, ହେଲମେଟ ଆଇନ ଉଲ୍ଲଂଘନ, ମୋବାଇଲ ଫୋନ ଧରି ଓ ମଦପିଇ ଗାଡି ଚାଳନା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ମତପ୍ରକାଶ ପାଇଛି। ଏଭଳି ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତ୍ୟେକ ଡିଆର୍‌ଏସ୍‌ସି ବୈଠକରେ ନିଷ୍ପତ୍ତି ହେଉଛି। କିନ୍ତୁ ଏହାର କାର୍ଯ୍ୟକାରିତା ଠିକ୍ ଭାବେ ହେଉ ନ ଥିବାରୁ ଓଡିଶାରେ ଦୁର୍ଘଟଣା ମୃତ୍ୟୁ ହାର କମୁ ନ ଥିବା ଅଭିଯୋଗ ହୋଇଛି।

ରିପୋର୍ଟ ଅନୁସାରେ ଯାଜପୁର ଜିଲା ଦେଇ ଯାଇଥିବା ରାଜପଥରେ ଗତ ଫେବୃୟାରୀରୁ ଏପ୍ରିଲ ୩ ମାସରେ ଆଖୁଆପଦାରୁ କୁଆଖିଆ ମଧ୍ୟରେ ୫୪, ଜାରକାରୁ ବୈରୀ ମଧ୍ୟରେ ୩୪, ଛତିଆରୁ ମଙ୍ଗୁଳି ମଧ୍ୟରେ ୬୧ଟି ଦୁର୍ଘଟଣା ଘଟିଛି। ଏହିକ୍ରମରେ ବିଭାଗୀୟ ପ୍ରିନ୍ସିପାଲ ସେକ୍ରେଟାରୀ ପାଢୀ ତାଙ୍କ ପତ୍ରରେ ଆହୁରି ଦର୍ଶାଇଛନ୍ତି ଯେ, ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ପାଇଁ ଜଣେ ଜୁନିୟର ଏମ୍‌ଭିଆଇ ଓ ଆସିଷ୍ଟାଣ୍ଟ ଏମ୍‌ଭିଆଇଙ୍କୁ ଜିଲାର ନୋଡାଲ ଅଧିକାରୀ ଭାବେ ଘୋଷଣା କରାଯାଇଛି। ଏହି ଦୁଇ ଜଣ ନୋଡାଲ ଅଧିକାରୀ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ନିର୍ଦ୍ଦେଶକୁ ପରିଚାଳନା କରିବେ। ଜିଲାପାଳ ପ୍ରତି ୧୫ ଦିନରେ କାହିଁକି ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି ସେ ନେଇ ରିପୋର୍ଟ ଦାଖଲ କରିବେ।



ANNEXURE-A.
DISTRICT WISE ROAD ACCIDENTS AND FATALITIES JANUARY TO APRIL, 2021 AND 2020

| Sl No | Name of the District | January to April, 2020 Accidents | January to April, 2020 Deaths | January to April, 20211 Accidents | January to April, 20211 Deaths | Growth in Fatalities (%) |
|---|---|---|---|---|---|---|
| 1 | Angul | 107 | 54 | 162 | 67 | 24.07 |
| 2 | Balasore | 132 | 61 | 151 | 82 | 34.43 |
| 3 | Bargarh | 72 | 39 | 93 | 58 | 48.72 |
| 4 | Bhadrak | 74 | 35 | 90 | 37 | 5.71 |
| 5 | Bolangir | 78 | 37 | 112 | 55 | 48.65 |
| 6 | Boudh | 41 | 22 | 55 | 31 | 40.91 |
| 7 | Cuttack | 225 | 72 | 284 | 99 | 37.50 |
| 8 | Deogarh | 35 | 21 | 37 | 14 | -33.33 |
| 9 | Dhenkanal | 94 | 49 | 144 | 69 | 40.82 |
| 10 | Gajapati | 32 | 19 | 45 | 25 | 31.58 |
| 11 | Ganjam | 203 | 150 | 257 | 132 | -12.00 |
| 12 | Jagatsinghpur | 58 | 20 | 90 | 38 | 90.00 |
| 13 | Jajpur | 138 | 55 | 215 | 102 | 85.45 |
| 14 | Jharsuguda | 62 | 30 | 79 | 37 | 23.33 |
| 15 | Kalahandi | 102 | 47 | 137 | 56 | 19.15 |
| 16 | Kandhamal | 54 | 23 | 79 | 33 | 43.48 |
| 17 | Kendrapada | 83 | 34 | 102 | 43 | 26.47 |
| 18 | Keonjhar | 197 | 109 | 242 | 124 | 13.76 |
| 19 | Khurda | 271 | 78 | 316 | 105 | 34.62 |
| 20 | Koraput | 112 | 64 | 124 | 81 | 26.56 |
| 21 | Malkanagiri | 32 | 13 | 44 | 28 | 115.38 |
| 22 | Mayurbhanj | 140 | 86 | 204 | 130 | 51.16 |
| 23 | Nawarangpur | 56 | 32 | 101 | 44 | 37.50 |
| 24 | Nayagarh | 84 | 33 | 102 | 41 | 24.24 |
| 25 | Nuapada | 36 | 16 | 58 | 29 | 81.25 |
| 26 | Puri | 114 | 51 | 152 | 43 | -15.69 |
| 27 | Rayagada | 79 | 28 | 111 | 40 | 42.86 |
| 28 | Sambalpur | 154 | 61 | 167 | 79 | 29.51 |
| 29 | Sonepur | 32 | 26 | 58 | 22 | -15.38 |
| 30 | Sundargarh | 215 | 106 | 284 | 133 | 25.47 |
| | TOTAL | 3112 | 1471 | 4095 | 1877 | 27.60 |

ଜିଲାସ୍ତରୀୟ ଦୁର୍ଘଟଣା ଓ ମୃତ୍ୟୁ ଟେବୁଲ।

**OFFICE OF THE COLLECTOR & DISTRICT MAGISTRATE, BHADRAK**
(Establishment Section)
No. 5764/Estt. Dated 14.07.2021
(BBE-XVI(A)-04/2021-TENDER-DEO)

**TENDER CALL NOTICE**

No. F-73:- Sealed tenders are invited from reputed Manpower Agencies/ Service Providers to provide the services of 10 (Ten) numbers of Data Entry Operators (DEOs) for day to day official work in different Sections of Collectorate, Bhadrak on outsourcing basis through two bid system.

1. Last date of receipt of Sealed Bid is on **29.07.2021 upto 5.30 PM** through Registered/Speed Post only.
2. Date and time for pening of
   (i) Technical Bid : **30.07.2021 at 11.00 AM**
   (ii) Financial Bid : **02.08.2021 at 03.30 PM**

For details please visit our website in **www.bhadrak.nic.in**
OIPR-24017/11/0005/2122 **Sd./- Collector, Bhadrak**

**ତହସିଲ କାର୍ଯ୍ୟାଳୟ, ସଦର କେନ୍ଦୁଝର**
**ଜିଲ୍ଲା - କେନ୍ଦୁଝର**

**ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିଲାମ ନିମନ୍ତେ ବିଜ୍ଞାପନ**

No. F-72:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ସଦର ତହସିଲ କେନ୍ଦୁଝର କାର୍ଯ୍ୟାଳୟ ବିଜ୍ଞପ୍ତି ସଂଖ୍ୟା ୪୧୫୯/୧୫.୦୭.୨୦୨୧ରିଖ ଦ୍ୱାରା ସଦର ତହସିଲ ଅଧୀନରେ ଥିବା **୦୫ (ପାଞ୍ଚ) ଗୋଟି ସୈରାତ (ନିଶ୍ଚିନ୍ତ ପୁର ପଥର ଖଣି, ମୁରୁସୁଆଁ ପଥରଖଣି-୧, ମୁରୁସୁଆଁ ପଥରଖଣି-୨, ରଘୁନାଥପୁର ପଥରଖଣି - ୧ ଓ ରଘୁନାଥପୁର ପଥର ଖଣି - ୨)** ଉତ୍ସଗୁଡ଼ିକୁ **୨୦୨୧–୨୨** ଆର୍ଥିକ ବର୍ଷଠାରୁ **୦୫ (ପାଞ୍ଚ)** ବର୍ଷ ନିମନ୍ତେ ନିଲାମ ମାଧ୍ୟମରେ ଲିଜ ଦେବା ପାଇଁ ଇସ୍ତାହାର ପ୍ରକାଶିତ ହୋଇଅଛି । ଏହି ଇସ୍ତାହାର ସମ୍ବନ୍ଧୀୟ ସବିଶେଷ ବିବରଣୀ ଜିଲ୍ଲା website: **www.kendujhar.nic.in** ରୁ download କରିପାରିବେ । ନିଲାମରେ ଭାଗ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ website ରୁ ସମସ୍ତ ତଥ୍ୟ ହାସଲ କରି ଆବେଦନ କରିପାରିବେ କିମ୍ବା ସଦର ତହସିଲ କେନ୍ଦୁଝର କାର୍ଯ୍ୟାଳୟକୁ ଯୋଗାଯୋଗ କରି ନିଲାମ ସମ୍ବନ୍ଧୀୟ ତଥ୍ୟ ନେଇପାରିବେ ।

**ମୁଦ ଦରଖାସ୍ତ ଦାଖଲର ଅନ୍ତିମ ତାରିଖ: ୦୯.୦୮.୨୦୨୧**
**ଦରଖାସ୍ତ ଉନ୍ମୋଚନ ଓ ଡାକର ତାରିଖ: ୧୦.୦୮.୨୦୨୧**

OIPR-24158/11/0004/2122 **ସ୍ୱା./- ତହସିଲଦାର, ସଦର କେନ୍ଦୁଝର**

**OFFICE OF THE MUNICIPAL COUNCIL, JATNI**
No. 3276/ Date 16.07.2021

**QUOTATION CALL NOTICE**

**No. C-601:-** Sealed Quotations are invited from Registered/ Experienced/ Reputed Firms/ Manufacturers/ Suppliers having valid Income Tax and GST Registration Certificates for supply and installation of ornamental equipments for Park and Gym for Jatni Municipality in two cover bid. The Cover one will contain technical bids and the Cover two will contain the price bid. After evaluation of Technical bid the financial bid of qualified bidders will be opened. Preference shall be given to those consultants who have already rendered similar type of services to various Urban Local Bodies of Odisha State Government. The rate should be inclusive of all taxes, conveyance etc. complete in all respect. The tender paper will be availabe in Jatni Municipality Office on payment of Rs.2000/- (Rupees Two Thousand) and EMD of Rs.10000/- (Rupees Ten Thousand) in shape of Cash / Bank Draft in favour of Executive Officer, Jatni Municipality and to attached along with Tender paper. The Quotation shall be submitted on or before dt.26.07.2021 at 3.00 PM and the bid will be opened at 3.30 PM in the presence of the bidder or their authorized representative. The undersigned reserves all rights to reject any or all quotations without assigning any reason thereof.

**Sd./- Executive Officer, Jatni Municipality**
OIPR-13041/11/0013/2122

**GOVERNMENT OF ODISHA**
**"e" PROCUREMENT NOTICE**
**OFFICE OF THE NOTIFIED AREA COUNCIL, BALLIGUDA**

**Tender Call Notice**

**No. 1562 Date 16.07.2021**
**E-mail: eonacballiguda@yahoo.in**
**Bid Identification No. EO_BLG.N_09_2021-22**

**No. C-607:-** The Executive Officer, NAC, Balliguda, Dist- Kandhamal inviting percentage rate bid in **online mode** for the works from eligible contractors for civil work as detailed in the table below:

| | | |
|---|---|---|
| 1. | Name of Work | As per DTCN |
| 2. | No. of work | 7 Nos. |
| 3. | Tender Cost | Rs. 1.20 Lakh to Rs.19.80 Lakh |
| 4. | Class of Contractor | D & C or equivalent |
| 5. | Period & time of completion | As per DTCN |
| 6. | Available of Bid Document in the Website | From Dt.**20.07.2021** of 9.00 AM to Dt.**30.07.2021** Up to 04.00 PM |
| 7. | Date of opening of Bid | Dt.**30.07.2021** at 04.30 PM |
| 8. | The bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any Addendum/Corrigendum/Cancellation of tender can also be seen in the said website. | |

**OIPR-13097/11/0014/2122 Sd./- Executive Officer, NAC, Balliguda**

**NOTIFIED AREA COUNCIL KHALLIKOTE, GANJAM**
Pin No. 761030; Tele: 06810-256333 (O), 06810 256124
Letter No. 1036 Date: 16.07.21

**QUOTATION CALL NOTICE**

No. C-599:- The NAC, Khallikote invites sealed quotation from the intending Organisation / Registered Contractor / Register NGO / Private Companies / having experience in Sanitation activities like door to door collection of garbage / Street Sweeping / Cleaning of Drains / Bush Cutting / Transportation of Garbage to MCC & MRF as selected by the undersigned for the ward No. 1 to 11 of Khallikote NAC. The Quotation Paper / Tender Paper (Describe of work with Terms & Conditions) shall be available in the office of the undersigned during the office hour from 20.07.2021 to 29.07.2021 of all working days on payment of cost of document @ Rs.6,000/- (Rs. 6,000 i.e. Non Refundable) in shape of Money Receipt from the office of the undersigned during the office hour from the date of notification or in shape of DD from any nationalised bank drawn in favour of Executive Officer, NAC, Khallikote. The last date of receipt of quotation is dated 29.07.2021 upto 05.30 PM and the quotation shall be opened Dt.30.07.2021 at 11.00 AM in presence of the quotationer or their authorised representatives. The tender documents are two parts bidding system i.e. Technical bid and Financial Bid. The interested agency are advised to submit to separate sealed envelopes for each bid. i.e. Technical and Financial superscription. Both the sealed envelope to be kept in third envelopes. The office is not responsible for absence of any quotationer or their agent during the opening of the quotation. The quotation shall be submitted by the quotationer either by speed post / Registered Post or by Person in the office during the office hour in the stipulated date & time mentioned above. The details of the bid documents, scope of work, eligible criteria, Experience etc have been mentioned in the bid documents. The authority shall not be held responsible for postal delay.

The authority reserves the right to reject any or all tenders without assigning any reason thereof.

**Sd./- Executive Officer, N.A.C. Khallikote**
OIPR-13110/11/0002/2122

**BERHAMPUR MUNICIPAL CORPORATION, GANJAM**
**INVITATIONS FOR BIDS (IFB)**
**Letter No. 8196/X-E.3-7/19 Date: 15.07.2021**

**Invitation for Bids**

**COMPETITIVE BIDDING THROUGH E-PROCUREMENT**

**Bid Identification No. BMC (BAM) 241/2020-21**

**No. C-598:-**

| | | |
|---|---|---|
| 1 | **The Municipal Commissioner, Berhampur, invites percentage rate bids in ONLINE MODE only, as per annexure "A"** | |
| 2 | **Nature of work** | Civil Works |
| 3 | **No. of work** | **1 No.** |
| 4 | **Bid Cost.** | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | **E.M.D.** | The bidder shall remit online the Earnest Money Deposit/Bid Security at the rate of 0% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A" |
| 6 | **Class of Contractor** | As per the Annexure "A" |
| 7 | **Availability of Bid Documents in the website** | From 15.05 hrs. of **Dt.19.07.21** to 17.00 hrs. of **02.08.21** |
| 8 | **Date & Time of Opening of the Bids** | 11.30 hrs. onwards on **Dt. 03.08.21** |
| 9 | **Mode of submission of tender** | Tender should submitted Online in **www.tendersorissa.gov.in** |
| 10 | **The bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.** | |

**Sd./- Commissioner,**
**Berhampur Municipal Corporation**
**Berhampur, Odisha**
*OIPR-13035/11/0017/2122*

# ଯୁବକଙ୍କୁ କୁଶଳୀ କରି ମୁଖ୍ୟସ୍ରୋତରେ ସାମିଲ ଆହ୍ୱାନ

ଭୁବନେଶ୍ୱର, ୨୦।୭(ବ୍ୟୁରୋ)



ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ସମୀକ୍ଷା କରୁଛନ୍ତି।

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ମଙ୍ଗଳବାର ବିଭାଗୀୟ ଯୋଜନା ଓ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ମୁଖ୍ୟତଃ କରୋନା ମହାମାରୀ ସମୟରେ ବୈଷୟିକ ଶିକ୍ଷା ଓ ତାଲିମ କାର୍ଯ୍ୟକ୍ରମ ବ୍ୟାହତ ହୋଇଥିବାବେଳେ ଏହାକୁ କିଭଳି ପୁଣିଥରେ କାର୍ଯ୍ୟକ୍ଷମ କରାଯାଇପାରିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଲେ ଦକ୍ଷତା ହିଁ ବିକାଶର ମାପକାଠି। ଦକ୍ଷ ଓ କୁଶଳୀ ମାନବ ସମ୍ବଳ ହିଁ ପ୍ରଗତିର ଭାଗୀଦାର ଓ ହକ୍‌ଦାର। ଅର୍ଥନୀତିର ବିକାଶ କ୍ଷେତ୍ରରେ ଦକ୍ଷ ଓ କୁଶଳୀ ଶ୍ରମଶକ୍ତିର ଯୋଗଦାନ ରହିଛି। ଆଜିର ଯୁବକମାନଙ୍କୁ ଦକ୍ଷ ଓ କୁଶଳୀ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯିବା ଉଚିତ। ଏହାଦ୍ୱାରା ଏକ ବିକଶିତ ସମାଜ ଗଠନ ସମ୍ଭବ ହୋଇପାରିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ଅବସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ରେଘୁ ଜି, ବିଭାଗୀୟ ଯୁଗ୍ମ ସଚିବ ଅଜୟ କୁମାର ନାୟକ ଓ ଗୌରହରି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ଧ୍ରକୁ ପୋଲ ନିର୍ମାଣ ଅନୁମତି ଦେଲାନି ପ୍ରଶାସନ

## ସାନଲାକୁଟି ଗାଁ ନାଳରେ ପୋଲ ନିର୍ମାଣ ପ୍ରସଙ୍ଗ

ରାୟଗଡ଼ା ଅଫିସ, ୨୦।୭



ଓଡ଼ିଶା ଅଧିକାରୀମାନେ ଆନ୍ଧ୍ରର ଇଞ୍ଜିନିୟରଙ୍କ ସହ ଆଲୋଚନା କରୁଛନ୍ତି।

ରାୟଗଡ଼ା ବ୍ଲକ ବୈରାଗୀ ହଲୁଆ ପଞ୍ଚାୟତ ସାନଲାକୁଟି ଗାଁ ନାଳରେ ଅର୍ଦ୍ଧନିର୍ମିତ ପୋଲକୁ ପୁନଃ ନିର୍ମାଣ କରିବାକୁ ଆନ୍ଧ୍ର ଅନୁମତି ମାଗିଥିଲା। କିନ୍ତୁ ରାୟଗଡ଼ା ପ୍ରଶାସନ ସେମାନଙ୍କୁ ମନା କରିଦେଇଛି। ଜିଲାରେ ଯାହାବି କିଛି ଉନ୍ନୟନ କାର୍ଯ୍ୟ ହେବ, ତାହା ଓଡ଼ିଶା ସରକାରଙ୍କ ପକ୍ଷରୁ କରାଯିବ ବୋଲି ରାୟଗଡ଼ା ପ୍ରଶାସନିକ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି। ସୂଚନା ଅନୁଯାୟୀ, ରାୟଗଡ଼ା ବ୍ଲକ ବୈରାଗୀ ହଲୁଆ ପଞ୍ଚାୟତ ଅନ୍ତର୍ଗତ ସାନଲାକୁଟି ଗାଁ ନାଳରେ ଆନ୍ଧ୍ର ପୋଲ ନିର୍ମାଣ କରୁଥିଲା। ସାନଲାକୁଟି ଗାଁଠାରୁ ୨କି.ମି. ଦୂରରେ ଆନ୍ଧ୍ରର ଲାଡା ଗ୍ରାମ ରହିଛି। ଲାଡାକୁ ଯିବାକୁ ହେଲେ ଓଡ଼ିଶା ରାସ୍ତା ଦେଇ ଯିବାକୁ ହୁଏ। ଲାଡା ଗ୍ରାମବାସୀଙ୍କ ପାଇଁ ସାନଲାକୁଟି-ଲାଡା ମଧ୍ୟରେ ଥିବା ନାଳରେ ଆନ୍ଧ୍ର ପୋଲ ନିର୍ମାଣ କରୁଥିଲା। ଗୋଟିଏ ପିଲର ଆନ୍ଧ୍ରରେ ଓ ଦୁଇଟି ପିଲର ଓଡ଼ିଶା ସୀମାରେ ରହିଥିଲା। ଖବରପାଇ ଫେବ୍ରୁୟାରୀ ମାସରେ ରାୟଗଡ଼ା ପ୍ରଶାସନ କାମ ବନ୍ଦ କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ଆନ୍ଧ୍ରପ୍ରଦେଶ ଇଞ୍ଜିନିୟର ଏଠାକୁ ଆସିଥିଲେ। ଖବରପାଇ ରାୟଗଡ଼ା ତହସିଲଦାର ଉମା ଶଙ୍କର ବେହେରା, ବିଡିଓ ଲକ୍ଷ୍ମୀନାରାୟଣ ସାବତ, ରାଜସ୍ୱ ଓ ପଞ୍ଚାୟତିରାଜ ବିଭାଗ ଘଟଣାସ୍ଥଳକୁ ଯାଇଥିଲେ। ଆନ୍ଧ୍ର ଇଞ୍ଜିନିୟର ବ୍ରିଜ କାମ ପାଇଁ ଓଡ଼ିଶା ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଜିଲା ପ୍ରଶାସନ କିନ୍ତୁ ମନା କରିଦେଇଛି। ନିଜ ଅଞ୍ଚଳରେ ସମସ୍ତ ଉନ୍ନୟନ କାର୍ଯ୍ୟ ଓଡ଼ିଶା କରିବ ବୋଲି ଅଧିକାରୀମାନେ କହିଛନ୍ତି। ବର୍ତ୍ତମାନ ପିଡବ୍ଲ୍ୟୁଡି ରୋଡ଼ରୁ ସାନଲାକୁଟି ସୀମା ପର୍ଯ୍ୟନ୍ତ ୨୪୦ ମିଟର ରାସ୍ତା। ୧୪୦ ମିଟର ସିସି ରୋଡ଼ ହୋଇଛି। ବଳକା ୧୦୦ ମିଟର ଓ ବ୍ରିଜ ନିର୍ମାଣ କାମ ଆମେ କରିବୁ। ବର୍ଷା ପାଇଁ କାମ ବିଳମ୍ବ ହେଉଛି। ଜିଲାପାଳଙ୍କ ସହ ଆଲୋଚନା କରିବା ପରେ କାମ ଆରମ୍ଭ ହେବ ବୋଲି ବିଡିଓ କହିଛନ୍ତି। ଆମେ ଓଡ଼ିଶା ଜାଗାର ତଦାରଖ କରୁଥିଲୁ। ଆନ୍ଧ୍ରର ଇଞ୍ଜିନିୟର ତାଙ୍କ ଜାଗା ବୁଲି ଦେଖିଛନ୍ତି ବୋଲି ତହସିଲଦାର କହିଛନ୍ତି।



ସୁନାବେଶ ଉପଲକ୍ଷେ ପୁରୀ ବେଳାଭୂମିରେ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା।

# ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ଘଟଣା, ୭ ଗିରଫ

ସଇଁତଲା, ୨୦।୭ (ଡ଼ି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଲା ଥାନା ବଡ଼ମାଲ ଫାଣ୍ଡି ଅନ୍ତର୍ଗତ ବରାହମାଲ ଗ୍ରାମରେ ଗୁଣିଆ ସନ୍ଦେହ କରି ନିତ୍ୟା ଭୋଇ (୪୫)ଙ୍କୁ ହତ୍ୟା ମାମଲାରେ ପୋଲିସ ୭ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କିଆଫୁଲ ବଗର୍ତ୍ତି, ରାଜେଶ ବଗର୍ତ୍ତି, ତହସିଲ ବଗର୍ତ୍ତି, ନବ ବଗର୍ତ୍ତି, ହୃଷିକେଶ ବଗର୍ତ୍ତି, ବୈଷ୍ଣବ ବଗର୍ତ୍ତୀ ଓ ଗୁଣିଆ ଲକ୍ଷପତି ବାବାଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଟିଟିଲାଗଡ଼ ଉପଖଣ୍ଡ କାରାଗାରକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁସାରେ ବରାହମାଲ ଗ୍ରାମର ବୈଷ୍ଣବ ବଗର୍ତ୍ତୀଙ୍କ ଝିଅକୁ ଅସ୍ୱାଭାବିକ ଲକ୍ଷଣ ଦେଖାଦେବା ପରେ ଗ୍ରାମରେ କଙ୍ଗାରୁ କୋର୍ଟ ବସି ନିତ୍ୟାଙ୍କୁ ଦୋଷାରୋପ କରାଯାଇଥିଲା। ସୋମବାର ସକାଳୁ ଘର ପଛପଟ ଲେମ୍ବୁ ଗଛରେ ନିତ୍ୟାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ନିତ୍ୟାଙ୍କ ପୁଅ ସୁନାଧର ଗୁଣିଗାରେଡ଼ି ସନ୍ଦେହରେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିଲେ। ଟିଟିଲାଗଡ଼ ଏସଡ଼ିପିଓ ସୁରେନ୍ଦ୍ରନାଥ ଶତପଥି, ଥାନା ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ ଓ ପୋଲିସ ଷ୍ଟାଫ୍ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।


## OFFICE OF THE ADDITIONAL CHIEF ENGINEER, RWSS CIRCLE, KORAPUT

Phone: 06852 250640, e-mail: serwss_kpt@rediffmail.com

Office Order No. 818 Date: 19.07.2021

No. O-456: Due to some typing error enter in "Tender Call Notice Sl. No. 2, 3 & 4 of Annexure - I (Class of Contractor) against this office e-procurement notice No. 01/ACE/RWSS/KPT/2021-22 / 13.07.2021 is hereby corrected & to be read as Special Class Contractor.

| Sl. No. | e-Procurement Notice No. | Class of Contractor | As per Original Schedule | As per Corrected Schedule | Remarks |
|---|---|---|---|---|---|
| 1 | 01/ACE/RWSS/ KPT/2021-22 / 13.07.2021 | Item No. 2, 3 & 4 (Annexure-I) | Super Class | Special Class | Corrected |

All other terms & conditions of Tender Call Notice is hereby unchanged.

Sd./- Additional Chief Engineer
RWS&S Circle, Koraput

OIPR-25115/11/0002/2122


# ଗାଁ ମୁଣ୍ଡରେ ହାତୀ ମୃତ୍ୟୁ, କାରଣ ଅସ୍ପଷ୍ଟ

ରାସୋଲ, ୨୦।୭(ଡି.ଏନ୍.ଏ.)



ମୃତ ଦନ୍ତାହାତୀ

ଢେଙ୍କାନାଳ ଜିଲା ବାବନ୍ଧ ସେକ୍ସନ ଅଧୀନ ଠେଙ୍ଗା ଗ୍ରାମ ନିକଟରୁ ମଙ୍ଗଳବାର ସକାଳେ ଏକ ଦନ୍ତାହାତୀର ମୃତଦେହ ଜବତ ହୋଇଛି। ଉକ୍ତ ହାତୀର ଆନୁମାନିକ ବୟସ ୭ବର୍ଷ ହେବ। ଗ୍ରାମବାସୀଙ୍କଠାରୁ ସୂଚନା ପାଇ ରେଞ୍ଜର ଲୋହିତ କୁମାର ରଥ, ପ୍ରାଣୀଧନ ଚିକିତ୍ସକ ଅଭିଷେକ ସାହୁ ବିଭାଗୀୟ ଅଧିକାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ତେବେ କେଉଁ କାରଣରୁ ହାତୀର ମୃତ୍ୟୁ ଘଟିଲା, ତାହା ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟରୁ ଏହାର କାରଣ ସ୍ପଷ୍ଟ ହେବ ବୋଲି ରେଞ୍ଜର କହିଛନ୍ତି। ଅନ୍ୟପଟେ ଗ୍ରାମବାସୀ କହିଛନ୍ତି, ହାତୀଟି ପଲରୁ ଅଲଗା ହୋଇ କିଛିଦିନ ହେଲା ଏକାକୀ ବୁଲୁଥିଲା। ରୋଗଣା ଜଣାପଡୁଥିଲା। ବ୍ୟବଚ୍ଛେଦ ସମୟରେ ହାତୀ ପାଟିରୁ ପୋକ ବାହାରିଥିଲା। ହୁଏତ ରୋଗ କାରଣରୁ ହାତୀର ମୃତ୍ୟୁ ହୋଇଥାଇପାରେ ବୋଲି ଅଞ୍ଚଳବାସୀ ଅନୁମାନ କରୁଛନ୍ତି।


## ODISHA PUBLIC SERVICE COMMISSION

Notice No. 4904/PSC, dt. 19.07.21

### TIME TABLE FOR ODISHA CIVIL SERVICES (PRELIMINARY) EXAMINATION-2020

**No. D-62:-** The Commission has scheduled to conduct the Odisha Civil Services (Preliminary) Examination-2020 on **27.08.2021 (Friday)**. It shall be conducted in Balasore, Berhampur, Bhubaneswar, Cuttack & Sambalpur as per the following Programme.

| Date | Time | Subject | No. of objective type question with multiple choice answers |
|---|---|---|---|
| 27.08.2021 (Friday) | 10.00 A.M. to 12.00 Noon | General Studies (Paper-I) | 100 |
| | 1.30 P.M. to 3.30 P.M. | General Studies (Part-II) | 80 |

**NB** - All persons with disability (candidates) will be given 40 minutes extra in each sitting i.e. from 10.00 A.M. to 12.40 P.M. & 1.30 P.M. to 4.10 P.M.

2. "**Admission Certificate**" of the concerned eligible candidates and "**Instructions to candidates**" will be available in the website of OPSC later. The caniddates are required to visit the website of the Commission frequently to download their "Admission Certificate" & "Instructions to Candidates".

3. The candidates are advised to visit the Website of the Commission at http://opsc.gov.in

OIPR-12002/11/0039/2122 Sd./- Secretary



## The Odisha Small Industries Corporation Ltd.

(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in

CAD-656 OSIC GST No. 21AAACO2101M1Z1

### TENDER CALL NOTICE

Tender Notice No.3049 Dt.16.07.2021

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for "Construction of Smart Crematorium and GOSALA in Jatni municipality".

Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website **www.osicltd.in** only.

OIPR-14073/11/0027/2122 Sd/-MANAGING DIRECTOR


# ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ

ବାରିପଦା ଅଫିସ,୨୦।୭



ସହକାରୀ ଯନ୍ତ୍ରୀ ଧ୍ରୁବ ମାଝି।

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକର ସହକାରୀ ଯନ୍ତ୍ରୀ ଧ୍ରୁବ ମାଝିଙ୍କ ଘରେ ମଙ୍ଗଳବାର ଭିଜିଲାନ୍ସ ଚଢ଼ାଉ କରିଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏକ ସଙ୍ଗେ ୫ଟି ସ୍ଥାନରେ ଏହି ଚଢାଉ କରାଯାଇଛି। ବାରିପଦାର କାଳିକାପୁରସ୍ଥିତ ତାଙ୍କ ବାସଭବନ, କୁଳିଅଣା କାର୍ଯ୍ୟାଳୟ, କୋଷ୍ଠାଠାରେ ଥିବା ମାର୍କେଟ କମ୍ପ୍ଲେକ୍ସ, ଶୁଳିଆପଦାର ବଡ଼ଶୁକୁଳିଆଖୋଲଠାରେ ଥିବା ପୈତୃକ ଘର ଏବଂ ବଡ଼ସାହିର ଧନଶୁଳା ଗ୍ରାମସ୍ଥିତ ଶ୍ୱଶୁର ଘର ଉପରେ ଚଢ଼ାଉ ହୋଇଛି। ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ସନ୍ତୋଷ କୁମାର ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ୪ଟି ଟିମ୍ ଚଢ଼ାଉ ଜାରି ରଖିଛନ୍ତି। ତାଙ୍କ ସମ୍ପତ୍ତିର ମୂଲ୍ୟ ୧କୋଟି ୨୫ଲକ୍ଷ ଟଙ୍କା ଆକଳନ କରାଯାଇଛି। ତନ୍ମଧ୍ୟରେ ବାରିପଦାରେ ଥିବା ୩ ମହଲା କୋଠାଘର, କୋଷ୍ଠାରେ ମାର୍କେଟ କମ୍ପ୍ଲେକ୍ସ, ପୈତୃକ କୋଠାଘର, ୩ ବାଇକ୍, ଗୋଟିଏ କାର୍, ଗୋଟିଏ ଟ୍ରାକ୍ଟର, ୭ଲକ୍ଷ ୩୦ହଜାର ୯ଶହ ଟଙ୍କାର ବିଭିନ୍ନ କମ୍ପାନୀର ଜୀବନବୀମା ପଲିସି, ୨ଲକ୍ଷ ୩୬ହଜାର ଟଙ୍କାର ଅଳଙ୍କାର, ବିଭିନ୍ନ ବ୍ୟାଙ୍କରେ ଜମାଥିବା ୧୧ଲକ୍ଷ ଟଙ୍କା ଓ ନଗଦ ୧ଲକ୍ଷ ୪୧ହଜାର ଟଙ୍କା ରହିଛି। ସହକାରୀ ଯନ୍ତ୍ରୀ ମାଝିଙ୍କୁ ଭିଜିଲାନ୍ସ ଅଟକ ରଖିଥିବା ବେଳେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିବା ସୂଚନା ମିଳିଛି।


## OFFICE OF THE ENGINEER-IN-CHIEF RURAL WATER SUPPLY & SANITATION

JAL "O" PARIMAL BHAWAN, UNIT-V, BHUBANESWAR - 751001, ODISHA
Tel.: 0674-2395734, Fax: 0674-2394946, e-mail: cerwssodisha@gmail.com

### CORRIGENDUM

NATIONAL COMPETITIVE BIDDING THROUGH e-PROCUREMENT FOR EXECUTION OF RURAL PIPED WATER SUPPLY PROJECTS IN DIFFERENT DISTRICTS ON EPC CONTRACT

No. 5839 Date: 19.07.2021

No. O-458: Due to typographical error in the **Notice inviting Bid No. 5581 dated 07.07.2021**, the following amendment, is hereby authorized under intimation to all concerned.

The **Bid ID Nos. and Availability of Bid document for online Bidding as against** each package may please be read as following,as against existing entry.

| Pakcage No. | Name of Work | Bid Identification No. | Availability of Bid document for Online bidding | |
|---|---|---|---|---|
| | | | From | To |
| Pkg-I | Execution of 02 Nos. Individual Rural Piped Water Supply Project pertaining to **Sambalpur & Deogarh Districts** including 5 years O&M on EPC contract under the package | EIC, RWSS-12/21-22 | 17.00 hrs. of 20.07.2021 | 17.00 hrs. of 20.08.2021 |
| Pkg-II | Execution of Rural Piped Water Supply Project pertaining to **42 GPs of Rairakhol Block (Constituency) of Sambalpur District** including 5 years O&M on EPC contract under the package. | EIC, RWSS-13/21-22 | 17.00 hrs. of 20.07.2021 | 17.00 hrs. of 20.08.2021 |
| Pkg-III | Execution of Rural Piped Water Supply Project pertaining to **175 villages of Kuchinda and Bamra Blocks of Sambalpur district** including 5 years O&M on EPC contract under the package. | EIC, RWSS-14/21-22 | 17.00 hrs. of 20.07.2021 | 17.00 hrs. of 20.08.2021 |

All others details remians unchanged. OIPR-25040/11/0013/2122 Sd./- 19.07.2021, Engineer-in-Chief, RWSS



## CHIEF DISTRICT MEDICAL & PUBLIC HEALTH OFFICER, DEOGARH

(ZILLA SWASTHYA SAMITI (ZSS), DEOGARH)

Advt Letter No. 4877 Date: 16.7.21

### Tender Call Notice for Disposal of Out of Service EMAS Ambulances (108)

No. E-233: Sealed terders are invited for disposal of condemned EMAS Ambulances lying at different Blocks of Deogarh district. Intending bidders may obtain tender paper containing terms & conditions, detail of vehicles and its location in the district website i.e. **www.deogarh.nic.in**. Also they may inspect the said Ambulances to be disposed off in **"as is where is conditions"** or any working day during office horus at the designated locations. The filled in Formats (Annexure - 1 to 3) as single sealed envelope subscribing at the top of the envelope **"TENDER FOR DISPOSAL OF CONDEMNED AMBULANCES (108)"** to the CDM&PHO, Deogarh - 768108 on or before 03.08.2021 by Regd. Post/ Speed Post by 2 P.M. and the same will be opened on Dt.03.08.2021 at 4.00 P.M. in DTU, Deogarh.

The authority reserves the rights to cancel or reject the any or all tender without assigning any reason thereof.

Sd./- Chief District Medical &
Public Health Officer, Deogarh

OIPR-10113/11/0004/2122


# ମଣ୍ଡଳ କାରାଗାର: ଜାମୁକୋଳି ଗଛରୁ ପଡ଼ି କଏଦୀଙ୍କ ମୃତ୍ୟୁ

କୋରାପୁଟ,୨୦।୭(ସ୍ୱ.ପ୍ର.)

କୋରାପୁଟ ମଣ୍ଡଳ କାରାଗାର ଭିତରେ ଥିବା ଏକ ଜାମୁକୋଳି ଗଛରୁ ପଡି ମଙ୍ଗଳବାର ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେଶବ ମୁସୁକା। ତାଙ୍କ ଘର ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ କଣାପାଡ଼ି ଗ୍ରାମରେ। ମଙ୍ଗଳବାର ଅପରାହ୍ନ ୪ଟାରେ କେଶବ ଜେଲ ପରିସରରେ ଥିବା ଜାମୁକୋଳି ଗଛରେ ଜାମୁକୋଳି ତୋଳିବାକୁ ଚଢିଥିଲେ। ଅସାବଧାନତା ହେତୁ ସେ ଗଛରୁ ତଳକୁ ଖସିପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ଲେଖା ହେବାଯାଏ ଘଟଣା ନେଇ ଜେଲ କର୍ତ୍ତୃପକ୍ଷ ଟାଉନ ଥାନାରେ ସୂଚନା ଦେଇ ନ ଥିବା ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି। କେଶବ ଜୁନ୍ ୯ରୁ ଉକ୍ତ ଜେଲରେ ଜଣେ ବିଚାରାଧୀନ କଏଦୀ ରୂପେ ରହି ଆସୁଥିଲେ।


## OFFICE OF THE ROURKELA MUNICIPAL CORPORATION, ROURKELA

### INVITATION FOR BID

No. 9082 Dated: 16.07.21

Bid Identification No. MC/RMC/30/2021

No. C-603: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Single Cover on Online Mode. Bid Identification No. MC/RMC/30/2021 for 02 Nos. Civil Work with value of Rs.41.44.

1. Bid documents will be available in website: **www.tendersorissa.gov.in** from 16.07.2021.
2. Bids must be submitted on "Online" on or before 27.07.2021 by 17.00 hours.
3. Bids shall be opened at 11.00 hours on 28.07.2021 in the Office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

Sd./- Municipal Commissioner
Rourkela Municipal Corporation

OIPR-13131/11/0022/2122



GOVERNMENT OF ODISHA

## OFFICE OF THE EXECUTIVE ENGINEER, GANJAM (R&B) DIVISION NO.-I, BERHAMPUR

Phone/Fax: (0680) 2233683, e-mail: eernb1_bam@yahoo.com

### INVITATION FOR BIDS (IFB) [e-Procurement]

Bid Identification No. E.E. (R&B)-BAM-13/2021-22

No. 5631 Dated: 08.07.2021

No. B-231: The Executive Engineer, Ganjam (R&B) Division No. I, Berhampur on behalf of Governor of Odisha invites percentage rate bid in Double Cover System in ONLINE MODE for construction of works detailed below from eligible contractors.

1. Nature of Work : Building Work
2. No. of Works : 1 (One) No.
3. Tender Paper Cost : 10,000/-
4. Class of Contractor : "B" Class and "A" Class
5. Date & time of sale & receipt of Bids : From 17.07.2021, 10.00 A.M. to 31.07.2021 upto 4.00 P.M.
6. Date of Opening of Bid : 02.08.2021 at 11.30 A.M.
7. The bidders have to participate in ONLINE bidding only. Further details can be seen from the website **http://tendersodisha.gov.in**.

Sd./- Executive Engineer
Ganjam (R&B) Division No. I, Berhampur

OIPR-34109/11/0003/2122



## OFFICE OF THE CHIEF ENGINEER & BASIN MANAGER, BRAHMANI BASIN, SAMAL

No. A-311 Dist.: Angul, Odisha, PIN - 759037
Tel. No.- (06760) 266333, E-mail: cebmbbs@gmail.com

### Tender Reference No. CEBBS-MID-01/2021-22 (Bid Id No. BBS-MID-UGPL-1 of 2021-22)

### Online Tenders are invited from Super Class or Equivalent Grade Bidders on EPC Contract

### DETAILED NOTICE INVITING TENDER

| Name of Work | Class/EMD/Tender Fee/Period of Completion |
|---|---|
| "Construction of under Ground Pipeline System (Gravity Flow) for Distributary, Minor/Sub-Minor for Irrigation to 2013.5 HA CCA for Manjore Irrigation Project, Athamallik In Angul District, Odisha" on EPC Mode of Contract. | (1) **Class of Contractor:** Super Clas or Equivalent Grade. (2) **EMD:** The agencies have to execute a **"Bid Security Declaration"** with stipulation that if they withdraw or modify their bids during period of validity etc., they will be suspended for the time specific in the tender documents. (3) **Tender Cost:** Rs.10,000.00 to be transferred online (Non-refundable). (4) **Period of Completion:** 12 (Twelve) Calendar months including rainy seasons. |

A. Date & time of availability of Bid Document in the Portal : From Dt.26.07.2021 at 10.00 A.M. to Dt.25.08.2021 upto 5.00 P.M.
B. Period of Sale of Bidding Document : From Dt.26.07.2021 at 10.00 A.M. to Dt.25.08.2021 upto 5.00 P.M.
C. Date & time for Pre-Bid Conference : Dt.09.08.2021 at 11.00 A.M.
D. Last date and time for receipt of Bid : Dt.25.08.2021 upto 5.00 P.M.
E. Place of Sale & Receipt of Bid : Online through e-Procurement
F. Time and Date of Opening of Technical Bid : Dt.31.08.2021 at 11.00 A.M.
G. Place of Opening of Bid : O/o. the Chief Engineer & Basin Manager Brahmani Basin, Samal
H. Further details can be seen from E-Procurement portal **"https://www.tendersodisha.gov.in"**.

Chief Engineer & Baisn Manager
Brahmani Basin, Samal

OIPR-32046/11/0001/2122

## ସଂକ୍ଷେପରେ

### ଟ୍ୟାଙ୍କର ଧକ୍କାରେ ଯୁବକଙ୍କ ମୃତ୍ୟୁ

**ସାଲେପୁର,୨୦।୭(ଡି.ଏନ.ଏ):** ସାଲେପୁର ଥାନା ଅଧୀନ କଟକ ଚାନ୍ଦବାଲି ରାସ୍ତାର ମାଛୁଆତି ଛକ ନିକଟରେ ଏକ ଟ୍ୟାଙ୍କର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଥାନା ଅନ୍ତର୍ଗତ ଚନ୍ଦ୍ରଦେଇପୁର ଗ୍ରାମର ପ୍ରଦ୍ୟୁମ୍ନ କୁମାର୍ ସାହୁ( ୨୨)। ସେ ରାତି ପ୍ରାୟ ୮ଟା ବେଳେ କଟକ ଚାନ୍ଦବାଲି ରାସ୍ତାର ମାଛୁଆତି ଛକ ନିକଟରେ ଚାଲି ଚାଲି ଯାଉଥିଲେ ଏହି ସମୟରେ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ଏକ ଟ୍ୟାଙ୍କର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ପ୍ରଦୁମ୍ନ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରଦ୍ୟୁମ୍ନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ଟଙ୍କା, ମୋବାଇଲ ଲୁଟ୍ ଅଭିଯୋଗ

**ଧର୍ମଶାଳା,୨୦।୭(ଡି.ଏନ.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ଗୋପବନ୍ଧୁ ଛକ ନିକଟରୁ ମଙ୍ଗଳବାର ମଧାହ୍ନରେ ଏକ କାରରୁ ୩୦ ହଜାର ଟଙ୍କା ଓ ଏକ ମୋବାଇଲ ଲୁଟ ହୋଇଛି। ଏନେଇ ଜାରକା ବିଟ ହାଉସ ପୋଲିସ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ନିହଲପ୍ରସାଦ ଅଞ୍ଚଳର ଡାକ୍ତର ଦେବେନ୍ଦ୍ର ଜେନା ଓ ତାଙ୍କ ସ୍ତ୍ରୀ ଏକ କାରରେ ଜାରକା ବଜାରରେ ମାର୍କେଟିଂ କରୁଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ତାଙ୍କ କାରର ଲକ ଭାଙ୍ଗି ସେଥିରେ ଥିବା ଟଙ୍କା ଓ ମୋବାଇଲ ଲୁଟି ନେଇଥିଲେ। ଅଭିଯୋଗ ପରେ ବିଟ ହାଉସ ଅଧିକାରୀ ରାଜକିଶୋର ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

### ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଭୂମି ପୂଜନ

**ମହାକାଳପଡ଼ା,୨୦।୭(ଡି.ଏନ.ଏ.):** ମଙ୍ଗଳବାର ଜମ୍ବୁ ଲକ୍ ନିକଟରେ ବିଜୁ ପଟ୍ଟନାୟକଙ୍କ ଏକ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସୁଜାତା ସାମଲ, ସାମାଜିକ କର୍ମୀ ଅମରେନ୍ଦ୍ର ସାମଲ, ଭରତ ପାତ୍ର, କାଳନ୍ଦୀ କିସ୍କୁଙ୍କ ସମେତ ବହୁ ବିଜୁ ପ୍ରେମୀ ଯୋଗ ଦେଇଥିଲେ। ଖୁବ୍ ଶୀଘ୍ର ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ସରପଞ୍ଚ ସାମଲ କହିଛନ୍ତି।

### ବିନ୍ଧାଧର ନାୟକଙ୍କ ସ୍ମୃତିସଭା

**ରାଜକନିକା,୨୦।୭(ଡି.ଏନ.ଏ.):** ବାଙ୍ଗରା ପଞ୍ଚାୟତର ବିଶିଷ୍ଟ ଶିକ୍ଷାବିତ୍ ବିନ୍ଧାଧର ନାୟକଙ୍କ ସ୍ମୃତିସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଛନ୍ଦାମୁଣ୍ଡ ବିସିଜେ ହାଇସ୍କୁଲର ଅବସରପ୍ରାପାପ୍ତ ଶିକ୍ଷକ ନାରାୟଣ ଚନ୍ଦ୍ର ଧଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଂଝାରପୁରର ପ୍ରାକ୍ତନ ବିଧାୟକ ପବିତ୍ର ମୋହନ ଯେନା, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ଭୂୟାଁ, ଶିବରାମ ଦାସ, ଅବସରପ୍ରାପ୍ତ ଶିକ୍ଷକ ଅଭିମନ୍ୟୁ ପାଗଳ, ଦିଲ୍ଲୀପ ରାଉତ, ବିଦ୍ୟାଧର ବିଶ୍ୱାଳ, ଅବସରପ୍ରାପ୍ତ ଶିକ୍ଷକ କୁଶ ଚରଣ ସାମଲ ପ୍ରମୁଖ ଯୋଗଦେଇ ସମାଜସେବା କ୍ଷେତ୍ରରେ ବିନ୍ଧାଧରଙ୍କ ଅବଦାନ ଅତୁଳନୀୟ ବୋଲି ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### କଂଗ୍ରେସ ପକ୍ଷରୁ ଦସ୍ତଖତ ସଂଗ୍ରହ ଅଭିଯାନ




**ପାଟକୁରା,୨୦।୭(ଡି.ଏନ.ଏ.):** ପେଟ୍ରୋଲ,ଡିଜେଲ ଓ ରନ୍ଧନ ଗ୍ୟାସ ଦର ଆକାଶଛୁଆଁ ବୃଦ୍ଧି ପ୍ରତିବାଦରେ ମଙ୍ଗଳବାର କଂଗ୍ରେସ ପକ୍ଷରୁ ସମସ୍ତ ପେଟ୍ରୋଲ ପମ୍ପରେ ଗ୍ରାହକମାନଙ୍କ ଦସ୍ତଖତ ସଂଗ୍ରହ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପାଟକୁରା ନିର୍ବାଚନ ମଣ୍ଡଳୀ ପକ୍ଷରୁ ରତିକାନ୍ତ କାନୁନଗୋଙ୍କ ନେତୃତ୍ୱରେ ଗରଦପୁର ବ୍ଲକର ବିଭିନ୍ନ ପେଟ୍ରୋଲ ପମ୍ପରେ ଗ୍ରାହକମାନଙ୍କ ଦସ୍ତଖତ ସଂଗ୍ରହ କରାଯାଇଥିଲା। ଏଥିରେ ଗରଦପୁର ବ୍ଲକ କଂଗ୍ରେସ କମିଟି ସଭାପତି ଜ୍ୟୋତିରଞ୍ଜନ ପରିଡ଼ା, ଯୁବ କଂଗ୍ରେସ ନେତା ସଂଗ୍ରାମ ପୃଷ୍ଟି, ମନୋଜ ମହାନ୍ତି, ଗୟାଧର ପ୍ରଧାନ, ନିରଞ୍ଜନ ରାଉତ, ପ୍ରତାପ ଲେଙ୍କାଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଝରପୋଖରୀ ପୁନରୁଦ୍ଧାର ନାଁରେ ହରିଲୁଟ୍

**ଗୋପାଳପୁର ଗ୍ରାମପଞ୍ଚାୟତ ଦୁର୍ନୀତିର ଗୁମର ଫିଟୁଛି**

- ଗୋଚର ଜମିକୁ ଖୋଳି ପୋଖରୀ ଦର୍ଶାଇଥିଲେ
- ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଜଗତ୍‌ସିଂହପୁର ଅଫିସ, ୨୦।୭**

ତିର୍ତ୍ତୋଲ ବ୍ଲକ ଗୋପାଳପୁର ଗ୍ରାମ ପଞ୍ଚାୟତ ଦୁର୍ନୀତିର ଗୁମର ଫିଟିବାରେ ଲାଗିଛି। ପଞ୍ଚାୟତ ଅନ୍ତର୍ଗତ ଫୁଟିଙ୍ଗ ଗ୍ରାମସ୍ଥିତ ଝର ପୋଖରୀ ପୁନରୁଦ୍ଧାର ନାମରେ ଅର୍ଥ ହରିଲୁଟ୍ ହୋଇଛି। ଏହାକୁ ବେଆଇନ ଭାବେ ପଞ୍ଚାୟତ ପୋଖରୀ କରାଯିବା ନେଇ ଅଭିଯୋଗ ହୋଇଛି। ସୂଚନା ଅଧିକାର ଆଇନ ବଳରେ ଏ ସମ୍ପର୍କିତ ତଥ୍ୟ ମିଳିବା ପରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସରପଞ୍ଚ, କନିଷ୍ଠ ଯନ୍ତ୍ରୀ ଓ ତତ୍କାଳୀନ ତହସିଲଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳଙ୍କ ନିକଟରେ ଦାବି ହୋଇଛି।

ଏ ସମ୍ପର୍କରେ ରଶ୍ମିରଞ୍ଜନ ଦାଶ, ଗଗନ ବିହାରୀ ସାହୁ, ସୁବାସ ସାହୁ, ଧୀରେନ୍ଦ୍ର ବିଶ୍ୱାଳ, କରୁଣାକର ମଲ୍ଲିକ, ରମାକାନ୍ତ ପ୍ରଧାନ, ପ୍ରଶାନ୍ତ ସ୍ୱାଇଁ, ଧନେଶ୍ୱର ଓଝା, କମଳ ଲୋଚନ ବିଶ୍ୱାଳ ପ୍ରମୁଖ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ୨୦୧୭-୧୮ ଆର୍ଥିକ ବର୍ଷରେ ଫୁଟିଙ୍ଗ ଗ୍ରାମର ଖାତା ନଂ.୬୯୯ ଓ ପ୍ଲଟ୍ ନଂ. ୮୧୯ରେ ଥିବା ଝର ପୋଖରୀକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପୁନରୁଦ୍ଧାର ହୋଇଥିବା ଦର୍ଶାଯାଇଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଲା ସେଠାରେ ପୂର୍ବରୁ କୌଣସି ପୋଖରୀ ନ ଥିଲା। ଏହି ଗୋଚର ଜମିକୁ ଚଞ୍ଚକତା କରି ପଞ୍ଚାୟତର ସରପଞ୍ଚ ନିୟତି ସ୍ୱାଇଁ ଏବଂ ଅନ୍ୟ ସରକାରୀ ଅଧିକାରୀମାନେ ପ୍ରଥମେ ମାଟି ଖୋଳି ବିକିଥିଲେ। ତା'ପରେ ଝରପୋଖରୀ ପୁନରୁଦ୍ଧାର ନାମରେ ୪,୨୦,୦୦୦ ଟଙ୍କା ବିଲ୍ କରି ଅର୍ଥ ହରିଲୁଟ କରିଥିଲେ। ପରେ ପଞ୍ଚାୟତ ଏହି ପୋଖରୀକୁ ୨୧।୮।୧୮ରେ ୨୦,୦୦୧ ଟଙ୍କାରେ ମା'ଜାଗୁଲାଇ ଏସ୍ଏସ୍‌ଜିକୁ ୫ ବର୍ଷ ପାଇଁ ନିଲାମ ଦେଇଥିଲା। ବାସ୍ତବରେ ଏହା ବେଆଇନ। କେଉଁ ଆଧାରରେ ପୋଖରୀର ମାଲିକାନା ପଞ୍ଚାୟତ ହାତକୁ ଗଲା ଏବଂ ସରପଞ୍ଚ, ସରକାରୀ ଅଧିକାରୀ ସେହି ପୋଖରୀକୁ ନିଲାମ କଲେ ତାହା ତଦନ୍ତ ସାପେକ୍ଷ। କେବଳ ଏତିକି ନୁହେଁ, ସରକାରୀ ଅର୍ଥ ହରିଲୁଟ୍ ପାଇଁ ପୁଣି ସରପଞ୍ଚ ଯୋଜନା କରିଥିଲେ। ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗ ଯୋଜନାରେ ଝର ପୋଖରୀର ପୁନରୁଦ୍ଧାର ବାହାନାରେ ୫,୦୦,୦୦୦ ଟଙ୍କା ବ୍ୟୟ ଦର୍ଶାଯାଇଥିଲା। ବଡ କଥା ହେଲା, ଏସ୍ଏସ୍‌ଜିକୁ ପୋଖରୀରେ ମାଛ ଚାଷ ପାଇଁ ୫ ବର୍ଷିଆ ନିଲାମ ଦିଆଯାଇଥିବାବେଳେ ପଞ୍ଚାୟତ ତରଫରୁ ପୁନରୁଦ୍ଧାର କଥା କାହିଁକି ଚିନ୍ତା କରାଯାଇଥିଲା ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନ୍ୟପଟେ ୩ ବର୍ଷ ମଧ୍ୟରେ ପୋଖରୀ ପୋତି ହୋଇ ନ ଥିବା ଏବଂ ଏସ୍ଏସ୍‌ଜିର ବିନା ଅନୁମତିରେ ପଞ୍ଚାୟତ ପୋଖରୀ ପୁନରୁଦ୍ଧାର ନିଷ୍ପତ୍ତି ନେବା ଆଦୌ ଗ୍ରହଣୀୟ ନୁହେଁ। ଏଥିରେ ସରପଞ୍ଚ ଓ କନିଷ୍ଠ ଯନ୍ତ୍ରୀ ଲୋପାମୁଦ୍ରା ବେଉରାଙ୍କ ଭୂମିକା ସନ୍ଦେହ ଘେରରେ ରହିଛି।

ତତ୍କାଳୀନ ତିର୍ତ୍ତୋଲ ତହସିଲଦାର ରଞ୍ଜନ କୁମାର ପରିଡ଼ା ସେତେବେଳେ ତିର୍ତ୍ତୋଲରେ ବିଡିଓ ଦାୟିତ୍ୱରେ ଥିଲେ। ତହସିଲଦାର ପରିଡ଼ା ୨୫।୧୦।୧୭ରେ ଚିଠି ସଂଖ୍ୟା ୪୧୭୧ରେ ନିଜେ ବିଡିଓ ପଦବୀରେ ଥାଇ ପତ୍ର ପ୍ରେରଣ କରି ଝର ପୋଖରୀକୁ ପଞ୍ଚାୟତ ପୋଖରୀ ହିସାବରେ ଗ୍ରହଣ କରିବାକୁ ଗୋପାଳପୁର ରାଜସ୍ୱ ନିରିକ୍ଷକଙ୍କୁ ପରିପତ୍ର ସଂଖ୍ୟା ନଂ.୪୧୭୨ ମାଧ୍ୟମରେ ଜଣାଇଥିଲେ। ଓଡ଼ିଶା ସରକାରଙ୍କ ଡି-ରିଜର୍ଭେଶନ୍ ପ୍ରିନ୍ସିପୁଲ୍ ଅନୁଯାୟୀ, ଗୋଚର ଜମିକୁ ଜିଲାପାଳ ପାହ୍ୟାରୁ ତଳସ୍ତରର କୌଣସି ଅଧିକାରୀ ଡିଜର୍ଭ କରିପାରିବେ ନାହିଁ। ଡିଜର୍ଭ କରିବା ପୂର୍ବରୁ ସବ୍ ରୁଲ୍ (୫) ଅଫ ରୁଲ୍ସ ୫ ଆଧାରରେ ସର୍ବସାଧାରଣ ଅଭିଯୋଗ ପାଇଁ ୩୦ ଦିନିଆ ନୋଟିସ୍ ଦିଆଯିବା କଥା। କିନ୍ତୁ ତତ୍କାଳୀନ ତହସିଲଦାର ଓଡ଼ିଶା ସରକାରଙ୍କ ନୀତି ନିୟମକୁ ଖାତିର ନ କରି ଏଭଳି କରିଛନ୍ତି। ଏହି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଅଭିଯୁକ୍ତମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ଏସମ୍ପର୍କରେ କନିଷ୍ଠଯନ୍ତ୍ରୀ ବେଉରା କହିଛନ୍ତି ତାଙ୍କ ସମୟରେ ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗ ଯୋଜନାରେ ୫ ଲକ୍ଷ ଟଙ୍କା ବିନିମୟରେ ପୋଖରୀରେ ପୁନରୁଦ୍ଧାର ହୋଇଥିଲା। କିନ୍ତୁ ଏହା ପୂର୍ବରୁ ପୋଖରୀ ପୁନରୁଦ୍ଧାର ହୋଇଥିବା ସମ୍ପର୍କରେ ତାଙ୍କୁ ଅବଗତ କରାଯାଇଥିଲା। ସେତେବେଳେ ସେ କନିଷ୍ଟଯନ୍ତ୍ରୀ ଦାୟିତ୍ୱରେ ନ ଥିଲେ। ଏସମ୍ପର୍କରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ତତ୍କାଳୀନ ତହସିଲଦାର ପରିଡା ଓ ସରପଞ୍ଚ ସ୍ୱାଇଁ ସହ ଯୋଗାଯୋଗ କରାଯିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନଥିଲା। ଏ ସମ୍ପର୍କରେ ମା'ଜାଗୁଲାଇ ଏସ୍ଏସ୍‌ଜିର ସଭାପତି ବେବିନା ଖୁଣ୍ଟିଆଙ୍କ ସହ ଯୋଗାଯୋଗ କରିବାରୁ ସେ କୌଣସି ସ୍ପଷ୍ଟ ସୂଚନା ଦେଇପାରି ନ ଥିଲେ।

# ଧାନକୁଦ ପୀଠରେ ବାହୁଡ଼ାଯାତ୍ରା



ସେବାୟତମାନେ ଶ୍ରୀଜୀଉଙ୍କୁ ନେଉଛନ୍ତି।

**ବିରିଡି,୨୦।୭(ଡି.ଏନ.ଏ)**

ବିରିଡି ବ୍ଲକ ଅନ୍ତର୍ଗତ ହାଜିପୁରସ୍ଥିତ ମାଳିକା ପ୍ରସିଦ୍ଧ ଧାନକୁଦ ପୀଠରେ ମଙ୍ଗଳବାର ବାହୁଡାଯାତ୍ରା କୋଭିଡ ନିୟମ ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ବିନା ଭକ୍ତରେ କମ୍ ସଂଖ୍ୟକ ସେବାୟତଙ୍କୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କ ରୀତିନୀତି ସହ ପୂଜାର୍ଚ୍ଚନା, ଦ୍ୱାରଫିଟା, ଅବକାଶ, ସୂର୍ଯ୍ୟପୂଜା, ଅନ୍ନଭୋଗ, ରଥପ୍ରତିଷ୍ଠା, ଗୁଣ୍ଡିଚାମନ୍ଦିର ମାର୍ଜନା, ମଙ୍ଗଳାର୍ପଣ ଓ ପହଣ୍ଡିବିଜେ ଆଦି ହୋଇଥିଲା। ତିନି ଠାକୁର ରଥରେ ବିଜେ ପରେ ଧାନକୁଦ ଶ୍ରୀଜଗନ୍ନାଥ ମନ୍ଦିର ମଠାଧୀଶ ଅରକ୍ଷିତ ଦାସ ରଥ ପରିକ୍ରମା କରିଥିଲେ। ଏହା ପରେ କୋଭିଡ୍ କଟକଣା ପାଇଁ ରଥ ଟଣା ନ ଯାଇ ଶ୍ରୀଜିଉଙ୍କୁ ସେବାୟତଙ୍କ ଦ୍ୱାରା ମନ୍ଦିର ପର୍ଯ୍ୟନ୍ତ ନିଆଯାଇ ସେଠାରେ ରଥରେ ବିଜେ କରାଯାଇଛି। ରଥରେ ଦଶମୀ ପାଳନ ସହ ବୁଧବାର ଏକାଦଶୀ, ସୁନାବେସ, ଗୁରୁବାର ଦ୍ୱାଦଶୀ ଓ ଅଧରପଣା ନୀତି ପରେ ଶୁକ୍ରବାର ତ୍ରୟୋଦଶୀରେ ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଧାନକୁଦ ମନ୍ଦିରର ମୁଖ୍ୟ ପୂଜକ ସଚ୍ଚିଦାନନ୍ଦ ମିଶ୍ର କହିଛନ୍ତି।

# ଅଭିଯୁକ୍ତଙ୍କୁ ପୋଲିସ ଜିମାଦେଲା ଗ୍ରାହକ ସେବା କେନ୍ଦ୍ର

**ଏଟିଏମ୍ କାର୍ଡ ବଦଳାଇ ଟଙ୍କା ଉଠାଇବା ଅଭିଯୋଗ**



**ନାଉଗାଁ/ବାଲିକୁଦା,୨୦।୭(ସ୍ୱ.ପ୍ର.)**

ଅନ୍ୟର ବ୍ୟାଙ୍କ ଆକାଉଣ୍ଟରୁ ଏଟିଏମ୍ କାର୍ଡ଼ ଜରିଆରେ ଟଙ୍କା ଉଠାଇବାକୁ ଆସି ଫସି ଯାଇଛନ୍ତି ଜଣେ ଯୁବକ। ସେ ହେଲେ ଜଗତ୍‌ସିଂହପୁର ଥାନା ନାଟି ଗାଁର ରସାନନ୍ଦ ସାହୁ (୩୧)। ସେ ୧୫ ଜୁଲାଇରେ ଜଣେ ବୃଦ୍ଧଙ୍କଠାରୁ ଚତୁରତାର ସହ ଏଟିଏମ୍ କାର୍ଡ଼ ବଦଳ କରି ଅଲଣାହାଟସ୍ଥିତ ଷ୍ଟେଟ ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ରରୁ ୪୦ ହଜାର ଟଙ୍କା ଉଠାଇନେଇଥିଲେ। ସେ ପୁଣି ଅନ୍ୟ ଏକ ଏଟିଏମ୍ କାର୍ଡ ନେଇ ଉକ୍ତ କେନ୍ଦ୍ରକୁ ମଙ୍ଗଳବାର ଟଙ୍କା ଉଠାଇବାକୁ ଆସିଥିଲେ। ଏହି ସମୟରେ ଗ୍ରାହକ କେନ୍ଦ୍ର ମାଲିକ ତାଙ୍କୁ ଧରି ନାଉଗାଁ ପୋଲିସ ଜିମା ଦେଇଛନ୍ତି। ପୋଲିସ ଅଭିଯୁକ୍ତଙ୍କଠାରୁ ଗୋଟିଏ ଏଟିଏମ୍ କାର୍ଡ଼ ଓ ଏକ ବାଇକ ଜବତ କରିଛି।

ପୋଲିସ ସୂଚନା ମୁତାବକ, ଗତ ୧୫ ତାରିଖରେ ବାଲିକୁଦା ଥାନା ଅନ୍ତର୍ଗତ ବୋରିକିନା ପଞ୍ଚାୟତ ଓଳାଷ ଗାଁର ନାଥ ରାଉତ ସ୍ତ୍ରୀଙ୍କ ଷ୍ଟେଟ ବ୍ୟାଙ୍କ ଏଟିଏମ୍ କାର୍ଡ ନେଇ ବୋରିକିନାସ୍ଥିତ ୟୁକୋ ବ୍ୟାଙ୍କ ଏଟିଏମ୍ କେନ୍ଦ୍ରକୁ ଟଙ୍କା ଉଠାଇବାକୁ ଆସିଥିଲେ। ଏହି ସମୟରେ ରସାନନ୍ଦ ସେଠାରେ ଛିଡା ହୋଇଥିଲେ। ନାଥ ଏଟିଏମ୍ ବ୍ୟାବହାର ଠିକ୍ ଭାବେ ଜାଣି ନ ଥିବାରୁ ରସାନନ୍ଦ ଚତୁରତା ସହ ତାଙ୍କ ଏଟିଏମ୍ ପିନ୍ ନମ୍ବର ବୁଝି କାର୍ଡ ବଦଳ କରିଦେଇଥିଲେ। ଏହାପରେ ଅଲଣାହାଟସ୍ଥିତ ଅଜୟ କୁମାର ଦାସଙ୍କ ଷ୍ଟେଟ ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ରକୁ ଯାଇ ନାଥଙ୍କ ସ୍ତ୍ରୀ ମଲ୍ଲି ରାଉତଙ୍କ ଆକାଉଣ୍ଟରୁ ୪୦ ହଜାର ଟଙ୍କା ଉଠାଇ ନେଇଥିଲେ। ଏହାପରେ ନାଥ ବାଲିକୁଦା ଷ୍ଟେଟ ବ୍ୟାଙ୍କ ଓ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଥାନାରେ ମାମଲା (ନଂ. ୨୬୩/୨୧) ରୁଜୁ ହୋଇଥିଲା। ଏହାପରେ ବ୍ୟାଙ୍କ ପକ୍ଷରୁ ଗ୍ରାହକ ସେବା କେନ୍ଦ୍ରର ଆକାଉଣ୍ଟ ବ୍ଲକ କରି ଦିଆଯାଇଥିଲା। ଏହା ଜାଣିବା ପରେ ସେବାକେନ୍ଦ୍ର ମାଲିକ ଅଜୟ ବାଲିକୁଦା ଷ୍ଟେଟ ବ୍ୟାଙ୍କକୁ ଯାଇ ଘଟଣା ସମ୍ପର୍କରେ ଜାଣିବା ପରେ ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଆଉ ଏକ ଅଭିଯୋଗ କରିଥିଲେ। ମଙ୍ଗଳବାର ରସାନନ୍ଦ ଅନ୍ୟ ଏକ ଏଟିଏମ୍ କାର୍ଡ ନେଇ ଅଜୟଙ୍କ ଗ୍ରାହକ ସେବା କେନ୍ଦ୍ରକୁ ୨୦ ହଜାର ଟଙ୍କା ଉଠାଇବାକୁ ପୁନର୍ବାର ଆସିଥିଲେ। ଏହି ସମୟରେ ଅଜୟ ତାଙ୍କୁ ଚିହ୍ନିପାରି ନାଉଗାଁ ପୋଲିସରେ ଖବର ଦେଇଥିଲେ। ଏହାପରେ ନାଉଗାଁ ଥାନା ପକ୍ଷରୁ ରସାନନ୍ଦଙ୍କୁ ବାଲିକୁଦା ପୋଲିସକୁ ହସ୍ତାନ୍ତର କରାଯାଇଛି। ସେଠାରେ ପୋଲିସ ତାଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି।

## ମହିଳା ଆଇନଜୀବୀଙ୍କୁ ଧମକ

**କୁଜଙ୍ଗ,୨୦।୭ (ଡି.ଏନ୍.ଏ)**

କୁଜଙ୍ଗ ଥାନା ଅଞ୍ଚଳର ଜଣେ ମହିଳା ଆଇନଜୀବୀଙ୍କୁ ଏକ ଅଜଣା ନମ୍ବରରୁ ହ୍ୱାଟ୍ସଅପ୍ ଯୋଗେ ଧମକ ଦିଆଯାଇଛି। ଏନେଇ ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଏହାପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ମହିଳା ଆଇନଜୀବୀଙ୍କ ଫଟୋକୁ ନଗ୍ନ ଫଟୋ ସହ ମିଶାଇ ବଦନାମ କରିବାକୁ ଧମକ ଦିଆଯାଇଛି। ତଦନ୍ତ ପାଇଁ ସାଇବର ସେଲକୁ ପଠାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ଶୁଭଜିତ୍ ଦାସ କହିଛନ୍ତି।

## ବିନା ଭକ୍ତରେ ପତିତପାବନଙ୍କ ବାହୁଡା ନୀତି ସମ୍ପନ୍ନ

**ପଟ୍ଟାମୁଣ୍ଡାଇ୨୦।୭(ସ୍ୱ.ପ୍ର.)**

କରୋନା କଟକଣା ଯୋଗୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ପୋଖରୀଆପଡ଼ା ପତିତପାବନ ମନ୍ଦିରରେ ପବିତ୍ର ବାହୁଡା ଯାତ୍ରା ପ୍ରତୀକାତ୍ମକ ଭାବେ ସମ୍ପନ୍ନ କରାଯାଇଛି। ପଟ୍ଟାମୁଣ୍ଡାଇ ତହସିଲଦାର ଦିଲ୍ଲୀପ କୁମାର ସେଠୀ, ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ, ପତିତପାବନ ମନ୍ଦିର ପରିଚାଳନା କମିଟି ସଭାପତି ପୂର୍ଣ୍ଣ ଚନ୍ଦ୍ର ଦାଶଙ୍କ ଉପସ୍ଥିତିରେ ବିନା ଭକ୍ତଙ୍କ ଗହଣରେ ମନ୍ଦିର ପୂଜକ ଓ ସେବାୟତମାନେ ପତିତପାବନଜୀଉଙ୍କ ବାହୁଡା ନୀତି ସମ୍ପନ୍ନ କରିଛନ୍ତି। ସେହିପରି ରାଧାରମଣ ମଠ, ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିର, ଅଠରବାଟିଆ ଜଗନ୍ନାଥ ମନ୍ଦିର, ସିଦ୍ଧପାଟଣା, ବାଲିପଡା ବଳଦେବଜୀଉ ମନ୍ଦିର ଆଦି ସ୍ଥାନରେ ବାହୁଡା ନୀତି ସମ୍ପନ୍ନ ହୋଇଛି। ଚଉଦକୁଲାଟ ଦଧିବାମନଜୀଉଙ୍କ ମନ୍ଦିରରେ ଶ୍ରୀଜୀଉଙ୍କ ବାହୁଡା ନୀତି ପ୍ରତୀକାତ୍ମକ ଭାବେ ଶେଷ ହୋଇଛି।

# ଶିଶୁ ଓ ମହିଳା ବିକାଶ ଯୋଜନା ବାଧାପ୍ରାପ୍ତ

**ସିଡ଼ିପିଓ-ସୁପରଭାଇଜରଙ୍କ କଳି**

**ଡେରାବିଶ,୨୦।୭(ସ୍ୱ.ପ୍ର.)**

ଦୀର୍ଘଦିନ ହେବ ଡେରାବିଶ ବ୍ଲକ ମହିଳା ଓ ଶିଶୁ ବିକାଶ ବିଭାଗର କାର୍ଯ୍ୟଧାରାରେ ସ୍ଥାଣୁତା ଦେଖାଦେଇଛି। ସିଡ଼ିପିଓ ଓ ସୁପରଭାଇଜରଙ୍କ ମଧ୍ୟରେ ବିବାଦ ଏହି ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମଙ୍ଗଳବାର ସେକ୍ଟର ବଦଳିକୁ ନେଇ ବଉଳ ନାୟକ ନାମକ ଜଣେ ସୁପରଭାଇଜର ଚିନ୍ତାରେ ସଂଜ୍ଞାହୀନ ହୋଇପଡିଥିଲେ। ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏ ସଂକ୍ରାନ୍ତରେ ବଉଳ କହିଛନ୍ତି ସିଡ଼ିପିଓ ଗତ ୨ ମାସ ହେବ ତାଙ୍କୁ ବିଭିନ୍ନ ମାନସିକ ଯନ୍ତ୍ରଣା ଦେଇ ଆସୁଛନ୍ତି। ତାଙ୍କର ଏକମାତ୍ର ଭିନ୍ନକ୍ଷମ ପୁଅ କୋଭିଡ୍‌ରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ ସେ ନେଇଥିବା ଛୁଟିକୁ ମଞ୍ଜୁର କରୁ ନାହାନ୍ତି। ସେହିଭଳି ମହିଳା ଶିଶୁ ବିକାଶ ବିଭାଗରେ କାର୍ଯ୍ୟରତ ବାସନ୍ତୀ ବେହେରା, ଗାୟତ୍ରୀ ସ୍ୱାଇଁ ଅନୁରୂପ ଭାବେ ସିଡ଼ିପିଓଙ୍କ ବିରୋଧରେ ନିଜ ପ୍ରତିକ୍ରିୟା ରଖିଛନ୍ତି। ବାସନ୍ତୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଶିଶୁମାନଙ୍କ ପାଇଁ ଆସୁଥିବା ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ତାଙ୍କୁ ଦିଆଯାଇଥିବା ଦାୟିତ୍ୱ ସେ ନିଷ୍ଠାର ସହ ପାଳନ କରୁଛନ୍ତି। ହେଲେ ସିଡ଼ିପିଓ ତାଙ୍କୁ ମାନସିକ ନିର୍ଯାତନା ଦେବା ସହ ଜାତିଗତ ଆକ୍ଷେପ କରିବାକୁ ପଛାଉ ନାହାନ୍ତି। ମଙ୍ଗଳବାର ୪ ସୁପରଭାଇଜରଙ୍କୁ ଦାୟିତ୍ୱରେ ଥିବା ସେକ୍ଟରରୁ ଅନ୍ୟ ସେକ୍ଟରକୁ ବଦଳି କରାଯିବା ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଖବର ମିଳିଛି। ସିଡ଼ିପିଓ ସ୍ନେହଲତା ସାହୁ କହିଛନ୍ତି, ଗତ ୭ ରୁ ୮ ବର୍ଷ ଧରି ସେମାନେ ଗୋଟିଏ ସେକ୍ଟରରେ କାମ କରୁଥିଲେ। ସେମାନଙ୍କୁ ଅନ୍ୟ ସେକ୍ଟରକୁ ବଦଳି କରିବା ପାଇଁ ଏକ ବଦଳି ବିଜ୍ଞପ୍ତି ପିଅନ ହାତରେ ସେମାନଙ୍କ ପାଖକୁ ପଠାଯାଇଥିଲା। ସେହି ବିଜ୍ଞପ୍ତିକୁ ସୁପରଭାଇଜରମାନେ ଗ୍ରହଣ କରି ନ ଥିଲେ। ସରକାରୀ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଜଣେ ଅଧିକାରୀ ହିସାବରେ କେବଳ ସୁପରଭାଇଜରଙ୍କୁ ନିର୍ଦ୍ଦେଶ ଦେଉଛି। କାହାକୁ ମୁଁ ମାନସିକ ଯନ୍ତ୍ରଣା ଦେଇ ନ ଥିବା ସେ ସ୍ପଷ୍ଟ କରିଛନ୍ତି।



ଅସୁସ୍ଥ ସୁପରଭାଇଜର ବଉଳ ନାୟକ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିଳାନ୍ୟାସ

**ରାଜନଗର,୨୦।୭(ଡି.ଏନ.ଏ.)**

ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ବାଘଡେଲୋଠାରେ ଓଡିଶା ଆଦର୍ଶ ବିଦ୍ୟାଳୟ ନିର୍ମାଣ ହେବ। ମଙ୍ଗଳବାର ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ଜିଲାପାଳ ଅମ୍ରିତ ଋତୁରାଜ ଏହି ବିଦ୍ୟାଳୟ ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ଅଶୋକ ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ବିଡିଓ ରବିନ୍ଦ୍ର ପ୍ରଧାନ, ଜିଲାପରିଷଦ ସଭ୍ୟା ସବିତା ସେଠୀ, ମହୁଲିଆ ସରପଞ୍ଚ ମଞ୍ଜୁଳା ଦାସ ଉପସ୍ଥିତ ଥିଲେ। ସେହିପରି ସମନ୍ୱିତ ଶିଶୁ ବିକାଶ ଯୋଜନାର ନୂତନ କାର୍ଯ୍ୟାଳୟ ଓ ରାଜନଗର ବାଇପାସ ଛକରେ ସିଡିପିଓଙ୍କ ନୂତନ କାର୍ଯ୍ୟାଳୟ ମଙ୍ଗଳବାର ଉଦ୍‌ଘାଟତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ସାହୁ, କେନ୍ଦ୍ରାପଡ଼ା ଜିଲାପାଳ, ବିଡିଓ ଓ ସିଡିପିଓ ଅତିଥି ଭାବେ ଯୋଗଦେଇଥିଲେ।

# ଧାନ ତଳି ଶୁଖିଲାଣି, ଚିନ୍ତାରେ ଚାଷୀ

**ଏରସମା,୨୦।୭(ସ୍ୱ.ପ୍ର.)**

ଏରସମା ବ୍ଲକ ଅନ୍ତର୍ଗତ ଜପା ପଞ୍ଚାୟତସ୍ଥିତ ଦହିବର ଗ୍ରାମରେ ବର୍ଷା ଅଭାବରୁ ଧାନ ତଳି ଶୁଖିଗଲାଣି। ଅପରପକ୍ଷେ ଚାଷ ଜମିକୁ ଜଳ ଯୋଗାଣ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏନେଇ ଚାଷୀ ଚିନ୍ତା ବଢ଼ିଯାଇଛି। ଗ୍ରାମରେ ୨୦୦ ପରିବାର ବସବାସ କରୁଥିବା ବେଳେ ଅଧିକାଂଶ ପରିବାର ଧାନ ଚାଷ ଉପରେ ନିର୍ଭର କରିଥାନ୍ତି। ଚଳିତ ବର୍ଷ ଅକ୍ଷୟ ତୃତୀୟା ପରେ ଚାଷୀ ସ୍ୱାଭାବିକ ଭାବେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ରଜ ପରେ ବର୍ଷା ହେବାରୁ ତଳି ଘେରା ମଧ୍ୟ ପ୍ରସ୍ତୁତ କରିଥିଲେ। ମାତ୍ର ଏହାପରଠୁ ଭଲ ବର୍ଷା ହେଉନି। ଏନେଇ ପୁନର୍ବାର ବର୍ଷା ହେଲେ କୃଷି ବିଭାଗ ପକ୍ଷରୁ ବିହନ ଯୋଗାଇଦେବାକୁ ସ୍ଥାନୀୟ ଅଞ୍ଚଳର ଦେବଦତ୍ତ ଦାସ, ଶୀତଳ କରଣ, ଶମ୍ଭୁ ପାଳ,ମନୋରଞ୍ଜନ କୋତୁଆ,ଗୋପୀନାଥ ଦାସ ପ୍ରମୁଖ ଦାବି କରିଛନ୍ତି।

ଏସମ୍ପର୍କରେ କୃଷି ଅଧିକାରୀ ନିରଞ୍ଜନ ରାଉତଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏ ବିଷୟରେ ଏରସମା ସେବା ସମବାୟ ସମିତିର ସମ୍ପାଦକ କୈଳାସ ଚନ୍ଦ୍ର ଦାସ କୁହନ୍ତି, ଆମ ବିହନ ମହଜୁଦ ଅଛି। ବିଭାଗୀୟ ଅଧିକାରୀଙ୍କଠାରୁ ନିର୍ଦ୍ଦେଶ ମିଳିଲେ ଚାଷୀଙ୍କୁ ବିହନ ଯୋଗାଇ ଦେବାକୁ ବ୍ୟବସ୍ଥା ହେବ। ସେହିପରି ଏରସମା, ଜପା, ନାରଦିଆ ଓ ପୋଖିରିଆପଡାର ଚାଷୀଙ୍କ ଧାନ ତଳି ଶୁଖିଯାଇଥିବା ଅଭିଯୋଗ ହୋଇଛି।



ଧାନ ତଳି ଶୁଖିଯାଇଛି।

# ଜେଏମ୍‌ଏଫ୍ କୋର୍ଟ ପ୍ରତିଷ୍ଠାରେ ବିଳମ୍ବ

- ବଢୁଛି ଜନ ଅସନ୍ତୋଷ, ଆନ୍ଦୋଳନ ପାଇଁ ପ୍ରସ୍ତୁତି
- ୧୮୩୧ରେ ଆରମ୍ଭ ହୋଇଥିଲା ମୁନସିଫ କୋର୍ଟ

**କେନ୍ଦ୍ରାପଡ଼ା ଅଫିସ, ୨୦।୭**

କୁହାଯାଏ ବିଳମ୍ବିତ ନ୍ୟାୟ ପ୍ରଦାନ ନ୍ୟାୟ ନୁହେଁ। ଏଥିପାଇଁ ଓଡିଶା ହାଇକୋର୍ଟ ପକ୍ଷରୁ ୬୫ଟି ଜେଏମ୍ଏଫ୍‌ସି ବିଭିନ୍ନ ଜିଲାରେ ଖୋଲାଯିବାକୁ ଗୁରୁତ୍ୱ ଦିଆଯାଇଛି। ମାର୍ଶାଘାଇ ଅଞ୍ଚଳରେ ଏହି କୋର୍ଟର ପ୍ରତିଷ୍ଠା ବିଳମ୍ବକୁ ନେଇ ଅସନ୍ତୋଷ ଜାରି ରହିଥିବା ବେଳେ ରାଜକନିକାରେ ଏନେଇ ଆନ୍ଦୋଳନ ପ୍ରସ୍ତୁତି ଚାଲିଛି।

ସାମାଜିକ କର୍ମୀ ସଞ୍ଜୟ କୁମାର ବେହୁରାଙ୍କ ନେତୃତ୍ୱରେ ଏନେଇ ଗତ ୧୩ ତାରିଖରେ ଏକ ସ୍ମାରକପତ୍ର ସ୍ଥାନୀୟ ତହସିଲଦାରଙ୍କୁ ଦିଆଯାଇଛି। ଜିଲାରେ ୨୦୨୦ ସୁଦ୍ଧା ପ୍ରାୟ ୨୧ ହଜାର ମାମଲା ପଡ଼ି ରହିଥିଲା। ଲୋକ ଅଦାଲତ ସହିତ ପ୍ରତି ବ୍ଲକ ଅଞ୍ଚଳରେ କୋର୍ଟ ପ୍ରତିଷ୍ଠା କରି ମାମଲାର ଫଇସଲା ହୋଇପାରିଲେ ଜନଜୀବନ ସୁରକ୍ଷିତ ରହିପାରିବ ବୋଲି ମତ ପ୍ରକାଶ ପାଇଛି। କେନ୍ଦ୍ରାପଡ଼ାରେ ବିଚାର ବ୍ୟବସ୍ଥା ଦେଶ ସ୍ୱାଧୀନତା ପରେ ଆରମ୍ଭ ହୋଇନାହିଁ। ବ୍ରିଟିଶ ଶାସକ ଲର୍ଡ ରିପନଙ୍କ ଭାରତରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ପ୍ରଚଳନ ପୂର୍ବରୁ ୧୮୬୯ରେ କେନ୍ଦ୍ରାପଡ଼ାର ୧୪ ପଡା ଗ୍ରାମକୁ ନେଇ ପୌରାଞ୍ଚଳର ମାନ୍ୟତା ଦିଆଯାଇଛି। ତଥ୍ୟ ଅନୁଯାୟୀ କଟକ ଜଜସିପ ୧୯୧୨ରେ ଆରମ୍ଭ ହୋଇଥିବା ବେଳେ ୧୮୩୧ରେ ଓଡିଶାର ଯେଉଁ ୫ଟି ମୁନସିଫ୍ କୋର୍ଟ ବ୍ରିଟିଶ ଶାସକ ପ୍ରତିଷ୍ଠା କରିଥିଲେ, ସେଥିମଧ୍ୟରୁ କେନ୍ଦ୍ରପଡ଼ା ଅନ୍ୟତମ। ସେ ସମୟରେ ଅପରାଧ ନିୟନ୍ତ୍ରଣ ଓ ରାଜସ୍ୱ ବିଭାଗ ବିଭାଜିତ ହୋଇ ନ ଥିଲା। ୧୯୪୭ରେ ଦେଶ ସ୍ୱାଧୀନ ହେବା ସମୟରେ କେନ୍ଦ୍ରାପଡ଼ାରେ ଗୋଟିଏ ମୁନସିଫ୍ କୋର୍ଟ ସହିତ ଗୋଟିଏ ସବ୍ ଡିଭିଜନାଲ ମାଜିଷ୍ଟ୍ରେଟ (ଏସ୍‌ଡିଏମ୍) କୋର୍ଟ ଚାଲୁଥିଲା। ଦେଶ ସ୍ୱାଧୀନତା ପରେ ୧୯୬୬ ଜାନୁୟାରୀ ୨୦ରେ ଦେୱାନୀ ସମ୍ପର୍କିତ ପ୍ରଥମ ଅଭିଯୋଗ ଶୁଣାଣୀ କୋର୍ଟ ପ୍ରତିଷ୍ଠା ହେଲା। ସେହିପରି ବିଚାର ବ୍ୟବସ୍ଥାର ସରଳୀକରଣ ପାଇଁ ୧୯୬୯ ଡିସେମ୍ବର ୧୦ରେ ଅନ୍ୟ ଏକ କୋର୍ଟ ପ୍ରତିଷ୍ଠା ହେଲା। ୧୯୮୪ ରେ ସହାୟକ ଦେୱାନୀ କୋର୍ଟର ଜୁନିୟର ଡିଭିଜନ ତଥା ଜେଏମ୍ଏଫ୍‌ସି ପ୍ରତିଷ୍ଠା ହୋଇଥିବା ବେଳେ ଏହାର ପରିବର୍ଦ୍ଧିତ ରୂପ ୧୯୯୦ ଓ ୧୯୯୩ରେ ଦେଖିବାକୁ ମିଳିଛି। ପଟ୍ଟାମୁଣ୍ଡାଇରେ ୨୦୦୦ ମସିହାରେ ଜେଏମ୍ଏଫ୍‌ସି କୋର୍ଟ ପ୍ରତିଷ୍ଠା ହୋଇଥିବା ବେଳେ ୨୦୧୧ରେ ଆଳି ଓ ରାଜନଗରରେ କୋର୍ଟ ପ୍ରତିଷ୍ଠା ହୋଇ ନ୍ୟାୟ ପ୍ରଦାନ କରାଯାଇଛି। କଟକରୁ କେନ୍ଦ୍ରାପଡ଼ା ଜିଲା ବିଭକ୍ତ ପରେ ୨୦୧୨ ଜୁନ ୨୬ରେ ଜିଲା ଜଜ୍‌କୋର୍ଟ ପ୍ରତିଷ୍ଠା ହୋଇଛି। ଇତିମଧ୍ୟରେ ଏହି ଜିଲାରେ ସ୍ପେଶାଲ ଟ୍ରାକ କୋର୍ଟ, ଲୋକ ଅଦାଲତ ସମେତ ପାରିବାରିକ କୋର୍ଟ ଆଦି କାର୍ଯ୍ୟକାରୀ ହେଉଛି। ତେବେ ମାମଲାର ବୃଦ୍ଧିକୁ ଦୃଷ୍ଟିରେ ରଖି ପ୍ରତି ବ୍ଲକ ଅଞ୍ଚଳରେ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ସ୍ଥାନୀୟ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ସେମାନଙ୍କ ମତ ଅନୁଯାୟୀ ପ୍ରସ୍ତାବିତ କୋର୍ଟ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ପ୍ରଦାନ ପାଇଁ ଜିଲା ପ୍ରଶାସନ ବିଳମ୍ବ କରିବା ଉଚିତ୍ ନୁହେଁ।



**ସଂକ୍ଷେପରେ**

## ରାଜ୍ୟରେ ୨୮% କମ୍ ବର୍ଷା

### ୬ ଜିଲା ସର୍ବାଧିକ ପ୍ରଭାବିତ

**ଭୁବନେଶ୍ୱର, ୨୦।୭(ବ୍ୟୁରୋ):** ଆସନ୍ତା ୨୩ ତାରିଖରେ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହାର ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଛି। ମଙ୍ଗଳବାର ଭୁବନେଶ୍ୱର, କଟକ, ପୁରୀ ସମେତ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଏହାସତ୍ତ୍ୱେ ଚଳିତ ବର୍ଷ ରାଜ୍ୟରେ ନିଅଣ୍ଟିଆ ବର୍ଷା ହୋଇଛି। ଜୁନ୍ ୧ରେ ଓଡ଼ିଶାକୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିଥିଲା। ଠିକ୍ ସମୟରେ ମୌସୁମୀ ପ୍ରବେଶ କରିଥିଲେ ମଧ ଏଯାଏ ସ୍ୱାଭାବିକ ବର୍ଷା ହୋଇନାହିଁ। ତେଣୁ କେତେକ ଜିଲାରେ ମରୁଡ଼ି ସ୍ଥିତି ଦେଖାଦେଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଜୁନ୍ ୧ରୁ ଜୁଲାଇ ୨୦ତାରିଖ ସୁଦ୍ଧା ଓଡ଼ିଶାରେ ୩୧୦.୨ ମି.ମି. ବର୍ଷା ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକ ବର୍ଷା ୪୨୯.୪ ମି.ମି.ଠାରୁ ୨୮ ପ୍ରତିଶତ କମ୍ ରହିଛି। ଏହି ସମୟ ମଧ୍ୟରେ ଗୋଟିଏ ଜିଲାରେ ଅଧିକ ନିଅଣ୍ଟିଆ, ୧୯ ଜିଲାରେ ନିଅଣ୍ଟିଆ ଏବଂ ବାକି ୧୦ ଜିଲାରେ ସ୍ୱାଭାବିକ ବର୍ଷା ରେକର୍ଡ କରାଯାଇଛି। ରାୟଗଡ଼ା, ଗଞ୍ଜାମ, ଗଜପତି, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ, ସୋନପୁର, କନ୍ଧମାଳ, ଯାଜପୁର, ବାଲେଶ୍ୱର, ସମ୍ବଲପୁର, ଅନୁଗୋଳ, ଦେବଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ମୟୂରଭଞ୍ଜ ଓ କେନ୍ଦୁଝର ଆଦି ୧୯ ଜିଲାରେ ନିଅଣ୍ଟିଆ ବା ସ୍ୱାଭାବିକ ବର୍ଷାଠାରୁ ୨୦ ରୁ ୫୯% ଯାଏ କମ୍ ରହିଛି। କେବଳ କୋରାପୁଟ ଜିଲାରେ ସର୍ବାଧିକ ୪୨୪.୬ ମି.ମି. ବର୍ଷା ହୋଇଥିବାବେଳେ ଏହା ସ୍ୱାଭାବିକ ବର୍ଷାଠାରୁ ୨% କମ୍ ରହିଛି। ସେହିପରି ସର୍ବାଧିକ ପ୍ରଭାବିତ ଜିଲାଗୁଡ଼ିକ ମଧ୍ୟରେ ଭଦ୍ରକ ଜିଲାରେ ୬୧%, ଯାଜପୁର ୫୪%, ବଲାଙ୍ଗୀର ୪୬%, କେନ୍ଦୁଝର ୪୨%, ବୌଦ୍ଧ ଓ ଗଜପତି ଜିଲାରେ ୪୧% କମ୍ ବର୍ଷା ରେକର୍ଡ କରାଯାଇଛି।

## ବଜ୍ରପାତରେ ଚାଷୀ ମୃତ

**ସାକ୍ଷୀଗୋପାଳ,୨୦।୭ (ସ୍ୱ.ପ୍ର./ଡି.ଏନ୍.ଏ.):** ରାଜ୍ୟର ବିଭିନ୍ନ ସ୍ଥାନରେ ମଙ୍ଗଳବାର ପ୍ରବଳବର୍ଷା ସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ପୁରୀ ଜିଲା ସତ୍ୟବାଦୀ ଥାନା ଅଞ୍ଚଳରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଅଲଗୁମ ସେଠୀସାହିର ଭଜମନ ସେଠୀ(୫୫)। ଅପରାହ୍ନ ସମୟରେ ଭଜମନ ଧାନ କ୍ଷେତରେ କାମକରିବା ସମୟରେ ବର୍ଷା ହେବାରୁ ଘରକୁ ଫେରୁଥିଲେ। ହଠାତ ବଜ୍ରପାତ ହେବାରୁ ସେ ଘଟଣାସ୍ଥଳରେ ଟଳିପଡିଥିଲେ। ଅନ୍ୟ ଚାଷୀମାନେ ତାଙ୍କୁ ଉଦ୍ଧାର କରି ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସତ୍ୟବାଦୀ ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛନ୍ତି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ସାହିତ୍ୟିକ ପ୍ରତାପ କିଶୋର ମହାନ୍ତିଙ୍କ ପରଲୋକ

**କଟକ ଅଫିସ, ୨୦।୭:** ଲେଖକ, କଥାକାର, କବି, ଶିକ୍ଷାବିତ୍ ପ୍ରତାପ କିଶୋର ମହାନ୍ତି(୭୫)ଙ୍କର ମଙ୍ଗଳବାର ସକାଳ ୯ଟାରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ କଟକ ମହାନ୍ତିପଡ଼ାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ହିମାଂଶୁବାଳା ମହାନ୍ତି, ଜଷ୍ଟିସ୍ ବି. ପି. ଦାସ, ସାନଭାଇ ପ୍ରଦୀପ କିଶୋର ମହାନ୍ତି, ପୁତୁରାମାନେ ଉପସ୍ଥିତ ଥିଲେ। ପୂର୍ବାହ୍ନରେ କଟକ ସତୀଚଉରାଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତୁରା ଗୋବିନ୍ଦ ମୁଖାଗ୍ନି ଦେଇଥିଲେ। ୧୯୪୬ ଡିସେମ୍ବର ୨ରେ କେନ୍ଦ୍ରାପଡା ଜିଲା ନାରଣପୁରଠାରେ ଜନ୍ମିତ ପ୍ରତାପ ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ସିନେଟ୍‌ର ସଦସ୍ୟ ରହିଥିଲେ। ସେ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରିବା ସହିତ ବିଜ୍ଞାନ ସାହିତ୍ୟ ରଚନା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିଲେ। ‘ମୋ ମନର ଫୁଲ’, ‘ମନ ବିହଙ୍ଗର ମନ’, ‘ମୋ ମନର ରାଗ-ଅନୁରାଗ’ ‘ଭାଗ୍ୟର ଖେଳ’, ‘ମୁଖା ଓ ଅନ୍ୟାନ୍ୟ ଗଳ୍ପ’, ‘ଜରି ଗୋଟାଳିର ଭାଗ୍ୟ’, ‘ଦଳିତ କନ୍ୟା’ ଗଳ୍ପ ସଂକଳନ ସହ ‘ବରେଣ୍ୟ ବୈଜ୍ଞାନିକ ଓ ବିଜ୍ଞାନ ଆକାଶରେ ଅନେକ ସୂର୍ଯ୍ୟ’, ‘ଉଦ୍ଭିଦ ଜଗତର ବୈଚିତ୍ର୍ୟ’ ବିଜ୍ଞାନ ପୁସ୍ତକ ସହ ଅନ୍ୟାନ୍ୟ ପାଠ୍ୟପୁସ୍ତକ ରଚନା କରିଥିଲେ। ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ସାହିତ୍ୟଶ୍ରୀ ସମ୍ମାନ ସହିତ ବ୍ୟାସକବି ସମ୍ମାନ, ଜୀବନରଙ୍ଗ ସମ୍ମାନ, ବିଶିଷ୍ଟ ଗାଳ୍ପିକ ସମ୍ମାନ, ବିଜ୍ଞାନ ସମ୍ମାନରେ ସେ ସମ୍ମାନିତ ହୋଇଛନ୍ତି। ଏଥିସହ ସେ ଗ୍ରେଟ୍ ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, ହଲାଣ୍ଡ, ଅଷ୍ଟ୍ରେଲିଆ, ବେଲ୍‌ଜିୟମ୍ ଓ ସୁଇଜର୍‌ଲ୍ୟାଣ୍ଡ ପ୍ରଭୃତି ଦେଶ ଭ୍ରମଣ କରିବା ସହ ନିଜର ସନ୍ଦର୍ଭ ଉପସ୍ଥାପନ କରି ପ୍ରଶଂସିତ ହୋଇଛନ୍ତି।





ଭୁବନେଶ୍ୱରରେ ମଙ୍ଗଳବାର ଅପରାହ୍ନରେ ହୋଇଥିବା ବର୍ଷାରେ ଇସ୍କନ ମନ୍ଦିର ସମ୍ମୁଖ ରାସ୍ତାରେ ବସ୍ ଓ କାର୍‌ଗୁଡ଼ିକ ଅଧା ବୁଡ଼ିଯାଇଛି। ଜଣେ ବ୍ୟକ୍ତି ଟ୍ରଲିରେ ଜିନିଷପତ୍ର ଧରି ଅଣ୍ଟାଏ ପାଣିରେ ପଶି ଯାଉଛନ୍ତି।

**ସବୁ ପ୍ରସ୍ତୁତି ବେକାର**

# ୨ ଘଣ୍ଟାର ବର୍ଷା ବୁଡ଼ାଇଦେଲା

**ଭୁବନେଶ୍ୱର,୨୦।୭(ବ୍ୟୁରୋ)**

- ଭୁବନେଶ୍ୱରରେ ୭୭ ମି.ମି. ବର୍ଷା
- ଅନେକ ଅଞ୍ଚଳ ଜଳାର୍ଣ୍ଣବ

ଦୁଇ ଘଣ୍ଟାର ପ୍ରବଳ ବର୍ଷା ଭୁବନେଶ୍ୱର ସହରର ସବୁ ପ୍ରସ୍ତୁତିର ଗୁମର ଖୋଲି ଦେଇଛି। ଡ୍ରେନେଜ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ଛିଡ଼ା କରିଛି। ଅଳ୍ପ କେଇ ସମୟର ବର୍ଷା ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ସମସ୍ତ ବ୍ୟବସ୍ଥାକୁ ପଦାରେ ପକାଇ ଦେଇଛି। ରାଜଧାନୀକୁ ବିଶ୍ୱସ୍ତରୀୟ ସହରରେ ପରିଣତ କରିବା ପାଇଁ ପାଣି ଭଳି ଅର୍ଥ ଖର୍ଚ୍ଚ କରାଯାଉଛି। ମାତ୍ର ସହରର ଜଳ ନିଷ୍କାସନ ବ୍ୟବସ୍ଥାକୁ ଦେଖିଲେ ସତେଯେମିତି ଆମେ ଅସହାୟ। କେବଳ ଖାଲୁଆ ଅଞ୍ଚଳ ନୁହେଁ, ଭୁବନେଶ୍ୱର ଭିତର ଦେଇ ଯାଇଥିବା ବମିଖାଲ ଓଭର ବ୍ରିଜ୍, ବାଣୀବିହାର, ଜୟଦେବବିହାର ଓଭର ବ୍ରିଜ୍‌ରେ ମଧ ଦୀର୍ଘ ସମୟ ଧରି ଜଳ ନିଷ୍କାସନ ହୋଇପାରି ନ ଥିଲା। ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ ବିଏମ୍‌ସି କିମ୍ବା ବିଡିଏ କର୍ତ୍ତୃପକ୍ଷ ଏଥିପ୍ରତି ସେତେଟା ଗୁରୁତ୍ୱ ଦେବାଭଳି ମନେ ହେଉନାହିଁ। ସହରରେ ପ୍ରାକୃତିକ ଉପାୟରେ ଜଳ ନିଷ୍କାସନ ପାଇଁ ୧୦ଟି ପ୍ରାକୃତିକ ଜଳାଶୟ ରହିଛି। ସେହି ଜଳାଶୟଗୁଡ଼ିକର ଜଳ ନିଷ୍କାସନ ଦ୍ୱାର ଉପରେ ବହୁତଳ ଅଟ୍ଟାଳିକା ନିର୍ମାଣ କରାଯାଉଛି। ବିଡିଏ ଏବଂ ବିଏମ୍‌ସି ପକ୍ଷରୁ ସେସବୁ ଅଟ୍ଟାଳିକାକୁ ଅନୁମତି ଦିଆଯାଉଥିବାରୁ ସହରରେ ଏଭଳି ସମସ୍ୟା ବାରମ୍ବାର ଦେଖାଦେଉଛି। ଯେଉଁ ନାଳ ରହିଛି ଜବରଦଖଲ ଯୋଗୁ ସେଗୁଡ଼ିକ ଧୀରେ ଧୀରେ ସଂକୀର୍ଣ୍ଣ ହୋଇଗଲାଣି। ଜଳ ନିଷ୍କାସନ ପାଇଁ ଉନ୍ମୁକ୍ତ ବ୍ୟବସ୍ଥା ନ ଥିବାରୁ ସହରରେ ପରିସ୍ଥିତି ଆହୁରି ସଙ୍ଗିନ ହେବକୁ ଯାଉଛି। ଏହାଛଡ଼ା ସହରରେ ୬୫.୬୨ କି.ମି. ଡ୍ରେନ୍ ପାଣି ନିଷ୍କାସନ ପାଇଁ ନିର୍ମାଣ ହୋଇଛି। ତେବେ ସେଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ସେଥିରୁ କେବଳ ୧୧ କିଲୋମିଟର ଡ୍ରେନ୍‌କୁ ମରାମତି ଅଥବା ପୁନଃ ନିର୍ମାଣ କରାଯାଇଛି। କେବଳ ସେତିକି ନୁହେଁ, ଭୁବନେଶ୍ୱରର ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଧାରିବା ସକାଶେ ୨୦୧୮ରେ ଜଳସମ୍ପଦ ବିଭାଗ ପକ୍ଷରୁ ଏକ ମେଗା ଡ୍ରେନେଜ ବ୍ୟବସ୍ଥା କରିବାକୁ ଯୋଜନା କରାଯାଇଥିଲା। ନୟାପଲ୍ଲୀ, ଜୟଦେବ ବିହାର, ଆଚାର୍ଯ୍ୟ ବିହାର ମଧ୍ୟଦେଇ ଭୂତଳ ଡ୍ରେନ୍ କରାଯିବାକୁ ପରିକଳ୍ପନା କରାଯାଇଥିଲା। ତେବେ ତାହା ଏବେ ବି ଅସମ୍ପୂର୍ଣ୍ଣ ହୋଇ ରହିଛି। ସହରରେ ଦିନକୁ ଦିନ ଜନସଂଖ୍ୟା ବଢୁଥିବାରୁ ମନଇଚ୍ଛା ଗୃହ ନିର୍ମାଣ ଚାଲିଛି। ଜଳାଶୟ ମୁହଁ ବନ୍ଦ ହେବାରେ ଲାଗିଛି।

ମଙ୍ଗଳବାର ଅପରାହ୍ନ ୪ଟାରେ ହଠାତ୍ ମାଡ଼ିଆସିଲା କଳାହାଣ୍ଡିଆ ମେଘ। ପ୍ରବଳ ବର୍ଷାରେ ସମଗ୍ର ରାଜଧାନୀ ହୋଇଗଲା ଜଳାର୍ଣ୍ଣବ। ଫ୍ଲାଏ ଓଭରଠାରୁ ଆରମ୍ଭ କରି ରାସ୍ତାଘାଟ, ଖାଲୁଆ ଅଞ୍ଚଳ ସବୁଠି ଜଳତାଣ୍ଡବ। ଦୁଇଘଣ୍ଟା ପ୍ରବଳ ବର୍ଷା ଯୋଗୁ ସହରର ଜନଜୀବନ ସ୍ତବ୍ଧ ହୋଇଗଲା। ଯିଏ ଯେଉଁଠି ଥିଲେ ମୁଣ୍ଡଗୁଞ୍ଜି ରହିଗଲେ। ବର୍ଷା ତାଣ୍ଡବ ସାମାନ୍ୟ ହ୍ରାସ ପାଇବା ପରେ ନିଜେ ନିଜର ଗନ୍ତବ୍ୟ ସ୍ଥଳକୁ ଯିବାକୁ ଉଦ୍ୟମ କରିଥିଲେ। ମାତ୍ର ରାସ୍ତାରେ ଜମି ରହିଥିବା ଅଣ୍ଟାଏ ଲେଖା ପାଣି ଆଉ କିଛି ସମୟ ଅପେକ୍ଷା କରିବାକୁ ଲୋକମାନଙ୍କୁ ବାଧ କରିଥିଲା। ଡ୍ରେନ୍ ଅବ୍ୟବସ୍ଥା ସାଙ୍ଗକୁ ଜଳସ୍ରୋତ ଅବରୋଧ ଯୋଗୁ ସହରରେ ଏକ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା।

ଇସ୍କନ ମନ୍ଦିର ସମ୍ମୁଖ, ନୟାପଲ୍ଲୀ ବେହେରା ସାହି, ଆଚାର୍ଯ୍ୟ ବିହାର, ଜୟଦେବ ବିହାର, ରସୁଲଗଡ଼, ବମିଖାଲ, କଳ୍ପନା ଛକ, ଶିରିପୁର, ବରମୁଣ୍ଡା,ଗଣ୍ଡମୁଣ୍ଡା, ପଥରବନ୍ଧ, ମହିଷାଖାଲ, ଲକ୍ଷ୍ମୀସାଗର, ନିଗମାନନ୍ଦ ନଗର, ସତ୍ୟବିହାର, ଜଗନ୍ନାଥ ବସ୍ତି, ଚନ୍ଦ୍ରଶେଖରପୁର କୋଅପରେଟିଭ କଲୋନୀ, କୋଚିଲାଖାଇ ହାଟ ସମ୍ମୁଖରେ ଅଣ୍ଟା ଯାଏ ପାଣି ବୁଡ଼ି ଚାଲିଥିଲା। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱରରେ ୭୭ ମିଲିମିଟର ବର୍ଷା ହୋଇଥିବା ବେଳେ କଟକରେ ୩୭ ମିଲିମିଟର ବର୍ଷା ହୋଇଛି। ଯଦି ଏହି ବର୍ଷାରେ ସହର ଅବସ୍ଥା ଏଭଳି ହେଉଛି ତେବେ ୧୦୦ ମିଲିମିଟରରୁ ଉର୍ଦ୍ଧ୍ୱ ବର୍ଷା ହେଲେ ସହରର ଅବସ୍ଥା କ’ଣ ହେବ ତାହା ଆକଳନ କରିବା ମୁସ୍କିଲ। ଆସନ୍ତା ୪ ଦିନ ରାଜ୍ୟରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ସହରର ବର୍ଷାଜଳ ନିଷ୍କାସନ କିପରି ହେବ ସେ ନେଇ ସହରବାସୀଙ୍କ ମନରେ ପ୍ରଶ୍ନ ଉଠିଲାଣି।

ଏ ସମ୍ପର୍କରେ ବିଏମ୍‌ସି କମିଶନର ସଞ୍ଜୟ ସିଂଙ୍କୁ ପଚାରିବାରୁ ସେ କହିଲେ, ସବୁ ସମୟରେ କ’ଣ ମୁଁ ଏହି ଗୋଟିଏ ବିଷୟକୁ ବାରମ୍ବାର କହିବି। ଆପଣ ସିଟି ଇଞ୍ଜିନିୟରଙ୍କ ସହ କଥା ହୋଇ ଯାଆନ୍ତୁ। ସିଟି ଇଞ୍ଜିନିୟର ଅରୁଣ କୁମାର ନାୟକ କହିଛନ୍ତି, ହଠାତ୍ ବର୍ଷା ଯୋଗୁ ଏଭଳି ପରିସ୍ଥିତି ହୋଇଛି। ସହରର ୮ଟି ସ୍ଥାନରେ ପମ୍ପସେଟ ଲାଗିଛି। ଡ୍ରେଜେନ ବ୍ୟବସ୍ଥା ଉନ୍ନତି ପାଇଁ କାର୍ଯ୍ୟ ଚାଲିଛି।



ବର୍ଷା ସମୟରେ ଲକ୍ଷ୍ମୀସାଗର ତଳ ସାହିର ସ୍ଥିତି।



ଶାସ୍ତ୍ରୀ ନଗର ଛକ ରାସ୍ତାରେ ବର୍ଷା ପାଣିର ସୁଅ।



ବମିଖାଲ ରାସ୍ତାରେ ବର୍ଷାପାଣି ଲହଡ଼ି ଭାଙ୍ଗୁଛି।

## ଲଟେରିରେ ୩୬୦୯ ମନୋନୀତ

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**

**ଘରୋଇ ସ୍କୁଲ୍‌ରେ ନାମଲେଖା**

- ‘ପାରଦର୍ଶୀ’ ପୋର୍ଟାଲରେ ହୋଇଥିଲା ଆବେଦନ
- ୨୩ରୁ ୩୧ ତାରିଖ ମଧ୍ୟରେ ନାମଲେଖା
- ଖାଲି ସିଟ୍ ପାଇଁ ଅଗଷ୍ଟ ୧ରୁ ଆବେଦନ

ଚଳିତବର୍ଷ ଘରୋଇ ସ୍କୁଲର ସଂରକ୍ଷିତ ସିଟ୍‌ରେ ନାମଲେଖା ପାଇଁ ସାମାଜିକ ଓ ଅର୍ଥନୈତିକ ଦୁର୍ବଳ ଶ୍ରେଣୀର ୩,୬୦୯ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ପ୍ରଥମଥର ରାଜ୍ୟ ସରକାର ଆରମ୍ଭ କରିଥିବା ‘ପାରଦର୍ଶୀ’ ପୋର୍ଟାଲ ମାଧ୍ୟମରେ ଲଟେରି କରାଯାଇ ଏମାନଙ୍କୁ ଚୟନ କରାଯାଇଛି।

ଏହି ନାମଲେଖା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆବେଦନ ଆହ୍ୱାନ କରାଯାଇଥିଲା। ଫେବୃୟାରୀରୁ ଜୁଲାଇ ପର୍ଯ୍ୟନ୍ତ ରହିଥିବା ଅବଧି ମଧ୍ୟରେ ମୋଟ୍ ୫,୯୭୦ଜଣ ଛାତ୍ରୀଛାତ୍ର ଉକ୍ତ ପୋର୍ଟାଲରେ ଆବେଦନ କରିଥିଲେ। ଏହି ଆବେଦନଗୁଡ଼ିକୁ ବ୍ଲକ ଶିକ୍ଷାଧିକାରୀମାନେ ମୂଳ ପ୍ରମାଣପତ୍ର ସହ ଯାଞ୍ଚ କରି ୩,୮୩୯ଟିକୁ ଯୋଗ୍ୟ ବିବେଚିତ କରିଥିଲେ। ଯୋଗ୍ୟ ଆବେଦନଗୁଡ଼ିକୁ ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ କେନ୍ଦ୍ରୀୟ ଲଟେରି କରାଯାଇ ୩,୬୦୯ ଛାତ୍ରୀଛାତ୍ରଙ୍କ ନାମକୁ ସମ୍ପୃକ୍ତ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ପ୍ରେରଣ କରାଯାଇଥିଲା। ବର୍ତ୍ତମାନ ବ୍ଲକ ଶିକ୍ଷାଧିକାରୀମାନେ ସମ୍ପୃକ୍ତ ଘରୋଇ ସ୍କୁଲ୍‌ଗୁଡ଼ିକୁ ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କ ନାମ ପ୍ରେରଣ କରିବେ। ଆସନ୍ତା ୨୩ରୁ ୩୧ତାରିଖ ମଧ୍ୟରେ ନାମ ଲେଖାଯିବ। ଦ୍ୱିତୀୟ ଚୟନରେ ପୁଣି ଘରୋଇ ସ୍କୁଲ୍‌ଗୁଡ଼ିକରେ ଖାଲିଥିବା ସିଟ୍ ପାଇଁ ଅଗଷ୍ଟ ୧ରୁ ୧୦ ତାରିଖ ମଧ୍ୟରେ ଆବେଦନ ଗ୍ରହଣ କରାଯିବ। ଛାତ୍ରୀଛାତ୍ର ଓ ଅଭିଭାବକମାନେ www.rteparadarshi.odisha.gov.inରେ ଆବେଦନ କରିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଓଡ଼ିଶା ସରକାରଙ୍କ ୫-ଟି ଯୋଜନା ଆଧାରରେ ଶିକ୍ଷା ଅଧିକାର ଆଇନ-୨୦୦୯ ଧାରା ୧୨(୧)-ଗ ଅନୁଯାୟୀ ଘରୋଇ ସ୍କୁଲରେ ଦୁର୍ବଳ ଓ ଆର୍ଥିକ ଅନଗ୍ରସର ପିଲାଙ୍କ ପାଇଁ ୨୫% ସିଟ୍ ସଂରକ୍ଷଣ ସହ ମାଗଣା ପାଠପଢ଼ାର ନିୟମ ରହିଛି। କିନ୍ତୁ କୌଣସି ଘରୋଇ ସ୍କୁଲ ଏହାକୁ ପାଳନ କରୁ ନ ଥିଲେ। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଥିଲା। ରାଜ୍ୟ ସରକାର ବାରମ୍ବାର ସ୍କୁଲଗୁଡ଼ିକୁ ଚେତାବନୀ ଦେଉଥିଲେ ମଧ ନାମଲେଖାରେ ଏପଟସେପଟ କରୁଥିବା ନେଇ ଅଭିଯୋଗ ଉଠୁଥିଲା। ତେଣୁ ଏହାକୁ ଗୁରୁତ୍ୱ ଦେଇ ଗଣଶିକ୍ଷା ବିଭାଗ ‘ପାରଦର୍ଶୀ’ ପୋର୍ଟାଲର ଶୁଭାରମ୍ଭ କରିଥିଲେ।

## ଓଡ଼ିଶା ସାହିତ୍ୟ ଏକାଡେମୀର ରାଜ୍ୟସ୍ତରୀୟ ଚୂଡ଼ାନ୍ତ ପ୍ରତିଯୋଗିତା

**ଭୁବନେଶ୍ୱର, ୨୦।୭ (ବ୍ୟୁରୋ)**

**୨୫ରେ ପୁରସ୍କାର**

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ମଙ୍ଗଳବାର ରାଜ୍ୟସ୍ତରୀୟ ଚୂଡ଼ାନ୍ତ ପ୍ରତିଯୋଗିତା ଏକାଡେମୀ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାସ୍ତରୀୟ ପ୍ରତିଯୋଗିତାର ପ୍ରତି ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। କନିଷ୍ଠ ବର୍ଗ ପାଇଁ ‘ଭାରି ବଢ଼ିଆ ମୋ ଭାଷା ଓଡ଼ିଆ’ ବକ୍ତୃତାର ବିଷୟବସ୍ତୁ ରଖାଯାଇଥିବାବେଳେ ବରିଷ୍ଠ ବର୍ଗ ପାଇଁ ‘ସାହିତ୍ୟ ପଢ଼ିବା ସମାଜ ଗଢ଼ିବା’ ରହିଥିଲା। ଏହାବ୍ୟତୀତ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ଏବଂ କବିତା ଆବୃତ୍ତି ପ୍ରତିଯୋଗିତା ଦୁଇଟି ବିଭାଗରେ କରାଯାଇଥିଲା। ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ଓ ଉପସଭାପତି ସଂଗ୍ରାମ ଜେନା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କ ସହିତ ବିଚାରକ ଭାବେ ଯୋଗଦେଇଥିବା ସାରସ୍ୱତ ସ୍ରଷ୍ଟାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଆସନ୍ତା ୨୫ ତାରିଖ ଏକାଡେମୀ ସ୍ୱନକ୍ଷତ୍ର ଦିବସରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ ବୋଲି ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ସୂଚନା ଦେଇଛନ୍ତି।

## ‘ମୋ ବାଡ଼ି-ମୋ ବଗିଚା’ କାର୍ଯ୍ୟକ୍ରମ ଶୁଭାରମ୍ଭ

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**

ଭୁବନେଶ୍ୱରକୁ ସବୁଜସୁନ୍ଦର କରିବା ସହ ତଟକା ଫଳ, ପନିପରିବା ଇତ୍ୟାଦି ନିଜ ବାଡ଼ିରୁ ପାଇବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ‘ମୋବାଡ଼ି-ମୋବଗିଚା’ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ ମଙ୍ଗଳବାର ଏହାର ଶୁଭାରମ୍ଭ କରିଛନ୍ତି। ଗଙ୍ଗନଗରସ୍ଥିତ କ୍ୱାର୍ଟର ନଂ.୨ଆର୍-୩୨ ପରିସରରେ ମନ୍ତ୍ରୀ ଫଳଗଛ ଚାରା ରୋପଣ କରି ଏହି କାର୍ଯ୍ୟକ୍ରମକୁ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରିଛନ୍ତି।

ଚଳିତବର୍ଷ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ଭୁବନେଶ୍ୱର ସହରର ଏକ ହଜାର ସରକାରୀ ବାସଭବନରେ ୨ ଆମ୍ବ, ୨ ପଣସ ଓ ୨ ବେଲ ଚାରା ସହ ପନିପରିବା ପୁଡ଼ିଆ ଓ ଖତସାର ଇତ୍ୟାଦି ବଣ୍ଟନ କରିବା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଭୁବନେଶ୍ୱରର ସରକାରୀ କ୍ୱାର୍ଟରଗୁଡ଼ିକରେ ଥିବା ଖାଲି ଜାଗାରେ ଫଳଗଛ ଲଗାଇବା ଦ୍ୱାରା ପରିବେଶ ସନ୍ତୁଳନ ସହିତ ଗଛର ଛାଇ ଓ ସୁସ୍ୱାଦୁ ଫଳ ପାଇହେବ। ରାଜ୍ୟ ସରକାରଙ୍କ ଏହି ଯୋଜନାରେ ଫଳଗଛ ଚାରା ଯଥା ଆମ୍ବ, ପଣସ ଓ ବେଲ ଚାରା ସହ ପନିପରିବା ମଞ୍ଜି କିଟ୍ ଏବଂ ଜୈବିକ ସାର ଓ ଔଷଧ ତଥା ରୋପଣ ବିଧିର ପୁସ୍ତିକା ବିନାମୂଲ୍ୟରେ ଯୋଗାଇଦେବାର ବ୍ୟବସ୍ଥା ରହିଛି। ତେଣୁ ସରକାରଙ୍କ ଏହି ପ୍ରୟାସରେ ସମସ୍ତଙ୍କୁ ଭାଗୀଦାର ହେବା ପାଇଁ ମନ୍ତ୍ରୀ ଆହ୍ୱାନ ଦେବାସହିତ ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରକୁ ସବୁଜସୁନ୍ଦର କରି ଗଢ଼ି ତୋଳିବାରେ ସହାୟକ ହେବ ବୋଲି କହିଛନ୍ତି। ଏହି ଅବସରରେ ଜନସାଧାରଣଙ୍କ ମଧ୍ୟରେ ବୃକ୍ଷରୋପଣ ତଥା ଫଳଗଛ ଲଗାଇବା ଦିଗରେ ସଚେତନତା ବୃଦ୍ଧି କରିବା ପାଇଁ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ପ୍ରଚାରଗାଡ଼ିକୁ ମନ୍ତ୍ରୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ଉନ୍ନୟନ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡାଙ୍କ ସମେତ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ମନ୍ତ୍ରୀ ଅରୁଣ କୁମାର ସାହୁ ଚାରା ଲଗାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

# ବିଶ୍ୱ ଏକ ସୁରକ୍ଷିତ ଅଲିମ୍ପିକ୍ସ ଆୟୋଜନ ଦେଖିବ: ସୁଗା

**ଟୋକିଓ,୨୦।୭**

ସାରା ବିଶ୍ୱ ଏକ ସମ୍ପୂର୍ଣ୍ଣ ସୁରକ୍ଷିତ ଅଲିମ୍ପିକ୍ସ ଆୟୋଜନ ଦେଖିବ ବୋଲି ମଙ୍ଗଳବାର ଜାପାନ ପ୍ରଧାନମନ୍ତ୍ରୀ ୟୋଶିହିଦେ ସୁଗା କହିଛନ୍ତି। ଟୋକିଓ ଅଲିମ୍ପିକ୍ସ ଆୟୋଜନ ହେବାର ଠିକ୍ ଦୁଇଦିନ ପୂର୍ବରୁ ଏଭଳି ମନ୍ତବ୍ୟ ଦେଇ ସେ ସାରା ବିଶ୍ୱକୁ ଏକ ସକାରାତ୍ମକ ସନ୍ଦେଶ ଦେବାକୁ ପ୍ରୟାସ କରିଛନ୍ତି।

ଆଥ୍ଲେଟ, ଅଫିସିଆଲ, ଗେମ୍ ଷ୍ଟାଫ୍ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ମୋଟ ୧୦ ହଜାର ବ୍ୟକ୍ତି ଜାପାନରେ ପଦାର୍ପଣ କରିଛନ୍ତି। ଦେଶର ନାଗରିକଙ୍କ ପ୍ରବଳ ବିରୋଧ ସତ୍ତ୍ୱେ ଟୋକିଓ ଓ ଆଖପାଖ ଅଞ୍ଚଳରେ ଇମର୍ଜେନ୍ସି ଜାରି କରାଯାଇଛି। ବୁଧବାରଠାରୁ ଇଭେଣ୍ଟଗୁଡିକ ଆୟୋଜନ ହେବା ଆରମ୍ଭ ହେବ। ସଫ୍ଟବଲ ଓ ମହିଳା ଫୁଟ୍‌ବଲର ମ୍ୟାଚ୍‌ଗୁଡିକ ପ୍ରଥମେ ଖେଳାଯିବ। ଏହାର ଦୁଇଦିନ ପରେ ଔପଚାରିକ ଭାବେ ଉଦ୍‌ଘାଟନୀ ଉତ୍ସବ ଆରମ୍ଭ ହେବ। କୋଭିଡ୍-୧୯ ସଂକ୍ରମଣ ପାଇଁ ଅଲିମ୍ପିକ୍ସକୁ ଗୋଟିଏ ବର୍ଷ ଘୁଞ୍ଚାଇ ଦିଆଯାଇଥିଲା।


ଜାପାନ ପ୍ରଧାନମନ୍ତ୍ରୀ ୟୋଶିହିଦେ ସୁଗା।

## ଆୟୋଜନ ସଫଳ ହେବ

ସାରା ବିଶ୍ୱ ଏବେ ଘଡିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ବିଶ୍ୱବାସୀ ପୂର୍ବରୁ ଏଭଳି କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହୋଇ ନ ଥିଲେ ବୋଲି ସୁଗା ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସଦସ୍ୟମାନଙ୍କୁ ଏକ ରୁଦ୍ଧଦ୍ୱାର ବୈଠକରେ କହିଛନ୍ତି। ଏହା ସତ୍ତ୍ୱେ ଆମେ ଅଲିମ୍ପିକ୍ସ ଆୟୋଜନରେ ସଫଳ ହେବୁ ବୋଲି ସେ ଜୋର ଦେଇ କହିଛନ୍ତି। ଜାପାନରୁ ବିଶ୍ୱର କୋଣ ଅନୁକୋଣକୁ ଏହି ବାର୍ତ୍ତା ପହଞ୍ଚିବାର ଆବଶ୍ୟକତା ରହିଛି। ଜାପାନ ନାଗରିକଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତାର ସୁରକ୍ଷା କରିବୁ। ଅଲିମ୍ପିକ୍ ଆୟୋଜନ ପ୍ରକ୍ରିୟାରେ ଆମେ ଅବଶ୍ୟ ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇଛୁ ଓ ବେଳେ ବେଳେ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲୁ ବୋଲି ସେ ସ୍ୱୀକାର କରିଛନ୍ତି।

## ଅଲିମ୍ପିକ୍ ବାତିଲ ନେଇ ଚିନ୍ତା କରି ନ ଥିଲୁ

ଜାପାନର ଲୋକ ସଂଖ୍ୟା ୧୨ କୋଟି ୬୦ ଲକ୍ଷ ହୋଇଥିବା ବେଳେ ୨୧ ପ୍ରତିଶତ ଲୋକଙ୍କ ଟିକାକରଣ ହୋଇଛି। ଟିକାକରଣ ନେଇ ଆଇଓସି ଅଧ୍ୟକ୍ଷ ଥୋମାସ ବାକ୍ ବିଭିନ୍ନ କମ୍ପାନୀକୁ ଧନ୍ୟବାଦ ଜଣାଇଛନ୍ତି। ଅଲିମ୍ପିକ କ୍ରୀଡ଼ାଗ୍ରାମରେ ରହୁଥିବା ୮୫ ପ୍ରତିଶତ ବ୍ୟକ୍ତିଙ୍କର ଟିକାକରଣ ହୋଇଛି ଓ ଶତପ୍ରତିଶତ ଆଇଓସି ସଦସ୍ୟଙ୍କର ମହାମାରୀ ପାଇଁ ପ୍ରତିରୋଧକ ବ୍ୟବସ୍ଥା କରାଯାଇଛି ବୋଲି ବାକ୍ କହିଛନ୍ତି। ତେବେ ଯେଉଁ ସଦସ୍ୟଙ୍କ ଟିକାକରଣ ହୋଇନାହିଁ ସେମାନଙ୍କୁ ଇଭେଣ୍ଟରୁ ଦୂରେଇ ରହିବାକୁ କୁହାଯାଇଛି କି ବୋଲି ପ୍ରଶ୍ନ ହେବାରୁ ଆଇଓସି ଏହାକୁ ଏଡାଇ ଦେଇଛି। ଦକ୍ଷିଣ କୋରିଆର ଜଣେ ସଦସ୍ୟ କରୋନା ପଜିଟିଭ ବୋଲି ଜଣାପଡିଥିଲା ଓ ସେ ଏହି ବୈଠକରେ ଅଂଶଗ୍ରହଣ କରିନାହାନ୍ତି। ଆୟୋଜକଙ୍କୁ ବାକ୍ ପ୍ରଶଂସା କରିଛନ୍ତି। ବିଶ୍ୱର କୋଟି କୋଟି ଲୋକ ଅଲିମ୍ପିକ୍ସକୁ ଅନୁସରଣ କରିବେ। ଜାପାନର ଲୋକମାନଙ୍କୁ ସମସ୍ତେ ପ୍ରଶଂସା କରିବା ସହ ଗୁଣଗାନ କରିବେ। ଅଲିମ୍ପିକ୍ସ ବାତିଲ କରିବା କଥା କେବେ ଆମେ ଚିନ୍ତା କରି ନ ଥିଲୁ ଓ ଏହା ଆମ ପାଇଁ କେବେ ବି ବିକଳ୍ପ ନ ଥିଲା। ଆଇଓସି କେବେ ବି ଆଥ୍ଲେଟଙ୍କୁ ଅଣଦେଖା କରିବା କଥା ଚନ୍ତା କରିନାହିଁ ବୋଲି ବାକ୍ ସ୍ପଷ୍ଟ କରିଛନ୍ତି।

## ଅଲିମ୍ପିକ ମୋଟୋରେ ସାମିଲ ହେଲା 'ଟୁଗେଦର'

ଅଲିମ୍ପିକ୍ ଆୟୋଜନ ହେଲେ ପ୍ରସାରଣକାରୀ ସଂସ୍ଥାଗୁଡିକଠାରୁ ୩ ବିଲିୟନ ଆମେରିକୀୟ ଡଲାର ଅର୍ଥ ଉପାର୍ଜନ ହେବ। ଅଲିମ୍ପିକ୍ସ ଓ ପାରା ଅଲିମ୍ପିକ୍ସ ଆୟୋଜନ ପାଇଁ ଆଇଓସି ମଧ୍ୟ ୧.୭ ବିଲିୟନ ଡଲାର ଟୋକିଓ ଆୟୋଜକମାନଙ୍କୁ ଦେବ। ଏଥିସହିତ ବୈଠକରେ ଅଲିମ୍ପିକ ଆୟୋଜନ ସଂକ୍ରାନ୍ତରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ପ୍ରଥମେ ଅଲିମ୍ପିକ୍ ମୋଟୋ 'ଫାଷ୍ଟର, ହାୟର, ଷ୍ଟ୍ରଙ୍ଗର' ରହିଥିଲା। ଏହାକୁ ଲାଟିନରେ 'ସିଟିଅସ, ଅଲ୍‌ଟିୟସ, ଫର୍ଟିୟସ' କୁହାଯାଉଥିଲା। ଏଥିରେ ଆଉ ଏକ ଶବ୍ଦ 'ଟୁଗେଦର' ଯୋଡା ଯାଇଛି। ଫଳରେ ଏହି ମୋଟୋ ଏବେ 'ସିଟିଅସ, ଅଲ୍‌ଟିୟସ, ଫର୍ଟିୟସ, କମ୍ୟୁନିଜ'ରେ ପରିଣତ ହୋଇଛି। ମୋଟୋରେ ଆଉ ଏକ ଶବ୍ଦ ଯୋଡିବାକୁ ଆଇଓସି ସଦସ୍ୟମାନେ ସର୍ବସମ୍ମତି ନିଷ୍ପତ୍ତି ନେଇଥିଲେ। କୋଭିଡ୍-୧୯କୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଥିଲା। ଲକ୍ରୋଜ, ଚିୟରଲିଡିଂ, କିକ୍‌ବକ୍ସିଂ, ମୁଏ ତାଇ, ସାମ୍ବୋ ଓ ଆଇସ ଷ୍ଟକ୍ ସ୍ପୋର୍ଟର ପ୍ରଶାସନିକ ସଂସ୍ଥାଗୁଡିକୁ ମାନ୍ୟତା ପ୍ରଦାନ କରିଛି ଆଇଓସି।


ଟୋକିଓ ଅଲିମ୍ପିକ୍ସ ଭିଲେଜରେ ଭାରତୀୟ ହକି ଦଳର ଓଡ଼ିଆ ତାରକା ଅମିତ ରୋହିଦାସ।

**ରାଜ୍ୟ ଓପନ ଅନ୍‌ଲାଇନ୍ ଚେସ୍**

# ଓମ୍ ଚାମ୍ପିୟନ, ସୌମ୍ୟ ରନର୍ସଅପ୍

**ଭୁବନେଶ୍ୱର, ୨୦।୭(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଉପେନ୍ଦ୍ର ନାୟକ ମେମୋରିଆଲ ଅନ୍‌ଲାଇନ୍ ଓପନ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓମ୍ ଆଦିତ୍ୟ ଖାଡ଼ଙ୍ଗା ଚାମ୍ପିୟନ ଏବଂ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅବିନାଶ ବଳିୟାରସିଂ, ସ୍ୱୟଂଶୁ ସତ୍ୟକାମ, ହର୍ଷିତ ରଞ୍ଜନ ସାହୁ, ଆଦିତ୍ୟ ନାରାୟଣ ମହାନ୍ତି, ଆଦିତ୍ୟ ପଟ୍ଟନାୟକ, ଅଭୟ କୁମାର ଦାଶ, ଜୀତେନ୍ଦ୍ର କୁମାର ଦାସ ଓ ମନସିଜ ସାମଲ ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଅକ୍ଷଜ ନାୟକ, ସାଇ ଶ୍ରୀହନ, ସିଦ୍ଧାର୍ଥ ମିଶ୍ର, ଲଳିତ ରଞ୍ଜନ ସାହୁ, ଅଂଶୁମାନ ପତି, ବିକାଶ କୁମାର ଲେଙ୍କା, ନନ୍ଦିନୀ ପାଣି, ମନୀଶା ସାହୁ, ନବନୀତା ପଟ୍ଟନାୟକ ଓ ଅଦଭିକା ଦାସ ଶ୍ରେଷ୍ଠ ପ୍ରଦର୍ଶନ କରି ସ୍ୱତନ୍ତ୍ର ପୁରସ୍କାର ଲାଭ କରିଛନ୍ତି। ୬୭ ବର୍ଷୀୟ ଭୀମସେନ ପ୍ରଧାନ ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଛନ୍ତି। ଏମ୍‌ଆରପି ଗ୍ରୁପ ଅଫ୍ ଇଣ୍ଡଷ୍ଟ୍ରିଜ୍‌ର ପରିଚାଳନା ନିର୍ଦ୍ଦେଶକ ମନୋରଞ୍ଜନ ପଣ୍ଡା, ମୁଖ୍ୟ ଅତିଥି ଏବଂ ଛତିଶଗଡ଼ ବିଳାସପୁର ଡିସିବି ବ୍ୟାଙ୍କ୍ କ୍ଲଷ୍ଟର ମୁଖ୍ୟ ନଳୀନିକାନ୍ତ ନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ, ଦୀପକ କୁମାର ପଲାଇ ସହକାରୀ ଆର୍ବିଟର ଏବଂ ଶୁଭଲକ୍ଷ୍ମୀ ପଟ୍ଟନାୟକ ସଂଯୋଜକ ଦାୟିତ୍ୱ ତୁଲାଇଥିଲେ।


ଓମ୍ ଆଦିତ୍ୟ ଖାଡ଼ଙ୍ଗା।

# ଅଲିମ୍ପିକ କମ୍ପୋଜର ଓୟାମାଡାଙ୍କ ଇସ୍ତଫା

**ଟୋକିଓ,୨୦।୭**

ଟୋକିଓ ଅଲିମ୍ପିକ ଉଦ୍‌ଘାଟନୀ ଉତ୍ସବ ପାଇଁ ସଙ୍ଗୀତକାର ଭାବେ କାର୍ଯ୍ୟ କରୁଥିବା କେଇଗୋ ଓୟାମାଡାଙ୍କୁ ଶେଷରେ ଇସ୍ତଫା ଦେବାକୁ ପଡିଛି। ପିଲାଦିନର ଏକ ଅଭାବନୀୟ ଘଟଣା ପାଇଁ ସେ ଗତ କିଛିଦିନ ହେବ ସମାଲୋଚିତ ହୋଇ ଆସୁଥିଲେ ଓ ତାଙ୍କୁ ଦାୟିତ୍ୱ ଛାଡିବାକୁ ପଡିଛି। ସେ ଟୁଇଟର ଓ ଫେସ୍‌ବୁକ ଭଳି ସୋସିଆଲ ମିଡିଆରେ ଏ ନେଇ ସୂଚନା ଦେଇଛନ୍ତି।

ମୋତେ ଏହି ମାମଲାରେ ବହୁ ସଂଖ୍ୟାରେ ପରାମର୍ଶ ଓ ଉପଦେଶ ମିଳିଥିଲା। ଏହାକୁ ସମ୍ମାନ ସହିତ ଗ୍ରହଣ କରୁଛି। ଭବିଷ୍ୟତରେ କାର୍ଯ୍ୟକରିବା ଅବସରରେ ଓ ନିଜର ଚିନ୍ତାଧାରାରେ ଏଭଳି ତ୍ରୁଟିକୁ ନ ଦୋହରାଇବାକୁ ଚେଷ୍ଟା କରିବି ବୋଲି ସେ ଉଲ୍ଲେଖ କରିଛନ୍ତି। ପିଲାଦିନେ କରିଥିବା ଭୁଲ ଓ ଏଭଳି ଆଚରଣ ପାଇଁ କ୍ଷମା ମାଗୁଛି ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି ପିଲାଦିନେ ସେ ନିଜର ଜଣେ ଦିବ୍ୟାଙ୍ଗ ସହପାଠୀଙ୍କୁ ଦୁର୍ବ୍ୟବହାର ଓ ପରିହାସ କରିଥିଲେ। କିଛିଦିନ ତଳେ ଓୟାମାଡା ଏ ସଂକ୍ରାନ୍ତରେ ଏକ ସାକ୍ଷାତକାର ଦେବା ଅବସରରେ ପିଲାଦିନର ଏହି ଘଟଣାକୁ ସ୍ୱୀକାର କରିଥିଲେ। ୧୯୯୦ରେ ସେ ଜାପାନର ଏକ ମାଗାଜିନ୍‌କୁ ସାକ୍ଷାତକାର ଦେବା ବେଳେ ପିଲାବେଳର ଏହି ତ୍ରୁଟି ସମ୍ପର୍କରେ ସୂଚନା ଦେଇଥିଲେ। ତେବେ ଏହାପରେ ତାଙ୍କୁ ବିଭିନ୍ନ ସୋସିଆଲ ମିଡିଆ ଓ ଅନ୍ୟାନ୍ୟ ଗଣମାଧ୍ୟମରେ ବେଶ୍ ସମାଲୋଚନା କରାଯାଇଥିଲା ଓ ତାଙ୍କର ଇସ୍ତଫା ନେଇ ଦାବି ଜୋର ଧରିଥିଲା। ଶେଷରେ ଓୟାମାଡାଙ୍କୁ ମୁଣ୍ଡ ନୁଆଁଇବାକୁ ପଡିଛି।

ତେବେ ଏ ଘଟଣା ନେଇ ପଶ୍ଚାତ୍ତାପ କରିଥିବାରୁ ଓୟାମାଡା ଦାୟିତ୍ୱ ସମ୍ଭାଳିବା ଜାରି ରଖିବା ଉଚିତ ବୋଲି ଆୟୋଜକମାନେ କହିଥିଲେ। କିନ୍ତୁ ସେ ଇସ୍ତଫା ଦେବା ପରେ ଆୟୋଜକମାନେ ସହଜରେ ଏହାକୁ ଗ୍ରହଣ କରିପାରି ନାହାନ୍ତି। କ୍ଷମା ମାଗି ସାରିଥିବାରୁ ତାଙ୍କୁ ଦାୟିତ୍ୱରେ ରହିବାକୁ କୁହାଯାଇଥିଲା। ତେବେ ଉଦ୍‌ଘାଟନୀ ଉତ୍ସବ ଆରମ୍ଭ ହେବାର ୩ ଦିନ ପୂର୍ବରୁ ସେ ଇସ୍ତଫା ଦେବା ଠିକ୍ ନୁହେଁ ବୋଲି ଆୟୋଜକଙ୍କ ତରଫରୁ କୁହାଯାଇଛି।

ଅନ୍ୟପଟେ ଏହି ଅଲିମ୍ପିକ୍ ବିବିଧତା ଓ ସଦ୍‌ଭାବନା ଉପରେ ଆଧାରିତ ହୋଇଥିବାରୁ ଏଭଳି ଆଚରଣ ଗ୍ରହଣୀୟ ବୋଲି ଟୋକିଓ ଗଭର୍ନର ୟୁରିକୋ କୋଇକେ କହିଛନ୍ତି। ୫୨ ବର୍ଷୀୟ ଓୟାମାଡା ଗତ ସପ୍ତାହରେ ଏ ନେଇ ଅନ୍‌ଲାଇନରେ କ୍ଷମା ମାଗିଥିଲେ। ବର୍ତ୍ତମାନ ଓୟାମାଡାଙ୍କ ଇସ୍ତଫାକୁ ନେଇ ଚର୍ଚ୍ଚା ଚାଲିଛି। ଜାପାନରେ ତାଙ୍କୁ ଜଣେ ଉଚ୍ଚକୋଟୀର ସଙ୍ଗୀତକାର ଭାବେ ଲୋକପ୍ରିୟତା ମିଳିଛି। ତାଙ୍କୁ ଆମେରିକୀୟ ରକ୍ ମ୍ୟୁଜିସିଆନ ବେକଙ୍କ ସହ ତୁଳନା କରାଯାଉଛି।

ଆସନ୍ତା ୨୩ରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସ ଉଦ୍‌ଘାଟନୀ ଉତ୍ସବରେ ଓୟାମାଡା କମ୍ପୋଜ କରିଥିବା ସଙ୍ଗୀତକୁ ପରିବେଷଣ କରାଯିବ ନାହିଁ। ପୂର୍ବରୁ ଲିଙ୍ଗଗତ ବୈଷମ୍ୟ ନେଇ ମନ୍ତବ୍ୟ ଦେଇଥିବାରୁ ଆୟୋଜକ କମିଟି ଅଧ୍ୟକ୍ଷ ପଦରୁ ୟୋଶିରୋ ମୋରି ଇସ୍ତଫା ଦେଇଥିଲେ। ସେହିପରି ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବରେ ଜାପାନର ଜଣେ ଅଭିନେତ୍ରୀଙ୍କୁ ଘୁଷୁରି ଭଳି ପୋଷାକ ପିନ୍ଧିବାକୁ ପରାମର୍ଶ ଦେଇଥିବାରୁ କ୍ରିଏଟିଭ ଡାଇରେକ୍ଟର ପଦରୁ ହିରୋଶି ସାସାକିଙ୍କୁ ଇସ୍ତଫା ଦେବାକୁ ପଡିଥିଲା।


କେଇଗୋ ଓୟାମାଡା




## ଭାରତ ବିପକ୍ଷରେ ଖେଳିଲେ ଆଭେସ, ୱାଶିଂଟନ

**ଡରହାମ, ୨୦।୭:** ଚେଷ୍ଟର-ଲି-ଷ୍ଟ୍ରିଟ୍‌ସ୍ଥିତ ରିଭରସାଇଡ ଗ୍ରାଉଣ୍ଡରେ ଭାରତ ଓ ଫାଷ୍ଟକ୍ଲାସ କାଉଣ୍ଟି ଏକାଦଶ ଟିମ୍ ମଧ୍ୟରେ ୩ ଦିନିଆ ଅଭ୍ୟାସ ମ୍ୟାଚ୍ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଆଶ୍ଚର୍ଯ୍ୟଜନକ ଭାବେ ଦୁଇ ଭାରତୀୟ ଖେଳାଳି ଆଭେସ ଖାଁ ଓ ୱାଶିଂଟସ ସୁନ୍ଦର ଭାରତ ବିପକ୍ଷରେ ଘରୋଇ ଦଳ ତରଫରୁ ଖେଳିବା ପାଇଁ ପଡିଆକୁ ଓହ୍ଲାଇଛନ୍ତି। ତେବେ ୯.୫ ଓଭର ବୋଲିଂ କରିବା ପରେ ଆଭେସ ବୁଢା ଆଙ୍ଗୁଠିରେ ଆଘାତ ପାଇଥିଲେ ଓ ସେ ଏହି ମ୍ୟାଚ୍‌ରେ ଆଉ ନ ଖେଳିବା ଆଶା କରାଯାଉଛି। ଘରୋଇ ଦଳରେ କେତେଜଣ ଖେଳାଳି କୋଭିଡ୍-୧୯ କାରଣରୁ ଆସୋଲେଶନରେ ରହିଛନ୍ତି। ଫଳରେ ଏହି ଆଭେସ ଓ ସୁନ୍ଦରଙ୍କୁ ଭାରତ ବିପକ୍ଷରେ ଖେଳିବାର ସୁଯୋଗ ମିଳିଥିଲା। ଦୁଇଜଣ ଖେଳାଳିଙ୍କୁ ଛାଡିବାକୁ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଅନୁରୋଧ କରିଥିଲା। ଫଳରେ ଏହି ଦୁଇଜଣ କାଉଣ୍ଟି ଦଳରେ ସାମିଲ ହୋଇଥିଲେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। ଅଭ୍ୟାସ ମ୍ୟାଚ୍‌ରେ ନିଜ ଦଳ ବିପକ୍ଷରେ ଖେଳିବା ଘଟଣା ଆଦୌ ନୂଆ ନୁହେଁ। ପୂର୍ବରୁ ୧୯୮୭ରେ ବ୍ରାବୋର୍ନ ଷ୍ଟାଡିୟମରେ ଅନୁଷ୍ଠିତ ଅଭ୍ୟାସ ମ୍ୟାଚ୍‌ରେ ୧୪ ବର୍ଷୀୟ ସଚିନ ତେନ୍ଦୁଲକର ଇମ୍ରାନ ଖାଁଙ୍କ ପାକିସ୍ତାନ ତରଫରୁ ଭାରତ ବିପକ୍ଷରେ ଫିଲ୍ଡିଂ କରିଥିଲେ। ବଲ ବୟ ଭାବେ ସଚିନ ବାଉଣ୍ଡାରୀରେ ଥିଲେ। ଅବଦୁଲ କାଦିର ନ ଥିବାରୁ ସଚିନ ପାକିସ୍ତାନ ପାଇଁ ଫିଲ୍ଡିଂ କରିଥିଲେ।

# ଭାରତ ସିରିଜ ବିଜୟୀ

**କଲମ୍ବୋ, ୨୦।୭**

ଦୀପକ ଚହରଙ୍କ କ୍ୟାରିୟର ଶ୍ରେଷ୍ଠ ଇନିଂସ ଏବଂ ଅସମାପ୍ତ ୮ମ ଉଇକେଟରେ ଭୁବନେଶ୍ୱର କୁମାରଙ୍କ ସହ ୮୪ ରନର ଭାଗୀଦାରି ବଳରେ ଭାରତ ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଶ୍ରୀଲଙ୍କାକୁ ୩ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୫୦ ଓଭରରେ ୯ ଉଇକେଟ ହରାଇ ୨୭୫ ରନ କରିଥିବାବେଳେ ଭାରତ ୪୯.୧ ଓଭରରେ ୭ ଉଇକେଟ ହରାଇ ୨୭୭ ରନ ସଂଗ୍ରହ କରି ନେଇଥିଲା। ଶିଖର ଧାୱନଙ୍କ ଦଳ ୧୯୩ ରନରେ ୭ମ ଉଇକେଟ ହରାଇଥିଲେ ହେଁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଦୀପକ ଓ ଭୁବନେଶ୍ୱର ସାହସିକ ଇନିଂସ ଖେଳି ଭାରତକୁ ଅବିଶ୍ୱସନୀୟ ବିଜୟ ଦେଇଛନ୍ତି। ଚୌକାମାରି ଭାରତ ବିଜୟରେ ମୁଣ୍ଡି ମାରିଥିବା ଦୀପକ ୮୨ ବଲ୍‌ରୁ ୬୯(୭ ଚୌକା, ୧ ଛକା) ଓ ଭୁବନେଶ୍ୱର ୧୯(୨୮ ବଲ, ୨ ଚୌକା) ରନରେ ଅପରାଜିତ ରହିଥିଲେ। ୬୯ ରନ ଦୀପକଙ୍କ ଏକଦିବସୀୟ କ୍ରିକେଟରେ ସର୍ବାଧିକ ସ୍କୋର। ଏହି ବିଜୟ ସହ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତି ନେଇଛି। ପ୍ରଥମ ଦିନିକିଆରେ ଭାରତ ୭ ଉଇକେଟରେ ବିଜୟୀ ହୋଇଥିଲା।

୨୭୬ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତର ଆରମ୍ଭ ଭଲ ହୋଇ ନ ଥିଲା। ସୂର୍ଯ୍ୟକୁମାର ଯାଦବଙ୍କୁ ଛାଡ଼ିଦେଲେ ଟପ୍ ଅର୍ଡର ଏବଂ ମିଡିଲ ଅର୍ଡରରେ କୌଣସି ବ୍ୟାଟ୍ସମ୍ୟାନ ଅଧିକ ସମୟ କ୍ରିଜରେ ତିଷ୍ଠିପାରି ନ ଥିଲେ। ପ୍ରଥମ ଦିନିକିଆରେ ଆକ୍ରମଣାତ୍ମକ ବ୍ୟାଟିଂ କରିଥିବା ପୃଥ୍ୱୀ ଶ' ଏଠାରେ ମାତ୍ର ୧୩ ରନ କରିଥିଲେ। ଅଧିନାୟକ ଶିଖର ଧାୱନ ୨୯, ଇଶାନ କିଶନ ୧ ରନ କରିବାକୁ ସକ୍ଷମ ହୋଇଥିବାବେଳେ ମନୀଷ ପାଣ୍ଡେ ୩୧ ବଲ୍‌ରୁ ୩୭ ରନ କରିଥିବାବେଳେ ଦୁର୍ଭାଗ୍ୟଜନକଭାବେ ରନ୍‌ଆଉଟ ହୋଇ ଯାଇଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ଫଳରେ ୧୮ ଓଭର ବେଳକୁ ଭାରତ ୧୧୬ ରନରେ ୫ ଉଇକେଟ ହରାଇ ବିପର୍ଯ୍ୟୟରେ ପଡ଼ିଥିଲା। ଶେଷ ଆଶା ସୂର୍ଯ୍ୟକୁମାର ୪୪ ବଲ୍‌ରୁ ୬ ଚୌକା ସହାୟତାରେ ୫୩ ରନକରି ଆଉଟ ହେବାରୁ ଭାରତର ବିଜୟ ଆଶା ମଉଳି ଯାଇଥିଲା। କୃନାଲ ପାଣ୍ଡ୍ୟା ୩୫ ରନର ଉପଯୋଗୀ ଇନିଂସ ଖେଳିଥିବାବେଳେ ଦୀପକ ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ। ଶ୍ରୀଲଙ୍କା ପକ୍ଷରୁ ୱାନିନ୍ଦୁ ହସରଙ୍ଗା ୩ଟି ଏବଂ କସୁନ ରଜିଥା, ଲକ୍ଷଣ ସନ୍ଦକନ ଓ ଦଶୁନ ଶନକା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୫୦ ଓଭରରେ ୨୭୫/୯ (ଆଶାଲଙ୍କା-୬୫, ଅଭିଷ୍କା ଫର୍ନାଣ୍ଡୋ-୫୦, ଚାମିକା କରୁଣାରତ୍ନେ-୪୪*, ଭୁବନେଶ୍ୱର-୩/୫୪, ଚହଲ-୩/୫୦, ଦୀପକ ଚହର-୨/୫୩)। ଭାରତ ୪୯.୧ ଓଭରରେ ୨୭୭/୭(ଦୀପକ-୬୯*, ସୂର୍ଯ୍ୟକୁମାର-୫୩, କୃନାଲ-୩୫, ହସରଙ୍ଗା-୩/୩୭)।


ଉଇକେଟ ନେବାପରେ ଭୁବନେଶ୍ୱର କୁମାର (ବାମ)କୁ ଶିଖର ଧାୱନଙ୍କ ବଧେଇ।

## ଅଭ୍ୟାସ ମ୍ୟାଚ୍: ରାହୁଲଙ୍କ ଶତକ

**ଚେଷ୍ଟର-ଲି- ଷ୍ଟ୍ରିଟ୍, ୨୦।୭:** ସ୍ଥାନୀୟ ରିଭରସାଇଡ୍ ଗ୍ରାଉଣ୍ଡରେ ଭାରତ ଓ କାଉଣ୍ଟି ସିଲେକ୍ଟ ଏକାଦଶ ମଧ୍ୟରେ ମଙ୍ଗଳବାରଠାରୁ ୩ ଦିନିଆ ଅଭ୍ୟାସ ମ୍ୟାଚ୍ ଆରମ୍ଭ ହୋଇଛି। ବିରାଟ କୋହଲିଙ୍କ ଅନୁପସ୍ଥିତିରେ ରୋହିତ ଶର୍ମା ଭାରତୀୟ ଦଳର ନେତୃତ୍ୱ ନେଇଛନ୍ତି। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଉଇକେଟକିପର ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲ ୧୦୧ ରନର ଶତକୀୟ ଇନିଂସ ଖେଳିଛନ୍ତି। ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଭାରତ ୯୦ ଓଭରରେ ୯ ଉଇକେଟ ହରାଇ ୩୦୬ ରନ ସଂଗ୍ରହ କରିଛି। ଇନିଂସ ଆରମ୍ଭରୁ ଭାରତ ଝଟକା ଖାଇଥିଲା। ଓପନର ରୋହିତ ଶର୍ମା ୯ ଓ ମୟଙ୍କ ଅଗ୍ରୱାଲ ୨୮ ରନକରି ଲିଣ୍ଡନ ଜେମ୍ସଙ୍କ ଦ୍ୱାରା ଆଉଟ ହୋଇଥିଲେ। ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୁଜାରା ୨୧, ମିଡ୍‌ଲ ଅର୍ଡର ବ୍ୟାଟ୍ସମ୍ୟାନ ହନୁମା ବିହାରୀ ୨୪ ରନକରି ପ୍ୟାଭିଲିୟନ ଫେରିଥିଲେ। ତେବେ ରାହୁଲ ୧୫୦ଟି ବଲ୍ ଖେଳି ୧୧ ଚୌକା ଓ ୧ ଛକା ସହ ୧୦୧ ରନକରି ଶତକ ହାସଲ କରିବା ପରେ ରିଟାୟାର୍ଡ ହଟ୍ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଅଲରାଉଣ୍ଡର ରବିନ୍ଦ୍ର ଜାଡେଜା ୭୫ ରନର ଲଢୁଆ ଇନିଂସ ଖେଳ ଆଉଟ ହୋଇଥିଲେ। ସେହିପରି ଶାର୍ଦ୍ଦୁଳ ଠାକୁର ୨୦, ଉମେଶ ଯାଦବ ୧୨ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ କାଉଣ୍ଟି ଦଳ ତରଫରୁ କ୍ରଗ୍ ମାଇଲ୍ସ ୩, ଜେମ୍ସ ଓ ଲିଆମ- ପାଟେରଶନ- ହ୍ୱାଇଟ୍ ୨ଟି ଲେଖାଏ ଓ ଜ୍ୟାକ କାର୍ସନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ- ୯୦ ଓଭରରେ ୩୦୬/୯ (ରାହୁଲ- ୧୦୧, ମୟଙ୍କ- ୨୮, ପୁଜାରା- ୨୧, ହନୁମା- ୨୪, ଜାଡେଜା- ୭୫, ଠାକୁର- ୨୦, କ୍ରେଗ ମାଇଲ୍ସ- ୩/୪୨, ଜେମ୍ସ- ୨/୩୨, ଲିୟମ-ପାଟରସନ-ହ୍ୱାଇଟ-୨/୭୯)।

# କିକୋ ଓଡ଼ିଶା ଏଫ୍‌ସିର ନୂଆ କୋଚ୍

**ଭୁବନେଶ୍ୱର, ୨୦।୭(କ୍ରୀଡ଼ା ପ୍ରତିନିଧି)**

ଇଣ୍ଡିଆନ ସୁପରଲିଗ୍ (ଆଇଏସଏଲ୍)ର ୮ମ ସଂସ୍କରଣ ପୂର୍ବରୁ ଓଡ଼ିଶା ଏଫ୍‌ସି ମଙ୍ଗଳବାର ନୂଆ ମୁଖ୍ୟ କୋଚ୍ ଏବଂ ସହକାରୀ କୋଚ୍ ନିଯୁକ୍ତ କରିଛି। ସ୍ପେନର ଫ୍ରାନ୍ସିସ୍କୋ ରାମିରେଜ ଗୋଞ୍ଜାଲେଜ (କିକୋ) ମୁଖ୍ୟ କୋଚ୍ ଏବଂ ଜୋଆକ୍ୱିନ ଗାର୍ସିଆ ସାଞ୍ଚେଜ (କିନୋ) ନୂଆ ସହକାରୀ କୋଚ୍ ହୋଇଛନ୍ତି। ୫୧ ବର୍ଷୀୟ କିକୋ ଭୁବନେଶ୍ୱର ଭିତ୍ତିକ ଫ୍ରାଞ୍ଚାଇଜ୍ ଦଳ ଓଡ଼ିଶା ଏଫ୍‌ସି ସହ ୧ ବର୍ଷ ପାଇଁ ଚୁକ୍ତି କରିଛନ୍ତି। ତେବେ ଆବଶ୍ୟକ ହେଲେ ତାଙ୍କ କାର୍ଯ୍ୟକାଳ ଆଉ ଗୋଟିଏ ବର୍ଷ ପାଇଁ ବୃଦ୍ଧି କରାଯାଇପାରିବ।

ଜଣେ ଖେଳାଳିଭାବେ ପେସାଦାର ଫୁଟବଲରୁ ଅବସର ନେବାପରେ କିକୋ ୨୦୦୨ରେ ସ୍ପାନିଶ୍ କ୍ଲବ ଜିମ୍ନାଷ୍ଟିକ୍ ଦଳର ସହକାରୀ କୋଚ୍‌ଭାବେ କୋଚିଂ କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୦ରେ ସେ ପୋବ୍‌ଲା ମାଫୁମେଟ ଦଳରେ ଯୋଗ ଦେଇଥିଲେ ଏବଂ ପରେ ୨୦୧୨ରେ ପୁଣି ଜିମ୍ନାଷ୍ଟିକ୍ କ୍ଲବକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ଅନ୍ୟ ସ୍ପାନିଶ୍ କ୍ଲବ ସିଇ ଏଲ'ହସ୍ପିଟାଲେଟ, ସିଡି କାଷ୍ଟେଲୋନ ଏବଂ ସିଇ ସାବାଡେଲ ଦଳକୁ ମଧ୍ୟ କୋଚିଂ ଦେବାର ଦକ୍ଷତା ରଖିଛନ୍ତି। ସ୍ପେନର ପ୍ରଥମ ଡିଭିଜନ ଲିଗ୍‌ରେ ସେ କ୍ଲବ ନାଷ୍ଟିକ୍ ଡି ଟାରାଗୋନା ଦଳର ଦ୍ୱିତୀୟ କୋଚ୍ ଥିଲେ। ୨୦୧୭ରେ ସେ କୋଚ୍ ଭାବେ ବିଦେଶରେ କୋଚିଂ ଦେବା ଆରମ୍ଭ କରିଥିଲେ। ସେତେବେଳେ ସେ ପୋଲାଣ୍ଡ ଫୁଟବଲ କ୍ଲବ ୱିସଲା କ୍ରାକୋ ଦଳସହ ଚୁକ୍ତି କରିଥିଲେ। ଭାରତ ଆସିବା ପୂର୍ବରୁ ଏହି ୟୁଫା ପ୍ରୋ ଲାଇସେନ୍ସଧାରୀ ଗ୍ରୀକ୍ ପେସାଦାର କ୍ଲବ ଏଓ ଜାନଥି ଏଫ୍‌ସି ଦଳର ମଧ୍ୟ କୋଚ୍ ଥିଲେ। ସ୍ପେନର ଟାରାଗୋନାରେ ଜନ୍ମିତ କିକୋ ଜିମ୍ନାଷ୍ଟିକ୍ ୟୁଥ୍ କ୍ଲବ ପକ୍ଷରୁ କ୍ୟାରିୟର ଆରମ୍ଭ କରିଥିଲେ ଏବଂ ପରେ ସିନିୟର ଦଳରେ ଖେଳିଥିଲେ। ଏହା ବ୍ୟତୀତ ସେ ସାବାଡେଲ, ମାଲାଗା, ସିଉଟା, କାର୍ଟାଗୋନୋଭା ପରି ସ୍ପେନର ଆଉ କେତେକ କ୍ଲବ ପକ୍ଷରୁ ମଧ୍ୟ ପ୍ରତିନିଧିତ୍ୱ କରିଥିଲେ।

ଓଡ଼ିଶା ଏଫ୍‌ସି କ୍ଲବ ସଭାପତି ରାଜ ଅଥ୍ୱାଲ କିକୋଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ସେ ବିଭିନ୍ନ କ୍ଲବ ସହିତ ଜଡ଼ିତ ରହି ସାରିଥିବାରୁ ଅଭିଜ୍ଞତାରେ ଭରପୂର। ୟୁରୋପରେ ଅନେକ କ୍ଲବ ସହିତ ତାଙ୍କ ରେକର୍ଡ ମଧ୍ୟ ଭଲ। ତାଙ୍କ ଉପସ୍ଥିତିରେ ଓଡ଼ିଶା ଏଫ୍‌ସି ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବା ଆଶା ରହିଛି ବୋଲି ଅଥ୍ୱାଲ କହିଛନ୍ତି। ଓଡ଼ିଶା ଏଫ୍‌ସି ସହିତ ଜଡ଼ିତ ହୋଇ ଭାରତ ଆସିଥିବାରୁ କିକୋ ମଧ୍ୟ ଖୁସି ଜାହିର କରିଛନ୍ତି। ଏକ ଶକ୍ତିଶାଳୀ ଦଳ ଗଠନ ପାଇଁ ଆମେ କଠିନ ପରିଶ୍ରମ କରିବୁ ଏବଂ ପ୍ରଶଂସକଙ୍କୁ ଖୁସି କରିବାକୁ ଚେଷ୍ଟା କରିବୁ ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି।

**କିନୋ ସହକାରୀ କୋଚ୍ ନିଯୁକ୍ତ**

ଓଡ଼ିଶା ଏଫ୍‌ସି ୨୦୨୧-୨୨ ସିଜନ ପୂର୍ବରୁ କିନୋଙ୍କୁ ସହକାରୀ କୋଚ୍ ଏବଂ ଫୁଟବଲ ଉନ୍ନୟନ ମୁଖ୍ୟଭାବେ ନିଯୁକ୍ତ କରିଛି।



ଜୋଆକ୍ୱିନ ଗାର୍ସିଆ ସାଞ୍ଚେଜ ଓ ଫ୍ରାନ୍ସିସ୍କୋ ରାମିରେଜ ଗୋଞ୍ଜାଲେଜ।

**ଅତିରିକ୍ତ ୨୩,୬୭୫ କୋଟି ଖର୍ଚ୍ଚ: ପାର୍ଲାମେଣ୍ଟ ମଞ୍ଜୁରୀ ଲୋଡାଗଲା**

ଚଳିତ ଆର୍ଥିକ ବର୍ଷରେ ଅତିରିକ୍ତ ୨୩,୬୭୫ କୋଟି ଟଙ୍କା ନେଟ୍ ଖର୍ଚ୍ଚ ଲାଗି କେନ୍ଦ୍ର ସରକାର ପାର୍ଲାମେଣ୍ଟ ମଞ୍ଜୁରୀ ଲୋଡିଛନ୍ତି। ପ୍ରଥମ ପର୍ଯ୍ୟାୟ ଅତିରିକ୍ତ ଖର୍ଚ୍ଚ ଦାବି ପ୍ରସ୍ତାବକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଲୋକସଭାରେ ଉପସ୍ଥାପନ କରିଛନ୍ତି। ସେହିଭଳି ମୋଟ ଅତିରିକ୍ତ ଖର୍ଚ୍ଚ ୧.୮୭ ଲକ୍ଷ କୋଟି ଟଙ୍କା ନେଇ ମଧ ମଞ୍ଜୁରୀ ଲୋଡାଯାଇଛି।

## ସଂକ୍ଷେପରେ

### ଆଦାନୀ ଗ୍ରୁପ୍ ଷ୍ଟକ୍ ୫% ଖସିଲା

ନୂଆଦିଲ୍ଲୀ, ୨୦।୭: ଆଦାନୀ ଗ୍ରୁପ୍ କମ୍ପାନୀଗୁଡ଼ିକର ଶେୟାର ମଙ୍ଗଳବାର ୫% ହ୍ରାସ ହୋଇଛି। ନିୟାମକ ଅବମାନନା ଯୋଗୁ ଆଦାନୀ କମ୍ପାନୀଗୁଡିକ ବିରୋଧରେ ସେବି ଏବଂ ଡିଆର୍ଆଇ ତଦନ୍ତ ଜାରି ରଖିଥିବା ସରକାର ସଂସଦରେ ସ୍ପଷ୍ଟ କରିବା ପରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଆଦାନୀ ଟ୍ରାନ୍ସମିଶନ ଶେୟାର ୫% ଖସିଥିବା ବେଳେ ଆଦାନୀ ଟୋଟାଲ ଗ୍ୟାସ୍ ୫%, ଆଦାନୀ ପାୱାର ୪.୯୯%, ଆଦାନୀ ଗ୍ରୀନ୍ ଏନର୍ଜି ୩.୯୦%, ଆଦାନୀ ଏଣ୍ଟରପ୍ରାଇଜେସ୍ ୧.୦୫% ଏବଂ ଆଦାନୀ ପୋର୍ଟ ଆଣ୍ଡ ସ୍ପେଶାଲ ଇକୋନୋମିକ ଜୋନ ଶେୟାର ୧.୦୬% ଖସିଥିବା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ପକ୍ଷରୁ ସୂଚନା ମିଳିଛି।

### ଜୁଲାଇ ପହିଲାରୁ ବର୍ଦ୍ଧିତ ଡିଏ

ନୂଆଦିଲ୍ଲୀ,୨୦।୭: କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭତ୍ତା(ଡିଏ) ୨୮%କୁ ବୃଦ୍ଧି କରିବା ଲାଗି କେନ୍ଦ୍ର କ୍ୟାବିନେଟ୍‌ରେ ନିକଟରେ ନିଷ୍ପତ୍ତି ହୋଇଥିଲା। ଜୁଲାଇ ପହିଲାରୁ ଏହା ଲାଗୁ କରିବା ଲାଗି ମଙ୍ଗଳବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ଅର୍ଡର ପ୍ରକାଶ ପାଇଛି। ଗତ ସପ୍ତାହରେ ଡିଏ ଏବଂ ଡିଆର୍‌ରେ ୧୧% ବୃଦ୍ଧି ନେଇ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଥିଲା। ଏହାଦ୍ୱାରା କେନ୍ଦ୍ର ସରକାରଙ୍କ ୪୮ ଲକ୍ଷ କର୍ମଚାରୀ ଏବଂ ୬୫ ଲକ୍ଷ ପେନ୍ସନଭୋଗୀ ଲାଭବାନ ହୋଇପାରିବେ। ଡିଏ ବର୍ତ୍ତମାନ ୧୭% ରହିଛି। ଏହାକୁ ସରକାର ୨୮%କୁ ବଢ଼ାଇଛନ୍ତି। କରୋନା ପାଇଁ ସରକାର ଡିଏ ବୃଦ୍ଧିକୁ ଚଳିତ ବର୍ଷ ଜୁନ୍ ଶେଷ ଯାଏ ରୋକିଦେଇଥିଲେ।

### ଅଭିବୃଦ୍ଧି ଆକଳନ କମାଇଲା ଏଡିବି

ନୂଆଦିଲ୍ଲୀ, ୨୦।୭: ଚଳିତ ଆର୍ଥିକ ବର୍ଷ ଲାଗି ଭାରତର ଅଭିବୃଦ୍ଧି ଆକଳନକୁ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ(ଏଡିବି) ୧୧%ରୁ ୧୦%କୁ ହ୍ରାସ କରିଛି। କରୋନା ମହାମାରୀ ଦ୍ୱିତୀୟ ଲହର ପ୍ରଭାବକୁ ନଜରରେ ରଖି ଏହା ଆକଳନ କମାଇଥିବା ଜଣାପଡିଛି। ଗତ ଆର୍ଥିକ ବର୍ଷ ଶେଷ ତ୍ରୈମାସରେ ଜିଡିପିରେ ୧.୬% ଉନ୍ନତି ହେବାରୁ ପୂର୍ବ ଆକଳନ -୮%କୁ ଏହା ବଦଳାଇ ବର୍ତ୍ତମାନ -୭.୩% କରିଛି।

# ପର୍ଯ୍ୟଟନ ଶିଳ୍ପ ଉପରେ କୋଭିଡ୍ ମାଡ଼

**ଲକ୍‌ଡାଉନର ପ୍ରଥମ ତ୍ରୈମାସରେ ୧.୪୫ କୋଟି ନିଯୁକ୍ତି ହ୍ରାସ**

ନୂଆଦିଲ୍ଲୀ,୨୦।୭

କରୋନା ମହାମାରୀ ନିୟନ୍ତ୍ରଣ ଲାଗି ସାରା ଦେଶରେ ସରକାର ଲକ୍‌ଡାଉନ ଜାରି କରିଥିଲେ। ଅଦ୍ୟାବଧି ୨ଟି ଲକ୍‌ଡାଉନ ଯୋଗୁ ଦେଶର ପର୍ଯ୍ୟଟନ ଶିଳ୍ପ ଗଭୀର ଭାବେ ପ୍ରଭାବିତ ହୋଇଛି। ଏହି କ୍ଷେତ୍ରରେ ପ୍ରଥମ ତୈମାସରେ ପ୍ରାୟ ୧.୪୫ କୋଟି ଲୋକ ନିଯୁକ୍ତି ହରାଇଥିବା ନ୍ୟାଶନାଲ କାଉନସିଲ ଅଫ୍ ଆପ୍ଲାଏଡ୍ ଇକୋନୋମିକ୍ସ ଆଣ୍ଡ ରିସର୍ଚ୍ଚ (ଏନ୍‌ସିଏଇଆର୍) ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। କୋଭିଡ୍ ଯୋଗୁ ପର୍ଯ୍ୟଟନ ଶିଳ୍ପରେ କେତେ ଲୋକ ଚାକିରି ହରାଇଛନ୍ତି ବୋଲି ଲୋକ ସଭା ସଦସ୍ୟ ରମେଶ କୌଶିକ ଏବଂ ରାଜୁ ବିସ୍ତା ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ପର୍ଯ୍ୟଟନ ମନ୍ତ୍ରଣାଳୟ ଏନ୍‌ସିଏଇଆର୍ ରିପୋର୍ଟ ଆଧାରରେ ଉତ୍ତର ରଖାଯାଇଛି। ଲକ୍‌ଡାଉନ ଆରମ୍ଭ ହେବାର ପ୍ରଥମ ତ୍ରୈମାସରେ ୧୪.୫ ନିୟୁତ ଲୋକଙ୍କ ଚାକିରି ଚାଲିଯାଇଛି। ସେହିଭଳି ଦ୍ୱିତୀୟ ତ୍ରୈମାସରେ ୫.୪ ନିୟୁତ ଏବଂ ତୃତୀୟ ତ୍ରୈମାସରେ ୧.୮ ନିୟୁତ ଲୋକ କାମ ହରାଇଛନ୍ତି। ଏହି ରିପୋର୍ଟକୁ ପର୍ଯ୍ୟଟନ ମନ୍ତ୍ରଣାଳୟ ମଞ୍ଜୁରୀ ପ୍ରଦାନ କରିଥିବା ବେଳେ ଅଦ୍ୟାବଧି ଏହା ସାର୍ବଜନୀନ କରାଯାଇନାହିଁ। ପର୍ଯ୍ୟଟନ ଶିଳ୍ପ ଯେଉଁ କ୍ଷତି ସହିଛି ତା'ର ଭରଣା ଲାଗି ୩ରୁ ୪ ବର୍ଷ ସମୟ ଲାଗିଯିବ ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି। ଦେଶର ପ୍ରଭାବିତ ଟୁରିଜମ୍ ଏବଂ ହସ୍ପିଟାଲିଟି କ୍ଷେତ୍ରରେ ବିକାଶ ଲାଗି ପର୍ଯ୍ୟଟନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ଗଠନ କରାଯାଇଛି। ଏହି ଟାସ୍କଫୋର୍ସ ବିଭିନ୍ନ ପ୍ରସ୍ତାବ ଦେବ।

# ଏସ୍ଆର୍ଏମ୍ ଛାତ୍ରଙ୍କ ଷ୍ଟାର୍ଟଅପ୍ 'ଆୱାର ଆଇ'



ଅମରାବତି, ୨୦।୭

ଏସ୍ଆର୍ଏମ୍ ୟୁନିଭର୍ସିଟି ଆନ୍ଧ୍ରପ୍ରଦେଶର ବିଟେକ୍ ଛାତ୍ରମାନେ ଆୱାର ଆଇ ନାମକ ଷ୍ଟାର୍ଟ ଅପ୍ ସ୍ଥାପନ କରିଛନ୍ତି। ଅଟୋମେଟେଡ, ଏଣ୍ଡ ଟୁ ଏଣ୍ଡ ଭିଡିଓ ଇଣ୍ଟେଲିଜେନ୍ସ ସଲ୍ୟୁଶନ ପ୍ରଦାନ କରିବା ଦିଗରେ କାର୍ଯ୍ୟ କରୁଛି। କମ୍ପାନୀଗୁଡିକର ସର୍ଭିଲେନ୍ସ କ୍ୟାମେରା ରେକର୍ଡିଂ, ସିସି ଟିଭି ଆଇପି ଭିତ୍ତିଭୂମି ଦିଗରେ ଏହା ଯୋଗଦାନ ରଖୁଛି। ଏହି କମ୍ପାନୀରେ ସୌରଭ ସାନ୍ୟାଲ, ମିରାନ ଜୁନୈଦି, ସୌରଭ ଘାନେକର ସହ ପ୍ରତିଷ୍ଠାତା ରହିଛନ୍ତି। ଏମାନେ ସମସ୍ତେ ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ସାଇନ୍ସର ଛାତ୍ର। ଏହି କମ୍ପାନୀରେ ମୋଟ ୨୩ ସଦସ୍ୟ ବିଶିଷ୍ଟ ଟିମ୍ କାମ କରୁଛି। ଛାତ୍ରଙ୍କର ଏଭଳି ଉଦ୍ୟମକୁ ପ୍ରୋତ୍ସାହନ ପୂର୍ବକ ବିଶ୍ୱବିଦ୍ୟାଳୟ ପକ୍ଷରୁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଛାତ୍ରୀଛାତ୍ରଙ୍କର ଏଭଳି ଉଦ୍ୟମ ଅନ୍ୟ ଛାତ୍ରୀଛାତ୍ରଙ୍କ ଲାଗି ଉଦାହରଣ ବୋଲି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଭି.ଏସ୍.ରାଓ କହିଛନ୍ତି।

# ଏଲ୍ଆଇସିର ଆରୋଗ୍ୟ ରକ୍ଷକ ପ୍ଲାନ୍

ଭୁବନେଶ୍ୱର, ୨୦।୭



ଭାରତୀୟ ଜୀବନବୀମା ନିଗମ(ଏଲ୍ଆଇସି) ପକ୍ଷରୁ ନୂଆ ଆରୋଗ୍ୟ ରକ୍ଷକ ହେଲ୍‌ଥ ଇନ୍ସ୍ୟୁରାନ୍ସ ପ୍ଲାନ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଚଳିତ ମାସ ୧୯ ତାରିଖରୁ ଶୁଭାରମ୍ଭ ହୋଇଛି। ଏହା ଏକ ନନ୍ ଲିଙ୍କଡ, ନନ୍ ପାର୍ଟିସିପେଟିଂ, ରେଗୁଲାର ପ୍ରିମିୟମ ଏବଂ ଇଣ୍ଡିଭିଜୁଆଲ ହେଲ୍‌ଥ ଇନ୍ସ୍ୟୁରାନ୍ସ ପ୍ଲାନ୍। ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ ସମସ୍ୟା କ୍ଷେତ୍ରରେ ଏହା ସ୍ଥାୟୀ ସ୍ୱାସ୍ଥ୍ୟ ବୀମା କଭର ପ୍ରଦାନ କରିଥାଏ। ସେହିଭଳି ମେଡିକାଲ ଏମର୍ଜେନ୍ସି ଲାଗି ଠିକ୍ ସମୟରେ ସହାୟତା, ବୀମା ଗ୍ରହଣ କରିଥିବା ବ୍ୟକ୍ତି ବିଶେଷ ଏବଂ ସେମାନଙ୍କ ପରିବାରକୁ ଆର୍ଥିକ ଭାବେ ସହାୟତା କରିବାରେ ଏହା ଯୋଗଦାନ ରଖିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଜଣେ ବ୍ୟକ୍ତି(ପ୍ରମୁଖ ବୀମା ଗ୍ରହଣକାରୀ)ଙ୍କ ସହ ଏଥିରେ ସ୍ୱାମୀ,ସ୍ତ୍ରୀ, ସେମାନଙ୍କ ସନ୍ତାନସନ୍ତତି ଏବଂ ଅଭିଭାବକ ଗୋଟିଏ ପଲିସି ଅଧୀନରେ ବୀମାଭୁକ୍ତ ହୋଇପାରିବେ। ବୀମା ନେଇଥିବା ବ୍ୟକ୍ତି, ସ୍ୱାମୀ-ସ୍ତ୍ରୀ ଏବଂ ଅଭିଭାବକଙ୍କ ବୟସ ୧୮ରୁ ୬୫ ବର୍ଷ ହୋଇଥିବା ଆବଶ୍ୟକ। ସେହିଭଳି ଶିଶୁମାନଙ୍କର ବୟସ ୯୧ ଦିନରୁ ୨୦ ବର୍ଷ ମଧ୍ୟରେ ହୋଇଥିବା ଦରକାର। ଏହି ୨ ବର୍ଗ ଲାଗି ବୀମା କଭର ପିରିୟଡ ୮୦ ବର୍ଷ ଏବଂ ୨୫ ବର୍ଷ ରହିଛି। ଅଧିକ ବିବରଣୀ ଲାଗି ଏଲ୍ଆଇସି ଶାଖା କିମ୍ବା ୱେବ୍‌ସାଇଟ ଦେଖିବାକୁ କମ୍ପାନୀ ପକ୍ଷରୁ କୁହାଯାଇଛି।

# ପୋଷ୍ଟମ୍ୟାନ୍ କରିବେ ଆଧାର ମୋବାଇଲ ନମ୍ବର ଅପ୍‌ଡେଟ୍

ନୂଆଦିଲ୍ଲୀ,୨୦।୭

ଲୋକମାନେ ସେମାନଙ୍କ ଘରଦ୍ୱାର ଦେଶରେ ଆଧାର କାର୍ଡର ମୋବାଇଲ ନମ୍ବର ଏଣିକି ଅପ୍‌ଡେଟ କରାଇପାରିବେ। ପୋଷ୍ଟମ୍ୟାନ୍‌ଙ୍କ ସହାୟତାରେ ଏହି କାର୍ଯ୍ୟ ହୋଇପାରିବ। ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଏବଂ ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ(ୟୁଆଇଡିଏଆଇ) ଏହି ଯୋଜନାକୁ କାର୍ଯ୍ୟକାରୀ କରାଇବା ଦିଗରେ ବର୍ତ୍ତମାନ ଅଗ୍ରସର ହେଉଛନ୍ତି। ଏ ନେଇ ଏକ ଚୁକ୍ତି ସ୍ୱାକ୍ଷରିତ ହେବ। ଦେଶର ୬୫୦ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ, ୧.୪୬ ଲକ୍ଷ ପୋଷ୍ଟମ୍ୟାନ ଏବଂ ଗ୍ରାମୀଣ ଡାକ ସେବକଙ୍କ ଦ୍ୱାରା ଏଭଳି ସେବା ଉପଲବ୍ଧ ହେବ।

# ନାବାର୍ଡ ପକ୍ଷରୁ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର, ୨୦।୭

ନାବାର୍ଡ ପକ୍ଷରୁ ୪୦ ତମ ପ୍ରତିଷ୍ଠା ଦିବସ ଭର୍ଚୁଆଲ ଭାବେ ପାଳିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଗ୍ରାମୀଣ ବିକାଶ ଦିଗରେ ନାବାର୍ଡର ନିରନ୍ତର ଉଦ୍ୟମକୁ ରାଜ୍ୟପାଳ ବେଶ୍ ପ୍ରଶଂସା କରିଛନ୍ତି। ଗ୍ରାମାଞ୍ଚଳରେ ଯୁବବର୍ଗଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ କାର୍ଯ୍ୟ କରିବାକୁ ସେ ନାବାର୍ଡକୁ ଆହ୍ୱାନ ଜଣାଇଛନ୍ତି। ନାବାର୍ଡ ସିଜିଏମ୍ ସି. ଉଦୟ ଭାସ୍କର ସ୍ୱାଗତ ଭାଷଣରେ ବ୍ୟାଙ୍କର ସଫଳତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଋଣ ଏବଂ ଟେକ୍ନିକାଲ ସହାୟତା ଯୋଗାଣ ନେଇ ନାବାର୍ଡର ସହଯୋଗ ଉପରେ ଡେଭଲପମେଣ୍ଟ କମିଶନର ପି.କେ.ଜେନା ଗୁରୁତ୍ୱାରୋପ କରିଥିଲେ। ଚଳିତ ଆର୍ଥିକ ବର୍ଷରେ ଧାର୍ଯ୍ୟ ହୋଇଥିବା ୧.୧୦ ଲକ୍ଷ କୋଟିର ଋଣ ଯୋଗାଣ ଲକ୍ଷ୍ୟ ହାସଲ କରିବା ଦିଗରେ ସମସ୍ତ ଅଂଶୀଦାର ମିଳିତ ହୋଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଏ.କେ ମୀନା ଆହ୍ୱାନ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ମିଶନ ଶକ୍ତି କମିଶନର ସୁଜାତା କାର୍ତ୍ତିକେୟନ, ଆର୍‌ବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଏଚ୍.ଏନ୍.ପଣ୍ଡା, ଏସ୍ଏଲ୍‌ବିସି କନ୍‌ଭେନର ଏ.ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଫେସର ଘନଶ୍ୟାମ ଦାଶ ସ୍କଲାରଶିପ ଘୋଷଣା

ଭୁବନେଶ୍ୱର,୨୦।୭

ଇଣ୍ଡିଆନ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ ଲିମିଟେଡ (ଇମ୍ଫା) ଓ ଏହାର ସିଏସ୍ଆର ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ (ବିଆଇପିଏଫ୍) ପକ୍ଷରୁ ୨୦୨୦-୨୧ ବର୍ଷର ଉଚ୍ଚଶିକ୍ଷା ନିମନ୍ତେ ପ୍ରଫେସର ଘନଶ୍ୟାମ ଦାଶ ସ୍କଲାରଶିପ ବିଷୟରେ ଘୋଷଣା କରାଯାଇଛି। ଏହି ସ୍କଲାରଶିପ ସୁବିଧା ଏମ୍‌କେସିଜି ମେଡିକାଲ କଲେଜରେ ଏମ୍‌ବିବିଏସ୍ ପଢିବା ଲାଗି ଅନିତା କୁଜୁରୁ ଓ ହିମାଂଶୁ ରଞ୍ଜନ ପୃଷ୍ଟି ଏବଂ ବୁର୍ଲା ଭିମ୍‌ସାରରେ ଏମ୍‌ବିବିଏସ୍ ପଢିବା ପାଇଁ ରୋଶନ ପାଇକ ଓ ଏସ୍‌ସିବି ମେଡିକାଲ କଲେଜରେ ଏମ୍‌ବିବିଏସ୍ ପାଇଁ ଆଶୁତୋଷ ସାହୁଙ୍କ ସମେତ କେନ୍ଦୁଝର ସରକାରୀ ଇଞ୍ଜିନିୟରିଂ କଲେଜରେ ସମ୍ବିତ କୁମାର ଆଇଚ, ଏନ୍ଆଇଟି, ରାଉରକେଲା ପାଇଁ ବି ଟେକ୍ ଛାତ୍ର ଦୀପକ କୁମାର ମହାନ୍ତିଙ୍କୁ ପ୍ରଦାନ କରାଯାଇଛି। ଓଡ଼ିଶାର ସ୍ଥାୟୀ ଭାବେ ବସବାସ କରୁଥିବା ଆର୍ଥିକ ଦୁର୍ବଳ ପରିବାରର ମେଧାବୀ ପିଲାଙ୍କୁ ଇମ୍ଫା ପକ୍ଷରୁ ୪ଲକ୍ଷ ଟଙ୍କାର ସ୍କଲାରଶିପ ଦିଆଯାଉଛି। ମେଡିକାଲ,ଇଞ୍ଜିନିୟରିଂ ଏବଂ ଲିବରାଲ ଆର୍ଟସ୍ ଭଳି ପାଠ୍ୟକ୍ରମ ଲାଗି ଏହି ଅର୍ଥରାଶି ପ୍ରଦାନ କରାଯାଉଛି। ଏହା ଫଳରେ ଛାତ୍ରୀଛାତ୍ରମାନେ ପ୍ରାୟ ୯୦% ଶିକ୍ଷା ଫି ସହ ପାଠପଢ଼ା ବାବଦକୁ ଆବଶ୍ୟକ ଖର୍ଚ୍ଚରେ ଏହା ବେଶ୍ ସହାୟକ ହେଉଛି। ବର୍ତ୍ତମାନ ସୁଦ୍ଧା ୬୧ ଜଣ ମେଧାବୀ ଏହି ସୁବିଧା ହାସଲ କରିଥିବା ଇମ୍ଫା ପକ୍ଷରୁ କୁହାଯାଇଛି।

# ୩୫୫ ପଏଣ୍ଟ ଖସିଲା ସେନ୍‌ସେକ୍ସ

ନୂଆଦିଲ୍ଲୀ, ୨୦।୭

ଲଗାତର ତୃତୀୟ ସେସନ ଲାଗି ମଙ୍ଗଳବାର ଭାରତୀୟ ପୁଞ୍ଜି ବଜାରରେ ହ୍ରାସ ଦେଖାଯାଇଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜ(ବିଏସ୍‌ଇ) ସେନ୍‌ସେକ୍ସ ୩୫୫ ପଏଣ୍ଟ( ୦.୬୮%) ହ୍ରାସ ହେବା ଯୋଗୁ ୫୨,୧୯୯ ପଏଣ୍ଟକୁ ହ୍ରାସ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟି ୧୨୦ ପଏଣ୍ଟ(୦.୭୬%) ନିମ୍ନରେ ରହିବା ଯୋଗୁ ୧୫,୬୩୨ ପଏଣ୍ଟ ସ୍ତରକୁ ଖସିଛି।

## ଖେଳ ଖବର



ମିଥାଲି ରାଜ

# ଶୀର୍ଷ ସ୍ଥାନକୁ ଫେରିଲେ ମିଥାଲି, ମାନ୍ଧନା ନଂ. ୩

ଦୁବାଇ,୨୦।୭ (ପି.ଟି.)

**ଆଇସିସି ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍**

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଅଧିନାୟିକା ଶୀର୍ଷ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୭୬୨ ପଏଣ୍ଟ ପାଇ ସେ ବ୍ୟାଟିଂ ତାଲିକାରେ ପୁଣି ଥରେ ଏକ ନମ୍ବର ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାମହାତୀ ବ୍ୟାଟ୍ସଓମ୍ୟାନ ସ୍ମୃତି ମାନ୍ଧନା ୩ ନମ୍ବର ସ୍ଥାନ ଅଧିକାର କରି ଟପ୍-୧୦ରେ ସ୍ଥାନିତ ହୋଇଛନ୍ତି। ନବମଥର ପାଇଁ ମିଥାଲି ଏକ ନମ୍ବର ସ୍ଥାନ ଅଧିକାର କରିଛନ୍ତି। ୧୬ ବର୍ଷ ତଳେ ସେ ପ୍ରଥମଥର ପାଇଁ ଶୀର୍ଷ ସ୍ଥାନ ଅଧିକାର କରିବାର ସୌଭାଗ୍ୟ ପାଇଥିଲେ। ୱେଷ୍ଟଇଣ୍ଡିଜ ଅଧିନାୟିକା ଷ୍ଟିଫାନି ଟେଲର ପଞ୍ଚମ ସ୍ଥାନକୁ ଖସିବା ଫଳରେ ମିଥାଲି ଶୀର୍ଷକୁ ଉଠିଥିଲେ।

ବୋଲିଂ ତାଲିକାରେ ଭାରତର ଅଭିଜ୍ଞ ଦ୍ରୁତ ବୋଲର ଝୁଲଣ ଗୋସ୍ୱାମୀ ପଞ୍ଚମ ସ୍ଥାନରେ ରହି ଏକମାତ୍ର ଭାରତୀୟ ଭାବେ ଟପ୍-୧୦ରେ ସାମିଲ ହୋଇଛନ୍ତି। ସେହିପରି ଅଲରାଉଣ୍ଡର ତାଲିକାରେ ଦୀପ୍ତି ଶର୍ମା ମଧ ପଞ୍ଚମ ସ୍ଥାନରେ ରହିଛନ୍ତି।

ମହିଳା ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ବାମହାତୀ ଓପନର ସ୍ମୃତି ମାନ୍ଧନା କ୍ୟାରିୟରର ଶ୍ରେଷ୍ଠ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପୂର୍ବରୁ ମଧ ସେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଇଂଲଣ୍ଡ ବିପକ୍ଷ ଅନ୍ତିମ ଟି୨୦ରେ ୭୦ ରନ ସଂଗ୍ରହ କରି ସେ ଏହି ସଫଳତା ପାଇଛନ୍ତି।

# ବାଲା, ମନୀଷାଙ୍କୁ ଏଆଇଏଫ୍ଏଫ୍ ପୁରସ୍କାର

ନୂଆଦିଲ୍ଲୀ, ୨୦।୭(ପି.ଟି.)



ବାଲା ଦେବୀ ଓ ମନୀଷା କଲ୍ୟାଣ ।

ଭାରତୀୟ ଟିମ୍ ଫରୱାର୍ଡ ବାଲା ଦେବୀ ଏଆଇଏଫଏଫ (ସର୍ବଭାରତୀୟ ଫୁଟବଲ ଫେଡେରେଶନ) ଓମେନ୍ସ ଫୁଟବଲର ଅଫ୍ ଦି ଇୟର ପୁରସ୍କାର ପାଇଛନ୍ତି। ଯୁବ ଖେଳାଳି ମନୀଶା କଲ୍ୟାଣ ୨୦୨୦-୨୧ ସିଜନ ପାଇଁ ଇମର୍ଜିଂ ପୁରସ୍କାର ହାସଲ କରିଛନ୍ତି। ବାଲାଦେବୀ ତୃତୀୟ ଥରପାଇଁ ଏହି ସମ୍ମାନଜନକ ପୁରସ୍କାର ଜିତିଛନ୍ତି। ପୂର୍ବରୁ ସେ ୨୦୧୪ ଓ ୨୦୧୫ରେ ଏହି ପୁରସ୍କାର ହାସଲ କରିଥିଲେ। ସମ୍ପ୍ରତି ସ୍କଟଲାଣ୍ଡରେ ରେଞ୍ଜର୍ସ ଏଫ୍‌ସି ପକ୍ଷରୁ ବାଲା ଖେଳୁଛନ୍ତି। ଗତବର୍ଷ ଫେବୃୟାରୀରେ ଏହି କ୍ଲବ ପକ୍ଷରୁ ଖେଳିବା ଆରମ୍ଭ କରିଥିବା ବାଲା ଡିସେମ୍ବରରେ ପ୍ରଥମ ଗୋଲ ସ୍କୋର କରି ଇତିହାସ ରଚିଥିଲେ। ପ୍ରଥମ ଭାରତୀୟ ମହିଳା ଫୁଟବଲ ଖେଳାଳିଭାବେ ସେ ୟୁରୋପରେ ଚୁକ୍ତି ଭିତ୍ତିରେ ପେସାଦାର ଫୁଟବଲ ଖେଳୁଛନ୍ତି। ପୁରସ୍କାର ଗ୍ରହଣ ଅବସରରେ ୩୧ ବର୍ଷୀୟ ବାଲା ରେଞ୍ଜର୍ସ କ୍ଲବ ଏବଂ ଜାତୀୟ ଦଳ ସହ ନିଜର ସମସ୍ତ କୋଚ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ବ୍ୟତୀତ ସେ ନିଜ ପରିବାରବର୍ଗ ଏବଂ ସାଥି ଖେଳାଳିଙ୍କୁ ମଧ ଧନ୍ୟବାଦ ଜଣାଇବାକୁ ଭୁଲି ନାହାନ୍ତି। ୧୯ ବର୍ଷୀୟ ମନୀଷା ପ୍ରଥମଥାପାଇଁ ଏହି ପୁରସ୍କାର ପାଇଛନ୍ତି। ଏହା ତାଙ୍କୁ ଲକ୍ଷ୍ୟ ପଥରେ ଆଗେଇବାରେ ଉତ୍ସାହିତ କରିବ ବୋଲି ସେ ପ୍ରକାଶ କରିଛନ୍ତି। ପୂର୍ବରୁ ୧୭ ଏବଂ ୧୯ ବର୍ଷରୁ କମ୍ ଭାରତୀୟ ଦଳରୁ ଖେଳିଥିବା ମନୀଷା ୨୦୧୯ରେ ହଂକଂ ବିପକ୍ଷରେ ସିନିୟର କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ଦିନକୁ ଦିନ ତାଙ୍କ ପ୍ରଦର୍ଶନରେ ଉନ୍ନତି ଆସିବାରେ ଲାଗିଛି।

# କୋଚ୍ ପଦ ଛାଡ଼ିଲେ ମେମୋଲ

ନୂଆଦିଲ୍ଲୀ, ୨୦।୭(ପି.ଟି.)



ମେମୋଲ ରକି

ମେମୋଲ ରକି ଭାରତୀୟ ମହିଳା ଫୁଟବଲ ଦଳର କୋଚ୍ ପଦ ଛାଡ଼ିଛନ୍ତି। ଗତ ୪ ବର୍ଷ ଧରି ଜାତୀୟ ଦଳ ଦାୟିତ୍ୱରେଥିବା ମେମୋଲ ବ୍ୟକ୍ତିଗତ କାରଣ ଦର୍ଶାଇ ଓହରି ଯାଇଛନ୍ତି। ପୂର୍ବରୁ ସହକାରୀ କୋଚ୍‌ଥିବା ରକି ୨୦୧୭ରୁ ଦଳର ମୁଖ୍ୟ କୋଚ୍ ପଦରେ ରହିଥିଲେ। ତାଙ୍କ ପ୍ରଶିକ୍ଷଣରେ ଭାରତୀୟ ଦଳ ଅନ୍ତର୍ଜାତୀୟ ସ୍ତରରେ ଅନେକ ସଫଳତା ପାଇଥିଲା। ତାଙ୍କ ଉପରେ ବିଶ୍ୱାସ ରଖିଥିବାରୁ ସେ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ)କୁ ଧନ୍ୟବାଦ ଜଣାଛଚନ୍ତି। ''ଗତ କିଛିବର୍ଷ ଧରି ଦଳର ଅଗ୍ରଗତିରେ ମୁଁ ବହୁତ ଖୁସି। ଆମକୁ ମିଳିଥିବା ସୁବିଧା ସୁଯୋଗ ବହୁତ ବଢ଼ିଆ ଥିଲା। ଏଆଇଏଫଏଫ, ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଏବଂ ଓଡ଼ିଶା ସରକାରଙ୍କ ସମର୍ଥନ ଆମ ସଫଳତାର ଅନ୍ୟତମ କାରଣ'' ବୋଲି ରକି କହିଛନ୍ତି। ମେମୋଲ ବ୍ୟକ୍ତିଗତ କାରଣ ଦର୍ଶାଇ ମୁଖ୍ୟ କୋଚ୍‌ପଦ ବଜାୟ ରଖିବାନେଇ ଅସାମର୍ଥତା ପ୍ରକାଶ କରିଥିବା ଏଆଇଏଫଏଫ ସମ୍ପାଦକ କୁଶାଳ ଦାସ ସ୍ପଷ୍ଟ କରିଛନ୍ତି। ଆମେ ତାଙ୍କ ନିଷ୍ପତ୍ତିକୁ ଗ୍ରହଣ କରୁଛୁ ଏବଂ ଭାରତୀୟ ଫୁଟବଲ ପ୍ରତି ତାଙ୍କ ଅବଦାନ ପାଇଁ ଧନ୍ୟବାଦ ଜଣାଉଛୁ ବୋଲି କୁଶାଳ କହିଛନ୍ତି।

ଭାରତର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ରକିଙ୍କ କାର୍ଯ୍ୟକାଳ ଅବସରରେ ଦଳଗତ ଭିତ୍ତିରେ ଭାରତର ପ୍ରଦର୍ଶନ ଭଲ ରହିଥିଲା। ୨୦୧୮ ନଭେମ୍ବରରେ ଭାରତୀୟ ମହିଳା ଫୁଟବଲ ଦଳ ପ୍ରଥମଥରପାଇଁ ଅଲିମ୍ପିକ୍ କ୍ୱାଲିଫାୟର୍ସର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଥିଲା। ୨୦୧୯ରେ ଭାରତ ସାଫ୍ ମହିଳା ଫୁଟବଲ ଚାମ୍ପିୟନଶିପ୍ ଟାଇଟଲ ଜିତିଥିଲା। ନେପାଳ ସାଉଥ୍ ଏସିଆନ ଗେମ୍ସରେ ଦଳ ସ୍ୱର୍ଣ୍ଣ ପଦକ ପାଇଥିଲା। ଭାରତ ପ୍ରଥମଥରପାଇଁ ଆସନ୍ତାବର୍ଷ ଏଏଫ୍‌ସି ମହିଳା ଏସିଆନ କପ୍ ଆୟୋଜନ କରୁଥିବାରୁ ଜାତୀୟ ଦଳକୁ ରକି ଶୁଭେଚ୍ଛା ଜଣାଇଛନ୍ତି।

**ଭାରତୀୟ ମହିଳା ଫୁଟବଲ**

# ଏଏଫ୍‌ସି ମହିଳା ଏସିଆନ କପ୍ ଲୋଗୋ ଉନ୍ମୋଚିତ

ନୂଆଦିଲ୍ଲୀ, ୨୦।୭(ପି.ଟି.)

ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି) ଓ ସ୍ଥାନୀୟ ଆୟୋଜକ କମିଟି (ଏଲଓସି) ମଙ୍ଗଳବାର ୨୦୨୨ ମହିଳା ଏସିଆନ କପ୍‌ର ଲୋଗୋ ଉନ୍ମୋଚନ କରିଛନ୍ତି। ଭାରତରେ ଏହି ସମ୍ମାନଜନକ ପ୍ରତିଯୋଗିତା ଜାନୁୟାରୀ ୨୦ରୁ ଫେବୃୟାରୀ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତିଯୋଗିତାର ଆଗାମୀ ସଂସ୍କରଣରେ ପ୍ରଥମଥରପାଇଁ ୧୨ଟି ଦଳ ଅଂଶଗ୍ରହଣ କରିବେ। ଗତ ୪ ସଂସ୍କରଣ ଅପେକ୍ଷା ଏଥର ୪ଟି ଦଳ ଅଧିକ ଏଥିରେ ଭାଗନେବେ। ଏହା ବ୍ୟତୀତ ଏସିଆନ ମହିଳା ଫୁଟବଲ ଇତିହାସରେ ପ୍ରଥମଥରପାଇଁ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଖେଳାଯିବ।

AFC WOMEN'S ASIAN CUP™ INDIA 2022

# ଦକ୍ଷିଣ ଆଫ୍ରିକାର ସହଜ ବିଜୟ

ଡବ୍ଲିନ,୨୦।୭

ଆୟର୍ଲାଣ୍ଡ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୩୩ ରନରେ ବିଜୟ ହାସଲ କରିଛି। ସ୍ଥାନୀୟ ମାଲାହାଇଡ୍‌ସ୍ଥିତ ଦି ଭିଲେଜ ଗ୍ରାଉଣ୍ଡରେ ସୋମବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଆୟର୍ଲାଣ୍ଡ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୭ ଉଇକେଟ ହରାଇ ୧୬୫ ରନ ସଂଗ୍ରହ କରିଥିଲା। ଜବାବରେ ଆୟର୍ଲାଣ୍ଡ ୯ ଉଇକେଟରେ ୧୩୨ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ଏହି ବିଜୟ ସହ ଦକ୍ଷିଣ ଆଫ୍ରିକ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ମାତ୍ର ୨୭ ରନ ବ୍ୟୟ କରି ବାମହାତୀ ସ୍ପିନର ତାବରେଜ ସାମ୍‌ସି ୪ ଉଇକେଟ ଅକ୍ତିଆର କରି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଗୁରୁବାର ବେଲଫାଷ୍ଟରେ ଦ୍ୱିତୀୟ ଟି୨୦ ମ୍ୟାଚ୍ ଖେଳାଯିବ। ଦକ୍ଷିଣ ଆଫ୍ରିକା ତରଫରୁ ଏଡେନ ମାରକ୍ରାମ ସର୍ବାଧିକ ୩୯ ରନ ସଂଗ୍ରହ କରିଥିଲେ। ସେହିପରି ଆୟର୍ଲାଣ୍ଡ ପକ୍ଷରୁ ହ୍ୟାରି ଟେକ୍ଟର ସର୍ବାଧିକ ୩୬ ରନ ସଂଗ୍ରହ କରିଥିଲେ।



ମ୍ୟାନ ଅଫ୍ ଦି ମ୍ୟାଚ ତାବରେଜ ସାମ୍‌ସି ।



**ମୁମ୍ବାଇ:** ବି ଟାଉନ୍‌ରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଥିବା ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଟଲିଉଡ୍‌ରେ ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି। ତାମିଲ ବିଗ୍ ବଜେଟ୍ ଫିଲ୍ମ 'ପୋନ୍ନିଇନ ସେଲଭମ'ରେ ଦର୍ଶକମାନେ ତାଙ୍କୁ ଦେଖିବେ। ସିନେମାର ପ୍ରଥମ ପୋଷ୍ଟର ସେ ନିଜେ ସୋସିଆଲ ମିଡିଆରେ ରିଲିଜ କରିଛନ୍ତି, ଯାହାକୁ ନେଇ ତାଙ୍କ ପ୍ରଶଂସକମାନେ ଉତ୍ସାହିତ ହୋଇ ପଡିଛନ୍ତି । ଏହା ଏକ ଐତିହାସିକ ଡ୍ରାମା ଫିଲ୍ମ । ଏହାର ନିର୍ଦ୍ଦେଶନା ଦେଉଛନ୍ତି ମଣିରତ୍ନମ । ଏହାର ବଜେଟ ରଖାଯାଇଛି ପ୍ରାୟ ୫୦୦କୋଟି ।

# ଭାରତରେ ସରୋଗେସି
# ବାର୍ଷିକ କାରବାର ୩୦୦୦୦ କୋଟି



**ଗାନ୍ଧୀନଗର:** ପିଙ୍କି ମକବାନ୍ ଏବେ ୪ ମାସର ଗର୍ଭବତୀ। ତାଙ୍କ ଗର୍ଭରେ ବଢୁଛନ୍ତି ଯାଆଁଳା ଶିଶୁ। ଗୁଜରାଟର ଆନନ୍ଦ ସହରସ୍ଥିତ ଆକାଂକ୍ଷା ହସ୍ପିଟାଲ ପାଲଟିଛି ପିଙ୍କିଙ୍କ ଅସ୍ଥାୟୀ ଠିକଣା। ଡାକ୍ତରଖାନାର ବେସ୍‌ମେଣ୍ଟରେ ପାଖାପାଖି ଚାରି ମାସ ହେଲା ସେ ରହୁଛନ୍ତି। କେବଳ ପିଙ୍କି ନୁହଁନ୍ତି, ଏଠାରେ ରହୁଥିବା ଅନ୍ୟ ୪୬ ମହିଳା ଜାନୁୟାରୀରୁ ମାର୍ଚ୍ଚ ମଧ୍ୟରେ ମାତୃତ୍ୱ ଲାଭ କରିବେ। ଏସବୁ ଶିଶୁଙ୍କୁ ସେମାନେ ଜନ୍ମଦେବେ ସତ, କିନ୍ତୁ ନବଜାତକଙ୍କ ସହ ଏହି ମା'ମାନଙ୍କର କୌଣସି ସମ୍ପର୍କ ରହିବ ନାହିଁ। ଗର୍ଭସ୍ଥ ସନ୍ତାନଙ୍କୁ ଜନ୍ମ ଦେବା ପରେ କୋମଳମତି ଶିଶୁମାନେ ଚାଲିଯିବେ ନିଜ ନିଜର ସମ୍ଭାବ୍ୟ ଠିକଣାସ୍ଥଳକୁ। କାରଣ ସମସ୍ତଙ୍କ ଗର୍ଭ ଭଡ଼ାରେ ଲାଗିଛି। ଅମୂଲ ବ୍ରାଣ୍ଡକୁ ନେଇ ବିଶ୍ୱରେ ପ୍ରସିଦ୍ଧି ଅର୍ଜନ କରିଥିବା ଆନନ୍ଦ ସହର ଗତ କିଛିବର୍ଷ ମଧ୍ୟରେ ସରୋଗେଟ ମଦରଙ୍କ ନୂଆ ଠିକଣା ପାଲଟିଛି। ତେଣୁ 'ଆନନ୍ଦ'କୁ ଏବେ ଅନେକେ ଦେଶର 'ବେବି ଫ୍ୟାକ୍ଟ୍ରି' ବୋଲି କହିବା ଆରମ୍ଭ କଲେଣି।

ଆକାଂକ୍ଷାକୁ ଆସିବା ପୂର୍ବରୁ ୨୪ ବର୍ଷୀୟା ପିଙ୍କି ଏକ ଗାର୍ମେଣ୍ଟ କମ୍ପାନୀରେ ମାସିକ ୭ ହଜାର ଟଙ୍କା ବେତନରେ କାମ କରୁଥିଲେ। ମାତ୍ର ୨୦ ବର୍ଷର ହୋଇଥିବାବେଳେ ତାଙ୍କର ବିବାହ ସ୍ଥାନୀୟ ଅଞ୍ଚଳର ଜଣେ ସିକ୍ୟୁରିଟି ଗାର୍ଡଙ୍କ ସହିତ କରି ଦିଆଯାଇଥିଲା। ତେବେ ଦାମ୍ପତ୍ୟ ଜୀବନରେ କଳହ ସୃଷ୍ଟି ହେବାରୁ ସେ ୨୦୧୯ରେ ଘର ଛାଡ଼ିବା ସହ ଗାର୍ମେଣ୍ଟ ଫ୍ୟାକ୍ଟ୍ରିରେ କାମ କରିବା ଆରମ୍ଭ କରିଥିଲେ। ୨୦୨୦ରେ କରୋନାର ପ୍ରଥମ ଲହରରେ ଶଟ୍‌ଡାଉନ୍ କାରଣରୁ କମ୍ପାନୀ ବନ୍ଦ ହୋଇଗଲା। ଏହାପରେ ଗତ ଅକ୍ଟୋବରରେ ଦେଶର ସବୁଠାରୁ ବଡ଼ ସରୋଗେଟ୍ ହସ୍ପିଟାଲ 'ଆଂକାକ୍ଷା'କୁ ଚାଲିଆସିଥିଲେ ପିଙ୍କି। ହସ୍ପିଟାଲରେ ସଫଳ ପ୍ରସବ ପରେ ଜଣେ ସରୋଗେଟ୍ ମହିଳାଙ୍କୁ କିସ୍ତି ଅନୁଯାୟୀ ପ୍ରାୟ ୪ ଲକ୍ଷ ୬୬ ହଜାର ଟଙ୍କା ଦିଆଯାଏ। କୌଣସି କାରଣରୁ ଗର୍ଭପାତ ହେଲେ ସେହି ସମୟ ଯାଏ ମିଳିଥିବା କିସ୍ତି ଟଙ୍କା ସହିତ ଅତିରିକ୍ତ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥାଏ। ଯାଆଁଳା ସନ୍ତାନଙ୍କ ଲାଗି ଅଧିକ ଅର୍ଥ ପ୍ରଦାନ ବ୍ୟବସ୍ଥା ଥିବାରୁ ପିଙ୍କି ୫ ଲକ୍ଷ ୫୪ ହଜାର ଟଙ୍କା ପାଇବେ। ଏଥିସହ ସୁସ୍ଥ ଡିମ୍ବାଣୁ ଦାନ ଲାଗି ତାଙ୍କୁ ଅତିରିକ୍ତ ୧୮ ହଜାର ଟଙ୍କା ମିଳିଛି।

୨୦୧୨ରେ ନୂଆଦିଲ୍ଲୀସ୍ଥିତ ସାମା ରିସୋର୍ସ ଗ୍ରୁପ୍ ପକ୍ଷରୁ ପ୍ରକାଶିତ ଏକ ଅଧ୍ୟୟନରେ କୁହାଯାଇଥିଲା, ଭାରତରେ ସରୋଗେସି ମାଧ୍ୟମରେ ମାତୃତ୍ୱ ଲାଭ କରିବା ମାମଲା ବଢ଼ିବାରେ ଲାଗିଛି। ଦେଶରେ ପ୍ରାୟ ୩୦୦୦ ଫର୍ଟିଲିଟି କ୍ଲିନିକ୍ ରହିଛି। ଏସବୁ କ୍ଲିନିକ୍‌ଗୁଡ଼ିକରେ ବାର୍ଷିକ ୩୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାରବାର ହେଉଛି। ଅଧିକାଂଶ ସ୍ଥାନରେ ସରକାରଙ୍କ ଗାଇଡ୍‌ଲାଇନ୍‌କୁ ଦଳିମକଚି ବେଆଇନ କାର୍ଯ୍ୟ କରାଯାଉଛି। ତେଣୁ ଏ ସଂକ୍ରାନ୍ତ ସ୍ପଷ୍ଟ ତଥ୍ୟ ମିଳିବା ବେଶ୍ କଷ୍ଟକର।

## କ'ଣ ରହିଛି ନିୟମ

- ସମସ୍ତେ ସରୋଗେସି ମାଧ୍ୟମରେ ସନ୍ତାନ ପ୍ରାପ୍ତି କରିପାରିବେ ନାହିଁ।
- ସ୍ୱାସ୍ଥ୍ୟଗତ କାରଣରୁ ଦମ୍ପତି ସନ୍ତାନ ଜନ୍ମ ଦେବାକୁ ଅସମର୍ଥ ଥିଲେ, ସେମାନେ ସରୋଗେସି ପ୍ରଣାଳୀ ଆପଣାଇ ପାରିବେ।
- ଜଣେ ମହିଳାଙ୍କ ଗର୍ଭାଶୟରେ ସମସ୍ୟା ଥିଲେ ତାଙ୍କ ପାଇଁ ଏହା ବିକଳ୍ପ ହୋଇପାରେ।
- ମହିଳା ଦ୍ୱିତୀୟ ଥର ମା' ହେବାକୁ ଇଚ୍ଛୁକ ଥିବେ ଅଥଚ ତାଙ୍କ ଜୀବନ ପ୍ରତି ବିପଦ ଥିଲେ ସେ ସରୋଗେସି ମାଧ୍ୟମରେ ସନ୍ତାନ ପ୍ରାପ୍ତି କରିପାରିବେ।
- ସରୋଗେଟ୍ ମା' ଜଣେ ସ୍ୱେଚ୍ଛାକୃତ ମହିଳା ହେବା ଜରୁରୀ। ଅର୍ଥାତ୍ ଏହି କାର୍ଯ୍ୟରେ କୌଣସି ପ୍ରକାର ଅର୍ଥ କାରବାର ବେଆଇନ।

## ଶୋଷଣର ଶିକାର ମହିଳା

ସରୋଗେସିକୁ ନେଇ ପୃଥିବୀର ବିଭିନ୍ନ ଦେଶରେ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳେ। କେତେକ ଦେଶ ବ୍ୟବସାୟିକ ସରୋଗେସିକୁ ଆଇନ ସମ୍ମତ କରିଥିବାବେଳେ ଆଉ କେତେକ ଦେଶ ଏହା ଉପରେ ରୋକ୍ ଲଗାଇଛନ୍ତି। ରୁଷିଆ, ୟୁକ୍ରେନ୍, ଆମେରିକାର କେତେକ ରାଜ୍ୟରେ ବ୍ୟବସାୟିକ ଭିତ୍ତିରେ କରାଯାଉଥିବା ସରୋଗେସି ବୈଧ। ତେବେ ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମହିଳାମାନେ ଅଧିକାଂଶ ସମୟରେ ଶୋଷଣର ଶିକାର ହେଉଛନ୍ତି। କ୍ଲାଏଣ୍ଟ ଏବଂ ସରୋଗେଟ ମଦରଙ୍କ ମଧ୍ୟରେ ମଧ୍ୟସ୍ଥତା କରୁଥିବା ବ୍ୟକ୍ତି ତଥା ମେଡିକାଲ କର୍ତ୍ତୃପକ୍ଷ ପ୍ରଚୁର ଟଙ୍କା ହଡ଼ପ କରୁଛନ୍ତି। ଜନ୍ମିତ ସନ୍ତାନକୁ ସମ୍ପୃକ୍ତ ଦମ୍ପତି ଗ୍ରହଣ ନ କଲେ ତା'ର ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ୨୦୦୮ରେ ବେବି ମାଞ୍ଜି ୟାମାଡ଼ା ମାମଲାରେ ଏଭଳି ସମସ୍ୟା ଦେଖିବାକୁ ମିଳିଥିଲା। ସରୋଗେସି ମାଧ୍ୟମରେ ଭ୍ରୁଣ ଏବଂ ମାନବ ଅଙ୍ଗର ବେଆଇନ କାରବାର ବୃଦ୍ଧି ପାଉଥିବା ଜଣାପଡ଼ିଛି। ତଥାପି ଆର୍ଥିକ ଦୁରାବସ୍ଥା କାରଣରୁ ଗରିବ ଶ୍ରେଣୀର ମହିଳାମାନେ ଗର୍ଭ ଭଡ଼ାରେ ଦେବାକୁ ଆଗେଇ ଆସୁଛନ୍ତି। ଅପରପକ୍ଷେ ସରୋଗେସି ଏବେ ଫ୍ୟାଶନ ଟ୍ରେଣ୍ଡରେ ପରିଣତ ହୋଇଛି। ଧନିକ ଶ୍ରେଣୀର ଦମ୍ପତି ସ୍ୱାସ୍ଥ୍ୟଗତ କାରଣକୁ ଆଳ କରି ଏହି ପ୍ରକ୍ରିୟା ଆପଣାଉଛନ୍ତି। ଭାରତ ସରକାର ସରୋଗେସିକୁ ବ୍ୟାନ୍ କରିଦେବା ପରେ ଗଳାବାଟ ଦେଇ ଏହି କାରବାର ବଢ଼ିବାରେ ଲାଗିଛି। ପୂର୍ବରୁ ମୁଖ୍ୟତଃ ଗରିବ ପରିବାରର ଗ୍ରାମୀଣ ମହିଳା ସରୋଗେଟ୍ ମା' ପାଲଟୁଥିଲେ। ଗର୍ଭକୁ ଭଡ଼ାରେ ଲଗାଇ ପରିବାରର ଆର୍ଥିକ ସ୍ଥିତି ସୁଧୁରିବାକୁ ଉଦ୍ୟମ କରୁଥିଲେ। ତେବେ କରୋନା ମହାମାରୀ ସମୟରେ ଚାକିରି ହରାଇବା ପରେ ଅନେକ ଶିକ୍ଷିତ ମହିଳା ମଧ୍ୟ ଡିମ୍ବାଣୁ ଡୋନର ଏବଂ ସରୋଗେଟ୍ ମା' ସାଜିବାକୁ ଆଗ୍ରହୀ ହେଉଛନ୍ତି, ଯାହା ଭିନ୍ନ ଦୃଷ୍ଟିକୋଣକୁ ସୂଚାଉଛି।

## ସମନ୍ୱୟ ରକ୍ଷା ପାଇଁ ଏଜେଣ୍ଟ

ଆକାଂକ୍ଷା ହସ୍ପିଟାଲର ପ୍ରତିଷ୍ଠାତା ଡା. ନୟନତାରା ପଟେଲ ୨୦୦୩ରେ ସରୋଗେସି ପ୍ରାକ୍ଟିସ୍ ଆରମ୍ଭ କରିଥିଲେ। ଏହାପରେ ଦେଶର କମର୍ସିଆଲ ସରୋଗେସିର ପ୍ରମୁଖ କେନ୍ଦ୍ର ପାଲଟିଗଲା 'ଆନନ୍ଦ' । ଡାକ୍ତରଖାନା ପକ୍ଷରୁ ୨୦ କେୟାରଟେକରଙ୍କୁ ନେଇ ଏକ ନେଟୱାର୍କ ପ୍ରସ୍ତୁତ କରାଯାଇଛି। ସେମାନେ ସମ୍ଭାବ୍ୟ ସରୋଗେଟ୍ ମଦର ଏବଂ କ୍ଲାଏଣ୍ଟଙ୍କ ସହ ଯୋଗାଯୋଗ କରି ସମନ୍ୱୟ ରକ୍ଷା କରିଥାଆନ୍ତି। ଆଂକାକ୍ଷା ଭଳି ଅଧିକାଂଶ ଫର୍ଟିଲିଟି କ୍ଲିନିକ୍ ଏଜେଣ୍ଟଙ୍କ ମାଧ୍ୟମରେ ସରୋଗେଟ୍ ମଦରଙ୍କ ସହ ଯୋଗାଯୋଗ କରିଥାଆନ୍ତି।

ସରୋଗେଟ ମଦର ଏବଂ ଇଚ୍ଛୁକ ଦମ୍ପତିଙ୍କ ମଧ୍ୟରେ ଆବଶ୍ୟକ ଦଲିଲ ପ୍ରସ୍ତୁତ କରୁଥିବା ମୁମ୍ବାଇର ପ୍ରତିଷ୍ଠିତ ଓକିଲ ଅମିତ୍ କାରଖାନିସ୍ କୁହନ୍ତି, ବିଦେଶ ଅପେକ୍ଷା ଭାରତରେ ସରୋଗେସି ମାଧ୍ୟମରେ ସନ୍ତାନ ଜନ୍ମ କରିବାରେ ଖର୍ଚ୍ଚ କମ୍। ତେଣୁ ୨୦୦୨ରେ ଏହାକୁ ଭାରତରେ ବୈଧ କରାଯିବା ପରେ ବହୁ ବିକଶିତ ଦେଶର ଶତାଧିକ କ୍ଲାଏଣ୍ଟ ଆସୁଥିଲେ। ଏହା ଉପରେ ବ୍ୟାନ୍ ଲାଗିବା ପରେ ବାର୍ଷିକ ଦଲିଲ ସଂଖ୍ୟା ୨୦୦ରୁ ୨୦କୁ ଖସିଆସିଛି। ବଡ଼ କଥା ହେଉଛି ଫର୍ଟିଲିଟି କ୍ଲିନିକ୍‌ରେ ସରକାରୀ ଗାଇଡ୍‌ଲାଇନ୍ ପାଳନ କରାଯାଉନାହିଁ।

## ବିଦେଶୀଙ୍କ ପାଇଁ ବ୍ୟାନ୍



୨୦୦୨ରେ ବାଜପେୟୀ ସରକାରଙ୍କ ସମୟରେ ଦେଶର ମେଡିକାଲ ଟୁରିଜମ୍‌କୁ ଗୁରୁତ୍ୱ ଦେଇ ଆରମ୍ଭ ହୋଇଥିଲା କମର୍ସିଆଲ ସରୋଗେସି । ଏହାର କିଛି ବର୍ଷ ଭିତରେ ବିଦେଶୀ ଦମ୍ପତିଙ୍କ ଲାଗି ଭାରତ ପାଲଟିଯାଇଥିଲା ସରୋଗେସିର ହବ୍। ଆର୍ଥିକ ଅନଟନର ଶିକାର ହେଉଥିବା ଗରିବ ପରିବାରର ମହିଳାଙ୍କ ମଧ୍ୟରେ ସରୋଗେଟ ମଦର ହେବାକୁ ଆଗ୍ରହ ବଢ଼ିଥିଲା। ସେମାନେ ନିଜ ଗର୍ଭ ଭଡ଼ାରେ ଲଗାଇ ମୋଟା ରକମର ଅର୍ଥ ଉପାର୍ଜନ କରିବା ଆରମ୍ଭ କରିଥିଲେ। ଏହା ସହିତ ବଢ଼ିଥିଲା ସରୋଗେସିକୁ ନେଇ ବେଆଇନ କାରବାର ଏବଂ ବିବାଦ। ଏହାକୁ ନେଇ ଭାରତୀୟ ଲ' କମିଶନ ଆପତ୍ତି ଉଠାଇଥିଲେ। କମିଶନ କହିଥିଲେ, ଭାରତରେ ହେଉଥିବା ସରୋଗେସିର ଲାଭ ଭାରତୀୟ ଦମ୍ପତିଙ୍କ ପରିବର୍ତ୍ତେ ବିଦେଶୀମାନେ ବେଶି ଉଠାଉଛନ୍ତି। ତେଣୁ ଏଥିଲାଗି ବିଧିବଦ୍ଧ ଭାବେ ଆଇନ ଆଣିବାର ଆବଶ୍ୟକତା ରହିଛି। ଏହାପରେ ୨୦୧୫ରେ ମୋଦି ସରକାର ଏକ ସରକାରୀ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏଥିରେ ବିଦେଶୀଙ୍କ ପାଇଁ ସରୋଗେସି ସମ୍ପୂର୍ଣ୍ଣ ବ୍ୟାନ୍ କରିଦିଆଯାଇଛି। ୨୦୧୬ରେ କେନ୍ଦ୍ର ସରକାର ସରୋଗେସି ରେଗୁଲେଶନ ବିଲ୍ ଲୋକ ସଭାରେ ପାସ୍ କରିଥିଲେ। ହେଲେ ବିଭିନ୍ନ କାରଣରୁ ଏହା ଆଇନରେ ପରିଣତ ହୋଇପାରି ନ ଥିଲା। ୨୦୧୯ରେ ଏହି ବିଲ୍ ରାଜ୍ୟ ସଭାରେ ଉପସ୍ଥାପନ କରାଯାଇଥିଲା। ହେଲେ ବିଲ୍‌କୁ ନେଇ ଅନେକ ଆଲୋଚନା ବାକି ଥିବାରୁ ଏହାକୁ ସିଲେକ୍ଟ କମିଟିକୁ ପଠାଇ ଦିଆଯାଇଛି। ତେଣୁ ଅଦ୍ୟାବଧି ଏହି ପରିବର୍ତ୍ତିତ ବିଲ୍ ଆଇନରେ ପରିଣତ ପାଇପାରିନାହିଁ।

## କ'ଣ କୁହେ ପ୍ରସ୍ତାବିତ ବିଲ୍

ଭାରତୀୟ ଲ' କମିଶନଙ୍କ ପ୍ରସ୍ତାବିତ ବିଲ୍‌ରେ କୁହାଯାଇଛି, ଉଭୟ କେନ୍ଦ୍ର ଏବଂ ରାଜ୍ୟସ୍ତରରେ ସରୋଗେସି ବୋର୍ଡ କାର୍ଯ୍ୟ କରିବ। ସରୋଗେସି ଅର୍ଥ କାରବାରରୁ ମୁକ୍ତ ହେବ। କମର୍ସିଆଲ ସରୋଗେସିକୁ ଏଥିରେ ସ୍ପଷ୍ଟ ଭାବେ ମନା କରାଯାଇଛି। ବିବାହର ୫ ବର୍ଷ ହୋଇଥିବ ଏବଂ ସ୍ୱାସ୍ଥ୍ୟଗତ କାରଣରୁ ସନ୍ତାନ ଜନ୍ମ କରିବାକୁ ଅକ୍ଷମ ଭାରତୀୟ ଦମ୍ପତି କେବଳ ଏହାର ଲାଭ ଉଠାଇ ପାରିବେ। ଏଥିପୂର୍ବରୁ ସେମାନଙ୍କୁ ଏ ସମ୍ପର୍କିତ ଏକ ଲିଖିତ ଚୁକ୍ତିନାମା ଦେବାକୁ ପଡ଼ିବ। ସମ୍ପୃକ୍ତ ଦମ୍ପତି କୌଣସି ପରିସ୍ଥିତିରେ ଜନ୍ମିତ ସନ୍ତାନଙ୍କୁ ପରିତ୍ୟାଗ କରିପାରିବେ ନାହିଁ। ସେହିପରି ସରୋଗେଟ୍ ମଦର ଦମ୍ପତିଙ୍କ ନିକଟ ସମ୍ପର୍କୀୟ ହୋଇଥିବେ। ସେ ପୂର୍ବରୁ ସରୋଗେଟ୍ ମାଧ୍ୟମରେ ମା' ହୋଇ ନ ଥିବେ। ସରୋଗେଟ୍ ମା' ବୀମାଭୁକ୍ତ ହେବେ। ଜନ୍ମ ପୂର୍ବରୁ ଶିଶୁର ଲିଙ୍ଗ ନିରୂପଣ କରାଯାଇପାରିବ ନାହିଁ। ଭାରତରେ ଥିବା ପ୍ରାୟ ୩,୦୦୦ ଫର୍ଟିଲିଟ କ୍ଲିନିକ୍‌ର ଭିତ୍ତିଭୂମି ଯାଞ୍ଚ କରାଯିବ।

# ବିବାଦରେ ପ୍ରେଗ୍ନାନ୍ସି ବାଇବେଲ



**ଜବଲପୁର:** ବଲିଉଡ ବେବୋ କରୀନା କପୁର ଖାଁ ନିକଟରେ ନିଜର ଗର୍ଭବତୀ ସମୟର ଅନୁଭୂତି ବିଷୟରେ ଏକ ପୁସ୍ତକ ଲେଖିଥିଲେ, ଯାହାକୁ ନେଇ ଏବେ ବିବାଦ ଦେଖାଦେଇଛି। କରୀନାଙ୍କ ଲିଖିତ ପୁସ୍ତକ 'ପ୍ରେଗ୍ନାନ୍ସି ବାଇବେଲ'କୁ ନେଇ ଜବଲପୁରରେ ଥିବା ଖ୍ରୀଷ୍ଟିଆନ ସମ୍ପ୍ରଦାୟ ବିରୋଧ କରିଛି। ଏଥିସହ ଏହି ପୁସ୍ତକର ନାମ ବଦଳାଇବାକୁ ସେମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ, କରୀନାଙ୍କ ଲିଖିତ ପୁସ୍ତକର ନାମ ହେଉଛି 'ପ୍ରେଗ୍ନାନ୍ସି ବାଇବେଲ'। ବାଇବେଲ ଖ୍ରୀଷ୍ଟଧର୍ମର ଧାର୍ମିକ ଗ୍ରନ୍ଥର ନାମ। ତେଣୁ ଏହାକୁ ନେଇ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକେ ଆପତ୍ତି ଉଠାଇଛନ୍ତି ଏବଂ ଏହାର ନାମ ବଦଳାଇବାକୁ ସେମାନେ ଦାବି କରିଛନ୍ତି। ଏହି ମାମଲାକୁ ନେଇ ସର୍ଭେ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ପକ୍ଷରୁ ମଧ୍ୟପ୍ରଦେଶ ଜବଲପୁର ଓମଟି ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ପୁସ୍ତକର ଶୀର୍ଷକରୁ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇବାକୁ ଚେଷ୍ଟା କରାଯାଇଛି ବୋଲି ଉକ୍ତ ସମ୍ପ୍ରଦାୟ ଅଭିଯୋଗ କରିଛି। ତେଣୁ ଉକ୍ତ ପୁସ୍ତକରୁ ବାଇବେଲ ଶବ୍ଦ ହଟାଇବାକୁ ସର୍ଭେ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ଦାବି କରିଛନ୍ତି।

# ଉପହାରରେ ୧୦୦୦ କେ.ଜି. ମାଛ



**ହାଇଦ୍ରାବାଦ:** ପର୍ବପର୍ବାଣି ଓ ବିଭିନ୍ନ ଉତ୍ସବରେ ଝିଅ ଘରକୁ ମିଠା କି ଉପହାର ନେଇ ଯିବାର ପରମ୍ପରା ରହିଛି। କିନ୍ତୁ ବେଳେବେଳେ ଝିଅଘରକୁ ଏମିତି କିଛି ଉପହାର ନିଅନ୍ତି, ଯାହାକୁ ନେଇ ଚର୍ଚ୍ଚା ହୋଇଥାଏ। ଆନ୍ଧ୍ରପ୍ରଦେଶର ବଟୁଲା ବଳରାମ କ୍ରୀଷ୍ଣା ଆଷାଢ଼ୀ ଉତ୍ସବ ଅବସରରେ ତାଙ୍କ ଝିଅ ଘରକୁ ୧୦୦୦ କିଲୋଗ୍ରାମ୍ ମାଛ, ୧୦୦୦ କିଲୋଗ୍ରାମ୍‌ର ପରିବା, ୨୫୦ କିଲୋଗ୍ରାମ୍ ଚିଙ୍ଗୁଡ଼ି, ୨୫୦ କିଲୋଗ୍ରାମ୍ ଆଚାର, ୨୫୦ କିଲୋଗ୍ରାମ୍ ମିଠା ଏବଂ ୫୦ଟି କୁକୁଡ଼ା ଓ ୧୦ଟି ଛେଳି ନେଇଥିଲେ। ପ୍ରକୃତ କଥା ହେଉଛି ତେଲୁଗୁ ସମ୍ପ୍ରଦାୟର ଆଷାଢ଼ୀ ଉତ୍ସବରେ ନବବିବାହିତ ଝିଅମାନଙ୍କ ଘରକୁ ବିଭିନ୍ନ ପ୍ରକାରର ଖାଦ୍ୟ ସାମଗ୍ରୀ ଉପହାର ଦେବାର ପରମ୍ପରା ରହିଛି। ଏହି ପରମ୍ପରା ଅନୁସାରେ ବଟୁଲା ତାଙ୍କ ଝିଅ ପ୍ରତ୍ୟୁଷାଙ୍କ ଶାଶୁ ଘରକୁ ଏସବୁ ସାମଗ୍ରୀ ପଠାଇଥିଲେ। ପ୍ରତ୍ୟୁଷା କିଛି ଦିନ ତଳେ ୟନମ୍‌ର ଜଣେ ବ୍ୟବସାୟୀଙ୍କ ପୁତ୍ର ପୱନ କୁମାରଙ୍କୁ ବିବାହ କରିଥିଲେ।

-BIRTHDAY WISH-



JAYJEET

" May the joy that you have spread in the past come back to you on this day. Wishing you a very happy birthday Jeet. "

Best wishes from- Papa, Mama,Chachu, Chachi, Juhi, Chintu, Pinu, Rishi.Mausa, Mausi, Maa, Aae.

D-21130

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଓଁଶ୍ରୀମତୀ ସରସ୍ୱତୀ ଦେହୁରୀ
ଡିଭାଇନ୍ ନଗର, ଚାଉଳିଆ ଗଞ୍ଜ, ନୂଆ ବଜାର, କଟକ
ଆବିର୍ଭାବ: ତା୨୧।୦୬।୧୯୭୦
ତିରୋଧାନ: ତା୧୧।୦୭।୨୦୨୧
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପରମପିତା ପରମାତ୍ମାଙ୍କ ନିକଟରେ ଶତକୋଟି ପ୍ରାର୍ଥନା ।
ଶୋକସନ୍ତପ୍ତ: ସ୍ୱାମୀ: ପାକନ ଦେହୁରୀ, କନ୍ୟା: ମିନ୍ଟୁ, ଚିନ୍ଟୁ, ଜ୍ୱାଇଁ: ବିକାଶ, ପ୍ରଭାତ, ପୁତ୍ର: ଅନିଲ, ନାତି: ବିଭୁ ପ୍ରସାଦ, ସାଗର, କୁନ୍ତ, ପୁତ୍ରବଧୂ: ମାମିନା ତଥା ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୭୦୪୭୩

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଇଂ. କୈଳାସ ଚନ୍ଦ୍ର ପଣ୍ଡା
ନାଗେଶ୍ୱରଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ: ୨୮।୦୧।୧୯୫୦
ତିରୋଧାନ: ୧୦।୦୭।୨୦୦୩
ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭର ପ୍ରାର୍ଥନା ।
-:ଶୋକସନ୍ତପ୍ତ:- ପତ୍ନୀ, ପୁଅ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ଆତ୍ମୀୟସ୍ୱଜନ ।
ଧ-୭୦୭୧୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଭିକାରି ଚରଣ ମହାରଥ
ଆବିର୍ଭାବ: ୦୫।୦୩।୧୯୩୮
ତିରୋଧାନ: ୦୨।୦୭।୨୦୨୦
ପିତା ଧର୍ମ ପିତା ସ୍ୱର୍ଗ, ପିତା ପରମଂକ ତପଃ, ପିତରି ପ୍ରୀତିମାପନ୍ନେ ସର୍ବାଃ ପ୍ରିୟନ୍ତି ଦେବତାଃ ।।
ବାପା, ତୁମେ ଏବେ ବି ଆମ ସମସ୍ତଙ୍କ ଗହଣରେ ଅଛ। ଆଉ ରହିବ ମଧ୍ୟ। ବାପା ଆପଣଙ୍କ ଆଶୀର୍ବାଦର ହାତ ସର୍ବଦା ଆମ ସଂସାର ଉପରେ ଥାଉ। ଆପଣ ମୋକ୍ଷପ୍ରାପ୍ତି କରନ୍ତୁ ଈଶ୍ୱରଙ୍କ ଠି ପ୍ରାର୍ଥନା ସହ ଶୋକସନ୍ତପ୍ତ: ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୨୧୧୨୪

**ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ବିମଳିନୀ ଦାଶ (କୁନି)
C/o- ନବକିଶୋର ଦାଶ୍
ପ୍ଲଟ୍-୨୧, ଭୌମନଗର, ୟୁନିଟ୍-୪, ଭୁବନେଶ୍ୱର
ମହାପ୍ରୟାଣ: ଆଷାଢ଼, ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ତା୨୭।୦୭।୨୦୦୭
ବୋଉ, ଓଁ ଗର୍ଭାନ୍ତଃସ୍ଥେନ ଗମନେ ଦୁଃଖଂ ବିଷମବର୍ତ୍ମନି। ତସ୍ୟ ନିଷ୍କ୍ରାମଣାର୍ଥାୟ ମାତୃପିଣ୍ଡଂ ଦଦାମ୍ୟହମ୍।।
ଓଁ ମାତୃଦିଭ୍ୟୋନମଃ ଓଁ ମାତ୍ରାଦୟଃ କ୍ଷମଧ୍ୱମ୍ ଓଁ ସାକ୍ଷିଣଃ ସନ୍ତୁ ମେ ଦେବା ବ୍ରହ୍ମାବିଷ୍ଣୁ ମହେଶ୍ୱରାଃ, ମୟା ଗୟାଂ ସମାଗତ୍ୟ ମାତୃଣାଂ ନିଷ୍କୃତିଃ କୃତା ।
ଆପଣଙ୍କର ଚିରଋଣୀ: ବାଦଲ, ୟୁରି, ନୂଆନାତି
ଧ-୨୧୧୧୯

## କୋଟିପତି ଠେଲା ଦୋକାନୀ

**କାନପୁର:** ୟୁପିର କାନପୁରରେ ଆୟକର ବିଭାଗ ଓ ଜିଏସ୍‌ଟି ରେଜିଷ୍ଟ୍ରେଶନର ଯାଞ୍ଚରୁ କାନପୁର ରାସ୍ତା କଡ଼ରେ ଠେଲାରେ ବ୍ୟବସାୟ କରୁଥିବା ୨୫୬ ଜଣ ବ୍ୟବସାୟୀ କୋଟିପତି ବୋଲି ଜଣାପଡିଛି । ଏପରିକି କେତେଜଣ କବାଡିଆଙ୍କ ନିକଟରେ ୩ ରୁ ଅଧିକ ଦାମି କାର ସହ କୋଟି କୋଟି ଟଙ୍କାର ସମ୍ପତ୍ତି ରହିଛି । କାନପୁରରେ ଆୟକର ବିଭାଗର ଯାଞ୍ଚ ସମୟରେ ଏମିତି ଚମକାଇବା ଭଳି ତଥ୍ୟ ସାମ୍ନାକୁ ଆସିଛି ।

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

**ମୋବାଇଲ ଟାୱାର**
**ସେଣ୍ଟ୍ରାଲ ଟାୱାର**
ଭାରତର ନଂ.1 କମ୍ପାନୀ
ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍, ଖେତରେ 4G-5G ମୋବାଇଲ ଟାୱାର୍ ଲଗାନ୍ତୁ
ଅଗ୍ରିମ 60 ଲକ୍ଷ
ଭଡ଼ା 25,000
ଅନ୍ୟାନ୍ୟ ଦେୟ 25,000 + ବାଇକ୍
07307631518
07307623889

**ଲୋନ୍ ଧମାକା**
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9999268493
7310635591

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**BANSAL TOWER COMPANY**
GOVT APPROVED COMPANY
ଦ୍ୱାରା ମାନ୍ୟତା ପ୍ରାପ୍ତ ନିଜର ଖାଲି ଥିବା ଜମି, କ୍ଷେତ, ଛାତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ଟାୱାର ଲଗାନ୍ତୁ ।
FAKE COMPANY ଠାରୁ ସାବଧାନ ରୁହନ୍ତୁ ।
Advance: 60 Lakhs
ମାସିକ ଭଡା: ୪୫୦୦୦
ଏବଂ ଜଣଙ୍କୁ ଚାକିରି ଦିଆଯିବ ।
Contact-
7376459854 / 9518817448

**DHANLAXMI FINANCE**
(Reg. No. Reg.No.KA4576GFS5HK7)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

# ଅଦା-ହଳଦୀର ଉନ୍ନତ କିସମ



ଜମି ପ୍ରସ୍ତୁତ କରି ଅଦା ଓ ହଳଦୀ ଲଗାନ୍ତୁ । ଅନୁମୋଦିତ ଅଦା କିସମ ଗୁଡ଼ିକ ହେଲା - ସୁରଭି, ସୁରୁଚି, ସୁପ୍ରଭା । ଅଦା ଚାଷ ପାଇଁ ହେକ୍ଟର ପ୍ରତି ୧୫ ରୁ ୧୭ କୁଇଣ୍ଟାଲ୍ ବିହନ ଆବଶ୍ୟକ। ଅନୁମୋଦିତ ହଳଦୀ କିସମ ଗୁଡ଼ିକ ହେଲା - ରଙ୍ଗ, ସୁରମା, ରୋମା, ରଶ୍ମି । ହଳଦୀ ଚାଷ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ୍ ବିହନ ଦରକାର। ଏକ ମିଟର ଚଉଡ଼ା ଓ ୩୦ ସେ.ମି. ଉଚ୍ଚର ପଟାଳୀମାନ କରାଯାଏ । ଦୁଇ ପଟାଳୀ ମଝିରେ ୩୦ ସେ.ମି. ଜଳ ନିଷ୍କାସନ ନାଳୀ ରହିବା ଆବଶ୍ୟକ । ଉଚ୍ଚ ପଟାଳୀ ଯୋଗୁଁ ଜଳ ନିଷ୍କାସନ ସୁବିଧାଜନକ ହୋଇଥାଏ । ଅତିକମ୍‌ରେ ଲଗାଇବାର ଏକ ମାସ ପୂର୍ବରୁ ଜମି ପ୍ରସ୍ତୁତ କରି ଖରାପଡ଼ିବାକୁ ଦିଆଯିବା ଉଚିତ । ପଟାଳୀ ଉପରେ ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୫ ରୁ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ୫ ସେ.ମି. ଗଭୀର ସିଆରରେ ଆବଶ୍ୟକ ଖତ ଓ ସାର ଦିଅନ୍ତୁ। ଶୁଖିଲା ପାଳ ବା ନଡ଼ା ବା ପତ୍ର ଦ୍ୱାରା ପଟାଳୀକୁ ଆଚ୍ଛାଦନ (ମଲ୍‌ଚିଙ୍ଗ୍) କରି ଜଳସେଚନ କରନ୍ତୁ। ଅଦା ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୫୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ । ହଳଦୀ ଲଗାଇବା ବେଳେ ହେକ୍ଟର ପ୍ରତି ୩୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ ।

# ମହୁଫେଣାର ଯତ୍ନ



ମହୁବାକ୍ସ ଗୁଡ଼ିକ ଗଛତଳେ ଛାଇ ଜାଗାରେ ରଖନ୍ତୁ କିମ୍ବା ବାକ୍ସ ଗୁଡ଼ିକ ଉପରେ ନଡ଼ା କିମ୍ବା ଅଖାଦେଇ ଛାଇର ବ୍ୟବସ୍ଥା କରନ୍ତୁ। ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି । ତେଣୁ ନିୟମିତ ପରିଦର୍ଶନ କରି ଆବଶ୍ୟକ ସ୍ଥଳେ ବାକ୍ସଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭-୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ। ଦଳ ବିକିବାକୁ ଚାହୁଁଥିଲେ ଦଳ ବିଭାଜନ କରି ବିକ୍ରୟ କରନ୍ତୁ।

# କଖାରୁ ଚାଷରେ ପାଉଁଶିଆ ପୋକ ଦମନ



ମେଘୁଆ ପାଗ ହୋଇଥିଲେ କଖାରୁ ଜାତୀୟ ପନିପରିବାରେ ନିମ୍ନମୁଖି ପାଉଁଶିଆ ରୋଗ ଲାଗିବାର ଆଶଙ୍କା ଅଛି। ତା'ର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ମିଲି ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ରସୁଣରେ ପତ୍ରପୋଡ଼ା ରୋଗ ଲାଗିଥିଲେ ତାହାର ନିରାକରଣ ସକାଶେ ଏକର ପିଛା ୬୦୦ଗ୍ରାମ୍ ମାଙ୍କୋଜେବ୍ କବକନାଶକକୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ଲୁହା ବିଷାକ୍ତ ମାଟିରୁ

# ଅଧିକ ଧାନ ଅମଳ ଉପାୟ



ପ୍ର. ସୁବୋଧ କୁମାର ସାହୁ



ଓଡ଼ିଶାର ଉଚ୍ଚ ଏବଂ ଢିପ କିସମ ଲାଲ ଓ ମାଙ୍କଡା ପଥର ମାଟିରେ ଅଧିକ ପରିମାଣର ଅଦ୍ରବଣୀୟ ଲୁହା ଥାଏ। ବର୍ଷା ହେଲେ ଅଦ୍ରବଣୀୟ ଲୁହା ଦ୍ରବୀଭୂତ ହୋଇ ଢିପ ଜମିର ନିମ୍ନ ଭାଗରେ ଥିବା ମଧ୍ୟମ ଏବଂ ଖାଲ କିସମ ଧାନ କ୍ଷେତରେ ଜମେ। ଉକ୍ତ ଦ୍ରବୀଭୂତ ଲୁହା ବାୟୁ ସଂସ୍ପର୍ଶରେ ଆସି ଏକ ଲାଲ ରଙ୍ଗର ଆସ୍ତରଣ ସୃଷ୍ଟି କରେ। ଉକ୍ତ ଆସ୍ତରଣ ତଳେ ବହୁ ପରିମାଣର ଅଦ୍ରବଣୀୟ ଲୁହା ପରବର୍ତ୍ତୀ ସମୟରେ ଦ୍ରବୀଭୂତ ହୋଇ ଧାନ ଫସଲ ପାଇଁ ବିଷାକ୍ତ ହୁଏ। ପରୀକ୍ଷାରୁ ଜଣାଯାଇଛି ଯେ, ଏକ କିଲୋ ଏହି ମାଟିରେ ପ୍ରାୟ ୩୦୦ରୁ ୫୦୦ ମିଲିଗ୍ରାମ ପର୍ଯ୍ୟନ୍ତ ସୁଲଭ ଲୁହା ଥାଏ, ଯାହାକି ଧାନ ଫସଲ ପାଇଁ ବିଷାକ୍ତ।

ଲୁହା ବିଷାକ୍ତ ମାଟିର ପି.ଏଚ୍ ଅଧିକରୁ ଅଧିକ ଅମ୍ଳ। ଉକ୍ତ ମାଟିରେ ସୁଲଭ ଫସପେଟ୍, ପଟାସ, କ୍ୟାଲସିୟମ ଏବଂ କେତେକ ଅଣୁସାର ଯଥା, ଜିଙ୍କ ବା ଦସ୍ତା, ମାଙ୍ଗାନିଜ ଏବଂ କପର ବା ତମ୍ବା ଆବଶ୍ୟକତାଠାରୁ କମ୍ ପରିମାଣରେ ଥାଏ। ଉକ୍ତ ମାଟି ସର୍ବଦା ଓଦା ଏବଂ ସନ୍ତସନ୍ତିଆ ଥାଏ। ଏହି ଅବସ୍ଥାରେ ମାଟି ଉପରେ ଲାଲ ଇଟା ରଙ୍ଗର ଏକ ଆସ୍ତରଣ ଦେଖାଯାଏ। ବର୍ଷା ହେଲେ କିମ୍ବା ଜଳସେଚନ କଲେ ଏହା ଦ୍ରବୀଭୂତ ଲୁହାରେ ପରିଣତ ହୁଏ।

ଓଡ଼ିଶାର ଖୋର୍ଦ୍ଧା, ନୟାଗଡ, କଟକ,ପୁରୀ, ଢେଙ୍କାନାଳ, ଯାଜପୁର କେଉଁଝର, କୋରାପୁଟ, ମାଲକାନାଗିରି, ମୟୂରଭଞ୍ଜ ଜିଲାରେ ବିକ୍ଷିପ୍ତ ଭାବେ ପ୍ରାୟ ୨୫ ହଜାର ହେକ୍ଟର ପରିମାଣର ଲୁହା ବିଷାକ୍ତ ଧାନ କ୍ଷେତ ଅଛି। ଅଧିକାଂଶ ସମୟରେ ଉକ୍ତ ମାଟି ଓଦା ରହୁଥିବାରୁ କେବଳ ଧାନ ଚାଷ ପାଇଁ ଉପଯୁକ୍ତ। ଗ୍ରୀଷ୍ମ ଋତୁରେ ମାଟିର ପାଗ ଦେଖି ଧାନ ବୁଣା ଯାଇପାରେ। ମୁଖ୍ୟତଃ ଉକ୍ତ ମାଟି ରୁଆ ଧାନପାଇଁ ଉପଯୁକ୍ତ। ଧାନ ବୁଣା ଅବା ରୁଆର ୨୫ ରୁ ୩୦ ଦିନ ପରେ ଧାନ ଗଛର ତଳ ପତ୍ରରେ ଅଗ୍ରଭାଗରେ ପ୍ରଥମେ ଲୁହା କଳଙ୍କି ପରି ଛୋଟ ଛୋଟ ବିନ୍ଦୁମାନ ସୃଷ୍ଟିହୁଏ । ଆସ୍ତେ ଆସ୍ତେ ଉକ୍ତ ବିନ୍ଦୁମାନ ପତ୍ରର ନିମ୍ନ ଭାଗକୁ ଗତି କରି ସମୁଦାୟ ପତ୍ର ବାଦାମୀ ଲାଲ ରଙ୍ଗର ହୁଏ । ପରେ ଉକ୍ତ ଲକ୍ଷଣ ଉପର ପତ୍ର ଆଡକୁ ଗତି କରି ଗଛର ସମୁଦାୟ ପତ୍ର ବାଦାମୀ ଲାଲ ରଙ୍ଗର ହୁଏ । ଧାନ ଗଛରେ ପିଲ ସଂଖ୍ୟା କମେ । ସ୍ଥଳ ବିଶେଷରେ ପୁରୁଣା ପିଲ ସବୁ ମରି ନୂଆ ପିଲ ଅଳ୍ପ ସଂଖ୍ୟାରେ ବାହାରେ ଓ ଧାନ କେଣ୍ଡା ଛୋଟ ହୁଏ । କେଣ୍ଡାରେ ପରିପୁଷ୍ଟ ଧାନ ଅପେକ୍ଷା ଅଗାଡି ଅଧିକ ହୁଏ । ଧାନର ଅମଳ ବହୁତ କମ୍ ହୁଏ । ଚାଉଳ ପାଟିକୁ ପିତା ଲାଗେ । ଧାନ ଗଛ ପିଲ ଏବଂ କେଣ୍ଡା ବାହାରିବା ସମୟରେ ଉପାଡିଲେ ଗଛରେ ଧଳା ଚେର ବଦଳରେ ବାଦାମୀ ରଙ୍ଗର ଚେର ଦେଖିବାକୁ ମିଳେ। ତେଣୁ ଲୁହା ବିଷାକ୍ତ ମାଟି ଏକ ସମସ୍ୟାପୂର୍ଣ୍ଣ ମାଟି । ଉକ୍ତ ମାଟିରୁ ଅଧିକ ଅମଳ ପାଇବା ପାଇଁ ନିମ୍ନଲିଖିତ ଯେ କୌଣସି ଉପାୟ ପରିଚାଳନା କରାଯାଇପାରିବ ।

—ଢିପ ଏବଂ ଖାଲ ଜମି ଦ୍ୱୟ ମଧ୍ୟରେ ଓସାରିଆ ଗଭୀର ନାଳି ଖୋଳିଲେ ଢିପ ଜମିରୁ ବହି ଆସୁଥିବା ଦ୍ରବୀଭୂତ ଲୁହା ଧାନ କ୍ଷେତରେ ସିଧାସଳଖ ପ୍ରବେଶ କରିପାରିବ ନାହିଁ ।

—ଧାନ କ୍ଷେତର ଚତୁଃପାର୍ଶ୍ୱରେ ଗଭୀର ନାଳୀମାନ ଖୋଳିଲେ ଜଳପତ୍ତନ କମି ଦ୍ରବିଭୂତ ଲୁହା ଗଛର ଚେର ପାଖରେ ପହଞ୍ଚିପାରିବ ନାହିଁ।

—ଧାନ ରୁଆର ଏକ ସପ୍ତାହ ପୂର୍ବରୁ ଏକର ପ୍ରତି ୪ରୁ ୫ କୁଇଣ୍ଟାଲ କାଗଜ କଳ ମଇଳା ମାଟିରେ ମିଶାଇଲେ ମାଟିର ପି.ଏଚ ବଢି ଦ୍ରବୀଭୂତ ଲୁହା ଅଦ୍ରବଣୀୟ ହୁଏ । ରୁଆ ଧାନରେ ଅନୁମୋଦିତ ସାର ପ୍ରୟୋଗ କରିବା ଉଚିତ ।

—ସାଧାରଣ ମାଟିର ଧାନ ଫସଲରେ ପ୍ରୟୋଗ ହେଉଥିବା ଅନୁମୋଦିତ ପରିମାଣର ଖତ ଓ ସାର ଠାରୁ ଲୁହା ବିଷାକ୍ତ ଜମିର ଧାନ ଚାଷ ପାଇଁ ଏହାର ଦେଢଗୁଣରୁ ଦୁଇଗୁଣ ପରିମାଣ ଖତ ସାର ପ୍ରୟୋଗ କଲେ ଲୁହା ବିଷାକ୍ତ ପ୍ରଭାବ କମି ଧାନ ଅମଳ ବଢେ।

—ପରୀକ୍ଷାରୁ ଜଣାଯାଇଛି ଯେ, ଲୁହାବିଷାକ୍ତ ଧାନରେ ହେକ୍ଟର ପ୍ରତି ୮୦ କିଲୋ ଯବକ୍ଷାରଜାନ, ୪୦ କିଲୋ ଫସଫେଟ ଏବଂ ୧୨୦କିଲୋ ପଟାସକୁ ୩ଥରରେ ଅର୍ଥାତ ଧାନ ରୁଆ, ପିଲ ଦେବା ଏବଂ କେଣ୍ଡା ବାହାରିବା ସମୟରେ ପ୍ରୟୋଗ କଲେ ଲୁହା ବିଷାକ୍ତ ପ୍ରଭାବ କମେ। ପଟାସିୟମ ଧାନ ଗଛର ଚେରରେ ଅଧିକ ଅମ୍ଳଜାନ ପରିମାଣ ପରିବେଶ ସୃଷ୍ଟି କରେ। ଧାନ ଗଛର ଚେର ବାଦାମୀ ରଙ୍ଗ ନ ହୋଇ ଧଳା ହୁଏ। ତେଣୁ ଧାନ ଚାରା ମାଟିରୁ ସୁଷମ ଖାଦ୍ୟ ଉପାଦାନ ପାଇ ଭଲ ବଢ଼େ।

—ଧାନ ରୁଆ ପୂର୍ବରୁ ଜମିକୁ ହଳ କରି କ୍ଷେତରେ ୩ରୁ ୪ଇଞ୍ଚ ପର୍ଯ୍ୟନ୍ତ ଠିଆ ପାଣି ୭ଦିନ ପର୍ଯ୍ୟନ୍ତ ବାନ୍ଧି ରଖିଲେ ଦ୍ରବୀଭୂତ ଲୁହା ବାୟୁ ସଂସ୍ପର୍ଶରେ ଆସି ଅଦ୍ରବଣୀୟ ଲାଲ ରଙ୍ଗର ଏକ ପତଳା ସାର ଭଳି ଭାସେ। ଏହି ସମୟରେ ଉକ୍ତ ଲାଲ ସରକୁ ଜମିରୁ ନିଷ୍କାସନ କଲେ ଲୁହା ବିଷାକ୍ତ କିଛି ପରିମାଣରେ କମେ।

—ଲୁହା ବିଷାକ୍ତ ଧାନ ଫସଲରେ ଆମୋନିୟମ ସଲଫେଟ୍ କିମ୍ବା ଆମୋନିୟମ କ୍ଲୋରାଇଡ୍ ଯବକ୍ଷାରଜାନ ସାର ପ୍ରୟୋଗ ନ କରି ଅନ୍ୟ ଯେକୌଣସି ରାସାୟନିକ ସାର ପ୍ରୟୋଗ କରାଯାଇପାରେ।

—ଲୁହା ବିଷାକ୍ତ ମାଟିରେ ଜିଙ୍କ୍ ବା ଦସ୍ତା ଏବଂ ମାଙ୍ଗାନିଜ ଅଣୁ ସାରର ଅଭାବ ପରିଲକ୍ଷିତ ହୁଏ। ମୁଖ୍ୟ ଖାଦ୍ୟ ସାର ଯଥା ଯବକ୍ଷାରଜାନ, ଫସଫେଟ୍ ଏବଂ ପଟାସ ସହ ୧୦ରୁ ୧୨ କିଲୋ ମାଙ୍ଗାନିଜ ସଲଫେଟ୍ ପ୍ରୟୋଗ କରି ଧାନ ରୁଆ ଗଲେ ଉକ୍ତ ଅଣୁ ଖାଦ୍ୟ ଉପାଦାନର ଅଭାବ ଦୂର ହୁଏ। ଧାନ ରୁଆର ଏକମାସ ପରେ ଶତକଡ଼ା ୦.୪ ଭାଗ ଜିଙ୍କ ସଲଫେଟ୍‌କୁ ୭ଦିନ ବ୍ୟବଧାନରେ ଦୁଇଥର ପତ୍ର ଛିଞ୍ଚା କଲେ ଜିଙ୍କ୍‌ର ଅଭାବ ଦୂର ହୁଏ। ମାଙ୍ଗାନିଜ ସଲଫେଟ୍ ମାଟିରେ ପ୍ରୟୋଗ ସାତଦିନ ବ୍ୟବଧାନରେ ହୋଇନଥିଲେ ଧାନ ପିଲ ଦେବା ସମୟରେ ଏହାକୁ ଶତକଡ଼ା ୦.୫ ଭାଗ ଦୁଇଥର ପତ୍ର ଛିଞ୍ଚା କରାଯାଇପାରେ।

—ଗୋରୁ ଗୁହାଳର ଗୋବରକୁ ଧାନ ରୁଆ ପରେ ଧାନ ବୁଦା ପାଖରେ ପକାଇଲେ ଦ୍ରବୀଭୂତ ଲୁହା ଗୋବରରେ ବାନ୍ଧି ହୋଇ ଧାନ ଚେର ପାଖରେ ପହଞ୍ଚି ପାରିବନାହିଁ।

—ସଜ ଗୋବର ବଦଳରେ ଏକର ପ୍ରତି ୪ରୁ ୫ଟନ ଗୁଣ୍ଡ ଗୋବର ଖତ ପ୍ରୟୋଗ କଲେ ଲୁହା ବିଷାକ୍ତ କମେ।

—ପ୍ରଥମ ବର୍ଷା ପରେ ଏକର ପ୍ରତି ୧୬ରୁ ୨୦କିଲୋ ଫସଫେଟ୍ ସାର ପ୍ରୟୋଗ କରି ୧୨ରୁ ୧୫ କିଲୋ ଧନିଚା ମଞ୍ଜି ବୁଣି ଗଛ ୩୫ରୁ ୪୦ଦିନର ହେଲେ ହଳ କରି ମାଟିରେ ମିଶାଇଲେ ଦ୍ରବୀଭୂତ ଲୁହାଅଂଶ କମେ।

—ଅନୁମୋଦିତ ଖତ ସାର ପ୍ରୟୋଗ କରି ଲୁହା ବିଷାକ୍ତ ସହଣୀ ଧାନ କିସମ ଯଥା ମାହସୁରୀ, ରାଜେଶ୍ୱରୀ, ସମଲାଇ, ଫାଲଗୁନୀ, ଅନାମିକା, ଆଦିତ୍ୟ, ତୁଳସୀ, ସ୍ୱର୍ଣ୍ଣ, ଉଦୟଗିରି, ବାସୁଆଭୋଗ, ଆଇଆର ୬୪, ଚାଷ କଲେ ଏସବୁ କିସମରେ ଲୁହା ବିଷାକ୍ତର ଲକ୍ଷଣ ଦେଖାଯାଏ ନାହିଁ ଏବଂ ଭଲ ଅମଳ ମିଳେ।



—ଅନୁମୋଦିତ ଖତସାର ସହ ଏକର ପ୍ରତି ୨.୫ରୁ ୩.୦ ଟନ ତାପଜ ବିଦ୍ୟୁତ୍ ଚୁଲାରୁ ନିର୍ଗତ ଫ୍ଲାଏଆଶ୍ ବା ଉଡ଼ନ୍ତା ପାଉଁଶ ଧାନ ରୁଆ ସମୟରେ ପ୍ରୟୋଗ କଲେ ଲୁହା ବିଷାକ୍ତ ପରିମାଣ କମି ଧାନ ଅମଳ ବଢ଼େ।

-ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ:୯୫୫୬୨୬୬୦୮୫

> ଲୁହା ବିଷାକ୍ତ ମାଟିରେ ଜିଙ୍କ୍ ବା ଦସ୍ତା ଏବଂ ମାଙ୍ଗାନିଜ ଅଣୁ ସାରର ଅଭାବ ପରିଲକ୍ଷିତ ହୁଏ। ମୁଖ୍ୟ ଖାଦ୍ୟସାର ଯଥା ଯବକ୍ଷାରଜାନ, ଫସଫେଟ୍ ଏବଂ ପଟାସ ସହ ୧୦ରୁ ୧୨ କିଲୋ ମାଙ୍ଗାନିଜ ସଲଫେଟ୍ ପ୍ରୟୋଗ କରି ଧାନ ରୁଆ ଗଲେ ଉକ୍ତ ଅଣୁ ଖାଦ୍ୟ ଉପାଦାନର ଅଭାବ ଦୂର ହୁଏ।

ଲୁହା ବିଷାକ୍ତ ମାଟିରେ ଜିଙ୍କ୍ ବା ଦସ୍ତା ଏବଂ ମାଙ୍ଗାନିଜ ଅଣୁ ସାରର ଅଭାବ ପରିଲକ୍ଷିତ ହୁଏ।

# ଟମାଟୋ ତଳି ପକାଇବା ସମୟରେ...



ଏକ ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ ଚାରିଫୁଟ୍ ଚଉଡ଼ା ଓ ୬ଇଞ୍ଚ ଚଉଡ଼ା ବିଶିଷ୍ଟ ଚାରିଟି ପଟାଳୀ ଯଥେଷ୍ଟ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦-୨୦କିଗ୍ରା ଭଲଭାବେ ଶଢ଼ିଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାରକୁ ଭଲଭାବେ ମିଶାଇ ଦିଅନ୍ତୁ। ମଞ୍ଜିକୁ କାପ୍‌ଟାନ୍ ବା ଥିରାମ୍‌ରେ ବିଶୋଧନ କରି ୫ରୁ ୧୦ସେ.ମି ଗଭୀରରେ ଓ ୫ ସେମି ବ୍ୟବଧାନରେ ଧାଡିରେ,ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି ରଖି ପଟାଳୀରେ ବୁଣାଯାଏ। ଏହାପରେ ପଟାଳୀରେ ପାଣି ଛିଞ୍ଚି ଏକ ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ। ପରେ ପରେ ଶୁଖିଲା ନଡାରେ ପଟାଳୀକୁ ଘୋଡାଇ ଦିଅନ୍ତୁ। ପଟାଳୀରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫ରୁ ସାତ ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରିରେ ରୁଅନ୍ତୁ। ତଳିଗୁଡ଼ିକୁ ୬୦X୪୫ସେମି ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ ଏବଂ ୫ଟନ୍ ନିମ୍ବ ପିଡିଆ ବ୍ୟବହାର କରନ୍ତୁ। ଅଗଷ୍ଟ ଓ ସେପ୍ଟେମ୍ବର ମାସ ଟମାଟୋ ଲଗାଇବା ପାଇଁ ଉପଯୁକ୍ତ ସମୟ। ଉନ୍ନତ ବିହନ କିସମ ଯଥା ବିଟି-୨,ବିଟି-୧୦,ବିଟି-୧୨,ନୀଳାଦ୍ରି,ସଦାବାହାର,ମାଧୁରୀ,ମହାରଥି,ମର୍ନିସନ୍,ରଶ୍ମି,ନବୀନ ଆଦି ବ୍ୟବହାର କରନ୍ତୁ। ଏକର ପ୍ରତି ୧୫୦ରୁ ୨୦୦ଗ୍ରାମ୍ ବିହନ ଦରକାର।

# ଆଖୁ ଚାଷରେ ଭେଳା ବନ୍ଧା କାର୍ଯ୍ୟ

ଆଖୁ ଚାଷ କରାଯାଇଥିବା ଜମିରେ ଜଳ ନିଷ୍କାସନର ସୁବିଧା କରନ୍ତୁ । ଫସଲ ୩-୪ ମାସର ହୋଇଥିଲେ ଭେଳାବନ୍ଧା କାର୍ଯ୍ୟ ଶେଷ କରନ୍ତୁ । ସଅଳ କାଣ୍ଡବିନ୍ଧା ପୋକର ଦମନ ଲାଗି ଅଗ୍ରାଧିକାରରେ ଜୈବ ନିୟନ୍ତ୍ରଣ ପଦ୍ଧତି (ଏକର ପିଛା ୪୦,୦୦୦ ଟ୍ରାଇକୋଡର୍ମା ଜାପୋକମ୍) ଅବଲମ୍ବନ କରନ୍ତୁ କିମ୍ବା ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



ଅଗବିନ୍ଧା ପୋକ ଦେଖାଯାଉଥିଲେ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ପ୍ରୋଫେନୋଫସ୍ କିମ୍ବା ୫୦୦ ଲିଟର ପାଣିରେ ୫୦୦ ଗ୍ରାମ୍ ଏସିଫେଟ୍ ମିଶାଇ ସିଞ୍ଚନ କରନ୍ତୁ। ସୁବିଧା ଥିଲେ, ପତ୍ର କନ୍ଦାରେ ଦାନାଦାର ଔଷଧ ପ୍ରୟୋଗ କରାଯାଇପାରେ।

# ଉପକାରୀ ଛତୁ



କାଦମ୍ବିନୀ ରାୟ

ଫଳ ଏବଂ ପନିପରିବା ଉତ୍ପାଦନରେ ଆମ ଦେଶ ଯେପରି ଅଗ୍ରଣୀ ଠିକ୍ ସେହିପରି ଆମ ରାଜ୍ୟ ଛତୁ ଉତ୍ପନ୍ନ କରିବାରେ ଦେଶରେ ପ୍ରଥମ। ଏଣୁ କୃଷିଜାତ ପଦାର୍ଥର ସଂରକ୍ଷଣ ବିଶେଷକରି ଛତୁ ପ୍ରକ୍ରିୟାକରଣର ଆବଶ୍ୟକତା ଯଥେଷ୍ଟ ବେଶି।

କୃଷିଜାତ ପଦାର୍ଥକୁ ବଡ଼ି, ପାମ୍ପଡ଼, ଆଚାର ଆକାରରେ ଶୁଖାଇ ରଖିବା ଆଦି ସଂରକ୍ଷଣ ବ୍ୟବସ୍ଥା ହଜାର ହଜାର ବର୍ଷ ଧରି ଆମ ଦେଶରେ ଚଳି ଆସୁଛି। ଆଦିବାସୀମାନେ ବଣର ଫଳମୂଳ ସଂଗ୍ରହ କରି ଶୁଖାଇ ବର୍ଷସାରା ଖାଇବା ଅଭ୍ୟାସ କେଉଁ ଆଦିମ କାଳରୁ ଆଜି ପର୍ଯ୍ୟନ୍ତ କରିଆସୁଛନ୍ତି। ରାସାୟନିକ ଦ୍ରବ୍ୟଯୁକ୍ତ ଜାମ୍, ଜେଲି, ମାର୍ମା ଲେଟ୍, ସ୍କ୍ୱାସ୍, ସସ୍ ଇତ୍ୟାଦି ବର୍ତ୍ତମାନ ସମୟର ସଂରକ୍ଷଣଜନିତ ଜ୍ଞାନକୌଶଳ ଏହି ସମସ୍ତ ତଥ୍ୟ ସମ୍ବନ୍ଧରେ ବ୍ୟାପକ ପ୍ରଚାର ପ୍ରସାର ହେବା ଅତ୍ୟନ୍ତ ଆବଶ୍ୟକ। କେତେକ ସମୟରେ ବିକ୍ରେତା ଶଢ଼ା ଫଳ, ପନିପରିବା ଓ ଛତୁ ବିକ୍ରି କରୁଥିବାର ନଜିର ଅଛି। ଏଗୁଡ଼ିକୁ ଖାଦ୍ୟ ଆକାରରେ ଖାଇଲେ ସ୍ୱାସ୍ଥ୍ୟ ପ୍ରତି ବିପଦ ଆସେ। ତେଣୁ ପ୍ରକ୍ରିୟାକରଣ ଓ ସଂରକ୍ଷଣର ବ୍ୟାପକ ବ୍ୟବସ୍ଥା କରିପାରିଲେ ଏପରି ଅସୁବିଧାରୁ ରକ୍ଷା ମିଳିପାରିବ।

ଗ୍ରାମୀଣ ଢ଼ଗଢ଼ମାଳିରେ ଅଛି 'ଛି ଲୋ ଛତୁ'। ଅର୍ଥାତ୍, ଯେଉଁ ଛତୁକୁ ଆମେ ତୁଚ୍ଛ ମଣୁଛୁ ତାହା ପ୍ରୋଟିନ୍, ଭିଟାମିନ୍, ଧାତବ ଲବଣଯୁକ୍ତ ଅତ୍ୟନ୍ତ ସୁସ୍ୱାଦକର ଉତ୍ତମ ଖାଦ୍ୟ। ଅଣ୍ଡା,ମାଛ, ମାଂସର ବିକଳ୍ପ ଭାବରେ ଛତୁର ଚାହିଦା କିଛି କମ୍ ନୁହେଁ। ପୁନଶ୍ଚ ହୃଦ୍‌ରୋଗୀ, ରକ୍ତଚାପ, ବହୁମୂତ୍ର, ସ୍ଥିତକାୟ ରୋଗୀଙ୍କ ପାଇଁ ଖାଦ୍ୟ ଭାବରେ ଛତୁ ଗ୍ରହଣୀୟ ହୋଇଛି। ସେହି ଛତୁରୁ ଆମେ ବହୁତ ମୂଲ୍ୟବାନ ଖାଦ୍ୟ ଉପଯୋଗୀ ପଦାର୍ଥ ତିଆରି କରି ବର୍ଷ ବର୍ଷ ଧରି ସାଇତି ରଖିପାରିବା। ସବୁଦିନ ନୂଆ ନୂଆ ଖାଦ୍ୟ ତିଆରି କରି ଆମେ ମାର୍କେଟକୁ ଛାଡି ପାରିବା। ଛତୁରୁ ଆମେ ବହୁ ମୂଲ୍ୟଯୁକ୍ତ ଖାଦ୍ୟ, ଯଥା- ଆଚାର, ବଡ଼ି, ପାମ୍ପଡ, ଚଟଣି, ଜାମ୍, ଜେଲି, ସ୍କ୍ୱାସ୍, ମୁରୁଜା, ସୁପ୍ ପାଉଡର ତିଆରି କରିପାରିବା। ଏହାବ୍ୟତୀତ ବିଭିନ୍ନ ପ୍ରକାର ଫାଷ୍ଟଫୁଡ୍ ମଧ୍ୟ ପ୍ରସ୍ତୁତ କରି ବଜାରରେ ବିକ୍ରୟ କରାଯାଇପାରିବ।

ଆମେ ଛତୁକୁ ନେଇ 'ଛତୁ ମିଠା ଆଚାର' ପ୍ରସ୍ତୁତ କରିପାରିବା। ଏଥିପାଇଁ ଆବଶ୍ୟକ ସାମଗ୍ରୀଗୁଡ଼ିକ ହେଲା-ଛତୁ ଏକ କିଗ୍ରା, ଚିନି ୨୫୦ ଗ୍ରାମ୍, ରିଫାଇନ୍ ତେଲ ୨୦୦ ଗ୍ରାମ୍, ଭିନେଗାର ୧୫୦ ଗ୍ରାମ୍, ଜିରା ଗୁଣ୍ଡ ୩୫ ଗ୍ରାମ୍, ଲଙ୍କା ଗୁଣ୍ଡ ୨୦ ଗ୍ରାମ୍, ହଦଳୀଗୁଣ୍ଡ ୫ ଗ୍ରାମ୍, ପାନ ମହୁରି ୧୦ ଗ୍ରାମ୍, ମେଥି ୧୦ ଗ୍ରାମ୍, କଳାଜିରା ୫ ଗ୍ରାମ୍, ଆସେଟିକ୍ ଆସିଡ ୧୦ ମିଲି, ତେନ୍ତୁଳି ୧୦୦ ଗ୍ରାମ୍ ଓ ସୋଡିୟମ ମେଟା ନାଇସଲଫେଟ୍। ଏହାକୁ ପ୍ରସ୍ତୁତ କରିବା ପୂର୍ବରୁ ପ୍ରଥମେ ଛତୁକୁ ଭଲ ଭାବରେ ଧୋଇ ଦିଅନ୍ତୁ। ଏହାକୁ ଛୋଟ ଛୋଟ ଖଣ୍ଡ କରି କାଟନ୍ତୁ, ତେଲକୁ ଦୁଇ ଭାଗ କରି କଡ଼େଇରେ ଗରମ କରନ୍ତୁ। ଗୋଟିଏ ଭାଗ ତେଲରେ ଛତୁକୁ ପକାନ୍ତୁ ଓ ଭଲ ଭାବରେ ଭାଜନ୍ତୁ। ଛତୁରୁ ପାଣି ମରିଗଲା ପରେ ତାକୁ କାଢ଼ି ଦିଅନ୍ତୁ। ଭାଜିବା ସମୟରେ ଛତୁରେ ଲୁଣ ପକାଇବାକୁ ଭୁଲନ୍ତୁ ନାହିଁ। ଏହାପରେ ଭିନେଗାର ପାଣି ଓ ତେନ୍ତୁଳି ମିଶାଇ ଏକ ମଣ୍ଡ ପ୍ରସ୍ତୁତ କରନ୍ତୁ। ପ୍ୟାନରେ ତେଲ ଗରମ କରିବା ପରେ ସେଥିରେ ହେଙ୍ଗୁ ପକାନ୍ତୁ। ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ମେଥି, ପାନମହୁରି, କଳାଜିରା ପକାଇବା ପରେ ସେଥିରେ ଛତୁ ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ଏକ ପାତ୍ରରେ ଚିନି ଶିରା ପ୍ରସ୍ତୁତ କରି ମସଲାମିଶ୍ରିତ ଛତୁରେ ଗୋଳାଇ ଦିଅନ୍ତୁ। ତା'ପରେ ସେଥିରେ ଆସେଟିକ୍ ଆସିଡ୍ ଓ ସୋଡିୟମ ମେଟା ନାଇସଲଫେଟ୍ ଗୋଳାଇ ଦିଅନ୍ତୁ। ଏଥର ପ୍ରସ୍ତୁତ ହୋଇଯାଇଥିବା 'ଛତୁ ମିଠା ଆଚାରକୁ ବୋତଲରେ ଏପରି ବନ୍ଦ କରି ଦିଅନ୍ତୁ ଯେ ଯେପରି ତାହା ଭିତରକୁ ବାୟୁ ପ୍ରବେଶ କରିପାରିବ ନାହିଁ। ଏହାକୁ ନିଜେ ଖାଇପାରିବେ ଏବଂ ବଜାରରେ ବିକ୍ରୟ କରି କିଛି ରୋଜଗାର ମଧ୍ୟ କରିପାରିବେ।





-ମ୍ୟୁଜିୟମ ଆସିଷ୍ଟାଣ୍ଟ, ସଂପ୍ରସାରଣ ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର
ମୋ : ୯୪୩୭୩୮୬୭୫୩



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

TVS Racing

TVS



# Most powerful in its class.^

## 2021 TVS Apache RTR 160 4V with 17.63 PS power.

## Engineered to outpower.

Down Payment Starts @ ₹23 999*

ROI at 9.99% with Savings Up to ₹8 000*

ZERO INTEREST EMI** For online transactions only

Apache RTR 160 4V

RACING DNA UNLEASHED

www.tvsmotor.com/tvs-apache | For further details please give a missed call to 18003157227. *T&C apply. **Subsidy given is only on the interest component and not on the additional charges levied by bank. Valid till 31st July '21. ^Most powerful in 160cc oil cooled engine segment.

TVS CREDIT | L&T Financial Services Two-wheeler Finance | HDFC BANK We understand your world | IDFC FIRST Bank ALWAYS YOU FIRST

**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com** **Authorised Main Dealers:** **BHUBANESWAR**: Ashirbad TVS, Ph: 7735341866, **Jyote TVS, PH.:** 7440030004, 7381114371; 3S TVS, Ph: 8860629978. **PURI:** Modern TVS, Ph: 7978707757, 7440002101; **CUTTACK**: Arnapurna TVS, Ph: 9778422980, Sai Durga TVS, Ph: 9937117562. **KENDRAPADA:** Samir TVS, Ph: 8260133307. **RAHAMA:** Senapati TVS, Ph: 7735969743. **JAJPUR ROAD:** Subash TVS, Ph: 7735911808. **NAYAGARH:** Kumar TVS, Ph: 9778728751. **CHANDIKHOLE**: Sasmita TVS, Ph: 8860793803; **JAGATSINGHPUR:** Gita TVS, Ph: 06724-222717, 7788901717. **Authorised Dealers:** CRP Square, Bhubaneswar, Ph: 0674-2563343, 7537035786; Jatni, Ph: 7008563051; Khurda, Ph: 9861128283, 06755-223244; Baghamari, Ph: 9238107505; Jagatpur, Ph: 9861006854/ 9337268787; Pattamundai, Ph: 9938602209; Mangalpur, Ph: 9853486660; Balipatna, Ph: 9238518534; Khandagiri, Ph: 0674-2351766, 9090894749; Athagarh, Ph: 9853429148; Salepur, Ph: 8018556514; Pipli, Ph: 8093219941; Delang, Ph: 9090214582; Bramahgiri, Ph: 8480928880; Chari Chowk, Ph: 8327783765; Raj Sunakhala, Ph: 7873510025; Daspalla, Ph: 9437354285; Rohibank, Ph: 9090507765; Kalapathar, Ph: 9776942339; Ranpur, Ph: 9778520193; Paradip, Ph: 9937392207; Nuapatana, Ph: 9937019555; Banki, Ph: 9937015536; Jatani, Ph: 8093198397; Balugaon, Ph: 9090048991, 9776099100; Duburi, Ph: 9439176344; Nirakarpur, Ph: 9658971360, 06756-252360; Khandapada, Ph: 9853479471, 9937153901; Erasama, Ph: 9937084847; Krushnanandapur, Ph: 9237066573; 9040091921; Badamba, Ph: 7381656665; Puranakatak, Ph: 7873727545, 9439071610; Chandpur, Ph: 9658866993, 9337112565, 9439333723; Sakhigopal, Ph: 9861150706; Nimapara, Ph: 06758-252044, 9438742101; Balichandrapur, Ph: 9439200714; Anandpur, Ph: 9438366880; Nachuni: Ph: 9337788799, 7008225699; Narasinghpur, Ph: 9238545610; Marshaghai, Ph: 9938837705; Kandarpur, Ph: 0671-2802345, 9090098000; Phulnakhara, Ph: 0671-2356967, 7440037801; Bari, Ph: 8917596087; Binjharpur, Ph: 7008499365; Nischintakoili, Ph: 9337438686; Chandol, Ph : 9437108541; Friends Automobile, Ph: 9668166377, 7008050051; Raipur, Ph: 9937963372; Naugoan, Ph: 06724-222717, 9778802623; Balitutha, Ph: 8093099967, 9777773277; Narasinghpur, Ph: 9658410027; Balikuda, Ph: 9439370305; Gothopatna, Ph: 9337950051, 8249710415; Odogaon, Ph: 9937558155; Tangi, Ph: 0671-2595877, 9348645572; Rajnagar, Ph: 9178026887; Tamando, Ph: 9337988543, 9778100000; Rajkanika, Ph: 9938602209.

McCann/Blr/Tvs/760/07/21

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୧ ଜୁଲାଇ, ୨୦୨୧

## କରୋନାରେ ୬୦ ଆକ୍ରାନ୍ତ

**ନୟାଗଡ଼ ଅଫିସ:** ନୟାଗଡ଼ ଜିଲାରେ ୨୫ ଦିନରେ ୭୪ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଲାଣି। ମଙ୍ଗଳବାର ରିପୋର୍ଟରେ ୬୦ଜଣ ଆକ୍ରାନ୍ତ ଚିହ୍ନଟ ପରେ ୨ୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫ ହଜାର ୩୮ରେ ପହଞ୍ଚିଛି। ମଙ୍ଗଳବାର ରିପୋର୍ଟରେ ଭାପୁର ବ୍ଲକରେ ୩, ଦଶପଲ୍ଲା ବ୍ଲକରେ ୮, ଗଣିଆ ବ୍ଲକ ୫, ଖଣ୍ଡପଡା ବ୍ଲକରେ ୮, ନୟାଗଡ ବ୍ଲକରେ ୯, ନୂଆଗାଁ ବ୍ଲକରେ ୧୦, ଓଡ଼ଗାଁ ବ୍ଲକ ୧, ରଣପୁର ବ୍ଲକ ୭, ନୟାଗଡ଼ ପୌରାଞ୍ଚଳରୁ ୯ଜଣ ଚିହ୍ନଟ ହୋଇଛନ୍ତି। କରୋନାର ପ୍ରଥମ ଓ ୨ୟ ଲହର ନୟାଗଡ଼ ଜିଲାରୁ ୧୩୯ ଜୀବନ ନେଇଛି।



## ସଂକ୍ଷେପରେ

### ପାନୀୟ ଜଳରେ ପୋକ

**ନୟାଗଡ଼ ଅଫିସ,୨୦।୭:** ନୟାଗଡ଼ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଣ ହେଉଥିବା ପାଣିରୁ ପୋକ ବାହାରୁଛି। ଏ ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି ନୟାଗଡ ମ୍ୟୁନସିପାଲିଟି ୧୩ ନଂ. ୱାର୍ଡ ମହିଳା ମହାବିଦ୍ୟାଳୟ ଗଳିର ବାସିନ୍ଦା। ଯୋଗାଣ ହେଉଥିବା ପାଣିକୁ ଠିକ୍ ଭାବେ ବିଶୋଧନ କରାଯାଉ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ତୁରନ୍ତ ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି।

### ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ଚୌକି ଫାଙ୍କା

**ନୟାଗଡ଼ ଅଫିସ,୨୦।୭:** ନୟାଗଡ଼ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀମାନେ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଛି। ଏହି ସୁଯୋଗରେ ଅନ୍ୟ କର୍ମଚାରୀମାନେ ଅନୁପସ୍ଥିତ ଥିବା ଅଭିଯୋଗ ହୋଇଛି। ଜିଲା ଶ୍ରମ ଅଧିକାରୀ, ସହକାରୀ ଶ୍ରମ ଅଧିକାରୀ ଏବେ କୁଆଡ଼େ ଛୁଟିରେ ଅଛନ୍ତି। ଯୁଗ୍ମ ଶ୍ରମ ଆୟୁକ୍ତ ଏକାଧିକ ଜିଲାର ଦାୟିତ୍ୱରେ ଥିବାରୁ ନୟାଗଡ଼କୁ ସମୟ ଦେଇ ପାରୁ ନାହାନ୍ତି। ଏଭଳିସ୍ଥଳେ ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ଆସନ୍ତା ୨୨ ତାରିଖରେ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

### ୧.୫ ଗ୍ରାମ୍ ବ୍ରାଉନସୁଗାର ଜବତ

**ନୟାଗଡ଼ ଅଫିସ,୨୦।୭:** ଶରଣକୁଳ ଥାନା ପୋଲିସ ଶରଣକୁଳ ଶୌଚାଳୟ ନିକଟରୁ ୧.୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଯାହାର ଦାମ ୧୦ ହଜାର ଟଙ୍କା ହେବ। ଏହି ଘଟଣାରେ ଭିକାରୀପଡାର ପ୍ରଶାନ୍ତ ଜେନା(୩୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ପ୍ରଶାନ୍ତଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି ।

# ଆନ୍ଧ୍ରରୁ ଆସିବ ୭୨୦ ଟଙ୍କିଆ ଆମ୍ବଚାରା

- ୧୫୫ ସ୍କୁଲରେ ରୋପଣ କରାଯିବ
- ଖର୍ଚ୍ଚ ହେବ ଇକୋ ଓ ୟୁଥ୍ କ୍ଲବ୍ ଅନୁଦାନ
- ଚାରା କିଣିବାକୁ ନର୍ସରୀ ଆକାଉଣ୍ଟରେ ଟଙ୍କା ଡିପୋଜିଟ୍ ନିର୍ଦ୍ଦେଶ
- ବନୀକରଣ ଟଙ୍କା ଖର୍ଚ୍ଚରେ ସ୍ୱଚ୍ଛତା ନେଇ ଉଠିଲା ପ୍ରଶ୍ନ

**ନୟାଗଡ଼ ଅଫିସ,୨୦।୭**

ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ନୟାଗଡ଼ ଜିଲାର ବିଭିନ୍ନ ସ୍କୁଲ ପାଇଁ ବୃକ୍ଷରୋପଣ ଓ ରକ୍ଷଣାବେକ୍ଷଣ ଉଦ୍ଦେଶ୍ୟରେ ଇକୋ ଏବଂ ୟୁଥ କ୍ଲବ୍ ମାଧ୍ୟମରେ ୨ଟି ଆର୍ଥିକ ବର୍ଷରେ ୫୦ ହଜାର ଟଙ୍କା ଅନୁଦାନ ଆସିଛି। ଏହି ଅନୁଦାନରେ ଜିଲାର ୧୫୫ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆମ୍ବଚାରା ଲଗାଇବା ପାଇଁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି। ତେବେ ଆମ୍ବଚାରା ଓଡ଼ିଶାରେ ନୁହେଁ, ଆନ୍ଧ୍ରରୁ ଆସିବ। ଗୋଟିଏ ଆମ୍ବଚାରାର ମୂଲ୍ୟ ୭୦୦ ଟଙ୍କା ଓ ପରିବହନ ଖର୍ଚ୍ଚ ବାବଦକୁ ୨୦ ଟଙ୍କା ଏପରି ମୋଟ ୭୨୦ ଟଙ୍କା ଖର୍ଚ୍ଚ ହେବ। ଚାରା କିଣିବାକୁ ଆନ୍ଧ୍ରପ୍ରଦେଶର ଏକ ନର୍ସରି ଆକାଉଣ୍ଟରେ ଟଙ୍କା ଡିପୋଜିଟ୍ କରିବାକୁ ଜୁଲାଇ ୨୨ ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ପ୍ରଶ୍ନ ଉଠିଛି, ଓଡ଼ିଶାରେ କ'ଣ ସୁସ୍ୱାଦୁ ଓ ସଅଳ ଅମଳକ୍ଷମ ଆମ୍ବଚାରା ନାହିଁ। କେଉଁ କାରଣରୁ ଆନ୍ଧ୍ରରୁ ଚାରା କିଣାଯିବ ସେ ନେଇ ପ୍ରଶ୍ନ ଉଠିଛି।

ସୂଚନା ଅନୁଯାୟୀ, ଇକୋ ଏବଂ ୟୁଥ କ୍ଲବ ମାଧ୍ୟମରେ ସ୍କୁଲକୁ ୧୨ ହଜାର ୫୦୦ ଲେଖାଏଁ ୨୫ ହଜାର ଟଙ୍କା ଅନୁଦାନ ଗୋଟିଏ ବର୍ଷରେ ଆସୁଛି। ୨୦୧୯-୨୦ ଓ ୨୦୨୦-୨୧ ଦୁଇ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗରୁ ୫୦ ହଜାର ଟଙ୍କା ଅନୁଦାନ ଦେଇଛି। କରୋନା କଟକଣା ଯୋଗୁ ସ୍କୁଲ ବନ୍ଦ ଥିବାରୁ ୨୦୧୯-୨୦ ଆର୍ଥିକ ବର୍ଷର ଅନୁଦାନ ଅର୍ଥ ଖର୍ଚ୍ଚ ନ ହୋଇ ପଡି ରହିଛି। ଏହି ଟଙ୍କାରେ ବିଦ୍ୟାଳୟରେ ବନୀକରଣ ଓ ରକ୍ଷାବେକ୍ଷଣ କରାଯିବ। ବନୀକରଣ ଅର୍ଥ ଖର୍ଚ୍ଚ ପାଇଁ ଗତ ଜୁନ ୧୭ରେ ବିଦ୍ୟାଳୟ ବନୀକରଣ କାର୍ଯ୍ୟର ସମୀକ୍ଷା ବୈଠକ ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ନୟାଗଡ଼ ବନଖଣ୍ଡ ଅଧିକାରୀ, ଜିଲା ଶିକ୍ଷାଧିକାରୀଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ ତଥା ବିଦ୍ୟାଳୟ ପ୍ରଧାନ ଶିକ୍ଷକମାନେ ଉପସ୍ଥିତ ଥିଲେ। ବୈଠକରେ ଉପସ୍ଥିତ ବନଖଣ୍ଡ ଅଧିକାରୀଙ୍କ ପରାମର୍ଶ ତଥା ଜିଲାପାଳଙ୍କ ସହମତିରେ ପ୍ରତି ବିଦ୍ୟାଳୟରେ ଆମ୍ବଗଛ ଲଗାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ଆମ୍ବଗଛ ଆନ୍ଧ୍ରପ୍ରଦେଶ ରାଜମହେନ୍ଦ୍ରୀର ଶ୍ରୀସତ୍ୟନାରାୟଣ ନର୍ସେରିରୁ ଆସିବା ପାଇଁ ନିଷ୍ପତ୍ତି ନିଆଯାଇଛି। ରାଜମହେନ୍ଦ୍ରୀରୁ ଆସିବାକୁ ଥିବା ଏହି ଆମ୍ବଗଛର ଗୋଟା ପ୍ରତି ମୂଲ୍ୟ ୭୦୦ଟଙ୍କା ହୋଇଥିବା ବେଳେ ପରିବହନ ଖର୍ଚ୍ଚ ୨୦ଟଙ୍କା ପଡ଼ିବ। ପ୍ରତି ବିଦ୍ୟାଳୟକୁ ଅନ୍ୟୂନ ୧୦ରୁ ୧୫ଟି ଗଛ କିଣିବାକୁ ବାଧ କରାଯାଇଛି। ସେହିପରି ୫ଟି ଆକାଂକ୍ଷୀ ବିଦ୍ୟାଳୟରେ ୨୦ରୁ ୨୫ଟି ଗଛ ଲଗାଯିବ। ଏ ନେଇ ଡିଏଫ୍‌ଓଙ୍କ ପକ୍ଷରୁ ରାଜମହେନ୍ଦ୍ରୀର ଶ୍ରୀସତ୍ୟନାରାୟଣ ନର୍ସରିର ସମ୍ପୂର୍ଣ୍ଣ ଠିକଣା ଓ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦିଆଯାଇଛି। ସଂପୃକ୍ତ ଆକାଉଣ୍ଟ ନମ୍ବରରେ ଟଙ୍କା ପଠାଇ ଏହାର ଷ୍ଟେଟମେଣ୍ଟର କପି ଜିଲା ଶିକ୍ଷା କାର୍ଯ୍ୟାଳୟରେ ଦାଖଲ ପାଇଁ ସମସ୍ତ ପ୍ରଧାନ ଶିକ୍ଷକମାନଙ୍କୁ ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଖିଲାପ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଦେଶନାମା ନଂ-୪୭୮୮ ତା ୧୬।୭।୨୧ରେ ଦର୍ଶାଯାଇଛି।

ଏନେଇ ପୋଡାଡିହର ପରିବେଶବିତ୍ ବିଭୂତି ଭୂଷଣ ଦାଶ କହିଛନ୍ତି, ନୟାଗଡ଼ ଜିଲାରେ ଓଡ଼ିଶାର ବିଭିନ୍ନ ନର୍ସରିରେ ସୁସ୍ୱାଦୁ ଓ ଶୀଘ୍ର ଫଳ ଧରିବାର ଆମ୍ବଚାରା ଅଛି। ସେହି ଆମ୍ବଚାରା କେଉଁଠାରେ ମିଳିବ ସେ ନେଇ ଯୋଗାଯୋଗ କରାଯିବା ଦରକାର। ତେବେ ଆନ୍ଧ୍ରରୁ ଚାରା ଆଣିବା ପାଇଁ ନୟାଗଡ଼ ଜିଲାର ବିଭିନ୍ନ ସ୍କୁଲକୁ ୭୨୦ ଟଙ୍କା ଖର୍ଚ୍ଚ କରାଇବା ବାଧ୍ୟତାମୂଳକ ଠିକ ନୁହେଁ। ଯଦିଓ ପ୍ରଧାନଶିକ୍ଷକମାନେ ଭୟରେ ନୀରବ ରହିଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏଥିରେ ଦୁର୍ନୀତିର ବାସ୍ନା ବାହାରୁଛି। ଏ ସଂକ୍ରାନ୍ତରେ ନୟାଗଡ଼ ଡିଏଫ୍‌ଓ ଏଚ.ଡି, ଧନରାଜ କୁହନ୍ତି, ଆନ୍ଧ୍ରରୁ ଆମ୍ବଚାରା ଆଣିବାକୁ ଗୋଟିଏ ସୁଯୋଗ ଦିଆଯାଇଛି। ଆନ୍ଧ୍ରଚାରା ଲଗାଇଲେ ଶୀଘ୍ର ଓ ସୁସ୍ୱାଦୁ ଫଳ ଫଳିବ। ଓଡ଼ିଶାରେ ଏପରି ଚାରା ଉପଲବ୍ଧ ନାହିଁ। ତେବେ ଏପରି ଚାରା ସୃଷ୍ଟି କରାଯାଇ ପାରିବ। ସ୍କୁଲରେ ଏକ ଭଲ କ୍ୟାମ୍ପସ କରିବାକୁ ଓ ଆମ୍ବଚାରା ରୋପଣ କରିବାକୁ ନିଷ୍ପତ୍ତି ନିଆଯାଇଛି।

# ସୁନୀତାଙ୍କ କୁନି ରଥର ବାହୁଡ଼ା ଯାତ୍ରା

**ନୟାଗଡ଼ ଅଫିସ,୨୦।୭**



କୋଭିଡ୍ କଟକଣା ଯୋଗୁ ୨ବର୍ଷ ହେଲା ବିନା ଭକ୍ତରେ ରଥଯାତ୍ରା ହେଉଛି। ଭକ୍ତ ରଥଯାତ୍ରାରେ ଭାଗ ନେବାକୁ ଆଗଭର ଥିଲେ ହେଁ ଶ୍ରୀଜୀଉଙ୍କ ଅପୂର୍ବ ଲୀଳାକୁ ଦେଖିବାରୁ ସୁଯୋଗ ପାଇ ପାରୁନାହାନ୍ତି। ଶ୍ରୀଜୀଉଙ୍କୁ ଦର୍ଶନ ନ କରି ପାରି କିଏ ବିଭିନ୍ନ ସାମଗ୍ରୀରେ ରଥ ନିର୍ମାଣ କଲାଣି ତ ଆଉ କିଏ ଶ୍ରୀଜୀଉଙ୍କ ଗଢ଼ି ତୋଳିଛନ୍ତି। ମୟୂରଝାଲିଆ ପଞ୍ଚାୟତ ବୋକାଖାଇ ଗାଁର ସୁନୀତା ନାୟକ ଯୁକ୍ତ ୩ କଳାରେ ପାଠପଢ଼ା ଶେଷ କରି ସାରିଛନ୍ତି। ସେ ପ୍ରତିବର୍ଷ ୨ୟ ଶ୍ରୀକ୍ଷେତ୍ର ରଣପୁରରେ ରଥଯାତ୍ରା ଦେଖୁଥିଲେ। କିନ୍ତୁ ଗତବର୍ଷ କରୋନା କଟକଣା ଯୋଗୁ ରଥଯାତ୍ରା ଓ ବାହୁଡା ଯାତ୍ରା ଦର୍ଶନରୁ ବଞ୍ଚିତ ହୋଇଥିଲେ। ଚଳିତ ବର୍ଷ ବି ସେହି ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ସୁନିତା ନିଜେ ରଥ ଓ ଠାକୁରଙ୍କୁ ନିର୍ମାଣ କରିବାକୁ ନିଷ୍ପତ୍ତି ନେଲେ। ୨୦୨୧ ରଥଯାତ୍ରା ଆସିବା ପୂର୍ବରୁ ରଥ ଗଢ଼ିବା ଓ ଠାକୁରଙ୍କୁ ନିର୍ମାଣ କରିବାରେ ଲାଗି ପଡିଥିଲେ। ୧୦ ଦିନ ଭିତରେ କାଗଜ, ଅଠା ଓ ସୋଲରେ ନିର୍ମାଣ କରିଥିଲେ ଚତୁର୍ଦ୍ଧାମୂର୍ତ୍ତି। ରଙ୍ଗ ତୁଳୀ ସ୍ପର୍ଶରେ ୩ ଠାକୁର ଜୀବନ୍ତ ହୋଇ ଉଠିଥିଲେ। ପରେ ପୁଣି ୧ ଫୁଟର କୁନି ରଥ ନିର୍ମାଣ କରି ଠାକୁରଙ୍କୁ ବସାଇଥିଲେ। ରଥର ଚାରିପଟେ ଅନ୍ୟ ଦେବାଦେବୀଙ୍କୁ ବସାଇଥିଲେ। ରଥରେ ଠାକୁରଙ୍କୁ ବସାଇ ନିଜ ଘରେ ନିଜେ ରଥଯାତ୍ରା କରିଥିଲେ। ମଙ୍ଗଳବାର ବାହୁଡା ଯାତ୍ରା ବି ସେ ଶେଷ କରିଛନ୍ତି।

# ୩ ଶାଳ ଲଗ୍ ଜବତ

**ଦଶପଲ୍ଲା,୨୦।୭(ଡି.ଏନ.ଏ.)**

ମଙ୍ଗଳବାର ଦଶପଲ୍ଲା ବ୍ଲକ ଅନ୍ତର୍ଗତ ସାକେଣୀ ସେକ୍ସନର ହଗୁଳି ନାଳଠାରୁ ବନବିଭାଗ କର୍ମଚାରୀମାନେ ଚଢାଉ କରି ୩ ଶାଳ ଲଗ୍ ଜବତ କରିଛନ୍ତି । କାଠ ଗୁଡ଼ିକ କଟା ଯାଇ ବାହାରକୁ ଚାଲାଣ ଉଦ୍ଦେଶ୍ୟରେ ରଖାଯାଇଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଦଶପଲ୍ଲା ରେଞ୍ଜର ଅଖିଳେଶ ମଲ୍ଲିକଙ୍କ ନିର୍ଦ୍ଦେଶରେ ସାକେଣୀ ଫରେଷ୍ଟର କୈଳାସ ପ୍ରଧାନ, ଫରେଷ୍ଟଗାର୍ଡ ହେମନ୍ତ ମହାପାତ୍ର ,ସଞ୍ଜୟ ବେହେରା ପ୍ରମୁଖ ଚଢାଉ କରି କାଠଗୁଡ଼ିକ ଜବତ କରିଥିଲେ । ଜବତ କାଠର ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି ।



ଜବତ ହୋଇଥିବା କାଠ ।

### ବେକାର ଯୁବତୀ, ଯୁବକଙ୍କୁ ମିଳୁନି ନିଯୁକ୍ତି

**ନୟାଗଡ଼ ଅଫିସ,୨୦।୭:** ନୟାଗଡ଼ ଜିଲାରେ ଶିକ୍ଷିତ ବେକାର ଯୁବତୀ,ଯୁବକମାନଙ୍କୁ ନିଯୁକ୍ତି ମିଳୁନାହିଁ। ଏଥିପ୍ରତି ଅବହେଳା କରାଯାଉଥିବା ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ ଅଭିଯୋଗ କରିଛନ୍ତି। ୨୦୦୧ରୁ ୨୦୨୧ ମାର୍ଚ୍ଚ ପହିଲା ପର୍ଯ୍ୟନ୍ତ ନୟାଗଡ଼ ଜିଲାରେ ୧୫ ହଜାର ୭୩୦ ଜଣ ଯୁବତୀଯୁବକ ସରକାରୀ ଚାକିରୀ ପାଇଁ ନାମ ପଞ୍ଜିକୃତ କରିଛନ୍ତି। ୨୧ ବର୍ଷରେ ନବୀନ ସରକାର ମୋଟ ୧୦୫୬ ଜଣଙ୍କୁ ଚାକିରୀ ଦେଇଛନ୍ତି। ଅର୍ଥାତ୍ ବର୍ଷକୁ ମାତ୍ର ୫୦ ଜଣଙ୍କୁ କର୍ମ ନିଯୁକ୍ତି ମିଳିଥିବା କର୍ମ ନିୟୋଜନ ଅଧିକାରୀଙ୍କ ସୂଚନା ଅଧିକାର ଆଇନରେ ପ୍ରଦାନ କରାଯାଇଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି। ସେହିପରି ବେସରକାରୀ ନିଯୁକ୍ତି ଏବଂ ବୈଷୟିକ ଶିକ୍ଷାପ୍ରାପ୍ତ ଡିଗ୍ରୀ,ଡିପ୍ଲୋମା ଏବଂ ଆଇଟିଆଇ ବେକାରଙ୍କୁ ନିଯୁକ୍ତି ନାହିଁ। ଏଦିଗରେ ଜିଲା କର୍ମନିୟୋଜନ ସଂସ୍ଥାର ନୀରବତାକୁ ନୟାଗଡ଼ର ବେକାର ଯୁବତୀ ଯୁବକ ଏବଂ ସେମାନଙ୍କ ଅଭିଭାବକ ସହଜରେ ଗ୍ରହଣ କରିପାରୁ ନାହାଁନ୍ତି ବୋଲି କଂଗ୍ରେସ ନେତାମାନେ କହିଛନ୍ତି।

# ସବୁଜ ସଚେତନତା ପଦଯାତ୍ରା




ବାହାରିଥିବା ଶୋଭାଯାତ୍ରା ।

**ନୟାଗଡ଼ ଅଫିସ,୨୦।୭**

ବଂଶୀଧର ଇଣ୍ଟରନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ଜିଲା ବ୍ୟାପୀ ସବୁଜ ସଚେତନତା ପଦଯାତ୍ରା ରବିବାର ଉଦ୍‌ଘାଟିତ ହୋଇଛି । ଓଡ଼ଗାଁ ରଘୁନାଥଜୀଉଙ୍କ ପୀଠରୁ ବାହାରିଥିବା ପଦଯାତ୍ରା ଦ୍ୱିତୀୟ ଦିବସରେ ଓଡ଼ଗାଁ ଏନଏସିର ପ୍ରତି ଘର ବୁଲି ୩ ହଜାର ପିଜୁଳି, ଲେମ୍ବୁ, ଅଁଳା, ଡାଳିମ୍ବ ଚାରା ବଣ୍ଟନ କରାଯାଇଥିଲା । ଫାଉଣ୍ଡେଶନର ଅଧ୍ୟକ୍ଷ ମନୋଜ କୁମାର ସାହୁଙ୍କ ପୌରୋହିତରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପବ୍ଲିକ ରାଇଟସ ଆସୋସିଏଶନର ସଭ୍ୟାସଭ୍ୟ ସହଯୋଗ କରିଥିଲେ । ଅନ୍ୟପକ୍ଷେ ଓଡ଼ଗାଁ ଡାକ୍ତରଖାନା ପରିସରରେ ଅନୁଷ୍ଠାନ ତରଫରୁ ବୃକ୍ଷ ରୋପଣ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ରୂପେ ସାମାଜିକ କର୍ମୀ ବିନୋଦିନୀ ମହାନ୍ତି ,କଳାକାର ରବୀନ୍ଦ୍ର ରାଉତ ,ବିମଳ ଦାସ ଯୋଗ ଦେଇଥିଲେ ।

# ମୂତ୍ରାଶୟ ନଳୀ କାଟି ଦେଲେ

- ୬ମାସ ହେଲା ଯନ୍ତ୍ରଣା ଭୋଗୁଛନ୍ତି ମହିଳା
- ଘରୋଇ ହସ୍ପିଟାଲ ମାଲିକଙ୍କ ଦୁର୍ବ୍ୟବହାର
- ତଦନ୍ତ ନିର୍ଦ୍ଦେଶ ଦେଲେ ସିଡିଏମ୍‌ଓ

**ନୟାଗଡ଼ ଅଫିସ,୨୦।୭**

ନୟାଗଡ଼ ଜିଲା ସଦର ମହକୁମାର ଏକ ଘରୋଇ ହସ୍ପିଟାଲରେ ଗର୍ଭାଶୟ ଅପସାରଣ ଅସ୍ତ୍ରୋପଚାର ବେଳେ ଜଣେ ମହିଳାଙ୍କ ମୂତ୍ରାଶୟ ନଳୀ କାଟି ଦିଆ ଯାଇଛି। ଘରୋଇ ହସ୍ପିଟାଲରେ ସରକାରୀ ଡାକ୍ତରଙ୍କ ଖାମଖିଆଲି ଚିକିତ୍ସା ଯୋଗୁ ଫତେଗଡ଼ ଥାନା କାଦୁଆ ଗାଁର ମଞ୍ଜୁବାଳା ମହାନ୍ତି ଯନ୍ତ୍ରଣା ଭୋଗୁଛନ୍ତି। ଆର୍ଥିକ ଅନାଟନ ଯୋଗୁ ଆଉ ଥରେ ସେ ଅସ୍ତ୍ରୋପଚାର କରାଇ ପାରୁ ନାହାନ୍ତି। ଏଭଳିସ୍ଥଳେ ଅସ୍ତ୍ରୋପଚାର କରାଯାଇଥିବା ଘରୋଇ ହସ୍ପିଟାଲରେ ଡାକ୍ତରଙ୍କୁ ଦେଖା କରିବାକୁ ଯାଇଥିବା ମଞ୍ଜୁବାଳା ଓ ତାଙ୍କ ସ୍ୱାମୀଙ୍କୁ ସେହି ହସ୍ପିଟାଲର ମାଲିକ ଦୁର୍ବ୍ୟବହାର କରି ତଡି ଦେଇଛନ୍ତି।

ଏନେଇ ମଞ୍ଜୁଲତାଙ୍କ ସ୍ୱାମୀ ଈଶ୍ୱର ମହାନ୍ତି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ)ଙ୍କୁ ଅଭିଯୋଗ କରିବା ପରେ ସେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଘଟଣା ସମ୍ପର୍କରେ ଈଶ୍ୱର ନୟାଗଡ ଟାଉନ ଥାନାରେ ଅଭିଯୋଗ କରି ନ୍ୟାୟ ମାଗିଛନ୍ତି।

ସୂଚନା ଅନୁଯାୟୀ, କାଦୁଆ ଗାଁର ଈଶ୍ୱର ମହାନ୍ତିଙ୍କ ଶ୍ୱଶୁର ଘର ଓଡ଼ଗାଁ ଅଞ୍ଚଳରେ। ସ୍ତ୍ରୀ ମଞ୍ଜୁବାଳାଙ୍କ ଗାଇନିକ୍ ସମସ୍ୟା ଦେଖା ଦେବାରୁ ସେ ଗତ ଜାନୁୟାରୀ ପ୍ରଥମ ସପ୍ତାହରେ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ସ୍ତ୍ରୀରୋଗ ବିଶେଷଜ୍ଞଙ୍କୁ ମଞ୍ଜୁଲତାଙ୍କୁ ଦେଖାଇଥିଲେ। ଅଲଟ୍ରାସାଉଣ୍ଡ ମୋ ନାମ କହି କରିବା ପରେ ନୟାଗଡ଼ର ଏକ ଘରୋଇ ହସ୍ପିଟାଲରେ ଦେଖା କରିବାକୁ କହିଥିଲେ। ରିପୋର୍ଟ ମିଳିବା ପରେ ଈଶ୍ୱର ସ୍ତ୍ରୀଙ୍କୁ ନେଇ ନୟାଗଡ଼ର ଘରୋଇ ହସ୍ପିଟାଲରେ ସରକାରୀ ଡାକ୍ତରଙ୍କୁ ଦେଖାଇଲେ। ଫେବୃୟାରୀ ୯ରେ ସ୍ତ୍ରୀ ରୋଗ ବିଶେଷଜ୍ଞ ଘରୋଇ ହସ୍ପିଟାଲରେ ମଞ୍ଜୁଲତାଙ୍କ ଗର୍ଭାଶୟ ଅସ୍ତ୍ରୋପଚାର କରିବା ପରେ ଦିନ ରାତି ତାଙ୍କ ପରିସ୍ରା ଲିକେଜ୍ ହୋଇଥିଲା। ଅନ୍ୟ ଡାକ୍ତରଖାନାରେ ଦେଖାଇବା ପରେ ତାଙ୍କ ମୂତ୍ରାଶୟ ନଳୀ କଟିଥିବା ଜଣାପଡିଥିଲା। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି, ଅଭିଯୋଗ ପରେ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ହେବ। ଅନ୍ୟପକ୍ଷେ ଯନ୍ତ୍ରଣା ଭୋଗୁଥିବା ମହିଳାଙ୍କ ମାଗଣା ଚିକିତ୍ସା କରାଇବାର ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି। ନୟାଗଡ ଟାଉନ ଥାନା ଆଇଆଇସି ଜୟଦୀପ ମହାନ୍ତି କୁହନ୍ତି ଅଭିଯୋଗ ମିଳିଛି। ଅଭିଯୋଗ ରହିଥିବା ଡାକ୍ତର, ଘରୋଇ ହସ୍ପିଟାଲ ମାଲିକ, ସିଡିଏମ୍‌ଓଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ତେବେ ଏହି ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଅସ୍ତ୍ରୋପଚାର କରିଥିବା ଡାକ୍ତର କହିଛନ୍ତି, ବେଳେବେଳେ ତ୍ରୁଟି ହୋଇଥାଏ ଜଣା ପଡି ନ ଥାଏ। ସଂପୃକ୍ତ ମହିଳାଙ୍କୁ ମାଗଣାରେ ଚିକିତ୍ସା କରିବାକୁ କହିଥିବା ସେ କହିଛନ୍ତି।



ମଞ୍ଜୁଲତାଙ୍କ ସହ ସ୍ୱାମୀ।

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
**Corrigendum to Notice Inviting Tender (NIT)**
Tender Notice No. TPWODL/PJ/O/SU/017 Date: 09.07.2021
Rate Contract for Supply of different types of Protection Relay and Commissioning of protection relays including configuration, testing protection & communication, integration with SCADA system and support.
The time period is hereby extended for Submission of Tender Participation Fee and Authorization Letter through e-mail till 26th July 2021, 1500Hrs, after which link from e-Tender system shall be shared. A Corrigendum to the said notice has been uploaded in our website www.tpwesternodisha.com. Prospective bidders are requested to visit the website for detailed amendment and updated tender document.
Sd/-
Chief Contracts and Stores

**OFFICE OF THE CDM & PHO, ANGUL**
**TENDER CALL NOTICE**
Expression of Interest is invited from interested registered Origanization / Institutes, Central / State Government Organization / Registered firms/ Company / Agency having relevant experience for "Outsourcing of Biomedical Waste Management of Angul District (DHH, SDHs, CHCs)". The bid documents to be submitted before the CDM & PHO, Angul through Regd. Post / Speed Post / Courier only on or before dt.10.08.2021 till 5.00 P.M. and will be opened on dt.11.08.2021 at 11.00 A.M. The bidders need to apply in prescribed application form, available in the website www.angul.nic.in. The undersigned reserves every rights to reject any / all proposal without assigning any reason thereof. Hospital authority is not responsible for any postal delay. Typographical error if any may be exempted.
**CDM & PHO-cum-Member Secretary**
**District BMWM Committee, Angul**

**OFFICE OF THE**
**COLLECTOR & DISTRICT MAGISTRATE**
**KALAHANDI, BHAWANIPATNA - 766001**
**(Social Welfare Section)**
Sealed tenders are hereby invited from the intending registered Printing Press/Supply Agency for printing and supply of NEW ARUNIMA WORK BOOK (I) & (II) during the FY 2020-21. The tender paper shall be received by the District Social Welfare Officer, Kalahandi by Registered Post/Courier Service/Speed Post on or before 2.8.2021 upto 5.00 P.M. The tender paper will be opened on 3.8.2021 at 11 A.M. The details terms and conditions may be downloaded from district website **www.kalahandi.nic.in**.
**Sd./- District Social Welfare Officer, Kalahandi**

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
**NOTICE INVITING TENDER**
TP Western Odisha Distribution Limited invites tenders (2part bidding) from eligible vendors for the following packages :
1) **TPWODL/NP/O/SU/021– Rate Contract for Supply of P.G. Clamp of different sizes - 32000 nos.**
2) **TPWODL/NP/O/SU/022– Rate Contract for Supply of 4G/LTE Compatible AMR Modem- 38000 nos.**
Interested bidders to submit Tender Participation Fee and Authorization Letter through email before **02nd August 2021, 15:00Hrs**, after which link from e-Tender system shall be shared.
For detailed tender documents of the above mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.
All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.
Sd /-
**Chief Contracts and Stores**

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-660 OSIC GST No. 21AAACO2101M1Z1
**NOTICE**
Ref. No.3096/OSIC/MKTG Date:19.07.2021
The Odisha Small Industries Corporation Ltd. (OSIC), being a State Nodal Agency for procurement of goods for Govt. Degree Colleges of the State on behalf of Department of Higher Education, Govt. of Odisha, Bhubaneswar and also acts as consortium leader of MSMEs for marketing their products and services, is entrusted by Govt. Departments/District Administrations/Agencies and State & Central PSUs for procurement and supply of goods and services from time to time. Therefore, OSIC publishes notice inviting tender for procurement of goods and services in its website www.osicltd.in from time to time.
Interested OSIC empanelled MSMEs /Manufacturers/ Suppliers/ Distributors are requested to visit OSIC website for participation in various tender for execution of orders in future.
OIPR-14073/11/0028/2122 Sd/-MANAGING DIRECTOR

**OFFICE OF THE REGULATED MARKET COMMITTEE, BHADRAK**
**TENDER CALL NOTICE NO.: 639/RMC, Dated: 19.07.2021**
**INVITATION OF BIDS THROUGH E-PROCUREMENT**
The Sub-Collector, Bhadrak-cum-Chairman R.M.C., Bhadrak invites percentage rate bids in single cover system and double cover system (TECHNICAL BID & PRICE BID) in online mode for 17 number of infrastructural development work from the eligible contractors registered with Govt. of Odisha or equivalent class of Govt. of India / C.P.W.D./ Central Undertaking / Railway / M.E.S. The detail bid documents will be available in e-procurement portal: i.e. www.tendersodisha.gov.in from 20.07.2021 to 03.08.2021. The authority reserves the right to reject any or all tenders without assigning any reason thereof.
The earlier tender call notice bearing No.630 dt.13.07.2021 is hereby cancelled.
**Sd./- Sub-Collector, Bhadrak-cum-Chairman**

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତରଭା**
**ଜିଲ୍ଲା- ସୁବର୍ଣ୍ଣପୁର**
ସଂଖ୍ୟା ୧୭୨୫ ତାରିଖ ୧୯।୦୭।୨୦୨୧
**ଇସ୍ତାହାର**
ପୂର୍ବରୁ ବିଜ୍ଞାପିତ ଅଞ୍ଚଳ ପରିଷଦ, ତରଭା ODF ସହର ଭାବେ ଘୋଷିତ ହୋଇଅଛି ଏବଂ ପରବର୍ତ୍ତୀ ସମୟରେ ଏ ନେଇ ତରଭା ସହରକୁ କେନ୍ଦ୍ର ସରକାରଙ୍କ ମାନ୍ୟତା ମଧ୍ୟ ମିଳିଥିଲା। ଏବେ ସହରକୁ ବାହ୍ୟ ମଳମୂତ୍ର ତ୍ୟାଗ ମୁକ୍ତ ସହରରେ ପରିଣତ କରିବା ଦିଗରେ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ଆଉ ଏକ ପାଦ ଆଗକୁ ବଢି ସହରକୁ ODF+ ଭାବେ ଘୋଷଣା କରିଛି। ପରିଷଦର ବିଭିନ୍ନ କ୍ଷେତ୍ରସ୍ତରୀୟ ଅଧିକାରୀ ତଥା କର୍ମଚାରୀ ବିଭିନ୍ନ ସମୟରେ ଲୋକଙ୍କୁ ସଚେତନ କରାଇବା ପରେ ତଥା ପରିଷଦ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ଆବଶ୍ୟକ ସଂଖ୍ୟକ ଶୌଚାଳୟ ନିର୍ମାଣ ପରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ତରଭାକୁ ODF+ ସହର ଭାବେ ଘୋଷଣା କରିଛି। ଏ ନେଇ କେନ୍ଦ୍ର ସରକାରଙ୍କ ନିୟମକୁ ଅନୁସରଣ କରି ବର୍ତ୍ତମାନ ସହରରେ ବିଭିନ୍ନ ସ୍ଥାନରେ ଶୌଚାଳୟ କରାଯାଇ ISOର ମାନ୍ୟତା ମଧ୍ୟ ପାଇଛି। ଆଗକୁ କୌଣସି ବ୍ୟକ୍ତିବିଶେଷ ଖୋଲାରେ ମଳମୂତ୍ର ତ୍ୟାଗ କରିପାରିବେ ନାହିଁ। ଯଦି କୌଣସି ବ୍ୟକ୍ତି ଖୋଲାରେ ମଳ ତ୍ୟାଗ କରିବା ଦେଖାଯାଏ ତାଙ୍କଠାରୁ ଟ୧୦୦/-ଙ୍କା (ଏକଶହ ଟଙ୍କା ମାତ୍ର), ପରିସ୍ରା ପାଇଁ ଟ୫୦/- (ପଚାଶ ଟଙ୍କା ମାତ୍ର) ଜରିମାନା ଓ ନିଜ ପାଇଖାନାରୁ ବାହାରୁଥିବା ମଳମୂତ୍ରକୁ ପରିଷଦ ଡ୍ରେନ୍ ମଧ୍ୟକୁ କିମ୍ବା ଖୋଲା ଜାଗାରେ ଛାଡନ୍ତି ତେବେ ତାଙ୍କଠାରୁ ଟ୫୦୦/-ଙ୍କା (ପାଞ୍ଚଶହ ଟଙ୍କା ମାତ୍ର) ଜରିମାନା ଆଦାୟ କରାଯିବ।
ସରକାରଙ୍କ ଉପରୋକ୍ତ ପଦକ୍ଷେପ ଉପରେ କୌଣସି ବ୍ୟକ୍ତିଙ୍କର ଯଦି କିଛି ଆପତ୍ତି ବା ପ୍ରସ୍ତାବ ଥାଏ ତେବେ ଏହି ବିଜ୍ଞାପନ ପ୍ରକାଶର ୧୫ ଦିନ ମଧ୍ୟରେ ଆହ୍ୱାନ କରାଯାଉଛି।
**ସ୍ୱା./- ନିର୍ବାହୀ ଅଧିକାରୀ**
**ବିଜ୍ଞାପିତ ଅଞ୍ଚଳ ପରିଷଦ, ତରଭା**

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୧ ଜୁଲାଇ, ୨୦୨୧



## ଦୁର୍ଘଟଣାରେ ମୃତ୍ୟୁ ଘଟଣା, ବାଇକ୍ ଚାଳକ ଗିରଫ

ବୁଗୁଡ଼ା,(ଡି.ଏନ.ଏ.): ବୁଗୁଡ଼ା ଥାନା ବଣପଲ୍ଲୀଠାରେ ବାଇକ ଦୁର୍ଘଟଣାରେ ବଣପଲ୍ଲୀ ଗ୍ରାମର ଅଶୋକ ଗୌଡ଼ (୪୫ ) ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ମଙ୍ଗଳବାର ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକ ମହୁଲପଲ୍ଲୀ ଗ୍ରାମର ହରିବନ୍ଧୁ ବିଷୋୟୀଙ୍କୁ କୋର୍ଟ ଚାଲାଣ କରିଛି। ଏ ନେଇ ପୋଲିସ ନଂ. ୩୫୮/୨୧ରେ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ବାଇକ (ନଂ ଓଆର ୦୭ଏକ୍ସ ୩୭୪୦)କୁ ଜବତ କରିଛି। ଗତ ୧୮ ତାରିଖ ଅଶୋକ ଶୌଚ ହେବା ନିମନ୍ତେ ରାସ୍ତା ପାର ହେଉଥିବା ବେଳେ ବେଲଗୁଣ୍ଠା ପଟୁ ଫେରୁଥିବା ହରିବନ୍ଧୁଙ୍କ ବାଇକ୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ନୂତନ ଉପଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ



ପାରଳାଖେମୁଣ୍ଡି,୨୦।୭(ଡି.ଏନ୍.ଏ.)ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ସୋମବାର ନୂତନ ଉପଜିଲାପାଳ ଭାବେ ଦିଲୀପ କୁମାର ମହାରଣା ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲାର ଏକମାତ୍ର ଏହି ଉପଖଣ୍ଡରେ ଉପଜିଲାପାଳ ପଦବୀ ଖାଲିଥିବାରୁ ଅତିରିକ୍ତ ଉପଜିଲାପାଳ ଦାୟିତ୍ୱରେ ଥିଲେ। ନୂତନ ଉପଜିଲାପାଳ କାର୍ଯ୍ୟରେ ଯୋଗ ଦେବା ପରେ ତାଙ୍କୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ କାର୍ଯ୍ୟାଳୟ କର୍ମଚାରୀମାନେ ସ୍ୱାଗତ ଜଣାଇଛନ୍ତି।

## ମଦ ଜବତ, ଜଣେ ଗିରଫ

ପାରଳାଖେମୁଣ୍ଡି,୨୦।୭(ଡି.ଏନ୍.ଏ.):ପାରଳାଖେମୁଣ୍ଡି ଅବକାରୀ ବିଭାଗ ସୋମବାର ବିଳମ୍ବିତ ରାତିରେ ବେଆଇନ ଭାବେ ବିଦେଶୀ ମଦ ଚାଲାଣ କରୁଥିବା ଏକ ଗାଡିକୁ ଜବତ କରିଛି। ଗାଡିଚାଳକ କୃଷ୍ଣଚନ୍ଦ୍ର ମହାଙ୍କୁଡଙ୍କୁ ଗିରଫ କରାଯାଇଛି। ମାକ୍ସ ପିକ୍ଅପ (ନଂଓଆର୦୯ ଏଲ୬୭୨୩)ରେ ବିଳମ୍ବିତ ରାତିରେ ପାରଳାଖେମୁଣ୍ଡିଠାରୁ ରାୟଗଡ ବ୍ଲକକୁ ମଦ ଚୋରା ଚାଲାଣ ହେଉଥିଲା। ରାୟଗଡ ବ୍ଲକର ଅଡାସିଂ ଗ୍ରାମ ନିକଟରେ ଅବକାରୀ ବିଭାଗ କର୍ମଚାରୀମାନେ ଉକ୍ତ ଗାଡ଼ିକୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ମଦ ଓ ବିୟର ଜବତ ମିଳିଥିଲା। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୭ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ଅଧିକାରୀ ବାଳକୃଷ୍ଣ ପରିଡା କହିଛନ୍ତି।

## ବଜ୍ରପାତରେ ମହିଳା ମୃତ

ବେଗୁନିଆପଡ଼ା,୨୦।୭(ଡି.ଏନ୍.ଏ.):ଗଞ୍ଜାମ ଜିଲା ବେଗୁନିଆପଡା ବ୍ଲକ ଅନ୍ତର୍ଗତ ବଡ ଖଇରଖମା ପଞ୍ଚାୟତର ଗୁଞ୍ଜବଳା ଗ୍ରାମରେ ମଙ୍ଗଳବାର ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୁଞ୍ଜବଳା ଗ୍ରାମର ତୋଫାନ ପ୍ରଧାନଙ୍କ ସ୍ତ୍ରୀ ଚନ୍ଦ୍ରମା (୩୮)। ଅପରାହ୍ନରେ ଚନ୍ଦ୍ରମା ନିଜ ଜମିରେ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଘରକୁ ଆଣିଥିଲେ। ଏ ସମ୍ପର୍କରେ ପରିବାର ପକ୍ଷରୁ ଥାନାରେ ଜଣାଯାଇଛି।

## ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



ଜି.ଉଦୟଗିରି,୨୦।୭(ଡି.ଏନ.ଏ.): ଜି.ଉଦୟଗିରି ଏନ୍ଏସିରେ ସୋମବାର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଇତିଶ୍ରୀ ଷଡଙ୍ଗୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ଖଣ୍ଡପଡାରେ ଇଓ ଭାବେ କାର୍ଯ୍ୟ କରୁଥିଲେ। ଜି.ଉଦୟଗିରି ଏନ୍ଏସିରୁ ସଞ୍ଜୀବ କୁମାର ମହାପାତ୍ରଙ୍କ ବଦଳି ପରେ ସ୍ଥାନୀୟ ତହସିଲଦାର ଅତିରିକ୍ତ ଦାୟିତ୍ୱରେ ଥିଲେ। ସୋମବାର ନୂତନ ଇଓ ଭାବେ ଇତିଶ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ଉପ ଜିଲାପାଳଙ୍କୁ ସାକ୍ଷାତ କରିବା ସହିତ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରିଛନ୍ତି।

## ଗଜପତିରେ ୧୯ ପଜିଟିଭ୍, ୪ ସୁସ୍ଥ

ପାରଳାଖେମୁଣ୍ଡି,୨୦।୭:ଗଜପତି ଜିଲାରେ ସୋମବାର ୯୩୪ ଜଣଙ୍କ କୋଭିଡ୍ ପରୀକ୍ଷା କରାଯାଇଥିଲା। ସେଥିରୁ ୧୯ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ୪ ଜଣ ସୁସ୍ଥ ହୋଇଥିବା ମଙ୍ଗଳବାର ସୂଚନା ମିଳିଛି। ନୂଆ ଆକ୍ରାନ୍ତଙ୍କୁ ମିଶାଇଲେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୪୦୩ରେ ପହଞ୍ଚିଛି। ସେଥିରୁ ୯୨୭୯ ଜଣ ସୁସ୍ଥ ହୋଇଛନ୍ତି।

## ଚାଷୀ ପଞ୍ଜୀକରଣ ପ୍ରଚାର ଗାଡ଼ି ଶୁଭାରମ୍ଭ

ଶେରଗଡ,୨୦।୭(ଡି.ଏନ.ଏ.):ଶେରଗଡ଼ ବ୍ଲକ ଯୋଗାଣ ନିରିକ୍ଷକ ସଞ୍ଜୟ କୁମାର ପ୍ରଧାନଙ୍କ ଉପସ୍ଥିତିରେ ଚାଷୀ ପଞ୍ଜୀକରଣ ପ୍ରଚାର ଗାଡ଼ି ଆରମ୍ଭ କରାଯାଇଛି। ଏହାକୁ ବିଡିଓ ଶମ୍ଭୁନାଥ ନନ୍ଦି ଓ ତହସିଲଦାର ଡ.ଦୟାସିନ୍ଧୁ ପରିଡା ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଧାନ ମଣ୍ଡି ଜରିଆରେ ବିକ୍ରି କରିବାକୁ ହେଲେ ଚାଷୀ ପଞ୍ଜିକରଣ ଜରୁରୀ। ଚାଷୀ ପଞ୍ଜୀକରଣ ନ କଲେ ଧାନ ବିକ୍ରି କରିପାରିବେ ନାହିଁ। ଏଥିପାଇଁ ଉକ୍ତ ପ୍ରଚାର ଗାଡି ବ୍ଲକର ୨୨ ପଞ୍ଚାୟତର ସମସ୍ତ ଗ୍ରାମ ବୁଲି ଚାଷୀ କେମିତି ପଞ୍ଜୀକରଣ କରିବେ ତା' ଉପରେ ସଚେତନ କରିବ।

# କାମ ଯୋଗାଇବାରେ ଛତ୍ରପୁର ବ୍ଲକ ବିଫଳ

### ଏମ୍‌ଜିଏନ୍‌ଆର୍‌ଇଜିଏସ୍

ଛତ୍ରପୁର,୨୦।୭(ଡି.ଏନ୍.ଏ.)

କରୋନା ସମୟରେ ଜୀବନଜୀବିକା ବଞ୍ଚାଇ ରଖିବାକୁ ରାଜ୍ୟ ସରକାର ଓ ଗଞ୍ଜାମ ଜିଲା ପ୍ରଶାସନ ଗୁରୁତ୍ୱ ଦେଇ ଆସୁଛନ୍ତି। ବିଶେଷକରି ପ୍ରତି ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଗ୍ରାମାଞ୍ଚଳ ଲୋକଙ୍କୁ କାମ ଯୋଗାଇ ଦୈନିକ ୧୦ ହଜାର ଶ୍ରମଦିବସ ସୃଷ୍ଟି ପାଇଁ ଟାର୍ଗେଟ ରଖାଯାଇଛି। ମାତ୍ର ଛତ୍ରପୁର ବ୍ଲକରେ ଦୈନିକ ୪ ହଜାର ଶ୍ରମ ଦିବସ ସୃଷ୍ଟି ହେଉଛି। ଏହି ଯୋଜନାରେ କାମ କରିବାକୁ ବ୍ଲକରେ ୨୫,୩୬୩ ପରିବାର ପରିବାର ପାଖରେ ଜବକାର୍ଡ ଥିଲେ ମଧ୍ୟ ମାତ୍ର ୮,୯୧୮ ପରିବାରଙ୍କୁ କାମ ମିଳିଛି। ବ୍ଲକ ପ୍ରଶାସନ ଲୋକଙ୍କୁ କାମ ଯୋଗାଇବାରେ ବିଫଳ ହୋଇଥିବାରୁ ଜିଲାପାଳ ବିରକ୍ତି ପ୍ରକାଶ କରି ବିଡ଼ିଓଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଜବକାର୍ଡ ପାଇଥିବା ପରିବାରର ୭୦ ହଜାର ଲୋକ କାମ ପାଇଁ ଅନାଇ ବସିଥିବା ବେଳେ ମାତ୍ର ୧୨,୮୦୯ ଜଣଙ୍କୁ କାମ ମିଳିଥିବା ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ମିଳିଥିବା ରିପୋର୍ଟରୁ ଜଣାଯାଇଛି। ଚଳିତବର୍ଷ ମଙ୍ଗଳବାର ସୁଦ୍ଧା ବ୍ଲକରେ ୪ ଲକ୍ଷ ୯୩ ହଜାର ୭୧୮ ଶ୍ରମଦିବସ ସୃଷ୍ଟି କରାଯାଇପାରିଛି। ଏମଜିଏନ୍‌ଆର୍‌ଇଜିଏସରେ ପ୍ରତି ପରିବାରକୁ ଅତିକମରେ ୧୦୦ ଦିନର କାମ ଯୋଗାଇବା ବାଧ୍ୟତାମୂଳକ ରହିଥିଲେ ମଧ୍ୟ ବ୍ଲକରେ ୩୫୯ ପରିବାରକୁ ୧୦୦ ଦିନର କାମ ମିଳିଛି। ଅନ୍ୟପକ୍ଷରେ ଆବାସ ଯୋଜନାର ଜଣେ ମଧ୍ୟ ହିତାଧିକାରୀ କାମ ପାଇ ନଥିବା ବେଳେ ୧୪ ଜଣ ଦିବ୍ୟାଙ୍ଗଙ୍କୁ କାମ ମିଳିଥିବା ସୂଚନା ଦିଆଯାଇଛି । ଏପରିକି ଏହି ଯୋଜନାରେ ଦୈନିକ ମଜୁରୀ ୨୧୫ ଟଙ୍କା ମିଳିବା ଲାଗି ଧାର୍ଯ୍ୟ ହୋଇଥିବା ବେଳେ ୭୦ରୁ ୧୭୨ ଟଙ୍କା ପର୍ଯ୍ୟନ୍ତ ମଜୁରୀ ଏପ୍ରିଲରୁ ଜୁଲାଇ ମାସରେ ମିଳିଥିବା ରେକର୍ଡ କହୁଛି। ବହୁ ପ୍ରକଳ୍ପ ଅଧାପନ୍ତରିଆ ରହିଛି। ଏପରିକି ଅଧିକାଂଶ କାମ ଆରମ୍ଭ ହୋଇ ନ ଥିବା ଜଣାପଡିଛି। ୪୩୯ଟି ପ୍ରକଳ୍ପର କାମ ସରିଛି। ୧୬୭୬ଟି ପ୍ରକଳ୍ପର କାମ ଚାଲିଥିବା ବେଳେ ଆହୁରି ଅନୁମୋଦିତ ୨୧୬୭ଟି ପ୍ରକଳ୍ପର କାମ ଆରମ୍ଭ ହୋଇପାରିନି। ତେଣୁ ଉକ୍ତ ଯୋଜନାରେ ଆସିଥିବା ଅନୁଦାନ ଖର୍ଚ୍ଚ ନ ହୋଇ ପଡିରହୁଛି। ଏମ୍‌ଜିଏନ୍‌ଆର୍‌ଇଜିଏସ କାର୍ଯ୍ୟକାରୀ କରିବାରେ ଗଞ୍ଜାମ ଜିଲା ରାଜ୍ୟରେ ଏକ ନମ୍ବରରେ ରହିଛି। ମାତ୍ର ଛତ୍ରପୁର ବ୍ଲକର ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ଜିଲା ସ୍ଥିତି ପ୍ରଭାବିତ ହେଉଛି।

# ଚାଷୀଙ୍କୁ ରାଜ୍ୟପାଳ ପୁରସ୍କାର ଦେଲେ ଏଡିଏମ୍

### ନାବାର୍ଡର ପ୍ରତିଷ୍ଠା ଦିବସ ପାଳିତ




ଏଡିଏମ୍ ପୁରସ୍କୃତ କରୁଛନ୍ତି ।

ଛତ୍ରପୁର,୨୦।୭(ଡି.ଏନ୍.ଏ.)

ନାବାର୍ଡର ୪୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କୃଷି ଏବଂ ଗ୍ରାମାଞ୍ଚଳର ବିକାଶ କ୍ଷେତ୍ରରେ ଜାତି ଉଦ୍ଦେଶ୍ୟରେ ଏହାର ୪୦ ବର୍ଷର ସେବାକୁ ସ୍ମରଣ କରିବା ପାଇଁ ମଙ୍ଗଳବାର ଭୁବନେଶ୍ୱର ରାଜଭବନ ପରିସରରେ ଭର୍ଚୁଆଲରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଭର୍ଚୁଆଲରେ ଛତ୍ରପୁରରୁ ଗଞ୍ଜାମ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ ଜିଲାସ୍ତରରୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଗ୍ରାମାଞ୍ଚଳରେ ବିକାଶ କ୍ଷେତ୍ରରେ କୃଷିର ଭୂମିକା ସମ୍ପର୍କରେ ଅବଗତ କରାଇଥିଲେ। ଗଞ୍ଜାମ ଜିଲାର କୃଷିର ଉନ୍ନତି ଦିଗରେ ନାବାର୍ଡର ଭୂମିକା ଥିବା ସେ କହିଥିଲେ। ସେହିପରି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନିରନ୍ତର ଜୀବୀକା ଯୋଗାଇଦେବା କ୍ଷେତ୍ରରେ ନାବାର୍ଡ ଦ୍ୱାରା ପ୍ରଦତ୍ତ ପ୍ରଶିକ୍ଷଣର ବ୍ୟବସ୍ଥା ସହିତ ଜଳ ବିଭାଜିକା ପ୍ରକଳ୍ପ କୃଷକ ଉତ୍ପାଦକ କମ୍ପାନୀ ଗୁଡିକର ପଦୋନ୍ନତି ଦିଗରେ ଗ୍ରହଣ କରାଯାଉଥିବା ପଦକ୍ଷେପକୁ ମଧ୍ୟ ପ୍ରଶଂସା କରାଯାଇଥିଲା। ଏହି ଅବସରରେ ହିଞ୍ଜିଳିକାଟୁ ବ୍ଲକର ପ୍ରଗତିଶୀଳ କୃଷକ ମାଷ୍ଟର ଡି. ନାରାୟଣଙ୍କୁ ରାଜ୍ୟପାଳଙ୍କ ପକ୍ଷରୁ ଅତିରିକ୍ତ ଜିଲାପାଳ ସମ୍ମାନୀତ କରିଥିଲେ । ଜିଲାସ୍ତରର ଏହି କାର୍ଯ୍ୟକ୍ରମରେ ନାବାର୍ଡ ଏଲ.ଡି.ଏମ. ଅଶୋକ କୁମାର ପଣ୍ଡା, ଡିଜିଏମ. ସୁଜିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଭଞ୍ଜନଗରରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

### କମ୍ ସରକାରୀ ଖର୍ଚ୍ଚରେ ଅଧିକ କାମ କରିବାକୁ ପଡ଼ିବ: ଆରୁଖ



ବସ୍ ଆସୋସିଏଶନ ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

ଭଞ୍ଜନଗର,୨୦।୭(ଡି.ଏନ.ଏ)

ଭଞ୍ଜନଗର ଏନ୍ଏସି ଓ ବ୍ଲକର ବିଭିନ୍ନ ପ୍ରକଳ୍ପ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଢୁଢୁଆ (ଡ଼ି.କୈଠପଲ୍ଲୀ)କଲ୍ୟାଣ ମଣ୍ଡପ, ମୁଦୁଲିପଲ୍ଲୀ ପଞ୍ଚାୟତ ଗୃହ, ଘୁମୁସର ଘରୋଇ ବସ୍‌ମାଲିକ ସଂଘ କାର୍ଯ୍ୟାଳୟ, ୱାର୍ଡ଼ ନଂ ୧୨ ଓ ୧୫ରେ ହୋଇଥିବା ପରିଚୟ ଗୋଷ୍ଠୀ କେନ୍ଦ୍ରକୁ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏଥିସହ ଶ୍ମଶାନ ଘାଟ, ଲୋହରାଖଣ୍ଡ ନଦୀର ପୁନରୁଦ୍ଧାର, ମେଡ଼ିକାଲ ନିକଟରେ ନୂଆ ଶୌଚାଳୟ, ବ୍ଲକ ଅଫିସ ରୋଡ଼ରେ କଲ୍ୟାଣ ମଣ୍ଡପ ନିର୍ମାଣ ଲାଗି ମନ୍ତ୍ରୀ ଶିଳାନ୍ୟାସ କରିଥିଲେ। ଢୁଢୁଆ ସଭାରେ ମନ୍ତ୍ରୀ ଆରୁଖ କହିଥିଲେ ଯେ, ଲୋକଙ୍କ ସ୍ନେହଶ୍ରଦ୍ଧା ଯୋଗୁ ଆଜି ସେବା କରିବାର ସୁଯୋଗ ପାଇଛି । ବଞ୍ଚିଥିବା ଯାଏ ଲୋକଙ୍କ ସେବା କରୁଥିବି ବୋଲି କହିଥିଲେ। ଢୁଢୁଆ ଗ୍ରାମବାସୀ ସହଯୋଗ ମନୋବୃତ୍ତି ନେଇ କମ୍ ସରକାରୀ ଖର୍ଚ୍ଚରେ ଏକ ଆଧୁନିକ କଲ୍ୟାଣ ମଣ୍ଡପ ନିର୍ମାଣ କରିପାରିଥିବା ମନ୍ତ୍ରୀ କହିଥିଲେ। ଅନ୍ୟ ଅଞ୍ଚଳରେ ମଧ୍ୟ ଲୋକେ ସରକାରୀ ପ୍ରକଳ୍ପ କରିବା ସମୟରେ ସହଯୋଗ ମନୋବୃତି ରଖିବାକୁ ଆହ୍ୱାନ ଦେଇଥିଲେ। ୫୫ ଲକ୍ଷ ଟଙ୍କା ବ୍ୟୟରେ ବଡ଼କୋଦଣ୍ଡା ଜବାହାର ହାଇସ୍କୁଲ ବ୍ଲକର ପ୍ରଥମ ସ୍ମାର୍ଟ ସ୍କୁଲ ହେବ । ଉଠାଦୋକାନୀ, ଗରିବ ଲୋକଙ୍କୁ ଥଇଥାନ ପାଇଁ ପୁରୁଣା ଜେଲ ଓ ଏବଂ ବସ୍‌ଷ୍ଟାଣ୍ଡ ପରିସରରେ ଦୋକାନ ଗୃହ ନିର୍ମାଣ ହେବ । ୩ କୋଟି ଟଙ୍କା ବ୍ୟୟରେ ଇନ୍‌ଡ଼ୋର ଷ୍ଟାଡ଼ିୟମ ନିର୍ମାଣ ହେବ। ଭଞ୍ଜନଗର ସହରକୁ ଏକ ଶ୍ରେଷ୍ଠ ସହର ଭାବେ ଗଢ଼ିତୋଳିବା ପାଇଁ ଅନେକ ଯୋଜନା ହାତକୁ ନିଆଯାଇଛି ବୋଲି ମନ୍ତ୍ରୀ ଆରୁଖ କହିଥିଲେ। ଏମ୍‌ପି ପ୍ରତିନିଧି ଦିବାକର ନାୟକ, ଶୁଳପାଣି ଶତପଥୀ ସଭାଗୁଡିକୁ ସଂଯୋଜନା କରିଥିଲେ। ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ବ୍ଲକ ଅଧକ୍ଷା ବିନ ଦଳବେହେରା, ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ବିଡ଼ିଓ ଅନିଲ କୁମାର ସେଠୀ, ଜଳସମ୍ପଦ ନିର୍ବାହୀଯନ୍ତ୍ରୀ ଗୋକୁଳ ଚନ୍ଦ୍ର ପାଢ଼ୀ, ଆରଟିଓ ଭାଗିରଥି ନାୟକ,ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବସ୍ ଆସୋସିଏଶନ ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

## ପୋଖରୀ ନିର୍ମାଣ କାର୍ଯ୍ୟ ସାରିବାକୁ ଦାବିପତ୍ର

ହିଞ୍ଜିଳିକାଟୁ,୨୦।୭(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ପୌରାଞ୍ଚଳ ଆଙ୍କୋରଡ଼ା ଗ୍ରାମ ଯୋଗୀ ବନ୍ଧ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ସମ୍ପୃକ୍ତ ଗ୍ରାମବାସୀ ସୋମବାର ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ଥାନୀୟ ପୌରାଞ୍ଚଳ ଆଙ୍କୋରଡ଼ା ଯୋଗୀ ବନ୍ଧ ନିର୍ମାଣ କାର୍ଯ୍ୟ ଦୀର୍ଘ ୩ ବର୍ଷ ଧରି ଚାଲିଥିଲେ ମଧ୍ୟ ଏଯାବତ ଶେଷ ହୋଇ ପାରିନାହିଁ। ଏପରିକି ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଉଛି। ଏହାକୁ ବିରୋଧ କଲେ ଠିକାଦାର ଗଳିଗୁଲଜ କରୁଥିବା ନେଇ ଗ୍ରାମବାସୀ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପୋଖରୀ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି, ଠିକାଦାରଙ୍କ ସହ ଗ୍ରାମର କେତେଜଣ ଲୋକଙ୍କ ମଧ୍ୟରେ ତିକ୍ତରା ରହିଥିବାରୁ ଏଭଳି ଅଭିଯୋଗ କରିଛନ୍ତି ବୋଲି ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ କହିଛନ୍ତି।

## କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟରେ ଅବହେଳା

ଛତ୍ରପୁର,୨୦।୭(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଆରଡବ୍ଲୁଏସଏସ କନିଷ୍ଠଯନ୍ତ୍ରୀ ଅମନ କୁମାର ପଣ୍ଡା ସରକାରୀ କାର୍ଯ୍ୟରେ ଅବହେଳା କରୁଛନ୍ତି। ବିଭାଗ ପକ୍ଷରୁ ତାଙ୍କୁ ଦିଆଯାଇଥିବା ମୋବାଇଲ ସିମ୍‌କୁ ସବୁବେଳେ ସେ ସୁଇଚ ଅଫ କର ରଖୁଛନ୍ତି। ତେଣୁ ତାଙ୍କ ବିରୋଧରେ ଚାର୍ଜସିଟ ସମ୍ବନ୍ଧୀୟ ଡ୍ରାଫ୍ଟ ଚାର୍ଜ ପ୍ରସ୍ତୁତ କରି ପଠାଇବାକୁ ବିଭାଗୀୟ ମୁଖ୍ୟଯନ୍ତ୍ରୀ ବ୍ରହ୍ମପୁର ଅଧୀକ୍ଷଣଯନ୍ତ୍ରୀ (ଆରଡବ୍ଲୁଏସଏସ ଡିଭିଜନ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଅଧିକ୍ଷଣଯନ୍ତ୍ରୀଙ୍କ ନିକଟକୁ ନିର୍ଦ୍ଦେଶନାମା ସମ୍ବନ୍ଧୀୟ ଚିଠି (ନଂ. ୫୭୬୩/୧୫।୭।୨୧) ଆସିଛି। କନିଷ୍ଠ ଯନ୍ତ୍ରୀ ପଣ୍ଡା ସରକାରୀ କାର୍ଯ୍ୟରେ ଅବହେଳା କରିବା ସହ ଉଚ୍ଚ ଅଧିକାରୀଙ୍କୁ ଅବମାନନା କରୁଛନ୍ତି। ବିଭାଗ ପକ୍ଷରୁ ପାଇଥିବା ମୋବାଇଲ ଫୋନ୍ ସୁଇଚ ଅଫ ରଖୁଛନ୍ତି। ପୁଣି ବିଭାଗର ମୁଖ୍ୟ କାର୍ଯ୍ୟାଳୟ ରୁ ୧୫ ତାରିଖରେ ତାଙ୍କୁ ଫୋନ କରାଯାଇଥିବା ବେଳେ ମୋବାଇଲ ଫୋନ ସୁଇଚଅଫ ରହିଥିବାରୁ ତାଙ୍କ ସହ ଯୋଗାଯୋଗ ହୋଇ ପାରି ନଥିଲା।

## ଜିଲାପାଳଙ୍କ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ

ପାତ୍ରପୁର,୨୦।୭(ଡି.ଏନ.ଏ.): ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ, ପିଡି ଡିଆରଡିଏ ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ ଓ ଉପ ଜିଲାପାଳ ଭି କିର୍ତ୍ତିଭାସନ ମଙ୍ଗଳବାର ପାତ୍ରପୁର ବ୍ଲକ ଗସ୍ତରେ ଆସି ବାଦପୁର ସ୍ଥିତ ଆଦର୍ଶ ବିଦ୍ୟାଳୟ ସ୍ମାର୍ଟ ଶ୍ରେଣୀ ଗୃହ ପରିଦର୍ଶନ କରିଛନ୍ତି। ଗ୍ରାମାଞ୍ଚଳର ଶିକ୍ଷାର୍ଥୀ ମାନଙ୍କୁ ଉତ୍ତମ ଶୈକ୍ଷିକ ପରିବେଶ ଓ ଉନ୍ନତ ମାନର ଶିକ୍ଷାଦାନ ବ୍ୟବସ୍ଥାକୁ ପ୍ରଚଳନ କରିବା ପାଇଁ ଜିଲା ପ୍ରଶାସନ ପ୍ରୟାସ ଆରମ୍ଭ କରିଛି। ଆଦର୍ଶ ବିଦ୍ୟାଳୟ ସମେତ ବ୍ଲକର ବହୁ ଉଚ୍ଚ ବିଦ୍ୟାଳୟ ଗୁଡିକରେ ସ୍ମାର୍ଟ ଶ୍ରେଣୀ ଗୃହ ନିର୍ମାଣ ଚାଲିଛି। ଏହାର ଭିତ୍ତିଭୂମିର ସୁବ୍ୟବସ୍ଥା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ଅବସରରେ ବିଦ୍ୟାଳୟର ଅଧକ୍ଷ ରାମକୃଷ୍ଣ ସାହୁ, ବିଡିଓ ପ୍ରକାଶ କୁମାର ଦାସଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

## ୩ ପଥର ବୋଝେଇ ଟ୍ରାକ୍ଟର ଜବତ

ଶେରଗଡ,୨୦।୭(ଡି.ଏନ.ଏ.)

ବେଆଇନ ୩ ପଥର ବୋଝେଇ ଟ୍ରାକ୍ଟରକୁ ମଙ୍ଗଳବାର ଶେରଗଡ଼ ତହସିଲ ପକ୍ଷରୁ ଜବତ କରାଯାଇଛି। ଟ୍ରାକ୍ଟର ଗୁଡ଼ିକ ପଥର ବୋଝେଇ ହୋଇ ଶେରଗଡ ପଟେ ଆସୁଥିବା ବେଳେ ତହସିଲଦାର ଡ.ଦୟାସିନ୍ଧୁ ପରିଡା, ସୁପରଭାଇଜର ମନୋଜ କୁମାର ନାହାକ, ସୁପରଭାଇଜର ପି ପଞ୍ଚମା ଚଢ଼ାଉ କରିଥିଲେ। ପରେ ଟ୍ରାକ୍ଟରକୁ ତହସିଲ କାର୍ଯ୍ୟାଳୟକୁ ଆଣି ୭ ହଜାର ଟଙ୍କା ଲେଖାଏ ମୋଟ ୨୧ ହଜାର ଜରିମାନା ଆଦାୟ କରି ଗାଡ଼ି ଗୁଡିକ ଛାଡି ଦିଆଯାଇଛି।

# ଜମିକୁ ପାଣି ପାଇଁ ଚାଷୀଙ୍କ ରାସ୍ତାରୋକୋ

ଛତ୍ରପୁର,୨୦।୭(ଡି.ଏନ୍.ଏ.)




ରାସ୍ତାରୋକୋ କରାଯାଇଛି ।

ଛତ୍ରପୁର ବ୍ଲକ ଚିକଲଖଣ୍ଡି ପଞ୍ଚାୟତରେ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଗାଁ ମୁଖ୍ୟ ରାସ୍ତାକୁ ମଙ୍ଗଳବାର ଅବରୋଧ କରାଯାଇଥିଲା। ଏଥିଯୋଗୁ ଛତ୍ରପୁର–ବଉଳଗାଁ ମୁଖ୍ୟ ରାସ୍ତାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଚାଷୀଙ୍କ ଅଭିଯୋଗ ଯେ, ପାଣି ସମସ୍ୟା ପାଇଁ ଶତାଧିକ ଏକର ଚାଷଜମିରେ ମରୁଡି ସୃଷ୍ଟି ହେଉଛି । ଏହି ସମସ୍ୟାର ସାମାଧାନ ପାଇଁ ଜୟ ମଙ୍ଗଳ କେନାଲ, ଭାଲିଆପେଟା ମାଇନର, ବିପୁଲିଙ୍ଗିଠାରୁ ସାହେବଜେନାପଲ୍ଲୀ ପର୍ଯ୍ୟନ୍ତ ନାଳର ପୁନରୁଦ୍ଧାର, ଶଙ୍ଖ ବନ୍ଧର ପଙ୍କ ଓ ଅମରିଗଛ ସଫା କରିବାକୁ ଚାଷୀଙ୍କ ପକ୍ଷରୁ ବହୁବାର ପ୍ରଶାସନ ନିକଟରେ ଦାବି କରାଯାଇଥିଲେ ବି ସୁଫଳ ମିଳୁନି। ଯାହାଫଳରେ ରାସ୍ତାରୋକୋ କରିବାକୁ ବାଧ ହେଲୁ ବୋଲି ଚାଷୀମାନେ କହିଛନ୍ତି । ଚାଷୀ ପି.ଜଗଦୀଶ ରେଡ୍ଡୀ, ମନୋଜ ନାୟକ, ଡି.ତାରେଣେୟା , ଡି.କିଷ୍ଟା ରାଓ, ଡି.ଦାମୋ ରେଡ୍ଡୀ, କେ.କବିରାଜ , ଗଣପତି ଗୌଡ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ ।

## ୩ ଅଭିଯୁକ୍ତ ଗିରଫ, ପିସ୍ତଲ ସହ ଟଙ୍କା ଜବତ

### ସ୍ୱସ୍ତି ଚିଲିକା ରିସର୍ଟ କର୍ମଚାରୀଙ୍କଠୁ ୬ ଲକ୍ଷ ଲୁଟ ଘଟଣା



ଖବରଦାତା ସମ୍ମିଳନୀରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଜବତ ସାମଗ୍ରୀ।

ଖଲ୍ଲିକୋଟ,୨୦।୭(ଡି.ଏନ୍.ଏ.)

ଖଲ୍ଲିକୋଟ ବ୍ଲକ ଆଲପୁର ପଞ୍ଚାୟତ ଚିଲିକା କୂଳରେ ଥିବା ସ୍ୱସ୍ତି ଚିଲିକା ରିସଟର କ୍ୟାସିୟରଙ୍କଠାରୁ ଗତ ଡିସେମ୍ବରରେ ଭେଜିପୁଟ ଛକ ନିକଟରେ ୬ ଲକ୍ଷ ଟଙ୍କା ଲୁଟ୍ ହୋଇଥିଲା। ଏହି ଘଟଣାରେ ମଙ୍ଗଳବାର ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଖଲ୍ଲିକୋଟ ଥାନା ଲଙ୍ଗଳେଶ୍ୱର ଗ୍ରାମର ତ୍ରିଲୋଚନ ବେହେରା, ପୁରୀ ଜିଲା ଡ଼େଲାଙ୍ଗ ଥାନା ଅଞ୍ଚଳର ପିଣ୍ଟୁ ଦାସ ଓ ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଶ୍ରୀରାମନଗର ରୋଡ ଅଞ୍ଚଳର ଜତିନ ରାୟଗୁରୁ । ଏ ନେଇ ଅପରାହ୍ନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଛତ୍ରପୁର ଆଡିସିନାଲ ଏସ୍‌ପି ଠାକୁର ପ୍ରସାଦ ପାତ୍ର ପ୍ରକାଶ କରିଥିଲେ। ସ୍ୱସ୍ତି ଚିଲିକାର କ୍ୟାସିୟର ପ୍ରଭୁ କଲ୍ୟାଣ ସ୍ୱାଇଁ ଡ୍ରାଇଭର ଅକ୍ଷୟ ନାୟକଙ୍କ ସହ ୬ ଲକ୍ଷ ଟଙ୍କା ନେଇ ବାଲୁଗାଁ ଆନ୍ଧ୍ର ବ୍ୟାଙ୍କରେ ଡିପୋଜିଟ କରିବା ପାଇଁ ଯାଉଥିଲେ। ଭେଜିପୁଟ ଛକ ନିକଟରେ ୩ ଲୁଟେରା ଏକ ବାଇକ୍‌ରେ ଆସି କ୍ୟାସିୟରଙ୍କ ମୁଣ୍ଡରେ ପିସ୍ତଲ ଲଗାଇ ଟଙ୍କା ବ୍ୟାଗ ଛଡ଼ାଇ ନେଇଥିଲେ। ଖଲ୍ଲିକୋଟ ପୋଲିସ ନଂ. ୫୪୬/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଦୀର୍ଘ ସାତ ମାସ ଧରି ଫେରାର୍ ଥିବା ଏହି ଲୁଟେରାମାନଙ୍କୁ ଖଲ୍ଲିକୋଟ ବଡ଼ଘାଟି ରାସ୍ତାରୁ ପୋଲିସ ଧରିଥିଲା। ସେମାନଙ୍କ ନିକଟରୁ ୩ ଦେଶୀ ପିସ୍ତଲ, ତିନୋଟି ଗୁଳି, ୧୯୫୦୦ ଟଙ୍କା, ୩ ମୋବାଇଲ, ଏକ ବାଇକ୍ ଜବତ କରିଥିଲା। ତ୍ରିଲୋଚନଙ୍କ ନାମରେ ୧୩ଟି ଲୁଟ, ଛିନତାଇ ମାମଲା ଥିବା ଆଡିସିନାଲ ଏସ୍‌ପି ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଖଲ୍ଲିକୋଟ ଆଇଆଇସି ସତ୍ୟ ରଞ୍ଜନ ପ୍ରଧାନ, ଛତ୍ରପୁର ଏସ୍‌ଡିପିଓ ଗୌତମ କିସାନ, ରମ୍ଭା ଆଇଆଇସି ପ୍ରମୁଖ ଉପସ୍ଥିତ ଥିଲେ।

# ବାଲି ଚାଲାଣ, ୩୦ ଟ୍ରକ୍ ଜବତ



ଜବତ ଟ୍ରକ୍।

ପୁରୁଷୋତ୍ତମପୁର,୨୦।୭(ଡି.ଏନ.ଏ.)

ପୁରୁଷୋତ୍ତମପୁର ନିକଟସ୍ଥ ବାଲିଆ ନଦୀଘାଟରୁ ବେଆଇନ ବାଲି ଚୋରା ଚାଲାଣ ହେଉଥିଲା। ସ୍ଥାନୀୟ ତହସିଲଦାର ନିତିଶ କୁମାର ତ୍ରିପାଠୀ ଚଢାଉ କରି ୩୦ ଟ୍ରକ୍, ହଟାବା ଗାଡିକୁ ଜବତ କରି ତହସିଲ କାର୍ଯ୍ୟାଳୟକୁ ଆଣି ଅଟକ ରଖିଛନ୍ତି। ଏହି ଚୋରା ଚାଲାଣ ବାବଦରେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇ ଥିବା ତହସିଲଦାର କହିଛନ୍ତି।

## ବିଜେଡିର କର୍ମୀ ସମ୍ମିଳନୀ

ପାତ୍ରପୁର,୨୦।୭(ଡି.ଏନ.ଏ.)

ପାତ୍ରପୁର ବ୍ଲକ ଆମ୍ବପୁର ପଞ୍ଚାୟତ ଆମ୍ବପୁର ଗ୍ରାମରେ ବିଜେଡିର କର୍ମୀ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ମୃତ ସରପଞ୍ଚ କୃଷ୍ଣଚନ୍ଦ୍ର ପ୍ରଦାନଙ୍କୁ ମନେ ପକାଇ କର୍ମୀମାନେ ନିରବ ପ୍ରାର୍ଥନା କରିଥିଲେ। ପଞ୍ଚାୟତରେ ପୂର୍ବ ଭଳି କିଭଳି ବିକାଶ ହେବ ସେ ନେଇ ଆଲୋଚନା ହୋଇଥିଲା। ବୈଠକରେ ବୃନ୍ଦାବନ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଗଙ୍ଗାଧର ଚୌଧୁରୀ, ପ୍ରଦୀପ ପ୍ରଧାନ, ବୈଲୋଚନ ଚୌଧୁରୀ, ହେମନ୍ତ ମହାରଣା, ମାଲେଶୁ କନ୍ୟାରି, ସୁମିତ ପ୍ରଧାନ, ଉମାକାନ୍ତ ପ୍ରଧାନ, ସୁଦାମ ପ୍ରଧାନ,ପୀତବାସ ସେଠୀ, ବିପନ ପ୍ରଧାନ, ସାରଥୀ ଶବର, ମୁରଲୀ ଦଳାଇ, ସୂର୍ଯ୍ୟ ନାରାୟଣ ପ୍ରଧାନଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।

# ଅନଭିଜ୍ଞ ଯୁବକଙ୍କ ଦ୍ୱାରା ଚାଲିଛି ଚିକିତ୍ସା

### ଗୋଳନ୍ଥରାରେ ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ

ଗୋପାଳପୁର,୨୦।୭(ଡି.ଏନ.ଏ.)

ଗୋଳନ୍ଥରା ଥାନା ଅଞ୍ଚଳର ବିଭିନ୍ନ ଗ୍ରାମଗୁଡ଼ିକରେ ଦିନକୁଦିନ ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଏହି ଥାନା ଅନ୍ତର୍ଗତ ରଣ୍ଡା, ଗୋଳନ୍ଥରା, କନିଷି ହାଟ, ହଳଦିଆପଦର, ଢୁଲୁ, ନାରାୟଣପୁର, ଗୋଳାବନ୍ଦ ଆଦି ଗ୍ରାମଗୁଡ଼ିକରେ ନକଲି ଡାକ୍ତରମାନେ ଦୋକାନ ଖୋଲି ରୋଗୀଙ୍କୁ ଚିକିତ୍ସା କରୁଛନ୍ତି। ନକଲି ଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ ରୋଗୀମାନେ ଗୁରୁତର ହୋଇପଡ଼ିଥିବା ନଜିର ରହିଛି। ସୋରଳ ଜଙ୍କସନ ନିକଟ ଜାଗପୁର ରାସ୍ତାରେ ଏକ ବେଆଇନ ଘରୋଇ କ୍ଲିନିକ୍ ଗଢ଼ି ଉଠିଛି । ଏହି କ୍ଲିନିକରେ ଜଣେ ବ୍ୟକ୍ତି ଏମ୍‌ବିବିଏସ ଫଳକ ଲଗାଇଥିବା ବେଳେ ତାଙ୍କ ବାପା କୌଣସି ଅଭିଜ୍ଞତା ନଥାଇ ଡାକ୍ତର ପରିଚୟ ଦେଇ ଦୀର୍ଘବର୍ଷ ହେଲା ରୋଗୀଙ୍କୁ ଚିକିତ୍ସା କରୁଛନ୍ତି। ଏପରିକି ଉକ୍ତ କ୍ଲିନିକରେ ଅଶିକ୍ଷିତ ଯୁବକମାନେ ରୋଗୀଙ୍କୁ ଇଞ୍ଜେକସନ, ସାଲାଇନ ଦେବା ସହ ଷ୍ଟିଚିଙ୍ଗ୍ ମଧ୍ୟ କରୁଥିବା ଜଣାପଡ଼ିଛି। କ୍ଲିନିକରେ ରୋଗୀଙ୍କୁ ନିମ୍ନମାନର ଔଷଧ ଦେଇ ମୋଟା ଅଙ୍କର ଟଙ୍କା ଆଦାୟ କରୁଛନ୍ତି। ଡାକ୍ତର ପରିଚୟ ଦେଉଥିବା ବ୍ୟକ୍ତି ଜଣକ ଭିଟାମିନ ଓ କ୍ୟାଲସିୟମ ଔଷଧ ନିଜେ ପ୍ରସ୍ତୁତ କରୁଛନ୍ତି। ଔଷଧ ଖୋଳରେ ନିଜର ଫଟୋ ଲଗାଇ ରୋଗୀଙ୍କୁ ସେହି ଔଷଧ ପ୍ରଦାନ କରୁଛନ୍ତି। ଉକ୍ତ ରାସ୍ତାରେ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ ଓ ଜନପ୍ରତିନିଧିମାନେ ଯାତାୟାତ କରୁଥିଲେ ମଧ୍ୟ ଏଥିପ୍ରତି କାହାର ନଜର ପଡୁନାହିଁ। ନକଲି ଡାକ୍ତର ଓ ବେଆଇନ ଘରୋଇ କ୍ଲିନିକ ଉପରେ ଚଢ଼ାଉ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।